# ବେଧାଶ୍ରୀ

Spreading Knowledge Amongst Mankind.....

ଅକ୍ଟୋବର – ୨୦୧୮ **OCTOBER - 2018**



# ବେଦାନ୍ତୀ

[ ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା]

...ପ୍ରତ୍ୟେକ ଓଡିଆଙ୍କ ପାଇଁ ସମ୍ପୂର୍ଣ୍ଣ ଓଡିଆରେ ପ୍ରକାଶିତ ଏକ ପାରିବାରିକ ଇ- ପତ୍ରିକା...

( ଅଗଷ୍ଟ ୧, ୨୦୧୫ରୁ ପ୍ରତିମାସରେ ପ୍ରକାଶିତ)

## ପ୍ରତିଷ୍ଠାତା – ଅରବିନ୍ଦ ମିଶ୍ର




## ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733

**Website: www.vedantimagazine.com**

**Email ids:**

**vedantimagazine@gmail.com**

**editor.vedantimagazine@gmail.com**



ମମତା ଦାଶ

## ହନୁମାମୁଁ ରିପୋର୍ଟିଙ୍ଗ.......

ପ୍ରିୟ ପାଠକବନ୍ଧୁ,

ଦୁର୍ଗାପୂଜା ଭାରତୀୟ ଲୋକ ସଂସ୍କୃତିର ଏକ ମହତ୍ତ୍ୱପୂର୍ଣ୍ଣ ପର୍ବ ରୂପରେ ପରିଚତ । ଏହି ପବିତ୍ର ଦିନରେ ଶ୍ରୀ ରାମଚନ୍ଦ୍ର ଅସୁର ମାନଙ୍କର ରାଜା ରାବଣଙ୍କୁ ପରାସ୍ତ କରି ଭାରତୀୟ ଲୋକ ସଂସ୍କୃତିରେ, ଆଶା, ବିଶ୍ୱାସ, ହର୍ଷ ଓ ଉତ୍ସାହକୁ ଯୋଡି ରଖିବାରେ ସଫଳ ହୋଇଥିଲେ । ଏହି ପର୍ବ ବର୍ଷାଋତୁର ଶେଷରେ ଏବଂ ଶରତ ଋତୁର ଆରମ୍ଭରେ ପାଳନ କରାଯାଇଥାଏ । ପ୍ରକୃତି ରାଣୀ ଏହି ସମୟରେ ଗୁଲ୍‌ବି ଶାଢୀ ପରିଧାନ କରି ନୀଳ ଆକାଶ ତଳେ ଧରିତ୍ରୀ ମା'ର ହରା- ଭରା, ହରିୟାଲୀ ଘାସର ଗାଲିଚ୍ଛ ଉପରେ ବସି ଜନ- ଜୀବନର କଲ୍ୟାଣ କାମନା କରି, ସୁଖ ସମୃଦ୍ଧି ପାଇଁ ଉଲ୍ଲାସଭରା ନୂତନ ବାତାବରଣ ସୃଷ୍ଟି କରେ । ପ୍ରାକୃତିକ ଶୋଭାଯୁକ୍ତ ଏହି ଉତ୍ସବ ଆମକୁ ସବୁ ବାଧା, ବିଘ୍ନ ଓ ଚନ୍ତାରୁ ଦୂରରେ ରଖି ଉତ୍ସବ ମୁଖର ହେବାକୁ ପ୍ରେରିତ କରେ ।

ମାଁ ଜଗତ ଜନନୀ ଦୁର୍ଗା ପୂଜା କେବଳ ଏକ "ମିଥ" ନାମରେ ପରିଚତ ନହୋଇ ସ୍ତ୍ରୀ ଶକ୍ତି, ସ୍ତ୍ରୀ ସାମର୍ଥ୍ୟ ଏବଂ ତା ସ୍ୱାଭିମାନର ଏକ ସାର୍ବଜନକ ପୂଜା ଏବଂ ସାର୍ବଜନକ ନ୍ୟାୟର ପ୍ରତୀକ ରୂପରେ ପରିଚତ । ମହିଷାସୁର ଯଦି ଅନ୍ୟାୟ, ଅତ୍ୟାଗ୍ଚର ଏବଂ ପାପର ପ୍ରତୀକ, ତେବେ ମାଁ ଦୁର୍ଗେ ଦୁର୍ଗତି ନାଶିନୀ ଦୁର୍ଗା ଶକ୍ତି, ନ୍ୟାୟ ଏବଂ ଅନ୍ୟାୟ ବିରୁଦ୍ଧରେ ପ୍ରତିକାରର ପ୍ରତୀକ । ମାଁ ର ଆଖିରେ ଖାଲି କରୁଣା, ଦୟାର ଅଶ୍ରୁ ବହେନାହିଁ, ଦରକାର

ପଡିଲେ କ୍ରୋଧର ଅଗ୍ନି ମଧ୍ୟ ହୁତ....ହୁତ.... ହୋଇ ଜଳଉଠେ । ମାଁ ଦୁର୍ଗାଙ୍କର ମହାଶକ୍ତିର ଆଭାସ ଭଗବାନ ଶ୍ରୀ ରାମଚନ୍ଦ୍ରଙ୍କୁ ଜ୍ଞାତ ଥିଲା । ରାମ ଓ ରାବଣର ମହା ସମରରେ ଭଗବାନ ରାମଚନ୍ଦ୍ରଙ୍କର ବାରମ୍ବାର ପରାସ୍ତ, ରାବଣ ଅନ୍ୟାୟ ପକ୍ଷର ବିଜୟ ଲକ୍ଷ ଦେଖି ଶ୍ରୀ ରାମଚନ୍ଦ୍ର ନିରସ୍ତ ହୋଇପଡିଥିଲେ । ନିରାଶ ମନସ୍ଥିତି, ଅମାବାସ ରାତ୍ରି ସମାନ ଗଗନ ଅନ୍ଧକାର, ବାୟୁର ଗତି ଚାରିଦିଗକୁ ଶାନ୍ତ କରିଦେଇଛି । ପର୍ବତ ମାନ ନିସ୍ତବ୍ଧ। ବାହାରର ଅନ୍ଧକାର ଅପେକ୍ଷା ଅନ୍ତରର ଅନ୍ଧକାର ସାଗରର ଘନଘୋର ଗର୍ଜନ ପରି ପ୍ରଭୁଙ୍କ ମନରେ ହତାଶ ସୃଷ୍ଟି କରୁଥାଏ । ଠିକ୍ ଏହି ସମୟରେ ଜାମ୍ବବାନ ଆସି ପ୍ରଭୁଙ୍କୁ କହିଲେ – ଶକ୍ତିର ଆରାଧନା କଲେହିଁ ରାବଣକୁ ପରାସ୍ତ କରାଯାଇ ପାରିବ । ଶକ୍ତି ପୂଜା ପାଇଁ ୧୦୮ ପଦ୍ମଫୁଲର ଆବଶ୍ୟକତା ପଡିଲା । ରାମଭକ୍ତ ହନୁମାନ ୧୦୮ ପଦ୍ମ ଯୋଗାଡ କଲେ । ମାଁ ଦୁର୍ଗା ମାୟାରେ ଆସି ଗୋଟିଏ ପଦ୍ମଫୁଲ ଉଠାଇ ନେଲେ । ରାମଚନ୍ଦ୍ର ବିଚଳିତ । ପୂଜା ସଫଳ ହେବ କିପରି । ଠିକ୍ ଏହି ସମୟରେ ପ୍ରଭୁଙ୍କର ମନେପଡିଲା ମାତା କୌଶଲ୍ୟା ପିଲାଦିନେ ମୋତେ ରାଜୀବ- ନୟନ ବୋଲି ସମ୍ବୋଧନ କରନ୍ତି । ତତକ୍ଷଣାତ୍ ଅସ୍ତ୍ରଧରି ପ୍ରଭୁ ନିଜ ଡାହାଣ ଚକ୍ଷୁକୁ ମାଁଙ୍କର ଚରଣରେ ଅର୍ପଣ କରିବାପାଇଁ ଅଗ୍ରସର ହେଲେ । ମାଁ ପ୍ରଭୁଙ୍କର ଭକ୍ତି ଦେଖି ପ୍ରସନ୍ନ ହୋଇ ଅନ୍ୟାୟ ଉପରେ ନ୍ୟାୟର ବିଜୟ ପାଇଁ ଆର୍ଶୀବାଦ ଦେଲେ । ପୁନଃ ସମରରେ ରାମଚନ୍ଦ୍ରଙ୍କର ବିଜୟ ହେଲା ।

ଆଜି ଆମର ରାଜନୈତିକ ଏବଂ ସାମାଜିକ ଜୀବନରେ ମହିଷାସୁର ପରି ଆସୁରିକ ଶକ୍ତି ହିଂସା ଏବଂ କ୍ରୁର ରୂପ ଧାରଣ କରିସାରିଛି । ଆଜିର ସମାଜରେ ଶକ୍ତିସ୍ୱରୂପିଣୀ ସ୍ତ୍ରୀ ଜାତିକୁ ଘର- ଘରେ ଅପମାନର ଶିକାର ହେବାକୁ ପଡୁଛି । ଏହା ଏଥିପାଇଁ ସମ୍ଭବ ହେଉଛି, ଲୋକ ସମାଜକୁ ବାସ୍ତବିକ ଦୁର୍ଗା ସ୍ତ୍ରୀ ଶକ୍ତିର ଆଭାସ ନାହିଁ । ଆମର ମିଥରେ ଦୁର୍ଗା ମହାଶକ୍ତିର ଆଭାସ ଭଗବାନ ରାମଚନ୍ଦ୍ରଙ୍କୁ ଥିଲା । ସେଥିପାଇଁ ସେ ଯୁଦ୍ଧ ପୁର୍ବରୁ ମାଁ ଦୁର୍ଗାଙ୍କର ଆବାହନ କରିଥିଲେ । ଏଇଠି ମୋ ମନରେ ଗୋଟିଏ ପ୍ରଶ୍ନ ଆସୁଛି – ଯଦି ଭଗବାନ ରାମଚନ୍ଦ୍ରଙ୍କୁ ସ୍ତ୍ରୀ ଶକ୍ତିର ଆଭାସ ଥିଲା ତେବେ ସେ ଯୁଦ୍ଧ ଜିତିବା ପରେ ମା ସୀତାଙ୍କୁ ତ୍ୟାଗ କ'ଣ ପାଇଁ

କରିଥିଲେ । ମାଁ ସୀତା ବି ତ ଶକ୍ତି ସ୍ୱରୁପିଣୀ । ଆଜିର ରାମଚନ୍ଦ୍ର ଏବଂ ମିଥର ରାମଚନ୍ଦ୍ରଙ୍କ ଭିତରେ ଭିନ୍ନତା କ'ଣ ?

ଭଗବାନ ରାମଚନ୍ଦ୍ର ନିଜର ପୌରୁଷତ୍ୱ ରକ୍ଷା ପାଇଁ ମାଁ ଦୁର୍ଗା ଶକ୍ତିକୁ ଆବାହନ କରି ସୀତା ଶକ୍ତିକୁ ଜିତି ପରେ ତ୍ୟାଗ କରିଦେଇଥିଲେ । ଆଜିର ସମାଜରେ ବି ଘରେ ଘରେ ସ୍ତ୍ରୀ ଠାରୁ ସ୍ୱାର୍ଥ ହାସଲ କରି ପ୍ରତିଟି କ୍ଷେତ୍ରରେ ତାକୁ ଅପମାନିତ କରାଯାଉଛି । ପ୍ରତିଟି ଯୁଗରେ ସ୍ତ୍ରୀ ସୀତା, ଦ୍ରୌପଦୀ, ନିର୍ଭୟା ପରି ଅପମାନିତ, ଲଜ୍ଜିତ ଏବଂ ଅବହେଳିତ ହୋଇ ଆସୁଅଛି । କିନ୍ତୁ ସର୍ବଦା ମନେରଖିବାକୁ ହେବ ଯେ ମା ଦୁର୍ଗା ଶକ୍ତି ଆମର ସାଂସ୍କୃତିକ ଜୀବନରେ ଅନ୍ୟାୟ ବିରୁଦ୍ଧରେ ନ୍ୟାୟର ପ୍ରତୀକ ରୂପେ ପରିଚିତ । ଦୁର୍ଗା ପୂଜାରେ ଖାଲି ବୁଲି- ବୁଲି ପେଣ୍ଡାଲ ଦେଖି ମନୋରଞ୍ଜନ ନକରି ଲକ୍ଷ୍ୟ କରିବାକୁ ମୋର ଅନୁରୋଧ ଯେ ଅନ୍ୟାୟ ରୂପି ପାପୀ ମହିଷାସୁରର ଯାଗା ସର୍ବଦା ମାଁର ଚରଣ ତଳେ ରହି ଆସିଛି ଆଉ ଏମିତି ଯୁଗେ-ଯୁଗେ ରହିଥିବ ।

ଦଶହରା ହିନ୍ଦୁ ମାନଙ୍କର ପ୍ରମୁଖ ପର୍ବ । ଅଶ୍ୱିନ ମାସ ଶୁକ୍ଳପକ୍ଷ ଦଶମୀ ତିଥିରେ ଏହାରେ ଆୟୋଜନ ହୋଇଥାଏ । ଅସତ୍ୟ ଉପରେ ସତ୍ୟର ବିଜୟ ରୂପରେ ଏହାକୁ ପାଳନ କରାଯାଇଥାଏ । ଏଥିପାଇଁ ଏହାକୁ ବିଜୟ ଦଶମୀ ବୋଲି ମଧ୍ୟ କୁହାଯାଏ । ଦଶହରା ପର୍ବ ଦଶ ପ୍ରକାର ପାପକୁ – କାମ, କ୍ରୋଧ, ଲୋଭ, ମୋହ, ମତ୍ସର, ଅହଂକାର, ଆଳସ୍ୟ, ହିଂସା, ଚୋରି, ପରିତ୍ୟାଗ କରି ସତ୍ ପ୍ରେରଣା ପ୍ରଦାନ କରିଥାଏ । ଭାରତୀୟ ସଂସ୍କୃତି ବୀରତାର ପୂଜକ, ଶୌର୍ଯ୍ୟର ଉପାସକ । ଏହି ଦିନ ଲୋକ ଶସ୍ତ୍ର ପୂଜା କରିବାର ବିଧି ଅଛି । ଏହି ଦିନ ନୂତନ କାର୍ଯ୍ୟ ମଧ୍ୟ ଆରମ୍ଭ କରାଯାଏ । ଏହି ଦିନ ଯେଉଁ କାର୍ଯ୍ୟ ଆରମ୍ଭ ହୁଏ ବିଜୟ ସୁନିଶ୍ଚିତ ପ୍ରାପ୍ତ ହୁଏ । ଭଗବାନ ରାମଙ୍କର ବିଜୟ ଏବଂ ଦୁର୍ଗାପୂଜା ଶକ୍ତି ପୂଜା ରୂପରେ ପରିଚିତ । ଶସ୍ତ୍ର ପୂଜନର ତିଥି ହର୍ଷ, ଉଲ୍ଲାସ ଏବଂ ବିଜୟର ପର୍ବ ।

ଦଶହରାର ସାଂସ୍କୃତିକ ପକ୍ଷ ହେଉଛି ଭାରତ ଏକ କୃଷି ପ୍ରଧାନ ଦେଶ। କୃଷକ ନିଜର କ୍ଷେତରେ ଫସଲ ଅମଳ କରି ଧାନ ଚାଉଳ ରୂପରେ ଯେଉଁ ସଂପତ୍ତିକୁ ଘରକୁ ଆଣିଥାଏ, ସେଥିରେ ତାର ଉଲ୍ଲାସ ଏବଂ ଉମଙ୍ଗର ପାରାବାର ଆଣିଦିଏ। ଏହି ଖୁସି ଅବସରରେ ସେ ଭଗବାନଙ୍କ କୃପାକୁ ମାନିଥାଏ। ସେଥିପାଇଁ ଏହି ଅବସରରେ ଭଗବାନଙ୍କୁ ସ୍ମରଣ ଏବଂ ପୂଜା କରେ। ସମସ୍ତ ଭାରତବର୍ଷରେ ଏହି ପର୍ବ ବିଭିନ୍ନ ପ୍ରଦେଶରେ ବିଭିନ୍ନ ପ୍ରକାର ମନାଯାଇଥାଏ।

ଦଶହରା ଭକ୍ତି ଆଉ ସମର୍ପଣର ପର୍ବ ଅଟେ। ଭକ୍ତ ଭକ୍ତିଭାବରେ ଦୁର୍ଗାମାତାଙ୍କ ଆରାଧନା କରନ୍ତି। ନବରାତ୍ରରେ ଦୁର୍ଗାମାତାଙ୍କର ନଅ ରୂପ ପୂଜା କରାଯାଇଥାଏ। ଶୈଳପୁତ୍ରୀ, ବ୍ରହ୍ମଚାରିଣୀ, କାଳୀ ଆଦି ବିଭିନ୍ନ ରୂପ ଧାରଣ କରି ମାତା ଆସୁରି ଶକ୍ତିର ସଂହାର କରନ୍ତି। ମାଆ ଆଦିଶକ୍ତି। ସାରା ସଂସାର ମାତାଙ୍କୁ ପୂଜା କରି ନିଜ ଭିତରେ ଥିବା ବୁରାଇ କୁ ନଷ୍ଟ କରିବାର ଆକାଂକ୍ଷା ରଖନ୍ତି। ଦୂର୍ଗା ରୂପ ଯଶ ଏବଂ ଜୟ ଦେବା ସହିତ ହିଂସା ଦ୍ୱେଷକୁ ସମାପ୍ତ କରିଥାଏ। ମାଆ ଦୁର୍ଗାଙ୍କ କୃପାରୁ ମନୁଷ୍ୟ ଧନଧାନ୍ୟ ସମ୍ପନ୍ନ ହୋଇଥାଏ।

ପବିତ୍ର ଶାରଦୀୟ ପୂଜା ଉପଲକ୍ଷେ ବେଦାନ୍ତୀ ପରିବାର ତରଫରୁ ସମସ୍ତ ପାଠକବନ୍ଧୁଙ୍କୁ ଅନେକ ଅନେକ ଶୁଭେଚ୍ଛା।

ଜୟ ଉତ୍କଳ, ଜୟ ଓଡିଶାବାସୀ

ମମତା ଦାଶ



# ଭିତର ପୃଷ୍ଠାରେ....


| | | |
|---|---|---|
| ପ୍ରାଚୀ ନଦୀର ବିଭିନ୍ନ ନାମକରଣ ଓ କମ୍ବଦନ୍ତୀ | ଅନାମ ଚରଣ ସାହୁ | ୧୦ |
| ଦର୍ପ ଦଳନୀ ମାଆ | କାଳକଙ୍କର | ୧୪ |
| ମା ରଖିବ ମୋ ଅଳ | ଶାନ୍ତିଲତା ମିଶ୍ର | ୧୬ |
| ପକୃତି | ଇତି ଦାସ | ୧୭ |
| 'ମା' ଆସିବା ହେଲେଣି | ପ୍ରତିଭା ପ୍ରିୟଦର୍ଶିନୀ | ୨୨ |
| ସମ୍ପର୍କର ଅନ୍ୱେଷଣ | ଭାସ୍କର ଚନ୍ଦ୍ର ଖଣ୍ଡା | ୨୪ |
| ବୋଉ | ଶଶଧର ମହାପାତ୍ର | ୨୬ |
| ଅବସାନ | ସାଗରିକା ମହାନ୍ତି | ୩୦ |
| ଆଶ୍ୱାସନାର ଶୁଦ୍ଧ ଜହ୍ନ ରାତିଟିଏ | ରୀତା ଅପରାଜିତା ମହାନ୍ତି | ୩୧ |
| ଶୀତଳ ସ୍ନେହ | ସୁଲୋଚନା ପଟ୍ଟନାୟକ | ୩୩ |
| ମୃତ୍ୟୁ ଆସେ | ପ୍ରବୀଣ କୁମାର କବି | ୪୦ |
| ପ୍ରଭୂ | ଆଶୁତୋଷ ମେହେର | ୪୧ |
| ରୁପେଲି ସହର | କବିତା ମହାନ୍ତି | ୪୨ |
| ସତ୍ୟର ସନ୍ଧାନ | ବରଦା ପ୍ରସନ୍ନ ଦାସ | ୪୪ |
| ବାପୁଙ୍କ ପାଇଁ | ସୁଧାଂଶୁ ଶେଖର ଦ୍ୱିବେଦୀ | ୫୩ |
| କେମିତି ହୁଅନ୍ତା ? | ହରେରାମ ପଣ୍ଡା | ୫୪ |
| ପାଣି ଫୋଟକା | ମଧୁଛନ୍ଦା ବେହେରା | ୫୬ |

| | | |
|---|---|---|
| ଗୋବିନ୍ଦ ଭୋଜନାଳୟ, ବୁଦାପେଷ୍ଟ | ଡକ୍ଟର ବିଜ୍ଞାନୀ ଦାସ | ୫୮ |
| ହଜିଲା ପିଲାଦିନ ଗୀତ | ନୃସିଂହ ଚରଣ ବେହେରା | ୭୦ |
| ହେ ଆମ "ଭବିଷ୍ୟତ" | ଅମ୍ବିକା ସ୍ୱାଇଁ | ୭୨ |
| ପ୍ରତ୍ୟାବର୍ତ୍ତନ | ସନାତନ ମହାକୁଡ | ୭୩ |
| ବାଟରେ ( ଡ୍ୟାସ) କଲେ ବି ନାଁ | ସୁବଳ ମହାପାତ୍ର | ୭୫ |
| ଅଳ୍ପ ଅଳ୍ପ | ସ୍ମିତା ତ୍ରିପାଠୀ | ୮୨ |
| ହେ ବୀର, ଘେନ କୋଟି କୋଟି ପ୍ରଣାମ | ହିମାଂଶୁ ଭୂଷଣ ଜେନା | ୮୪ |
| ସ୍ୱାତୀ | ବିନୟ ମହାପାତ୍ର | ୮୬ |
| ଆମେ ସୈନିକ ହେବୁ | ଶମ୍ଭୁନାଥ ଦାସ | ୯୬ |
| ସ୍ମୃତି ଏକ ବିଗତ ଦିନର | ଅରୁଣ କୁମାର ପାତ୍ର | ୯୮ |
| କାଷ୍ଠ ପ୍ରାସାଦ ଓ କଳାବିଗ୍ରହି କଥା | ପ୍ରିୟବ୍ରତ ପାତ୍ର | ୧୦୦ |
| ରଞ୍ଜକ ଋତୁ ଚକ୍ର | ରାଜଶେଖର ସି. ଚମା | ୧୦୯ |
| ପାହାନ୍ତି ବର୍ଷା | ପ୍ରକାଶ ସାହୁ | ୧୧୧ |
| ବିଶ୍ୱ ଠାକୁର ହେ | ଶ୍ରୀ ଡମ୍ବରୁଧର ବାଗ | ୧୧୪ |
| କୋରାପୁଟର ପର୍ବତମାନ ( ମାଳ) | ଅଶୋକ ବିଶ୍ୱାଳ | ୧୧୬ |
| ନୀରବତା ର ଆଇନା | ସଚ୍ଚିଦା ନନ୍ଦ ବାରିକ | ୧୨୪ |
| ଫୁଲଟିଏ ହେବି | ଇଂ. ସାରଦା ପ୍ରସାଦ ପରିଡା | ୧୨୬ |
| ବାପାଙ୍କ ଏକ୍ୟୁରିୟମ | ଆଶା ସାହୁ ( ଆରତୀ) | ୧୨୮ |
| ଭାରତ ମାତା | ପ୍ରଫୁଲ୍ଲ କୁମାର ନାହାକ | ୧୩୫ |
| ସତ୍ୟର ସନ୍ଧାନେ | ପ୍ରଦେଶ କୁମାର ପ୍ରଧାନ | ୧୩୭ |
| ଆସ ପ୍ରିୟା ଆସ | ସତ୍ୟବ୍ରତ ପ୍ରଧାନ | ୧୩୯ |
| ମିସ କଲ | ବିଷ୍ଣୁପ୍ରିୟା କରସୁଧା ପଟ୍ଟନାୟକ | ୧୪୧ |
| ଶବ୍ଦ | ରିଙ୍କୁ ଦଳାଇ | ୧୪୪ |
| ଚିରସାଥୀ | ରାଜେଶ ପୂଜାରୀ | ୧୪୫ |
| ମୁଁ ହଜି ଯାଇଚ, କେହି କୋଉଠି | ରଶ୍ମି ମିଶ୍ର | ୧୪୭ |

| | | |
|---|---|---|
| ଦେଖିଚ କ ମତେ? | | |
| ଭିକାରୀ | ପରମିତା ମିଶ୍ର | ୧୪୯ |
| ତିହାରର ରଜା | ଶଙ୍ଖସିନ୍ଧୁ ପୁରୋହିତ | ୧୫୧ |
| ଶ୍ରାବଣ ଓ ପ୍ରିୟା | ସାଗର ପ୍ରଧାନ | ୧୫୩ |
| ପ୍ରତିଶୃତି | ପ୍ରକାଶ ଚନ୍ଦ୍ର ପଣ୍ଡା | ୧୫୪ |
| ମୁଁ | ଅଶୋକ କୁମାର ପଧାନ | ୧୫୯ |
| କବିତା ଡାକୁଛି | ଜୟପ୍ରକାଶ ଦୁରିଆ( ରମଣ) | ୧୬୧ |
| ତୋର୍ | ଜ୍ୟୋତିର୍ବିଦ୍ୟ ପୁଝାରୀ | ୧୬୪ |
| ପରିଭାଷା | ଅଶୋକ କୁମାର ସେଠୀ | ୧୬୬ |
| ନିୟମ | ପ୍ରଶାନ୍ତ କୁମାର ନାଥ | ୧୬୯ |
| ମାଆ ଛଡା ଆଉ ସେ କିଏ? | ନରେନ୍ଦ୍ର ସାହୁ | ୧୭୧ |
| ଯୁଗ ଆଜି ମୋବାଇଲରେ | ପୂର୍ଣ୍ଣଚନ୍ଦ୍ର ରଣା | ୧୭୩ |
| ଛୋଟ ମୋର ନାଆଟି | ପ୍ରଫେସର ଅନନ୍ତା ପଣ୍ଡା | ୧୭୫ |
| ମହାମାୟା | ସୌମ୍ୟ ରଞ୍ଜନ ପାଲ | ୧୮୧ |
| ଗୋଡ ହାତ ତୋର ଦେ'ରେ ଜାକ | ରମେଶ ଚନ୍ଦ୍ର ମଲିକ | ୧୮୨ |
| ଏମିତି ବି ହୁଏ | ସତ୍ୟବ୍ରତ ସାହୁ | ୧୮୪ |
| ଢ଼ାଳ ଟିକେ ପ୍ରୀତିବାରି | ସନ୍ତୋଷ ପଟ୍ଟନାୟକ | ୧୮୬ |
| ମୁଁ ଶୂନ୍ୟ | ଶୁଭସ୍ମିତା ବେହେରା | ୧୮୭ |
| ଇସ୍ତ୍ରୀ | ଜଗଦୀଶ ଚନ୍ଦ୍ର | ୧୮୮ |
| ଅସଫଳତା | ସାତ୍ତ୍ୱିକ ବହିଦାର | ୧୯୦ |
| କରୁଣା କର କୃପାସିନ୍ଧୁ | ମିଥୁନ୍ ସାହୁ | ୧୯୧ |
| ଧୂସରିତ ଦିଗବଳୟ | କାର୍ତ୍ତିକ ଚନ୍ଦ୍ର ତ୍ରିପାଠୀ | ୧୯୨ |
| ତୁମେତ ସେ | କବି ପ୍ରସାଦ | ୧୯୭ |
| ଅସ୍ତ ନଦୀଘର ଶେଷେ | ତପନ କୁମାର ସ୍ୱାଇଁ | ୧୯୯ |
| ଶୁଭଦୃଷ୍ଟି: କଲମ ବନାମ ବିଜ୍ଞାନ | କେଶରୀ ପ୍ରସାଦ ମହାନ୍ତି | ୨୦୧ |

| | | |
|---|---|---|
| ପ୍ରେମ କବିତା | ଶିବାନନ୍ଦ ବନଛୋର | ୨୦୪ |
| ଭଙ୍ଗା ହୃଦୟ | ସୁଦର୍ଶନ ସାହୁ | ୨୦୬ |
| ବାଉରି ବୁଢ଼ି | ପ୍ରସନ୍ନ ପ୍ରୟାସ ଭୁଏ ( ପ୍ରୟାସ) | ୨୦୭ |
| ପ୍ୟାର୍..ତତେ ନମସ୍କାର | ଫିରୋଜ କୁମାର ପଟେଲ | ୨୧୦ |
| ଆକାଶ ପରିକା ପିତା | ଶିଶିର କୁମାର ସାମଲ | ୨୧୨ |
| ପ୍ଲାନଚେଟ୍ ଦ୍ୱାର୍ ଆତ୍ମା ସହ ସମ୍ପର୍କର ରହସ୍ୟ | ବାଲ୍ମୀକ ନାୟକ | ୨୧୪ |
| ପୁସ୍ତକ ପରିଚୟ | ଲିଲି ଗୌଡ | ୨୧୮ |


## ଶିଶୁ ବିଭାଗ


| | | |
|---|---|---|
| ଗୁରୁଙ୍କୁ ବନ୍ଦିବା ଭକତି ଚଢ଼େ | ସତ୍ୟବ୍ରତ ସାହୁ | ୨୨୨ |
| ନୂଆଖାଇ ତିହାର | ପ୍ରେମଶିଲ୍ ରାଉତ | ୨୨୩ |
| ସ୍ୱାଧୀନତା ଦିବସ | ରାଜଶେଖର ସି "ଚମା" | ୨୨୫ |
| ଅକ୍ଟୋବର ମାସରେ ପଡୁଥିବା ପର୍ବପର୍ବାଣୀ | ସଂଗୃହୀତ | ୨୨୭ |
| ଚନ୍ଦ୍ର କଥା କହେ | ବେଦାନ୍ତୀ ପରିବାର | ୨୨୮ |

# ପ୍ରାଚୀ ନଦୀର ବିଭିନ୍ନ ନାମକରଣ ଓ କମ୍ବଦନ୍ତୀ



ଅନାମ ଚରଣ ସାହୁ

ଯେପରି ନବଜାତକଟିଏ ଜନ୍ମ ନେଲେ ତାହାର ନାମକରଣ ସଂସ୍କାର କରାଯାଇ ନୂଆ ନାମଟିଏ ଦିଆ ଯାଇଥାଏ ଏବଂ ଅନେକ ଡାକ ନାମ ବି ଥାଏ, ସେହିପରି ପୂଣ୍ୟତୋୟା ପ୍ରାଚୀ ନଦୀର ଅନେକ ନାମ ରହିଛି । ସେହି ନାମଗୁଡିକ ହେଲା ପ୍ରାଚୀ, ଗୁପ୍ତ ସରସ୍ୱତୀ, ବ୍ରହ୍ମନଦୀ/ ବ୍ରହ୍ମତନୟା, ତୀର୍ଥେଶ୍ୱରୀ, ପତରବୁହା ନଦୀ / ଚନ୍ଦ୍ରଭାଗା ନଦୀ, ଚନ୍ଦ୍ରୋତ୍ପଳା, ଗୋମତୀ ଇତ୍ୟାଦି ଇତ୍ୟାଦି ।

## ପ୍ରାଚୀ ନଦୀ:

ପୌରାଣିକ ମତରେ ଦେବ ଦେବ ମହାଦେବଙ୍କ ରେତ ସାଗର ବକ୍ଷରେ ପତିତ ହୋଇ ବାଡ ବା ନଳ ଜାତ ହେଲା । ତାହା ଚତୁର୍ଦ୍ଦିଗକୁ ବ୍ୟାପିଗଲା । ଏହି ବାଡ ବା ନଳକୁ କେହି ପ୍ରଶମିତ କରି ପାରିଲେ ନାହିଁ । ତେଣୁ ଦେବତାମାନେ ଚନ୍ତିତ ହୋଇ ସୃଷ୍ଟିକର୍ତ୍ତା ବ୍ରହ୍ମାଙ୍କ ନିକଟରେ ପହଞ୍ଚି ଗୁହାରି କଲେ । ବ୍ରହ୍ମାଙ୍କ ସହ ଆଲୋଚନା ପରେ ଦେବତାମାନେ ମାତା ଗଙ୍ଗା ଓ ଯମୁନା ଆଦି ଦେବୀଙ୍କୁ ପ୍ରାର୍ଥନା କଲେ । ଏମାନେ ସମସ୍ତେ ବାଡ ବା ନଳ ଶାନ୍ତ କରିବାକୁ ଅକ୍ଷମ ହେଲେ । ଶେଷରେ ବ୍ରହ୍ମା ସରସ୍ୱତୀଙ୍କୁ ଧ୍ୟାନ କରିବାରୁ ଦେବୀ ପ୍ରସନ୍ନହୋଇ ଧୈର୍ଯ୍ୟ ଧରିବାକୁ କହିଲେ । ସରସ୍ୱତୀ କନକଗିରି କ୍ରୋଡରରେ ଗୁପ୍ତ ଭାବରେ ରହିଥିଲେ । ସେଠାରୁ ସେ ପାତାଳ ଗର୍ଭରେ ଗତିକରି କପିଳ ମୁନୀଙ୍କ ଆଶ୍ରମରେ ପହଞ୍ଚିଲେ । ସେଠାରୁ ସେ ପୂର୍ବଗାମୀ ହୋଇ ସାଗର ସହିତ ମିଳତ ହେବାରୁ ବାଡ ବା ନଳ ଶାନ୍ତ ହେଲା । ତେଣୁ ସେହି ନଦୀକୁ ସରସ୍ୱତୀ ବା ଗୁପ୍ତ ସରସ୍ୱତୀ କୁହାଯାଏ ।

## ବ୍ରହ୍ମନଦୀ / ବ୍ରହ୍ମତନୟା

ପୁରାଣରେ ପ୍ରାଚୀ ନଦୀର ଉତ୍ପତ୍ତି ସମ୍ବନ୍ଧରେ ବିଭିନ୍ନ ମତ ରହିଛି । ପ୍ରାଚୀ ମାହାତ୍ମ୍ୟ ପୁରାଣ ଅନୁଯାୟୀ ପ୍ରାଚୀ ହେଉଛନ୍ତି ସଂସାରର ସୃଷ୍ଟିକର୍ତ୍ତା ବ୍ରହ୍ମାଙ୍କର କନ୍ୟା । ତେଣୁ ଏହି ନଦୀକୁ ବ୍ରହ୍ମତନୟା କୁହାଯାଏ । ଅତିବଡି ଜଗନ୍ନାଥ ଦାସଙ୍କ ବିରଚିତ ଓଡିଆ ଭାଗବତର ପ୍ରଥମଖଣ୍ଡର ନବମ ସ୍କନ୍ଧରେ ପ୍ରାଚୀକୁ ବ୍ରହ୍ମନଦୀ ବୋଲି କୁହାଯାଇଛି ।

## ତୀର୍ଥେଶ୍ୱରୀ:

ପ୍ରାଚୀର ସଭ୍ୟତା ବହୁ ପ୍ରାଚୀନ । ଏହି ସଭ୍ୟତାରେ କଳା, ସ୍ଥାପତ୍ୟ, ବାଣିଜ୍ୟ ଓ ଧର୍ମ ଆଦିରେ ବହୁବିଧ ବିକାଶ ଲାଭ କରିଥିଲା । ପ୍ରାଚୀ ସୁନାବ୍ୟା ଥିଲା । ତେଣୁ ଏହାର ତଟ ଦେଶରେ ଏକ ଉନ୍ନତ ସଭ୍ୟତା ଗଢି ଉଠିଥିଲା ବୋଲି ବିଶ୍ୱାସ କରାଯାଏ । ଏହି ସଭ୍ୟତାର ଅଧିବାସୀମାନେ ଶିବ, ବିଷ୍ଣୁ, ଦେବୀ, ଗଣେଶ ଆଦି ଦେବାଦେବୀଙ୍କର ଉପାସକ ଥିଲେ । ତେଣୁ ପ୍ରାଚୀ ନଦୀ ଧାରରେ ଉପାସନାସ୍ଥଳୀ ରୂପରେ ଅନେକ ଦେବାଦେବୀ ମନ୍ଦିର ନିର୍ମାଣ କରିଥିଲେ । ଇତିହାସରୁ ଜଣାଯାଏ ଏହାର ଦୁଇଧାରରେ ଦ୍ୱାଦଶ ଶମ୍ଭୁ, ଦ୍ୱାଦଶ ମାଧବ, ଦ୍ୱାଦଶ ଦେବୀ ଏବଂ ଗଣେଶ ମନ୍ଦିର ଏବେବି ବିଦ୍ୟମାନ । ତେଣୁ ଏହି ମନ୍ଦିରରୁ ଦେବାଦେବୀମାନଙ୍କର ସ୍ନାନଜଳ ନିଷ୍କାସିତ ହୋଇ ପ୍ରାଚୀ ନଦୀରେ ମିଶି ଏହାକୁ ପବିତ୍ର କରିଛନ୍ତି । ଅନେକ ତୀର୍ଥର ଜଳ ଏହି ନଦୀରେ ମିଶିଥିବାରୁ ଏହାକୁ ତୀର୍ଥେଶ୍ୱରୀ କୁହାଯାଏ ।

## ପଥର ବୁହା ନଦୀ / ଚନ୍ଦ୍ରଭାଗା ନଦୀ

ଭୌଗଳିକ ସ୍ଥିତି ଓ ଇତିହାସରୁ ଜଣାଯାଏ ଏକଦା ପ୍ରାଚୀ ନଦୀ ସୁନାବ୍ୟା ଥିଲା । ଏହି ନଦୀରେ ସାଧବପୁଅ ମାନେ ବୋଇତରେ ଯାତ୍ରା କରି ବିଦେଶକୁ ଯାଇ ଅନେକ ଧନରତ୍ନ ଦେଶକୁ ବୋହି ଆଣୁଥିଲେ । ପ୍ରାଚୀ ନଦୀର ଏକ ଶାଖାନଦୀ କୋଣାର୍କ ଦେଇ ଚନ୍ଦ୍ରଭାଗାରେ ସମୁଦ୍ରରେ ମିଶିଥିଲା । ସେହି ନଦୀକୁ ଚନ୍ଦ୍ରଭାଗା ନଦୀ କୁହାଯାଏ । ଉତ୍କଳର ନରପତି ଶ୍ରୀ ଲାଙ୍ଗୁଳା ନରସିଂହ ଦେବ ନିଜ ମା ଙ୍କ ଉପାସନା ପାଇଁ ଏକ ସୂର୍ଯ୍ୟ ମନ୍ଦିର ନିର୍ମାଣ

କରାଇଥିଲେ । ସେହି ମନ୍ଦିରଟି ଚନ୍ଦ୍ରଭାଗା ନଦୀର ପଦ୍ମା ନାମକ ଗଣ୍ଡରେ ନିର୍ମାଣ ହୋଇଥିଲା । ଏହି ମନ୍ଦିର ନିର୍ମାଣରେ ଟନ୍ ଟନ୍ ବା ମହଣ ମହଣ ଓଜନର କଳା ମୁଗୁନି ପଥର ବ୍ୟବହାର କରାଯାଇଥିଲା ( ଯେଉଁଥିପାଇଁ କୋଣାର୍କ ମନ୍ଦିରକୁ ବ୍ଲାକ୍ ପାଗୋଡା କୁହାଯାଏ) । ବିଶ୍ୱାସ କରାଯାଏ ଏହି ମହଣ ମହଣ ଓଜନର ପଥର ସବୁ ବୋଇତ ସାହାଯ୍ୟରେ ପ୍ରାଚୀ ନଦୀ ମଧ୍ୟ ଦେଇ ଅଣାଯାଇଥିଲା । ଏବଂ ମନ୍ଦିରଟି ସମ୍ପୂର୍ଣ୍ଣ ହୋଇଥିଲା । ତେଣୁ ଏହି ନଦୀ ମଧ୍ୟ ଦେଇ ପଥରବୁହା କାର୍ଯ୍ୟ ହୋଇଥିବାରୁ ଏହି ନଦୀକୁ ପଥରବୁହା ନଦୀ ମଧ୍ୟ କୁହାଯାଏ । ଏବେ ବି ଜୁଣେଇ ଏବଂ ମଟିଆପଡା ନିକଟରେ ଅନେକ ପଥର ପୋତିହୋଇ ରହିଅଛି ।

## ଚନ୍ଦ୍ରୋତ୍ପଳା:

ଏହି ଚନ୍ଦ୍ରୋତ୍ପଳା ନଦୀର ନାମକରଣ ପଛରେ ଏକ ସୁନ୍ଦର ପ୍ରେମ କାହାଣୀ ରହିଅଛି । ଚଇତ ଓ ଉତ୍ପଳା ପରସ୍ପରକୁ ଭଲପାଇ ବିବାହ କରିଥିଲେ । ତେଣୁ ଏହି ନଦୀକୁ ଚନ୍ଦ୍ରୋତ୍ପଳା କୁହାଯାଏ । ଏହି ନାମକରଣର ଦୁଇଟି ଲୋକକଥା ରହିଛି ।

ପ୍ରଥମଟି ହେଲା ଚୈତ ଜଣେ ରାକ୍ଷସ ଏବଂ ଉତ୍ପଳା ଜଣେ ବ୍ରାହ୍ମଣୀ କନ୍ୟା ହୋଇଥିଲେ ମଧ୍ୟ ପରସ୍ପରକୁ ପ୍ରେମ କରି ବିବାହ କରିଥିଲେ । ଏବେ ଚୈତଙ୍କ ନାମ ଅନୁସାରେ ଚନ୍ଦେଶ୍ୱରୀ ଏବଂ ଉତ୍ପଳା ନାମ ଅନୁସାରେ ଉତ୍ପଳା ବୋଲି ଦୁଇଟି ଗାଁ ରହିଅଛି ।

ଦ୍ୱିତୀୟ ଲୋକକଥା ଅନୁଯାୟୀ ଚୈତ ହେଉଛନ୍ତି ଚୈତ ରାଜବଂଶର ଜଣେ ସୁଶାସକ ଏବଂ ଉତ୍ପଳା ହେଉଛନ୍ତି ଜଣେ ବ୍ରାହ୍ମଣୀ କନ୍ୟା । ଚୈତ ଛଦ୍ମବେଶରେ ଗ୍ରାମ ଭ୍ରମଣ କରୁଥିବା ସମୟରେ ବ୍ରାହ୍ମଣୀ କନ୍ୟା ଉତ୍ପଳାର ସୌନ୍ଦର୍ଯ୍ୟରେ ମୁଗ୍ଧ ହୋଇ ବିବାହ କରିଥିଲେ । ସେ ଉତ୍ପଳାକୁ ଏତେ ଭଲ ପାଉଥିଲେ ଯେ ତାଙ୍କ କଥା ଅନୁସାରେ ରାଜ୍ୟର ଉନ୍ନତି ପାଇଁ କେନାଲ ଖୋଳାଇ ଗୃଷବାସର ସୁ- ବନ୍ଦୋବସ୍ତ କରିଥିଲେ । ଫଳରେ ପ୍ରଜାମାନେ ବହୁତ ଖୁସି ଓ ଆନନ୍ଦରେ କାଳାତିପାତ କରୁଥିଲେ । ଏହି ଦୁହିଁଙ୍କ ନାମ ଅନୁସାରେ ପ୍ରାଚୀ ନଦୀର ନାମ ଚନ୍ଦ୍ରୋତ୍ପଳା ହୋଇଅଛି ।

## ଗୋମତୀ:

ପ୍ରାଚୀ ନଦୀର ଏକ ଶାଖା ନଦୀ ଗୋମତୀ ବା ଲଳତା ନଦୀ ପାତାଳଗାମୀ ହୋଇଛି । ତାହାରି କୂଳରେ ଲଳତା ଦେବୀ ବା ଅମ୍ବିକା ଦେବୀଙ୍କ ମନ୍ଦିର ରହିଛି । ଏହା ପିତାପଡାର ଅମରେଶ୍ୱରେ ଠାରେ ଅବସ୍ଥିତ । ଏହାକୁ ଗୋତୀର୍ଥ ମଧ୍ୟ କୁହାଯାଏ । ଏହାର ନାମ ଅନୁସାରେ ପ୍ରାଚୀ ନଦୀକୁ ଗୋମତୀ ମଧ୍ୟ କୁହନ୍ତି ।

ସହାୟକ ପୁସ୍ତକ - ପ୍ରାଚୀର ପ୍ରାଚୀନତା - ସୋମନାଥ ପାଢ଼ୀ

ବିଭୁତିପୁର, କାକଟପୁର, ପୁରୀ



# ଦର୍ପ ଦଳନୀ ମାଆ



କାଳକଙ୍କର

ଦର୍ପ ଦଳନୀ ମାଆ ଗୋ ତୁମକୁ କି ଅବା ମାଗିବି କୁହ
ମିଛରେ ତୁମର ପୂଜା ଆରାଧନା ବୋହାଏ ଭକତି ସୁଅ
ହୃଦୟରେ ମୋର କେଡେ ଅହଂକାର
ପ୍ରତି ଯୋଗିତାରେ ଗଢା ତୁମ ଘର
ଦିନ କେତେ ତୁମ କରୁଣା ନିମନ୍ତେ
ଦଉଡେ ଡାହାଣ ବାଆଁ
ଭିତରେ କିନ୍ତୁ ମୋ ନାହିଁ ଭକ୍ତି ପ୍ରୀତି
ସତ କହିଲି ମୁଁ ରାଗ କରିବନି
ଦର୍ପ ଦଳନୀ ମାଆ ॥

ଶୁଣିଛି ପଢିଛି ପୋଥି ପୁରାଣରୁ ସିଂହବାହିନୀ ତୁମେ
ସିଂହ ଉପରେ ଆସିବାର କେବେ ଦେଖିନାହିଁ ଧରାଧାମେ
ଦଶ ଭୁଜା ତୁମେ ଧରି ଅସ୍ତ୍ର ଶସ୍ତ୍ର
ପାପୀଙ୍କୁ ଧରାରୁ କରିବ ନିପାତ
ଯଦି ଏହା ସତ ହୋଇଥାନ୍ତା ମାଆ
ମୁଁ ପାପୀ ବଂଚନ୍ତି କିଆଁ
ତୁମ ଚାରି ପାଖେ ପାପୀଙ୍କର ଭିଡ
ରାଗିବନି ଜମା କହିଦେଲି ବୋଲି
ଦର୍ପ ଦଳନୀ ମାଆ ॥

କେ ମହିଷାସୁର କେବେ ମରିଥିଲା ସଠିକ ମୁଁ ଜାଣିନାହିଁ
କେଉଁ ଅତ୍ୟାଚାରରୁ ରକ୍ଷା କରିଛ ସଂସାର ମୁଁ ବୁଝିନାହିଁ



ଆଜି ଗୁରିପାଖେ ଭିଡ ଅତ୍ୟାଗ୍ଘର
ହିଂସା ରକ୍ତପାତ ସୁନାମୀ ଜୁଆର
ପ୍ରତିବର୍ଷ କେଡେ ଆଡମ୍ବରେ ଡାକୁ
ହୁଅ ଆସି ତୁମେ ସାହା
କେଉଁ କାଳେ ଆସି କା ଦୁଃଖ ହରିଛ
ଭାବେ ଅଭାବକୁ ବୁଝୁନୁ ଭାବୁଛ
ଦର୍ପ ଦଳନୀ ମାଆ ॥

ଏଣୁ କଆଁ କୁହ ଏତେ ଖର୍ଚ୍ଚ ବର୍ଚ୍ଚ ତୁମ ଏ ପୂଜାରେ ହେବ
ଗରିବ ପାଉନ ପେଟକୁ ତା ଦାନା ଦେଲେ ସେ ବଂଚ ପାରିବ
ବୃଥା ଅପଚୟ କରି ଏତେ ଧନ
କ ଅବା ମିଳବ ସୁଖ ଶାନ୍ତି ମାନ
ବତା କ ବାଆକୁ ସାହା
କର୍ମେହିଁ ଜିଇଁବା କର୍ମରେ ହାରିବା
ଭକ୍ତିରେ ମିଳୁ ଶକ୍ତି ହେ ଦେବୀ
ଦର୍ପ ଦଳନୀ ମାଆ ॥

କୋଟି କୋଟି ଟଙ୍କା ହେଉଛି ଖର୍ଚ୍ଚ ତୁମରି ପୂଜାରେ ଦେବୀ
ଗରିବର ଘରେ ଖାଲି ଅନ୍ଧାର ଜଳତ ପାରୁନ ଡିବି
ଆମେ କନ୍ତୁ ଏଠି ଦେଖାଉଛୁ ଛବି
ସେବା ସହଯୋଗ ଅଭାବରେ ରୋଗୀ
ସରଗେ ବାହୁଛି ନାଆ
ଏଣୁ ମୁଁ କହୁଛି ବନ୍ଦ ହେଉ ପୂଜା
ଓହ୍ଲାଇ ହେଉ ଦର୍ପର ଧ୍ୱଜା
ଦର୍ପ ଦଳନୀ ମାଆ ॥

ଅଧକ୍ଷ, ଡ଼. ଦେବ ମହାନ୍ତି ପବ୍ଲିକ ସ୍କୁଲ ଖଣ୍ଡସାହି, କଟକ

# ମା ରଖିବ ମୋ ଅଳି



ଶାନ୍ତିଲତା ମିଶ୍ର

ସବୁ ବର୍ଷ ପରି, ଏ ବର୍ଷ ବି ଆସିଗଲ ମା, ସଂସାର ଭ୍ରମଣ ପାଇଁ ।
ଗଲା ବର୍ଷ ଠାରୁ, ଏ ବର୍ଷ ଭିତରେ, କଛି ପରିବର୍ତ୍ତ ହୋଇ ନାହିଁ ॥
ଅକୁଣ୍ଠ ଚତ୍ତରେ ଯାହାକୁ ଯାହା, ଯାଇ ଥିଲ ତୁମେ ବାଣ୍ଟି ଦେଇ ।
ଭାଗ ପାଇ ତାର, ସେତ ଖୁସି ହେଲା ପରି, ଟିକେ ବି ତ ଲାଗୁ ନାହିଁ ॥
ଅସନ୍ତୁଷ୍ଟ ବହ୍ନି କୁହୁଳ କୁହୁଳ, ତା ଭିତରେ ଜଳେ ରହି ରହି ।
ନିଜେ ବି ଜଳୁଛି, ଅନ୍ୟକୁ ଜାଳୁଛି, କ୍ରୁର ବାକ୍ୟ ଫିଙ୍ଗି ଦେଇ ॥
ସବୁରି ଦୃଷ୍ଟିରେ ମାୟାର ପରଳ, ଭଲ ମନ୍ଦ ବାରି ପାରେ ନାହିଁ ।
କାମନା ଜାଲରେ ଛନ୍ଦୁରି ମନ୍ଦୁରି, ବାଟ ଖୋଜି ପାଉ ନାହିଁ ॥
ଯେତେ ଦେଇ ଗଲ, ସେତେ ବଢ଼େ ଆଶା, କେବେ ଅଭାବ ତା ମେଣ୍ଟେ ନାହିଁ ।
ଖୋଲି ବସି ଝୁଲା, ଦିଅ ଦିଅ ବୋଲି, ନିତି ଜପ କରୁଥାଇ ॥
ଶିଘ୍ର ଆସି ଧରା ତଳେ ମା, ସମାଧାନ କର, ସମସ୍ୟା ଯାଉ ଦୂରେଇ ।
ଏ ସୃଷ୍ଟି ତୁମର, ମନେ ପକେଇଦେବାର, ଆବଶ୍ୟକତା ତ ନାହିଁ ॥
ହସିବା କାନ୍ଦିବା ଭିତରେ ନିରବେ, ସମୟ ଯାଉଛି ବହି ।
ଏ ବର୍ଷ ସମସ୍ୟା, ଆସନ୍ତା ବର୍ଷ ପାଇଁ, ରଖି ଦେଇ ଯାଅ ନାହିଁ ॥
ସେମାନଙ୍କ ମଧ୍ୟୁ ମୁଁ ଜଣେ ଅଧମ, ଯାର କାମନାର ନଈ ।
ଏ କୂଳ ସେ କୂଳ ଦୁଇ କୂଳ ଖାଇ, ଆହୁରି ବେଶୀ ବଢ଼ଇ ॥
ଏ ଜନ୍ମ କାମନା ପୁରା କରିଦେ ମା, ଆର ଜନ୍ମକୁ ରଖ ନାହିଁ ।
ଆର ଜନ୍ମେ ପୁଣି ନୂତନ କାମନା, ଧରି ଫେରିବି ତ ମୁହିଁ ॥
ଆଞ୍ଜୁଳରେ ମୋର ବିଶ୍ୱାସର ଫୁଲ, ପାଦେ ଗଲି ରଖି ଦେଇ ।
ଆସନ୍ତା ବର୍ଷକୁ ଥିବି କି ନଥିବି, ତୁମକୁ ସ୍ୱାଗତ କରିବା ପାଇଁ ॥

ରଚେଷ୍ଟର, ମିନେସୋଟା, ଯୁକ୍ତରାଷ୍ଟ୍ର ଆମେରିକା

# ପକୁଡି



ଇତି ଦାସ

ଟି.ଭି. ଆଗରେ ବସି ମ୍ୟାଚ୍ ଦେଖୁ ଦେଖୁ ଶରତବାବୁ କହିଲେ, ଆଜି ପକୁଡି ଦି'ଟା ଛାଣ । ବଢିଆ ମେଘୁଆ ପାଗ ହେଇଛି । ଭଲକ ଅଦା ଛେଚ ଗୁ'ଟେ ବି ତା ସାଙ୍ଗେ ହେଇଗଲେ ମଜ୍ଜା ଆସିଯିବ । ଫରମାଇସ୍ ଟା ଶୁଣି, ନିର୍ମଳା ଦେବୀଙ୍କ ଦେହରେ ସତେ ଯେମିତି ନିଆଁ ଲାଗିଗଲା । "ହେଇ, ଏବେ ପରା ଦିନ ଅଢେଇଟାରେ କଂସାଏ ମାଂସ ତରକାରୀ ସାଙ୍ଗେ ପେଟେ ଫ୍ରାଏଡ୍ ରାଇସ୍ ଗେଫିଛ । ପୁଣି ପକୁଡି? ଏ ବୁଢାଦିନେ କେମିତି ହଜମ ହେଉଛି!" "ଉଁ....., କୋଉଠି ମ । ତିନ ଘଣ୍ଟା ହେଲାଣି ପରା । ଆଉ କ'ଣ ପେଟରେ ମାଂସ ତରକାରୀ ଅଛି?" ଶରତବାବୁଙ୍କ କଥା ଶୁଣି ମୁହଁ ମୋଡି କହିଲେ, "କି ପେଟ ତମର । ଖାଲି ଯାଉଣୁ ଆସୁଣୁ ଖାଇବି ଖାଇବି ହଉଛ । ଶୋଇଲ ଗୁରିକାତ ମେଲେଇ । ଘୁଙ୍ଗୁଡି ଉପରେ ଘୁଙ୍ଗୁଡି ଯେ ମୋ ନିଦ ଭାଙ୍ଗିଗଲା । ନିଦରେ କ'ଣ କାଠ ହାଣୁଥିଲ କି ହାଲିଆ ହେଇଗଲ, ସବୁ ହଜମ ହେଇଗଲା ।"

"ମୁଁ ଏବେ ଟିକେ ବାସନ ମାଜି ଆସି ଟି.ଭି. ଆଗରେ ବସିଲି ତ ତମ ଦେହ ସହୁନି । କାହିଁକି ଏ ରବିବାର ଆସୁଛି ଯେ ମୋର ରୋଷେଇ କରି କରି ପ୍ରାଣ ଗଲାଣି ।" ନିର୍ମଳା ଦେବୀ ଏମିତି ବଡ୍ ବଡ୍ କରି ରୋଷେଇ ଘରକୁ ଗଲେ । ଶରତବାବୁ ପଛେ ପଛେ ଯାଇ କାନ୍ଧରେ ହାତ ପକେଇ ଦେଲାରୁ ଛାଟି ଦେଲେ ନିର୍ମଳା ଦେବୀ । "ନିମି, ତମକୁ କହିବିନି ତ ଆଉ କାହାକୁ କହିବି, ମୋ ଅର୍ଦ୍ଧାଙ୍ଗିନୀ ପରା" । "ଧେତ୍, ଛାଡ ସେ ଛୋପରା କଥା,

ବୁଢା ଦିନେ କେତେ ତେଲଉଛ ଦି'ଟା ପକୁଡି ପାଇଁ। ଯାଇକ ତଳୁ ଦି'ଟା ବଡ଼୍ ପିଆଜି ଆଣି ଖାଇଦେଲେ କ'ଣ ହେବନି? ହେଲେ, ନାଃ, ମାଇପକୁ ନ ରଗଡେଇଲେ କ'ଣ ତମ ମନ ଥୟ ଧରୁଛି? କରୁଛି ରୁହ, ମୋ ଭାଗ୍ୟରେ ତ ଏଇ ଚୁଲୀମୁଣ୍ଡ ଅଛି। ଜୀବନସାରା଼ ଏଇ ଘେ୍ଷେଇ ଆଉ ଘର ଚନ୍ତାରେ ଦିନ ଯାଉଛି। କାହିଁକି ଯେ ପାଠପଢି ଚାକିରୀ ନ କଲି? ” ନିର୍ମଳାଦେବୀଙ୍କ ପୁରୁଣା ରେକର୍ଡ ଆଜି ପୁଣି ବାଜିବା ଆରମ୍ଭ ହେଲା଼। ଏଇଆ ଭାବି "ହଉଥାଉ, ବ୍ୟସ୍ତ ହୁଅନି, ପକୁଡି କରନି କି ଏତେ କଥା କୁହନାହିଁ" କହି ଶରତବାବୁ ଟି.ଭି. ରିମୋଟ୍ ରେ ଚ୍ୟାନେଲ ଚେଞ୍ଜ୍ କରିବା ଆରମ୍ଭକଲେ। ଶରତବାବୁ ଚୁପ୍ କି ରହିଯିବା ଦେଖି ନିର୍ମଳାଦେବୀ ଆସି କହିଲେ, "ଏଇ ତ ଅସୁବିଧା, ଯାହା ମୋ ମନକଥା କହିଲେ, ତୁମେ ଚୁପ୍। କେବେ ବି ମୋ କଥା ଶୁଣିବାକୁ ତମ ପାଖେ ଧୈର୍ଯ୍ୟ ନାହିଁ। ମୁହଁଟା ଶୁଖେଇକି ବସିଛ କାହିଁକି? କରୁଛି ପକୁଡି। ହୁଃ...."

ତାଙ୍କ ଯିବା ପରେ ଶରତବାବୁ ମୁଚୁକୁନ୍ଦାଟେ ମାରି ଗୋଡ ଲମ୍ବେଇ ସୋଫାରେ ଗଡିପଡିଲେ। କୋହଲୀ ବ୍ୟାଟିଙ୍ଗ୍ ର ମଜ୍ଜା ଆସିବ ଭାବି, ଟି.ଭି. ର ସାଉଣ୍ଡଟା ଟିକେ ବଢେଇଦେଲେ। ଏପଟେ ନିର୍ମଳାଦେବୀ ସାଏଁ ସାଏଁ କି ଆଳୁ ଆଉ ପିଆଜ କାଟୁ କାଟୁ ଗୁଣୁଗୁଣୁ ହେଇ କ'ଣ ସବୁ କହି ପକଉଛନ୍ତି। ତେଲ କଡେଇଟା ବସେଇ ବେସନ ପ୍ୟାକେଟ୍ ଟା ଖୋଜିଲେ। "ଆରେ! ନୂଆ ପ୍ୟାକେଟ୍ ଟା କୋଉଠି ରଖିଲି। ପଅରଦିନ ତ ଆଣିଥିଲେ। ଧେତ୍, ପୋଡାମନ, ବୁଢୀ ହେଲିଣି ଆଉ କିଛି ମନେ ପଡୁନି" ନଇଁକି ଅଣ୍ଟାରେ ହାତ ଦେଇ ବି ଖୋଜିଲେ। ୩, ୪ ଟା ଡବା ଅଣ୍ଡାଳିଲା଼ ପରେ ବି ମିଳିଲାନି। "ଥାଉ, ପରେ ଖୋଜିବି। ହଇହୋ....ଶୁଭୁଛି? " ଶରତବାବୁ ସେମିତି ସୋଫା ଉପରେ ପଶାରି ହେଇ ଟି.ଭି. ଆଡକୁ ଅନେଇ କହିଲେ, "କ'ଣ ହେଲା଼? " "ହେଇ, ଦେଖମ। ବେସନ ପ୍ୟାକେଟ୍ ଟା ମିଳୁନି। ଯାଇକି ତଳୁ ଟିକେ ଆଣନ୍ତନି।" ତେଲେଇ ହେଇ କହିଲେ। ଶରତବାବୁଙ୍କ କ୍ରିକେଟ୍ ମ୍ୟାଚ୍ ଛାଡି ଜମ୍ମା ଯିବାକୁ ମନ ନାହିଁ। ପକୁଡି ଖାଇବା ଇଚ୍ଛା ଠୁ କୋହଲୀ ବ୍ୟାଟିଙ୍ଗ୍ ଟା ଛାଡି ଯିବା ଜମ୍ମା ଦରକାର ନୁହଁ ଭାବି କହିଲେ, "ହେଃ!

ଛାଡ, ମୁଢିରେ ପିଆଜ, ତେଲ ଆଉ ମିକ୍ସଚର୍ ଦି'ଟା ଗୋଳେଇ ଦିଅ । ଖାଲି ଗ୍ଲ'ଟା ଭଲକ କରିଦିଅ । କଏ ଆଉ ଯାଉଛି ତଳକୁ ।"

ଏକଥା ଶୁଣୁଶୁଣୁ ଫଁ କନା ଫିଡିକ ଗଲେ ନିର୍ମଳାଦେବୀ । "ଅଳସୁଆ ଲାଗୁଛି କି? ତଳକୁ ଯିବାକୁ ମନ ହଉନ । ଦିନସାରା ଖଟ ଆଉ ସୋଫାରେ ଗଡି ଗଡି ବି ତମ ଅଳସ ସରୁନ । ଆଉ ମୁଁ ଯେ ଦିନସାରା ଖଟୁଛି । ଉଠିଲା ବସିଲା ବେଳକୁ ଆଣ୍ଠୁ ଯେ କାଟୁଛି । ସେଇଥିରେ ଗ୍ଲ ପକୁଡି ଅର୍ଡର କରୁଛ ।" "ଓହୋଃ କ ପକୁଡି ଦି'ଟା କହିଲି ଯେ ଆଜି କେତେ କଥା କହୁଛ । ଆଉ ସେ ଡାକ୍ତର ତ କହୁଛି ଆଣ୍ଠୁ ଅପରେସନ୍ କରାଅ । ତମେ ହିଁ ରାଜି ହଉନ ।" ଚଡିକ କହିଲେ ଶରତ ବାବୁ । ମୁହଁଟା ମୋଡିକ କହିଲେ ନିର୍ମଳା ଦେବୀ, "ଯାଃ, ଅପରେସନ୍ । ହୁଃ, ଭାରି ସହଜ କଥା ତ, କାଟି ପକେଇବେ ଆଣ୍ଠୁକୁ କଏ ସେ ଅଛି ମୋର କରିବାକୁ । ସେଇ ମିଳୁ ପୁଣି ହଇରାଣ ହେବ । ସେଇମିତି ଗ୍ଲୁଛି ଗ୍ଲୁ । (ଅଭିମାନ କରି) ମୋର ତ ପୋଡା ଭାଗ୍ୟ । କୋଉ ୫ଟା ଗ୍ଲକରାଣୀ ଖଞ୍ଜି ଦେଇଛ କ? ଯେତେ ଦିନ ପାରିବି ଏମିତି ମରିପଡି କରୁଥିବି ।"

ଆଉ ଧୈର୍ଯ୍ୟ ରହିଲାନ ଶରତବାବୁଙ୍କ, ନା ପକୁଡି ମିଳୁଛି, ନା ଗ୍ଲ, ନା ଶାନ୍ତିରେ ମ୍ୟାଚ୍ ଟେ ଦେଖି ହଉଛି । ହାତ ଯୋଡି କହିଲେ, "ମୋର ଭୁଲ୍ ହେଇଛି, ପକୁଡି ଖାଇବାକୁ କହି ବଡ ଅପରାଧ କରିଛି । ମତେ କ୍ଷମା କର ।" କହି ରାଗିକ ଭିତର ରୁମ୍ କୁ ଯିବାବେଳେ ମୋବାଇଲ୍ ଟା ବାଜି ଉଠିଲା । ଦେଖୁ ଦେଖୁ ନମ୍ବରଟା ଟିକେ ହସିଦେଇ, "ଆରେ, ସଂଗ୍ରାମ୍, ବାପା କେମିତି ଅଛ? ଓଃ, ଆସୁଛ? ଭଲକଥା । (ଟିକେ ରହି) ହଁ, ହଁ, ଆମେ ଘରେ ଅଛୁ । ଆସ ଆସ । ଦେଖାହେବ ।" (ସଂଗ୍ରାମ ନା'ଟା ଶୁଣି ନିର୍ମଳାଦେବୀ ବି କାନେଇ କ ସେଇଠି ଠିଆ ହେଲେ) ଶରତବାବୁ କହିଲେ, "ଆରେ ଶୁଣ, ସଂଗ୍ରାମ ଆସୁଛନ୍ତି ଏବେ ଅଧଘଣ୍ଟା ପାଇଁ । କୋଉ ସାଙ୍ଗ ବଡ ମେଡିକାଲ୍ ରେ ପଡିଛି । ତା'କୁ ଦେଖା କରିବାକୁ ଆସିଥିଲେ । ବେଶୀ ସମୟ ରହିବେନ ।" ଜ୍ୱାଇଁଙ୍କ ଆସିବା ଖବର ଶୁଣି

ନିର୍ମଳାଦେବୀ ଚଞ୍ଚଳ ଚଞ୍ଚଳ ପାଦ ପକେଇଲେ । ଭୁବନେଶ୍ୱର, କଟକ କେତେ ବାଟ କି? ହେଲେ ପିଲାଙ୍କୁ ବେଳ କାହିଁ? ଜ୍ୱାଇଁ ତ ବ୍ୟସ୍ତ ଲୋକ । ଆଉ ଝିଅ ବି ବେଶୀ ଆସିପାରେନି । ଶାଶୁଘର ଆଉ ଛୁଆଙ୍କ ପାଠପଢା ଜଞ୍ଜାଳରେ ଆସି ପାରୁନି । ସେଇ ଖରାଛୁଟି, ଦଶହରା, ବାଲିଯାତ୍ରା । ଏମିତି କେଇଟା ଦିନ ଆସେ । ମନ ଭରି ଗପନ୍ତି । ସାଙ୍ଗ ମାନଙ୍କୁ ଦେଖାକରେ । ଆଉ ସେଇ କେତେଦିନ ଲୋକ ଯା ଆସ କରନ୍ତି । କେତେ ପ୍ରକାର ଗ୍ରେଷେଇ ହୁଏ । ଆଉ କେବେ କୋଉ ଭୋଜିଭାତ ଥିଲେ ସବୁ ଏକାଠି ଆସି ପଳେଇଯା'ନ୍ତି । ଏମିତି ଭାବୁ ଭାବୁ ଡ୍ରଇଁ ରୁମ୍ ର ଗ୍ଲରିଆଡକୁ ନଜରଟା ବୁଲେଇ ଦେଲେ । ସୋଫା ଉପର ତକିଆକୁ ଟିକେ ସଜାଡି ଦଉ ଦଉ କହିଲେ, "କ'ଣ ଖାଇବେ ଜ୍ୱାଇଁ, ଅଧଘଣ୍ଟା ପାଇଁ ପଛେ ହଉ, ଆସୁଛନ୍ତି ତ ।" ପୁଣି ମନେ ପଡିଲା, "ଧାଇଁଗଲ ହେ, ବେସନ ପ୍ୟାକେଟ୍ ଟା ଆଣିବ । ସେଇ ପକୁଡି କରିଦେବି । ଦିନର ମଟନ୍ ତରକାରୀ ଯୋଉ ବଳିଛି, ତା'କୁ ଟିକେ ଦେଇଦେବି ।" ଶରତବାବୁ ବି ତରତରରେ ସାର୍ଟଟା ଗଳେଇ ପକେଇ, ଷ୍ଟାଣ୍ଡରୁ ଚପଲଟା କାଢି ହଁ, ହଁ ଆଣୁଛି କହି ବାହାରିପଡିଲେ । "ହଉ ଶୁଣ, ଆଉ କ'ଣ ଦି'ଟା କଣି ଆଣିବି କି?" "ନା, ନା ଜ୍ୱାଇଁ ବେଶୀ ବାହାର ଜିନିଷ ଭଲ ପାଆନ୍ତିନି । ତମେ ଯାଅ ମ, ବେସନ ଆଣ, ମୁଁ ଯାଏ ଆଉ ଟିକେ ଆଳୁ ପିଆଜ କାଟିଦିଏ ।

କିଛି ସମୟ ପରେ ବେସନ ଆଣି ପହଞ୍ଚିଲା ପରେ ନିର୍ମଳା ଦେବୀ ତେଲେଇ କି କହିଲେ, ଶୁଣମ । ଆଉଗୋଟେ ଛୋଟ କାମ ।" ତାଙ୍କ ନେହୁରା ଦେଖି ଶରତବାବୁ ବୁଝିଗଲେ କି କିଛି ଗୋଟେ ମ୍ୟାଡମ୍ ପ୍ଲାନିଙ୍ଗ୍ ରେ । ଭାବୁଭାବୁ, ନିର୍ମଳା ଦେବୀ ତାଙ୍କ ହାତରେ ଷ୍ଟିଲ୍ ର ଗ୍ଲରିଥାକିଆ ଟିଫିନ୍ ଟା ଧରେଇ ଦେଲେ । "ଆରେ ଏ କ'ଣ?" "ସ୍କୁଟର୍ ଟା ଧରି ଟିକେ ବିଡାନାସୀ ଯାଏ ମାଡି ଯାଅ, ପୂର୍ଣ୍ଣ ଦହିବରା ଆଳୁଦମ୍ ଟିକେ ଆଣନ୍ତ କି, ମିଲୁ ପାଇଁ ପଠାନ୍ତି । ଭାରି ଖୁସି ହବ ।" ଏଁ..... କଥା ତା ହେଲେ ଏଇଠି । "ହଉ" କହି ଶରତବାବୁ ସ୍କୁଟର ଗ୍ଲବିଟା ଧରି ନିର୍ମଳାଙ୍କ ଆଡେ ଟିକେ ମୁରୁକି ହସି ତଳକୁ ଗଲାବେଳେ କହିଲେ "ମିଲୁ କ'ଣ ଏତେ ଦହିବରା ଆଳୁଦମ୍ ଖାଇବ?" "ଧେତ୍ କି କଥା, ମୋ ସମୁଦୀ

ସମୁଦୁଣୀ ଆଉ ନାତିନାତୁଣୀ ଙ୍କ ଦୋଷ କରିଛନ୍ତି ଯେ ଖାଇବେନ । ଙ୍କ କଥା ଯେ ତମର ।”
ନର୍ମଳା ଦେବୀଙ୍କ କଥା ଶୁଣି ଓଃ ହାଃ ହଃ, କହି ଶରତବାବୁ ବାହାରିଗଲେ । ଏପଟେ ଘରେ ସଂଗ୍ରାମ ଆସି ପହଞ୍ଚିଲେ, ନର୍ମଳାଦେବୀ ପକୁଡି ଛାଣି ଗରମ ଗରମ ଦେଲେ ଦି’ଜଣଙ୍କୁ । ଶରତବବୁ ମୁଚୁକୁନ୍ଦା ମାରି ଖାଇଲେ ପକୁଡି । ଅଦା ଛେଚ୍ଚ ଚ୍ଚ ବି ପିଇଲେ । ଟିଫିନ୍ ଟା ଆଣି ଜ୍ୱାଇଁ ଗଲ୍‌ବେଳେ ତାଙ୍କ ହାତରେ ଧରେଇ ନର୍ମଳାଦେବୀ କହିଲେ, “ବାପା, ଘର ପାଇଁ ଟିକେ ଦହିବର୍ ଆଳୁଦମ୍ ଦେଇଛି । ନେଇଯାଅ । ସଂଗ୍ରାମ ବି ମାଂର ସ୍ନେହ ବୁଝି ହସିଦେଇ ମୁଣ୍ଡିଆ ଟା ମାରି ଗଲ୍‌ପରେ, ଶରତବାବୁ ଖି ଖି କରି ଟିକେ ଚଡେଇ ଙ୍କ କହିଲେ, ବୁଝିଲ ନମି, ଆଜି ଭ୍ଗ୍ୟରେ ବଢିଆ ଚ୍ଚ ପକୁଡି ଥିଲ୍ ।” ନର୍ମଳା ଦେବୀ ହସିଙ୍କ କୁନ୍ଥେଇ କୁନ୍ଥେଇ ବାସନ ଉଠେଇ ଗଲ୍‌ବେଳେ କହିଲେ, “ହଉ ହେଲ୍, ଆସ ଏବେ ମୋ ଆଣ୍ଠୁରେ ଟିକେ ନାର୍ୟଣୀ ତେଲ ଲଗାଅ ।” ଶରତବାବୁ ବି ହସି ହସି ତେଲ ବୋତଲ ଠିପି ଖୋଲିଦେଲେ ।

ବି- ୬/ ୫୦୧, ସିଟି ହୋମ୍ସ୍,
ବାଟିକା ଇଣ୍ଡିଆ ନେକ୍ସଟ୍, ଗୁରୁଗ୍ରାମ, ହରିୟାଣା



# 'ମା' ଆସିବା ହେଲେଣି



ପ୍ରତିଭା ପ୍ରିୟଦର୍ଶିନୀ

ଭେଦୁଅ ଖରରେ ଶୁଖିଲାଣି ନଈପଠା
ଶୁଭଲଗ୍ନ ଦେଖି ମୂର୍ତ୍ତିପାଇଁ ହେଲା ମାଟିଉଠା
ଖରା ପିଠିଆ ହୋଇ ବସୁମତି ମା ହସିଲାଣି
ମହାମାୟା ଅମ୍ବା ଆସିବା ଆସିବା ହେଲେଣି...

ଶୈବଳନୀ ବକ୍ଷେ ଭରିଲାଣି ବୁଦାବୁଦା କାଶତଣ୍ତୀ
ସୁନେଲୀ ସିକତା ପରେ ଶୋଭେ ଶୁଭ୍ର ପୁଷ୍ପ କାଣ୍ଡି
ପବନରେ ପାର୍ବଣର ଝୁଣା ବାସ୍ନା ଭୁରୁ ବାସିଲାଣି
ଦେବୀ ଦଶଭୂଜା ଆସିବା ଆସିବା ହେଲେଣି...

ନଡା କୁଟା ବାନ୍ଧି ମୂର୍ତ୍ତିକାର ଗଢିଲାଣି ଛାଞ୍ଚ
ମେଢ, ସାଜସଜ୍ଜା ମଣ୍ଡି ଅପେକ୍ଷାରେ ମଞ୍ଚ
ମାଜିମୁଜି ଅଳଙ୍କାର ଭକ୍ତ ବାଟ ଗୃହିଁଲେଣି
ଦୁର୍ଗତୀ ନାଶିନୀ ଆସିବା ଆସିବା ହେଲେଣି।

ପୀଠ, ମଠ, ପୁରପଲ୍ଲୀ, ସହର, ସର୍ବତ୍ର
ଦଶ ଦିଶ ଲାଗେ ଏବେ ପବିତ୍ର ପବିତ୍ର
ବୁଝିବାକୁ ପୁତ୍ର ବ୍ୟଥା ମା'ମନ ଉଚ୍ଚାଟ ହେଲାଣି
ଜଗତଜନନୀ ଆସିବା ଆସିବା ହେଲେଣି ।

ଅଶିଣ ଆକାଶେ ଶ୍ୱେତ ବାଦଲଙ୍କ ମେଳା
ନୀଳ ପାରାବାରେ ଯେହ୍ନେ ପୋତ ଭେଳା ଭେଳା
ନିର୍ମଳ ପ୍ରକୃତି, ଲଳିତ କଣ୍ଠେ ଚଣ୍ଡୀପାଠ କରିଲାଣି
ଆଦିଶକ୍ତି ମହାଦେବୀ ଆସିବା ଆସିବା ହେଲେଣି ।

ଶକ୍ତି ନଗର, ଲିଙ୍କ୍ ରୋଡ୍, କଟକ

ଓଡିଶା ବାହାରେ ରହୁଥିବା ପ୍ରତ୍ୟେକ ଓଡିଆଙ୍କ ପାଖରେ ପହଞ୍ଚିବା ହେଉଛି ବେଦାନ୍ତୀର ଲକ୍ଷ୍ୟ ଆଉ ଏହି ଲକ୍ଷ୍ୟପଥରେ ଆଗେଇ ଯିବା ଦିଗରେ ଅନେକ ସାହାଯ୍ୟ କରୁଛନ୍ତି ବେଦାନ୍ତୀ ପାଇଁ ନିଜର ବହୁମୂଲ୍ୟ ସମୟଦେଇ ଲେଖା ପଠାଉଥିବା ଲେଖକ ଓ ଲେଖିକାମାନେ । ସେମାନଙ୍କ ସହଯୋଗପାଇଁ ବେଦାନ୍ତୀ ପରିବାର ତରଫରୁ ଅନେକ ଅନେକ ସାଧୁବାଦ

# ସମ୍ପର୍କର ଅନ୍ୱେଷଣ



ଭସ୍କର ଚନ୍ଦ୍ର ଖଣ୍ଡା

ହୃଦୟର କେଉଁ ଏକ ଅଜଣା ଗହୀରିରେ
ବାନ୍ଧି ଥାଏ ବସା ସିଏ
କେତେ ମନଲୋଭା
କେତେ ସୁନ୍ଦର ଅନାବିଳ
ଅନ୍ୱେଷଣରତ
ସତେ ଅବା କାହା ପ୍ରତୀକ୍ଷାରେ
ଶୁଣିବାକୁ ସ୍ନେହବୋଳା ପଦଟିଏ ।୧।

ପ୍ରତାରଣାର ଊର୍ଦ୍ଧରେ
ଆବେଗରେ ଭରା
କେତେବେଳେ ସହକର୍ମୀ
କେତେବେଳେ ବନ୍ଧୁ
ଅବା ସ୍ୱଜନଙ୍କ ଠାରୁ
କେମିତି ଅଛ ବୋଲି ?
ଶୁଣିବାକୁ ମୁଖ ନିଃସୃତ ପଦଟିଏ ।୨।

ସୁଖ ଆଉ ଦୁଃଖରେ ଯୋଡିଥିବା
ଅତୀତର ସ୍ମୃତି ଗୁଚ୍ଛା ଭିତରେ
ବର୍ତ୍ତମାନର ଶେଯପୋରେ
ବିନ୍ଦୁ ବିନ୍ଦୁ ମୂହୁର୍ତ୍ତର ସମାହାର

ଦିନ ଗ୍ରତି ମାସ ବର୍ଷ ନେଇ
ଦେଖେ ଯେବେ ନିଜ ପ୍ରତିବିମ୍ବ
ଦର୍ପଣକୁ ରଖି ଆଜି ସିଏ ।୩।

ଝଲସି ଉଠେ ତା'ର ଶିଶୁ ମନ
ମଝି ପୋଖରୀରେ ଫୁଟିଥିବା
ନାଲି କଇଁଫୁଲ ଟିକୁ ହାତ ପାତି
ତୋଳି ନେବା ପାଇଁ
ଗ୍ରବଣର ମୃତ୍ୟୁ ଶଯ୍ୟା ପରି
ବାନ୍ଧିଥାନ୍ତା ଯଦି ସେଇ ସରଗକୁ ସିଡି
ପଶ୍ଚାତାପ ନ କରନ୍ତା ସିଏ ।୪।

କେତେ ଗ୍ରଗ ଗ୍ରେଷ ଦେଇ
କ୍ଷଣସ୍ଥାୟୀ ସ୍ୱାର୍ଥ ଆଉ ସମ୍ମାନ ମୋହରେ
ଆସିଛି ଗ୍ରଲି ଆଜି
ଅନେକ ଦୂରକୁ
ସବୁ କଛି ଥାଇ ଆଜି ମନଟା ଖୋଜୁଛି
ଚରନ୍ତନ ସତ୍ୟ ସେଇ ଅନାବିଳ
ମଧୁ ଚନ୍ଦ୍ରିକାର ସମ୍ପର୍କକୁ ସିଏ ।୫।

ଭସ୍କର ଚନ୍ଦ୍ର ଖଣ୍ଡା
ଆଲ୍ହାବାଦ ବ୍ୟାଙ୍କ, ଯୋନାଲ ଅଫିସ ଭୁବନେଶ୍ୱର

# ବୋଉ



ଶଶଧର ମହାପାତ୍ର

ଆମବେଳେ ହାଇସ୍କୁଲ ଏକାଦଶ ଶ୍ରେଣୀ ପର୍ଯ୍ୟନ୍ତ ଥି   । ୧୯୭୦ ମସିହାରେ ମୁଁ ହାଇସ୍କୁଲ ପାଶ୍‌କରି କଲେଜ ଗଲି । ୧୯୭୨ ମସିହାରେ ମୁଁ କଲେଜରେ ଦ୍ୱିତୀୟ ବର୍ଷ ବିଜ୍ଞାନ ଛାତ୍ର । ସେତେବେଳେ ପ୍ରଥମ ବର୍ଷକୁ କହୁଥିଲେ ପ୍ରି- ପ୍ରଫେସନାଲ୍ ଓ ଦ୍ୱିତୀୟ ବର୍ଷକୁ କହୁଥିଲେ ପ୍ରଥମ ବର୍ଷ ବି.ଏସ୍.ସି । ଏବେ ଯାହାକୁ ପ୍ଲସ୍- ଟୁ ସାଇନ୍ସ୍ କହୁଛନ୍ତି । ସେତେବେଳେ ଆମର କଲେଜରେ ପ୍ରଥମ ଦି' ବର୍ଷ ୟୁନଭରସିଟି ପରୀକ୍ଷା ହେଉଥିଲା । ଉତ୍କଳ ୟୁନଭରସିଟି ପରୀକ୍ଷା କରେ । ଲଗାତର କେବଳ ପରୀକ୍ଷା, ପରୀକ୍ଷା, ପରୀକ୍ଷା । ପରୀକ୍ଷା ପ୍ରତି ଅଧିକାଂଶ ପିଲାଙ୍କ ଭଳ ମୋର ମଧ ବହୁତ ଘୃଣା ଥିଲା । ଅନ୍ୟ ସମୟରେ ସବୁ ଭଲ ଥିବ, ଯେବେ କୌଣସି ପରୀକ୍ଷା ହେବାକୁ ଥିବ ସେଦିନ ସକାଳୁ ସକାଳୁ ୩/ ୪ ଥର ଝାଡା ହେଇଯିବ । ବୋଧେ ଏସବୁ ନର୍ଭସ ହେବାର ଲକ୍ଷଣ । ତେଣୁ ହଷ୍ଟେଲରେ ଥିଲାବେଳେ ଗୋଟିଏ ବାଲ୍‌ଟିରେ ପାଣି ଭର୍ତ୍ତି ଥାଏ ଓ ସିଲ୍‌ଭର ନୋଟାଟିଏ ବାଲ୍‌ଟିରେ ଭାସୁଥାଏ । ମୁଁ ସେତେବେଳେ ଭାବେ ଏତେ ଝାଡା ଆସୁଛି କେଉଁଠି ? ଅନ୍ୟ ଦିନରେ ଏତେ ଝାଡାତ ହୁଏନ ! ମୋ' ରୁମରେ ରହୁଥିବା ସାଙ୍ଗମାନେ ଦେଖି ଆଶ୍ଚର୍ଯ୍ୟ ହେଇଯାଉଥିଲେ ।

ପ୍ରାକ୍‌ଟିକାଲ ପରୀକ୍ଷା ସରୁସରୁ ମେ' ମାସ ହେଇଯାଇଥାଏ । ମୋର ମଧ ବାୟୋଲଜି ଥିଲା । ବାହାରରୁ ଆସୁଥିବା ପରୀକ୍ଷକ ଠିକ୍ ସମୟରେ ନଆସିବାରୁ ପରୀକ୍ଷା ଘୁଞ୍ଚିଗଲା । ଆରମ୍ଭ ହେବାକୁ ଡେରି ହେଲା, ତେଣୁ ଡେରିରେ ସରିଲା । ପରୀକ୍ଷା ସରିଲାପରେ ସମସ୍ତେ ଖୁସିରେ ଯେଝାଯେଝା ଘରକୁ ଗଲେ । ପୁଣି ଅପେକ୍ଷା କେବେ ଫଳ ବାହାରିବ । ଫଳ କ'ଣ ହେବ ପ୍ରାୟ ଜଣାଥିଲେ ସୁଦ୍ଧା ତଥାପି ମନରେ ଟିକଏ ଆଶଙ୍କା ଥାଏ । କାଳେ କେଉଁଠି ଗଡବଡ ହେଇଯାଇଥିବକ ? ସେତେବେଳେ ପରୀକ୍ଷା ଫଳ ଆଜିକାଲିଭଳ

ଇଣ୍ଟରନେଟ୍‌ରେ ବାହାରୁ ନଥିଲା । ଇଣ୍ଟରନେଟ୍‌ର ଉଦ୍‌ଭାବନ ହେଇନଥି । ଖବର କାଗଜରେ ଫଳ ପ୍ରକାଶ ହେଉଥିଲା । ମୁଁ ଯେହେତୁ ଏକ ମଫସଲ ଗାଁରୁ ଆସିଥିଲି ତେଣୁ ଖବର କାଗଜଟିଏ ଗାଁରେ ମିଳିବା କଷ୍ଟକର । ପରୀକ୍ଷାଫଳ ଯେଉଁଦିନ ବାହାରେ ସେଦିନ ରେଡିଓରେ ଖବର ସଂଧ୍ୟା ନଉଜରେ ଜଣାଇ ଦିଆଯାଏ । ପରୀକ୍ଷା ଫଳ ବାହାରିବା ପାଖ ହେଇଆସିଲେ ମୁଁ ରେଡିଓ ନଉଜ୍ ଶୁଣେ । ମୋର ଯାହା ମନେ ପଡିଛି ସେହି ସମୟରେ ଗାଁରେ ମାତ୍ର ଦି' ଜଣଙ୍କ ଘରେ ରେଡିଓ ଥିଲା । ଟିଭି ନଥିଲା ସେତେବେଳେ ।

ଯେଉଁଦିନ ରେଡିଓରେ ଘୋଷଣାହେଲା ଫଳ ବାହାରିବା କଥା, ସେଦିନ ରାତିରେ ନିଦ ନହେବା ସ୍ୱାଭାବିକ କଥା । ଖବର କାଗଜଟିଏ ଦେଖିବାକୁ ତା' ପରଦିନ ସକାଳୁ ମଙ୍ଗଳପୁର ଯିବାକୁ ହେବ । ମଙ୍ଗଳପୁର ସେ' ସମୟରେ ଆମ ଗାଁର ନିକଟତ୍ତମ ବଜାର । ଛୋଟିଆ ବଜାରଟିଏ । ସପ୍ତାହରେ ସେଠି ଦି' ଥର ବୁଧବାର ଓ ରବିବାର ଦିନ ହାଟ ବସେ । ଛୋଟ ସରକାରୀ ଡାକ୍ତରଖାନାଟିଏ ବି ଅଛି । କାହିଁ କୁଆଡୁ ତଳଦିଗୁ ରୋଗୀ ଆସନ୍ତି, ତେଣୁ ଡାକ୍ତରଖାନାରେ ବହୁତ ଭିଡ ହୁଏ । ମୁଁ ମଧ କେତେଥର ଯାଇଛି । ବହୁତ ସମୟ ଅପେକ୍ଷା କରିବାକୁ ପଡେ । ଏମିତିକି ଜଣେ ଭଲ ଲୋକ ଗଲେ ଅପେକ୍ଷା କରି କରି ନିଜେ ବେମାରୀ ହେଇଯିବ । କଟକ, ଭୁବନେଶ୍ୱର ଆଡେ କେହି କେବେ ଗଲେ ସେଇଠୁ ବସ୍ ଧରିବାକୁ ପଡୁଥିଲା । ବସ୍ ସଂଖ୍ୟା ମଧ ସେତେ ନଥିଲା । ବସ୍ ଛାଡିଦେଇଥିଲେ ଅନେଇ ବସିଥା । ଅଣ୍ଟା ପିଠି ବିନ୍ଧିବ । ଆମ ଗାଁରୁ ପ୍ରାୟ ସାଢେ ଚାରି ମାଇଲ୍ ଦୂର ହେବ ମଙ୍ଗଳପୁର । ଚାଲି ଚାଲି ଯିବା କଥା । ଆଜିକାଲି ଭଳି ସେତେବେଳେ କାହାର ମଟର ବାଇକ୍ କି କାର୍ ନଥିଲା । ଏବେ ଅନ୍ତତଃ ପ୍ରତ୍ୟେକଙ୍କ ଘରେ ବାଇକଟିଏ ଦେଖିବାକୁ ମିଳିବ, ଏମିତିକି ହରିଜନ ସାହିରେ । ଏ' କଥା ମୋ' ଜୀବନ କାଳ ଭିତରେ ଘଟିବ ବୋଲି ମୋର ବିଶ୍ୱାସ ନଥିଲା । କଛି ଘରେ ଆଜିକାଲି କାର୍ ମଧ ରଖିଲେଣି ଆମ ଘରକୁ ଲଗେଇ । ଏତେ ବାଟ ଚାଲିକି ଯିବା କଥା ଭାବିଲେ ସେତେବେଳେ ଦେହରୁ ଅଧା ରକ୍ତ ଶୁଖି ଯାଉଥି । ଫଳ କ'ଣ ହେଇଥିବ ପୁଣି ସେକଥା ଅଲଗା । ମନରେ ତ ଉତ୍କଣ୍ଠା ବହୁତ । ନଯାଇ ବି ରହି ହେବନି । ନଶୁଣିଲାଯାଏ କେଉଁଥିରେ ମନ ଲାଗିବନି ।

ସକାଳୁ ଦି'ଟା କଛି ୟାଡୁସ୍ୟାଡୁ ଖାଇଦେଇ ଏକୁଟିଆ ବାହାରି ପଡିଲି ମଙ୍ଗଳପୁର ଅଭିମୁଖେ । ମଙ୍ଗଳପୁରରେ ପହଞ୍ଚିଲା ବେଳକୁ ପ୍ରାୟ ଦିନ ଦଶଟା ବାଜି ଗଲାଣି । ବସ୍

ଗୁଡିକ "ଇନ୍ଦ୍ରମଣି' ଜଳଖିଆ/ ମିଠା ଦୋକାନ ସାମ୍ନାରୁ ବାହାରେ ଓ ସେଇଠି ଆସି ପହଞ୍ଚେ। ଇନ୍ଦ୍ରମଣି ଦୋକାନ ହେଉଛି ଇନ୍‌ଫର୍ମେସନ ସେଣ୍ଟର । ଦୋକାନରେ ପହଞ୍ଚିଲା ପରେ ଖବର ମିଳଲା ଯେ କଏ ଜଣେ ଭଦ୍ର ବ୍ୟକ୍ତି ଖବର କାଗଜଟି ଆଣିଥିଲେ ଭୁବନେଶ୍ୱରରୁ । ଏ' ଦୋକାନରେ କଲେଜ ପିଲାମାନେ ସବୁ ଭିଡକରି ଦେଖୁଥିଲେ । ସେ' ବ୍ୟକ୍ତି ଜଣକ ଖବର କାଗଜଟି ନେଇ ତାଙ୍କ ଘରକୁ ଦଶ ମିନଟ୍ ହେବ ଚାଲି ଗଲେଣି, ପିଲାମାନେ ବି ସେତେବେଳକୁ ଯେଝାଯେଝା ଘରକୁ ଚାଲିଗଲେଣି । ଶୁଣି ମନଟା ବଡ ଦୁଃଖ ହେଲା । ନିଜକୁ ଦୋଷ ଦେଲି । କାରଣ ମୁଁ ଦଶ ମିନଟ୍ ଆଗରୁ ପହଞ୍ଚିଥିଲେ ଦେଖି ପାରିଥାନ୍ତି । ଗାଁ ତ ପାଖରେ ହେଇନ ଘରକୁ ଫେରିଯାଇ ପୁଣି ଆସିହେବ । ତେଣୁ ଆପେକ୍ଷା କରିବାକୁ ସ୍ଥିର କଲି । ବାରଟା ବେଳେ ଆସିଲା ବସ୍‌ଟିଏ । ବସ୍‌ଟି ପହଞ୍ଚିଲା ମାତ୍ରେ ଦୌଡିଗଲି ଦ୍ୱାର ପାଖକୁ । ସେଥିରେ କେହି ଖବର କାଗଜଟିଏ ଆଣିବାର ଦେଖିଲି ନାହିଁ । ପୁଣି ଅପେକ୍ଷାର ସୀମା ବଢିଗଲା । ବାହାରେ ଟିକଏ ଚାଲୁଥାଏ, ପୁଣି ଆସି ସେ' ଦୋକାନରେ ବସିପଡୁଥାଏ। ମନଟି ଚଞ୍ଚଳ ଥାଏ । ଦେହଟି ଜରୁଆ ଜରୁଆ ଲାଗୁଥାଏ । ଘରୁ ଯାହା ଖାଇକ ଆସିଥିଲି । ଆଉ ପାଣି ଟୋପେ ବି ପିଇ ନଥାଏ । ସମୟ ସେତେବେଳକୁ ପ୍ରାୟ ସାଢେ ଗୁରି ହେବ । ଆଉ ଗୋଟିଏ ବସରେ ଜଣେ ଭଦ୍ରବ୍ୟକ୍ତି ଖବର କାଗଜଟିଏ ଧରି ବସ୍ ଭିତରୁ ଓହ୍ଲାଇବାର ଦେଖିଲି । ମନଟା ଖୁସି ଲାଗିଲା । ଯାହାହେଉ ଆଉ ଅପକ୍ଷା କରିବାକୁ ପଡିବନାହିଁ । ଦୌଡିଦୌଡି ଯାଇ ତାଙ୍କୁ ଖବର କାଗଜଟି ଦେଖିବାକୁ ଅନୁରୋଧ କରିବାରୁ ସେ' ମୋ' ଆଡକୁ ବଢେଇଦେଲେ । ତରତରରେ ଆଖି ବୁଲାଇଦେଲି । ପ୍ରଥମ ଶ୍ରେଣୀରେ ପାଶ୍ କରିଥିବା ପିଲାଙ୍କ ନାଁ ଲିଷ୍ଟରେ ମୋ ନାଁଟି ଉପର ଆଡୁ କଛି ଛାଡି ଅଛି । ସେ' ବର୍ଷ ପ୍ରାୟ ଦି' ଶହ ପଚଶ୍ ପିଲା ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେଇଥିଲେ । ମନଟି ଖୁସି ଲାଗିଲା । ସେ' ମଧ ଶୁଣି ଖୁସି ହେଲେ । ସେ' ଭଦ୍ର ବ୍ୟକ୍ତିଙ୍କୁ ଧନ୍ୟବାଦ ଜଣାଇ ଗାଁକୁ ଫେରିଲି ।

ଘରେ ପହଞ୍ଚିଲା ବେଳକୁ ସଂଧ୍ୟା ବେଳ । ଦେହରେ ଭୀଷଣ ତାତି । ଗୋଟିଏ ଗୁଦର ଘୋଡେଇପୋଡେଇ ହେଇ ଶୋଇପଡିଲି । ମୋର ଚେତା ନଥାଏ । ରାତିରେ ଦେଖିଲି କାହାର ଦିଓଟି ସରୁସରୁ ହାତ ମୋ' ଗୋଡ, ହାତ ଓ ପିଠିରେ ତେଲମାରି ଘସୁଛି । ହଠାତ୍ ନିଦ ମୋ'ର ଭାଙ୍ଗିଗଲା । କଏ ହେଇପାରେ ବୋଲି ଜାଣିବାରେ ଡେରି ନଥିଲା । ପାଖରେ ଛୋଟ ଡିବିରି ବତୀଟିଏ ମିଞ୍ଜିମିଞ୍ଜି ହୋଇ ଜଳୁଥାଏ । ଗୋଟିଏ ଛୋଟ ସିଲ୍‌ଭର

ଗିନାରେ ସୋରିସ ତେଲରେ ରସୁଣ ଫୁଟେଇ ଆଣିଥାଏ ବୋଉ । କରୁଣାମୟୀ, ମମତାମୟୀ ମା' ଟିଏ । କେତେ ନରମ ନରମ ସେ' ହାତ ଦିଓଟି । କି ଦିବ୍ୟ ଅନୁଭବ । କେତେ ଆରାମ ! କହିଚାଲିଥାଏ - "ସକାଳୁ କ'ଣ ଦି'ଟା ଖାଇକି ଏତେ ବାଟ ଯାଇଥିଲୁ । ଏତେ ରାତି ହେଲାଣି । କେତେ ଭୋକ ହେବଣି ! ଖାଇବୁ ଚାଲ୍ " । ସିଏ ମଧ୍ୟ ସେ' ପର୍ଯ୍ୟନ୍ତ କିଛି ଖାଇ ନଥିଲା । ମୁଁ ଅନୁଭବ କରୁଥିଲି ସୀମାହୀନ ଭଲପାଇବା ତା' କଥାରେ, ତା କାମରେ ଓ ତା' ସ୍ପର୍ଶରେ ! ଏତେ ପୁଣି ଭଲ ପାଇବା ! ଆଖିରୁ ସରୁ ସରୁ ବହୁଥିବା ଦି'ଧାର ଲୁହକୁ ଛପେଇ ଘୋଡେଇ ହେଇଥିବା ଚାଦରରେ ପୋଛି ଦେଉଥିଲି ଯେମିତି ବୋଉ ଦେଖି ପାରିବନି ବୋଲି । ମୁହଁ କାଢି ଦେଲି । ମା'ମାନେ କିନ୍ତୁ ଭାରି ଚାଲାକ । ସେମାନେ ଠିକ୍ ଦେଖି ପାରନ୍ତି, ଶୁଣି ପାରନ୍ତି ଓ ବୁଝିପାରନ୍ତି ପିଲାମାନଙ୍କ ମନ । କହିଲା - "ଏଯାଏ ନଖାଇ ନପିଇ ତୋ' ମୁହଁଟି ଏକଦମ୍ ଶୁଖି ଯାଇଛି । ସକାଳୁ କ'ଣ ଦି'ଟା ଖାଇକି ଯାଇଥିଲୁ" । ମୁଁ ସେତେବେଳେ ଭାବୁଥିଲି ଯାହା କୁହନ୍ତି - "ଭଗବାନ ସମସ୍ତଙ୍କ ପାଖରେ ସବୁ ସମୟରେ ପହଞ୍ଚି ପାରିବେନି ବୋଲି ମା'ମାନଙ୍କୁ ସୃଷ୍ଟି କରିଛନ୍ତି" । କେତେ ଯଥାର୍ଥ ଏ'କଥା । ଠାକୁରଙ୍କୁ ମନେମନେ ପ୍ରାର୍ଥନା କରୁଥିଲି ହେ ପ୍ରଭୁ ! ଯଦି ମୋତେ ମଣିଷ ଜନ୍ମ କେବେ ଦେବାକୁ ଚାହଁ, ତେବେ ଜନ୍ମେଜନ୍ମେ କେବଳ ଏହି ମା' କୋଳେ ମୋତେ ଜନ୍ମ ଦେଉଥାଅ । କାଳେ କେତେବେଳେ ସୁଯୋଗ ପାଇଯିବି ତା' ଋଣରୁ କିଛି ଅଂଶ ଶୁଝିପାରିବି ବୋଲି । ବୋଉକୁ କହିଲି ମୁଁ ଉଠିପାରିବିନି କି ଖାଇବିନି ବୋଲି । କିନ୍ତୁ, ମା' ମନ । ସେ' କେମିତି ଖାଇ ପାରିବ ତା' ପିଲା ଉପାସ ଭୋକରେ ଶୋଇଥିଲାବେଳେ ? ତାର ସେହି କୁନକୁନ ହାତରେ ମୋ' ହାତଧରି ଟାଣିଟାଣି ଉଠାଉଥି ବୋଉ ।

( ଏ' ଏକ ବାସ୍ତବ ଘଟଣା ଉପରେ ଆଧାରିତ)

ହିଡେନ୍ ଭାଲି ଲେନ୍, ସିଲଭର୍ ସ୍ପ୍ରିଙ୍ଗ୍
ମେରୀଲ୍ୟାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା

ଆପଣମାନେ ଲେଖିଥିବା କୌଣସି ପୁସ୍ତକ ଯଦି ବେଦାନ୍ତୀ ମାଧ୍ୟମରେ ପାଠକଙ୍କୁ ଜଣାଇବାକୁ ଚାହୁଁଛନ୍ତି ତେବେ ଆମକୁ ସଂପର୍କ କରନ୍ତୁ ।

# ଅବସାନ



ସାଗରିକା ମହାନ୍ତି

ମୁଁ କଣ ସତରେ ଆଜିବି ବଞ୍ଚିଛି !
ଅବା ନିସଙ୍ଗତାର କୁହେଳି ଭିତରେ ନିଜ ଜରାୟୁର ସୀମାନ୍ତକୁ ଆଜି ଯାଏ ଖୋଜୁଛି ।
ନିଶବ୍ଦ ଭାଷାର ବିନିମୟରେ ଜୀବନକୁ ତର୍ଜମା କରୁଥିବା କିଛି ସ୍ୱାବଲମ୍ବୀ ଦେହଧାରୀ
ଭିତରୁ ମୁଁ ବି ତ ଜଣେ !
ଅଥଚ ମୁଠାଏ ଉଲ୍କା କୁ  ନେଇ ଆକାଶରେ ଉଡ଼ିଗଲି ବେଳେ,
ଆଜି ଯାଏ ଛୁଇଁ ପାରିନି ମୁଁ, ସେ ଅସ୍ତବ୍ୟସ୍ତ ହେଇ ଭାସି ଯାଉଥିବା ମେଘ ମଲ୍ହାରକୁ ।

ମୁଁ ଜାଣେ ଆଉ ତୁମେ ବି,
ଅନାୟସରେ ଝରିପଡୁଥିବା ଏ ଲୁହ ଦି ଟୋପାକୁ କେହି କଣ କେବେ ବାନ୍ଧି ରଖି ପାରେ !
ତୁମେ ତୃଷାର୍ତ୍ତ ଥିଲ, ସେମାନେ ନିବନ୍ଧିତ ହେଲେ ।
ତୁମେ ଅଭିଯୋଗ କଲ, ଆଉ ସେମାନେ ନିର୍ଦ୍ଦୋଷରେ ଖଲାସ ହେଲେ ।
ଏ ହାର ଜିତର ମୋକଦ୍ଦମା ଭିତରେ କିନ୍ତୁ ଛିଡିଗଲି  ମୋ ଆତ୍ମୀୟତାର  ସେ  ଜରା ଜୀର୍ଣ୍ଣ
ଶିକୁଳି ଟା ।
ଅବସାନ ହେଲା ଏକ ଘମାଘୋଟ ମହାଯୁଦ୍ଧର ।

ସମୟର ବାହୁନା ବାହୁନି ଭିତରେ ସେଦିନ ବି ମୋ ପ୍ରଶ୍ନ ଥିଲା ଚନ୍ଦ୍ର ପରି ଶୀତଳ, ହେଲେ
ତୁମ ଉତ୍ତରରୁ ଆଜି ବି ଉକୁଟୁଛି ମଶାଣୀର ଗନ୍ଧ  ।

ମନେ ପକେଇ କହିଲ ଦେଖି !
" ସେଦିନ ଆମ ଗାଁ ମୁଣ୍ଡ କଂକ୍ରିଟ ରାସ୍ତା ଉପରେ ଲିଭି ଯାଇଥିବା ସେ ଲେଉଟା ପାଦଚିହ୍ନଟା
ତୁମର ଥିଲା ନା ମୋର ?  "

ନବୀ ମୁମ୍ବାଇ, ମହାରାଷ୍ଟ୍ର

# ଆଶ୍ୱାସନାର ଶୁଭ ଜହ୍ନ ରାତିଟିଏ



ରୀତା ଅପରାଜିତା ମହାନ୍ତି

ଗୋଟେ ସ୍ୱପ୍ନ ପଖଳା ଜହ୍ନ ରାତିରେ
ମୁଁ ଭାବିଲି ଲେଖିବି ତୁମ ପାଇଁ କବିତା
ହେଲେ ତୁମ ପାଇଁ ଲେଖି ବସିଲେ
କଥା ତ ଅନେକ କୋଉଠୁ ଆରମ୍ଭ ବା
କେଉଁଠି କରିବି ଶେଷ ଜାଣି ପାରିଲିନ
ଆମ ଭଲପାଇବାର ବ୍ୟାକରଣକୁ
କ'ଣ କବିତାରେ ଲେଖି ହେବ !!
ଆମ ପ୍ରେମ ଦୁନିଆରେ ସବୁଠୁ ନିଆରା
ତୁମ ଗାଁରୁ ଆମ ଗାଁ ଯାଏଁ
କେତେ ଲମ୍ବା ଇତିହାସ....
ଆଜିକାଲି ସ୍ନେହ ପ୍ରେମ ନିତି ମୃତ୍ୟୁବରଣ କଲାଣି
ଆମ ପ୍ରେମ ପାଇଁ ଆମେ ରିତିମତ ରଣ କରୁଥିଲୁ
ଅନେକ ଅବସୋସ ଆଶଙ୍କା ଭିତରେ
ତମେ ମୋ ସ୍ୱପ୍ନ ସମ୍ଭାବନାର ଛବିଟିଏ ଥିଲ...
ତମ କଥା ମୋ କଥା ଲେଖି ବସିଲେ
ଡାଇରୀର ପୃଷ୍ଠା ସରିଯିବ, ସରିବନି କବିତା ଲେଖା.....

ବୟସ ଏମିତି ବିତୁଥାଉ..

ସମୟର ଚକ୍ର କେହି କେବେ ରୋକ ପାରିନ

ହେଲେ ତମେ ମୋ ଆଶ୍ୱାସନାର

ଶୁଦ୍ଧ ଜହ୍ନ ରାତିଟିଏ ହେଇ ରହିଥବ..

ଆଜି... କାଲି...

ଆହୁରି ଅନେକ ଦିନ..........

ମୁଖ୍ୟ ସମ୍ପାଦିକା
ପୁଣ୍ୟତୋୟା ଜାହ୍ନବୀ ସାହିତ୍ୟ ସଂସଦ
ଆମ୍ରପଲ୍ଲୀ, ଶୈଳଶ୍ରୀ ବିହାର, ଭୁବନେଶ୍ୱର



# ଶୀତଳ ସ୍ନେହ



ସୁଲୋଚନା ପଟ୍ଟନାୟକ

ସୂଚନାକୁ ଘରେ ସୁନା ବୋଲି ଡାକନ୍ତି । ବାପା ଗେହ୍ଲାରେ କହନ୍ତି, "ସୁନା ତ ଆମର ସୁନା କଣ୍ଢେଇଟିଏ" । ସମସ୍ତଙ୍କର ସିଏ ଗେହ୍ଲା ଝିଅ । ବୋଉ କେବଳ ଜଣେ ଲୋକ ଯିଏ ତାକୁ ସବୁବେଳେ ଆକଟ କରେ । ସୂଚନାକୁ ଆଦୌ ଭଲ ଲାଗେନା । କିନ୍ତୁ ମୁହଁ ଖୋଲି ଜବାବ ଦେବାକୁ ଜିଭ ଓଲଟାଇ ପାରେନା । ସବୁବେଳେ ଜିଭ କାମୁଡି ପଡି ରହେ । ରାଗ ରୁଷାକୁ ମିଛ ହସରେ ବଦଳାଇବା ଭାରି କଷ୍ଟକର ହୁଏ । ବୋଉର କିନ୍ତୁ ସେଇ ଗୋଟିଏ କଥା, "ଝିଅ ଜନ୍ମ ପାଇଛ ମାନେ ସବୁବେଳେ ସହିବା ଦରକାର । କଥା କହିଲେ ଯଦି କଥା କଟାକଟି ପର୍ଯ୍ୟନ୍ତ ଯାଉଛି, ଚୁପ୍ ରହିବାଟା ଶ୍ରେୟସ୍କର ହେବ" । ସୂଚନାକୁ ସେସବୁ ପସନ୍ଦ ନୁହେଁ । ତା'ମତରେ, "ସହିବାର ଗୋଟାଏ ସୀମା ରହିବା ଦରକାର । ତା ଛଡା, ନିଜ ଗୋଡରେ ଠିଆ ହୋଇ ନିଜ ପାଇଁ କଥା କହିବାର ଆବଶ୍ୟକତା ନିଶ୍ଚୟ ରହିବା ଦରକାର"। ବୋଉ ଛଡା ଘରେ ଏ ଭିତରେ ତାକୁ ଆକଟ କରିବାକୁ ଆଉ ଜଣେ ବି ବଡ ହୋଇ ଗଲାଣି । ବାବୁନ ତାର ସାନ ଭାଇ, ତା'ଠାରୁ ମାତ୍ର ଦୁଇ ବର୍ଷ ସାନ । ଆଷ୍ଟମ ଶ୍ରେଣୀରେ ପଢିଲାଣି । ପାଟିରୁ ବଚନ ବାହାରୁ ନଥିବା ପିଲାର ବି ଆଜିକାଲି ପାଟି ବଡ ହୋଇଗଲାଣି । "ଅପା ଏଠିକୁ ଗଲୁ କାହିଁକି ? ବୋଉକୁ କହିକି ଯାଇଛୁ ନା ନାହିଁ ? ମୁଁ ନିଶ୍ଚୟ ତତେ ବଜାରରେ ଦେଖିଥିଲି । ତୁ ମତେ ଦେଖି, ମୁହଁ ବୁଲାଇ ଦେଇ ଚାଲିଗଲୁ । ଏମିତି ଅନେକ ପ୍ରଶ୍ନର ବାଣ ଅଜାଡି ହୋଇ ପଡେ ତା ଉପରେ । ପନ୍ଦର ବର୍ଷର ସୂଚନା ଏ ସବୁ ସହି ପାରୁନି । ବିପ୍ଲବର ପୂର୍ବାଭାଷ ପରି ମନ ତାର ବିଦ୍ରୋହ କରୁଛି । ଝଡର ଆଶଙ୍କା ମନକୁ ଖାଇ ଯାଉଛି । ସୂଚନା ଯେ କିଛି ଭୁଲ କରୁଛି ତା ନୁହେଁ । କିଛି ଲୁଚାଉଛି ତା ବି ନୁହେଁ । କିନ୍ତୁ କଥା ତ ନିଶ୍ଚୟ ଦିନେ ଜଣା ପଡିବ । କଥା ହେଲା ସୂଚନା ଭଲ

ପାଉଛି । ପୁଣି ଭଲତ ପାଉଛି, ତା ପୁଣି ପାଖ ପଡିଶାଙ୍କ ପୁଅ ଅସୀମକୁ । ବୋଉ ଜାଣିଲେ ଆକାଶ ଛିଣ୍ଡି ପଡିବ । ବାପା ଜାଣିଲେ କହିବେ "ସୁନା ପାଗଳୀ ହୋଇ ଯାଇଛି । ଏଇ ସବୁ କାରଣ ନେଇ ସିଏ ଚୁପ୍ ହୋଇ ରହିଛି । ଅସୀମକୁ ଦେଖା କରିବାକୁ ଯିବାକୁ ବେଳେ ଅଧେ ତାକୁ ମିଛର ଆଶ୍ରା ମଧ୍ୟ ନେବାକୁ ପଡିଛି । ସେଦିନ ସ୍କୁଲ ପରେ ସାଙ୍ଗ ଅତସୀ ଘରକୁ ଯିବ ବୋଲି ସିଏ ଆଗରୁ ବୋଉକୁ କହି ରଖିଥିଲା । ଅତସୀ ଘରେ ପାଞ୍ଚ ମିନଟ୍ କଟାଇ ସେଠୁ ଅସୀମ ସହ ଦେଖା କରିବାକୁ ସିଏ ପାଖ ମଲକୁ ଚାଲି ଯାଇଥିଲା । ମଲରେ ଏକାନ୍ତରେ ଦୁହେଁ ଏକାଠି ବସି ଗପ ସପ କରି ଘରକୁ ଫେରିଯିବାର ଯୋଜନା ଥିଲା । ସ୍କୁଲରୁ ଦୁହେଁ ଆସିଥାନ୍ତି । ପ୍ରବଳ ଭୋକ । ମଲର ଉପର ସ୍ତରରେ ଥିବା ଫୁଡ୍ କୋର୍ଟକୁ ଯାଇ କଛି ଖାଇବାକୁ ଆଣିବାକୁ ସେମାନେ ସ୍ଥିର କଲେ । ପଇସା କେତେ ଅଛି ଖୋଜି ଦେଖିଲା ବେଳକୁ ଦୁହିଁଙ୍କ ପାଖରୁ ସମୁଦାୟ ଚାରି ଡଲାର ବାହାରିଲା । ଅସୀମକୁ ଖରାପ ଲାଗିଲା ଯେ ତା ପାଖେ ମାତ୍ର ଗୋଟିଏ ଡଲାର ଅଛି । ସୂଚନା ସପ୍ତାହର ଲଞ୍ଚ ପଇସାରୁ ବଳଥିବା ଖୁଚୁରାରୁ ତିନ ଡଲାର ରଖିଥାଏ । ଏତେ କମ ପଇସାରେ କେବଳ ମାକଡୋନାଲ୍ଡରେ ଖାଇହେବ ଏବଂ ଡଲାର ମେନୁରୁ ଆଳୁଭଜା ଆଉ ଗୋଟିଏ ବର୍ଗର କଣି ହୋଇ ପାରିବ । ଯାହାହେଉ ସେଇଥିରେ ଚଳାଇନେବାକୁ ଏବଂ ଦୁହେଁ ଭାଗ କରି ଖାଇବାକୁ ସ୍ଥିର କଲେ । ଅସୀମ ସହିତ ଏକାଠି ବସି ଖାଇବାର ମଜା ଘରେ ବସି ଟି.ଭି ଆଗରେ ବୋଉ ହାତ ତିଆରି ଗରମ ଗରମ ପକୋଡାରେ ବି ନଥାଏ । ଯେତେ ଭଲ ଲାଗିଲେ ବି ମନଟା କନ୍ତୁ କେମିତି ଗୁଇଁ ଗୁଇଁଆ ଲାଗୁଥାଏ । କାଳେ କଏ ଦେଖିଦେବ ସେ ଚନ୍ତା ଆସିଯାଉଥାଏ ମନକୁ । ପୁଣି ଘରକୁ ଡେରିରେ ଫେରିଲେ କୈଫୟତ ଦେବାକୁ ପଡିବ । ସେଥିରେ ମିଛ କହିଲେ ଅନେକ ମିଛର ଆଶ୍ରା ନେବାକୁ ପଡିବ । ମନରେ ରାଗ ଆସିଲା ସୂଚନାର । କାହିଁକି ସିଏ ବୋଉକୁ ଅସୀମକୁ ଭଲ ପାଇବା କଥା କହି ପାରୁନ ? କାହାକୁ ସିଏ ଡରୁଛି? ଅସୀମ ତାର ସାଙ୍ଗ । ଦୁଇ ବର୍ଷ ତାଠାରୁ ବଡ । ଏ ବର୍ଷ ହାଇ ସ୍କୁଲ ପାସ କରି କଲେଜକୁ ଯିବ । ଭଲ ପଢେ । ଭଲ ଭଲ ଆଇ ଭି ଲିଗ କଲେଜରୁ ଆଡମିସନ୍ର ପ୍ରତିଶ୍ରୁତି ମଧ୍ୟ ଆସିଗଲାଣି । କୌଣସି ଖରାପ ଗୁଣ ନାହିଁ । ଆଜି ସ୍ଥିର କଲା

ସିଏ ନିଶ୍ଚୟ ବୋଉକୁ ତାର ମନର କଥା କହିବ । କାଗଜ ପ୍ୟାକେଟରୁ ଦୁଇଟା ଆଳୁ ଭଜା ନେଇ ଅସୀମକୁ ବଢାଇଲା, ନିଜେ ଦୁଇଟା ନେଇ ପାଟିରେ ପୂରାଇଲା । କଥା କହୁ କହୁ ପୁଣି ଦୁଇଟା ଆଣି ଅସୀମକୁ ବଢାଉ ବଢାଉ କଣ ଯେ ଘଟିଗଲା ସିଏ ଆଉ ଜାଣିନି । ହାତରୁ ପ୍ୟାକେଟଟା କୁଆଡେ ଛିଡିକି ପଡିଲା ତା ଜାଣିବାକୁ ସମୟ ମିଳିନି କାହାକୁ । ସବୁକିଛି ବଦଳିଗଲା ସେଇ ମୁହୂର୍ତ୍ତରେ ।

ଆଗକୁ ଅନାଇ ଦେଖିଲା ମଲ ଯାକର ଲୋକ ଯେମିତି ଛିନ୍ନ ଛତର ହୋଇ ଦଉଡୁଛନ୍ତି । କିଏ କାହାକୁ କୁଦି ଚକଟି ଉପରେ ଚଢି ଆଗକୁ ମାଡି ଯାଉଛନ୍ତି । କଅଣ ହେଉଛି ଉଠି ଜାଣିବାକୁ ସିଏ ଉଠି ଠିଆ ହେଲା, କିନ୍ତୁ ପାରିଲା ନାହିଁ । କିଛି ଜାଣିବା ପୂର୍ବରୁ ସିଏ ତଳକୁ ପଡିଗଲା । ମୁହୂର୍ତ୍ତକ ମଧ୍ୟରେ ଚଳ ଚଞ୍ଚଳ ମଲ୍‌ଟି ମଶାଣୀରେ ପରିଣତ ହୋଇଗଲା ।

ସୂଚନା ଆଖି ଖୋଲିଲା । ରୁମ୍‌ଟି ଅଜଣା ମନେ ହେଲା । କେଉଁଠି ଅଛି ବୋଲି ଚାରିଆଡକୁ ଅନାଇଲା । ହାତ ଗୋଡ ହଲାଇବାର ଶକ୍ତି ନଥିଲା । ହାତର କଚଟି ପାଖରେ ଆଇ ଭି ନଳୀ ଲାଗିଛି । ଏପରିକି ନାକରେ ମଧ୍ୟ ନଳୀ ଲାଗିଛି । କଣ ହେଲା, କେଉଁଠି ଅଛି, କାହିଁକି କପରି ସେଠିକୁ ଆସିଛି, କିଛି ମନେ ପଡିଲାନି । ଆଖି ଖୋଲିବାର କ୍ଷଣକ ବାଦେ ବୋଉର ନର୍ସକୁ ଡାକିବାର ସିଏ ଶୁଣି ପାରିଲା ଆଉ ନର୍ସ ଆସି ତାକୁ ପରୀକ୍ଷା ନିରୀକ୍ଷା କରିବାକୁ ଲାଗିଲା । ନର୍ସକୁ ଦେଖି ଲାଗିଲା ଯେମିତି ନର୍ସଟି ଖୁସି ଜଣା ପଡୁଛି । ବୋଉର ହାତ ତା ମୁଣ୍ଡ ଉପରେ ବୁଲି ଯାଉଥାଏ । ବୋଉ କହିଲା, "ସୁଚ ଆସ୍ତେ, ହାତରେ ଆଇ ଭି ଲାଗିଛି" । ବୋଉ ଆଉ କିଛି କହିବା ପୂର୍ବରୁ ସୂଚନା ବୋଉକୁ ଅନାଇ ପଚାରିଲା, ଆଇ ଭି.? ମୁଁ କେଉଁଠି ଅଛି, କେମିତି.." ବୋଉ କହିଲା, 'ମାଆ ରେ, ତୁ ଏଠି ଡାକ୍ତରଖାନାରେ ଅଛୁ । ବ୍ୟସ୍ତ ହୁଅନା । ସବୁ ଭଲ ହୋଇଯିବ । ଆମେ ଖୁବ ଶୀଘ୍ର ଘରକୁ ଫେରିବା' । ସୂଚନା ବୋଉଠାରୁ କଥା ଛଡାଇ ନେଇ କହିଲା, "ବୋଉ, ମୋର କଣ ହୋଇଛି ଆଗ କହ । ମୁଁ ଏଠିକୁ ଆସିଲି କେମିତି ? କଅଣ ହେଲା ? ମୁଁ ତ ମଲକୁ ଯାଇଥିଲି । ମୁଁ ଜାଣେ ତୁ ରାଗିବୁ । ମୁଁ ତତେ ଅତସୀ ଘରକୁ ଯିବି ବୋଲି କହିଥିଲି । ଆମେ ସେଠୁ

ମଲକୁ ଖାଇବାକୁ ଗ୍ଲି ଯାଇଥିଲୁ । ଅତସୀ ଆମ ସାଙ୍ଗେ ଯାଇ ନଥିଲ୍" । କଥା ବେଶୀ କହିବାକୁ ବାରଣ କଲେ ବୋଉ, କହିଲେ "ତୁ ବର୍ତ୍ତମାନ ଚୁପ୍ ହୋଇଯା । ଆମେ ପରେ କଥା ହେବା" । ସୂଚନା ଗ୍ରିଆଡକୁ ଅନାଇଲ୍ । ମନେ ପକାଇବାକୁ ଚେଷ୍ଟା କରୁଥାଏ । ତାକୁ ଆଶ୍ଚର୍ଯ୍ୟ ଲ୍ଗିଲ୍ ଯେ ବୋଉକୁ ନକହି ସିଏ ମଲକୁ ଯାଇଥିଲେ ବି ବୋଉ ଗ୍ଗୁନ । ଆଜି ବୋଉର କଣ ହୋଇଛି ? ଏ ଭଳ ପରିବର୍ତ୍ତନ ହେଲ୍ କେମିତି ? ଏତେ ବେଳକୁ ତ ବୋଉ ଗ୍ଗି ମାଗି ଅସ୍ଥିର ହୋଇ ସାରନ୍ତାଣି ! ଏତିକ ଚନ୍ତାରେ ମୁଣ୍ଡ ଯେମିତି ଫାଟିଗଲ୍ ପରି ଲ୍ଗିଲ୍, ଆଖି ବୁଜି ହୋଇ ଆସିଲ୍ । ଆଇଭିରେ ନର୍ସ କଣ୍ଟୟ କଛି କଦ ଔଷଧ ଦେଇଛି ଭ୍ବି ମୁଣ୍ଡ କଡକୁ କରି ଶୋଇଗଲ୍ ସୂଚନା ।

ଏ ଭିତରେ ଆ.ସି.ୟୁରେ ରହିବାର ପାଞ୍ଚଦିନ ହୋଇଗଲ୍ଣି । ଏବେ ସିଏ ଉଠି ବସି ପାରୁଛି, କନ୍ତୁ ଭଲରେ ଗ୍ଲି ପାରୁନ । ଡାହାଣ ହାତରେ ହଲଚଲ ହେବାକୁ ଶକ୍ତି ନାହିଁ । ବୋଉ ରଚନା, ତାକୁ ଖୋଲି କରି କହିନାହାନ୍ତି କଛି, କେବଳ ସ୍ୱଳ୍ପରେ କହିଥିଲେ, ମଲରେ ସୁଟିଂ ହୋଇଥିଲ୍ । ମଲକୁ ଆସିଥିବା ଲ୍ୋକମାନଙ୍କର ଡରରେ ରକ୍ଷା ପାଇବା ପାଇଁ ଧାଁ ଦଉଡ ଓ ଧସ୍ତା ଧସ୍ତିରେ ତାକୁ ଆଘାତ ଆସିଥିଲ୍ । ରଚନା ଅସୀମ କଥା ସେଦିନ କଛି ଉଠାଇ ନ ଥିଲେ, ଅନ୍ୟ ସାଙ୍ଗ ମାନେ ଭଲ ଅଛନ୍ତି ବୋଲି କହିଥିଲେ । ସୁଚନାର ମନେ ପଡିଲ୍, "ମେସି ଡିପାର୍ଟମେଣ୍ଟ ଷ୍ଟୋରର ସାମନା, ତଳ ମହଲ୍ର ଆଗକୁ ଲ୍ୋକଙ୍କ ଅପେକ୍ଷା କରିବାକୁ ଏକ ସ୍ୱତନ୍ତ୍ର ଯାଗା ଥାଏ । ସେଠି ମଲକୁ ଆସିଥିବା ପିଲ୍ଙ୍କ ପାଇଁ ଖେଳବାର ସୁବିଧା ଥାଏ, ତା'ଛଡା ଲ୍ୋକମାନେ ସେଠି ବସି ଗପସପ କରନ୍ତି, ସମୟ କଟାନ୍ତି । ସେଇଠି ବସି ଆଳୁଭଜା ଖାଉଥିଲେ ସୂଚନା ଓ ଅସୀମ । ତା' ପରଠାରୁ କଅଣ ହେଲ୍ କଛି ମନେ ପଡିଲ୍ନ ସୂଚନାର । ରଚନା ବି କଛି କହିବାକୁ ଇଛା କଲେନ । ସୁଚନାର ବାପା ଆସି ତା ପାଖରେ ବସନ୍ତି, କନ୍ତୁ ଦୁର୍ଘଟଣା ବିଷୟରେ କଛି କୁହନ୍ତି ନାହିଁ। ବାପା କହୁଥିଲେ ପ୍ରଥମ ଦୁଇ ଦିନ ହସପିଟାଲରେ ବୋଉ ପାଟିକୁ ଦାନାଟିଏ ବି ଦେଇ ନଥିଲେ । ଏବେ ଡାକ୍ତର ବ୍ରାଉନ୍ଙ୍କଠାରୁ ତାର ଅବସ୍ଥାର ଉନ୍ନତି ହେବା ଦେଖି ସେମାନେ ଟିକଏ ଆଶ୍ୱସ୍ତି ପାଇଛନ୍ତି । ଗୋଟିଏ ବୋଲି ଝିଅ ସୂଚନାକୁ ନେଇ ତାଙ୍କ ଜୀବନ । ଘରେ

ସାନ ପୁଅଟିଏ ଥିଲେ ବି ତାକୁ କେହି ବେଶୀ ପ୍ରାଧାନ୍ୟ ଦିଅନ୍ତି ନାହିଁ, କେହି ଚିନ୍ତିତ ହୁଅନ୍ତି ନାହିଁ ।

ରଚନାଙ୍କର ବାହାହେବା ପୂର୍ବ ଦିନର କଥା ମନେ ପଡେ । ହାଇସ୍କୁଲରେ ପଢିଲା ବେଳର ସାଙ୍ଗ ସୁମିତାର ଦାଦା ପୁଅ ଭାଇ ରୋହନ କଥା । ଦୁହେଁ ଏକାଠି ରେଭେନ୍ସା କଲେଜରେ ପଢୁଥିଲେ । ଦୁଇ ବର୍ଷ ପରେ ରୋହନ ବୁର୍ଲା ଚାଲିଗଲେ ଇଜିନିୟରିଂ ପଢିବା ପାଇଁ । ରଚନା ରେଭେନ୍ସାରୁ ଇକୋନୋମିକ୍ସରେ ସ୍ନାତକୋତ୍ତର ଶେଷ କଲା । ରୋହନଙ୍କ ସହିତ ଅଳ୍ପ ବହୁତ ସଂପର୍କ ରହିଥିଲା । ଚଠି ଦିଆନିଆ ସହିତ ଛୁଟି ଦିନ ମାନଙ୍କରେ କଥାବାର୍ତ୍ତା ଆଉ ଦେଖା ଚାହାଁ ବି ହେଉଥିଲା । ଅନେକ ଦିନ ପରେ କଲେଜ ପାଖ ମାଲବାର ରେଷ୍ଟୁରାଣ୍ଟରୁ ବାହାରି ଆସିଲା ବେଳକୁ ରୋହନ ସହିତ ଦେଖା ହୋଇଗଲା । ରୋହନଙ୍କ ସହ ତାଙ୍କ ବାପା ବି ଥିଲେ । ହାଏ ହାଲୋ ଆଉ ନମସ୍କାର ଆଦାନ ପ୍ରଦାନ ପରେ ସିଏ ବାହାରି ଆସୁଥିଲା । ପଛରୁ ରୋହନ ଦଉଡି ଦଉଡି ଆସି ତାର ଫୋନ ନମ୍ବରଟା ମାଗି ଥିଲେ । ପରେ ସିଏ ତାକୁ ଡାକଥିଲେ ଅଉ ସେମାନଙ୍କ ମଧରେ ଦେଖା ଚାହାଁର ସଂପର୍କ ବଢିବାରେ ଲାଗିଲା । ସେତେବେଳକୁ ରୋହନର ଗୋଟେ ଇନସୁରାନ୍ସ କମ୍ପାନୀରେ ଟେମ୍ପରାରି ଚାକରୀଟିଏ ଥାଏ । ମାସିକିଆ ଦରମା ନଥାଏ । ବୋନସ୍ ନେଇ ସିଏ ଚଳୁଯାଉଥାଏ । କେଉଁ ମାସରେ ଦଶ ତ ଆଉ କେଉଁ ମାସରେ କୋଡିଏ ହଜାର ମିଳୁଥିଲା । କଛି ମାସ ପରେ ବାପା ରୋହନର ବାହାଘର କଥା ଉଠାଇଲେ ଆଉ ରୋହନ ରଚନାଙ୍କୁ ବାହା ହେବାକୁ ଚାହେଁ ବୋଲି କହିଥିଲା । ବାପା ପ୍ରସ୍ତାବ ନେଇ ରଚନାଙ୍କ ଘରକୁ ଯାଇଥିଲେ । କନ୍ତୁ ରୋହନର ବାହାଘର ପ୍ରସ୍ତାବକୁ ରଚନାର ବାପା ରଦ୍ଦ କରି ଦେଇଥିଲେ। ରଚନା ଚାକରୀ କରା ଝିଅଟିଏ ହେଲେ ବି ବାପାଙ୍କ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରି ପାରି ନ ଥିଲା । ଦୁଇ ବର୍ଷ ସେମିତିରେ ଚାଲିଗଲା । ରଚନା ଆଉ ବାହା ହେବନି ବୋଲି ଘରେ ଜଣାଇଦେଲା । ବାପା ବୁଝିଲେ ଝିଅର ମନ କଥା । ରୋହନର ବାପାଙ୍କୁ ଡାକ ଝିଅ ମନ କଥା କହିଲେ । କଛି ଦିନ ପରେ ସେମାନଙ୍କର ବାହାଘର ହୋଇଥିଲା । ବାହାଘରର ବର୍ଷେ ପରେ ସୂଚନା ଆସିଥିଲା ତାଙ୍କ ଜୀବନକୁ । ରଚନା ଆଉ

ଗ୍ରେହନ ଖୁବ ଖୁସି ହୋଇଥିଲେ ଝିଅକୁ ପାଇ । କିନ୍ତୁ ପିଲାଦିନରୁ ସୂଚନାର ଦେହ କିଛି ନା କିଛି ଖରାପ ରହୁଥିଲା । କେତେ ପୂଜା, ବ୍ରତ ଆଉ ଉପାସ କରି ଏବେ ଜାଣ ସୂଚନାର ଦେହ ଭଲ ଅଛି । ସେ ନେଇ ରଚନା ଗ୍ଚାକରୀ ଛାଡି ଘରେ ରହି ଝିଅର ଯତ୍ନ ନେଉଥିଲେ। ଝିଅର ଖୁସି ଥିଲା ତାଙ୍କର ପ୍ରଧାନ ଚନ୍ତା । ଘଣ୍ଟ ଘୋଡାଇ ରଖିଥାନ୍ତି ସିଏ ଝିଅକୁ । ଆଜି ଝିଅର ଏ ଅବସ୍ଥାରେ ରଚନା ପୂରାପୂରି ଭାଙ୍ଗି ପଡିଛନ୍ତି । ବର୍ତ୍ତମାନ ଠାକୁରଙ୍କୁ ସଂପୂର୍ଣ ସମର୍ପଣ କରିଦେବା ଛଡା ଆଉ କିଛି ଉପାୟ ନାହିଁ । ଡାକ୍ତର ବ୍ରାଉନ୍‌ଙ୍କ ଆଦେଶର ଅପେକ୍ଷାରେ ଥାଆନ୍ତି ସେମାନେ । କେତେବେଳେ କହିଲେ ସୂଚନାକୁ ନେଇ ସେମାନେ ଘରକୁ ଯିବେ ଆଉ ଘରର ବାତାବରଣରେ ହୁଏତ ତାକୁ ଭଲ ଲାଗିପାରେ ଆଉ ଦେହ ଶୀଘ୍ର ଭଲ ହୋଇ ଯାଇପାରେ ।

ଦୁଇ ଦିନ ଅପେକ୍ଷା ପରେ ଡାକ୍ତରଙ୍କ ଠାରୁ ଘରକୁ ଯିବା ଶୁଣିବା ପରଠାରୁ ସୂଚନା ମୂହୁର୍ତ୍ତଟିଏ ବି ଡାକ୍ତରଖାନାରେ ରହିବାକୁ ଗ୍ଚହୁଁ ନଥିଲା । ମନ ଅସ୍ଥିର ହେଉ ଥିଲା କେତେବେଳେ ଘରକୁ ଯିବ ଆଉ ଅସୀମକୁ ଦେଖିବ । ସେଦିନ ଘରକୁ ଫେରିଲା ପରେ ସିଏ ତା ନଜ ରୁମ୍‌କୁ ଗଲା । କିଛି ସମୟ କଂପ୍ୟୁଟରରେ କଅଣ ଦେଖିଲା । ଆଉ ବେଶୀ ଅପେକ୍ଷା କରି ପାରିଲା ନାହିଁ । ଗ୍ରେଷେଇ ଘର ଦୂଆରେ ଯାଇ ଠିଆ ହେଲା । ରଚନା ତାକୁ ଦେଖି କହିଲେ, "ଆଉ ଦଶ ମିନଟରେ ତୋର ଖାଇବା ରେଡି ହୋଇଯିବ, ଯା ଟିଭି ଦେଖୁଥା" । ସୂଚନାର ଟିଭି ଦେଖିବାରେ ମନ ନାହିଁ । ସେମିତି ଠିଆ ହୋଇ ରହିଲା । ବାବୁନ ଆସି ଡାକିଲା, "ଅପା ଆ, ମୁଁ ତତେ ଗୋଟେ ଜିନଷ ଦେଖେଇବି, ବାପା ତୋ' ପାଇଁ କଅଣ ଆଣିଛନ୍ତି ଆସ ଦେଖିବୁ" । ଅପାର ହାତ ଧରି ବାବୁନ ତାକୁ ଟାଣି ଟାଣି ନେଇଗଲା। ଲିଭିଂରୁମ୍ ରେ ଥିବା ମାଛ ଟାଙ୍କିରେ ନୂଆ ନାଲି ଗୋଲ୍‌ଡଫିସକୁ ଦେଖାଇଲା । ସୂଚନାର କେଉଁଥିରେ ମନ ଲାଗୁ ନଥାଏ । ମାଛ ଦେଖି କୌଣସି ପ୍ରତିକ୍ରିୟା ଅସିଲାନ । ଚୁପ ଗ୍ଚପ କିଛି ସମୟ ତାକୁ ଦେଖିଲା, ତାପରେ ପଗ୍ଚରିଲା, “ବାବୁନ, ଅସୀମ କେମିତି ଅଛି ? ତୁ ତା ବିଷୟରେ କିଛି ଶୁଣିଛୁ କି? ସେଦିନ ସିଏ ମଲରେ ମୋ ସଂଗେ ଥିଲା । ତାର କିଛି ହୋଇନ ତ" ? ବାବୁନ ମୁଣ୍ଡ ତଳକୁ କରି ଚୁପ ହୋଇ ଠିଆ ହୋଇଥାଏ ।

ବୋଉ ତାକୁ ଅସୀମ ବିଷୟରେ କଛି ନ କହିବାକୁ କହିଥାଏ । କନ୍ତୁ ଅପାକୁ ନ କହି ସିଏ ରହି ପାରିଲାନ । ଅସୀମର ଗୁରୁତର ଆଘାତ ବିଷୟରେ ବିଶେଷ କଛି ନକହି ଖାଲି କହିଲା "ଏବେ ବି ସିଏ ଡାକ୍ତରଖାନାରେ ଅଛନ୍ତି । ତାଙ୍କ ଦେହ ଭଲ ହୋଇନ" । ସୂଚନାର ଗୋଡ ତଳୁ ପୃଥିବୀ ଖସି ଗଲା ଯେମିତି । ବୋଉ ତାକୁ କାହିଁକ କଛି କହି ନଥିଲା ବୋଲି ତାର ରାଗ ଆସିଲା । ସେତିକବେଳକୁ ଦେଖିଲା ବାପା ଆସି ତା ପାଖରେ ଠିଆ ହୋଇ ତାର ମୁଣ୍ଡ ଆଉଁସି ଦେଉ ଦେଉ କହିଲେ, "ମାରେ ତୋ ଦେହ ଭଲ ହୋଇ ନଥିଲା ବୋଲି ଆଉ କାଳେ ତୋ ମନ ଖରାପ ହେବ ବୋଲି ତତେ କଛି କହି ନଥିଲୁ । ତୋ ଦେହ ଟିକେ ଭଲ ହୋଇଗଲେ ଆମେ ଯାଇ ତାକୁ ଦେଖି ଆସିବା । ସୂଚନା ମୁଣ୍ଡ ଟେକ ବାପାଙ୍କୁ ଚାହିଁଲା, ବାପାଙ୍କ ଆଖିରେ ଝିଅ ପ୍ରତି ଥିବା ସମବେଦନାକୁ ବୋଧେ ସିଏ ହୃଦୟଙ୍ଗମ କରି ପାରିଲା। ହଠାତ୍ ମନେ ହେଲା ବାପା ଯେମିତି ଭଗବାନ ପାଲଟିଗଲେ । ବାପାଙ୍କ କାନ୍ଧରେ ଆଉଜି ଲୋଟିପଡିଲା ସୂଚନା । ବାପା ତାକୁ ପାଖକୁ ଟାଣି ଆଣିଲେ । ଦୁହେଁ କଛି କଥା ନକହିଲେ ମଧ ପରସ୍ପରକୁ ସଂପୂର୍ଣ ବୁଝି ପାରୁଛନ୍ତି, ପରସ୍ପରର ହୃଦୟକୁ ପଢି ପାରୁଛନ୍ତି । ସୂଚନା ସେଇ ବିଶ୍ୱାସରେ ସାମନାରେ ଠିଆ ହୋଇଥିବା ପାହାଡକୁ ଚଢି ଯିବାର ବଳ ପାଇଗଲା । ବାପାଙ୍କର ହାତ ଧରି ସିଏ ଆଗକୁ ଆଗକୁ ମାଡି ଚାଲିଥାଏ ଆଉ ପାହାଡଟି ସାମନାରୁ ଅପସରି ଯାଉଥାଏ । ଦୂର ପାହାଡ କଡରୁ ଜହ୍ନଟିଏ ଓହ୍ଲାଇ ଆସି ତାଙ୍କୁ ଶୀତଳ ସ୍ନେହରେ ଆଲିଙ୍ଗନ କଲା ।

କ୍ରମଶଃ.....

ଏଲକରିଜ, ମେରିଲାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା

“ପଢନ୍ତୁ ଏବଂ ପଢାନ୍ତୁ ବେଦାନ୍ତୀ”


# ମୃତ୍ୟୁ ଆସେ



ପ୍ରବୀଣ କୁମାର କବି

ମୃତ୍ୟୁ ଆସେ
ଶୁନ୍ ଶାନ୍ ରାତିରେ
ଅଡକା ଆଗନ୍ତୁକ ହୋଇ,
ଲୁହର ଦୀପାଳି ଧରି
କୋହର ରୋଷଣୀ ଜାଳି
ଗାଇବ ସେ
ଜୀବନର ବାସ୍ତବ ରାଗକୁ ।

ମୃତ୍ୟୁ ଆସେ
ଧୁ ଧୁ ଖରାବେଳେ
ସମୟର ଗୋରାବାଲି ଭେଦି,
ଭୟଭର୍ତ୍ତି ଆକାଶକୁ
ଭିଡିଧରି ଥୋଇଦିଏ
ନରାସୀ ଛାତିରେ ।



ମୃତ୍ୟୁ ଆସେ
ଜୀବନର ଶୂନ୍ୟ ଅପରାହ୍ନେ
ସତ୍ୟର ବିଶ୍ଳେଷଣ ପାଇଁ,
ମରୀଚିକା ମାୟାଭେଦି
ଆତ୍ମାତତ୍ତ୍ୱ ଦର୍ଶେଇକ
କହେ- ମୁ ପରା ଧ୍ରୁବସତ୍ୟ ।

ସମ୍ପାଦକ, ବଣମଲ୍ଲୀ
ଅଧ୍ୟାପକ, ପତିତପାବନ ମହାବିଦ୍ୟାଳୟ
ମଦନପୁର, କେନ୍ଦୁଝର

# ପ୍ରଭୁ



ଆଶୁତୋଷ ମେହେର

ମୁଁ ଜାଣେ
କେହି ବି ଏଠି
ଭଲ ପାଆନ୍ତନି
କି, ଭଲପାଇବେନି ମତେ ।।

ହେଲେ, ସେ ଏକା ମତେ
ତା' ବଂଶୀସ୍ୱନରେ ନିତି ଡାକେ
କାନରେ ଫିସ୍ ଫିସ୍ କରି କହେ
ମୁଁ ତୋତେ ଏକାଂତରେ ଭଲ ପାଏ ।
ତୋ ହୃଦୟରେ ମୁଁ ରହେ
ଆଉ ଦେଖ,
ମୋ ହୃଦୟରେ ତୋର ଛବି ।

ତା ସାଂଗରେ
ସକାଳ ମୋର ସଂଜ ହୁଏ
ସଂଜ ରାତି ହୋଇ ସକାଳ ପାହେ
ସେ ମୋର ଏକାଂତର
ଏକମାତ୍ର ବଂଧୁ ।।

ଆର୍ଯ୍ୟପଲ୍ଲୀ, କଟ ଛକ,
ପଟିଆ, ଭୁବନେଶ୍ୱର

# ରୁପେଲି ସହର



କବିତା ମହାନ୍ତି

ରୁପେଲି ସହରେ ରୂପାର ଚନ୍ଦ୍ରିକା

ତାରକସି କାରୁକଳା

ଚନ୍ଦ୍ରାଲୋକେ ହସେ ରୂପା ମଲ୍ଲୀ ପୁଷ୍ପ

ଧବଳ ହୀରକ ମାଳା

ଚାନ୍ଦି ମେଢ଼ପରେ ବିରାଜିବେ ମାଆ

ଶରତ ଶୁଭ ଲାଗଣେ

ପାରବଣ ଋତୁ କଟକ ସହରେ

ଆନନ୍ଦ ଉଲ୍ଲାସ ଆଣେ

ଆଗକୁ ଆସୁଛି ଦଶହରା ପର୍ବ

ପୂଜା ପାଇଁ ସାଜସଜା

ଝଲସିବେ ମାଆ ସିଂହବାହିନୀ ଯେ

ବାଜିବ ଡେଲିଗିଂ ବାଜା

ସଦୃଶ୍ୟ ମେଢ଼କୁ ତୋରଣ ଭାସ୍କର୍ଯ୍ୟ

ଚମତ୍କାର କାରୁକାର୍ଯ୍ୟ

ବିଶ୍ୱକର୍ମା ସେହି ଶିଳ୍ପୀର ଚାତୁରୀ

ଚିତ୍ତବିନୋଦନ ଚଯ୍ୟ

ଅମରାବତୀର ଅପୂର୍ବ ସୌନ୍ଦର୍ଯ୍ୟ



କଟକ ସହର ଶୋଭା
ବିପଣୀ ମେଳାରେ  ଗହଳ ଚହଳ
ପ୍ରୀତି  ପାର୍ବଣର ଆଭା
ବହୁ ପୁରାତନ କଟକ ନଗର
ପ୍ରସିଦ୍ଧ ତା ଦୁର୍ଗାପୂଜା
କର୍ତ୍ତୀ ଅନନ୍ଦିତା ସ୍ୱଗୁଣେ ମୋହିତା
ଉତ୍କଳ ନଗରେ ରାଜା
ମହାନଦୀ ଆଉ କାଠଯୋଡ଼ି  ତାର
ଗଳାର କୁସୁମ  ହାର
କୁଳୁକୁଳୁ ଗାଏ ଜୟ ଗୀତି ନିତି
ପୁଣ୍ୟ ଉତ୍କଳ ସେ ସାର

କବିତା ମହାନ୍ତି ପ୍ରଧାନ
ଶିକ୍ଷୟିତ୍ରୀ ସାଇଲୋ ଝାରପଡା ଉପ୍ରାବିଦ୍ୟଦ୍ୟାଳୟ
କଣ୍ଟାପଡା,  କଟକ

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ସତ୍ୟର ସନ୍ଧାନ



ବରଦା ପ୍ରସନ୍ନ ଦାସ

**ପ୍ରଶ୍ନ - ୨ : ଭଗବାନଙ୍କ ଅବତାର ଓ ଅସ୍ତିତ୍ୱ ସମ୍ପର୍କରେ ଆପଣଙ୍କର ମତ କ'ଣ?**

**- ଉତ୍ତର-**

- ଭଗବାନଙ୍କର ଅସ୍ତିତ୍ୱ ମୁଁ ଅନୁଭବ କରିଥିବାରୁ ତାଙ୍କର ଅବତାରକୁ ମଧ୍ୟ ସ୍ୱୀକାର କରିଛି । ତେଣୁ ତାଙ୍କର ତାତ୍ତ୍ୱିକ ଗବେଷଣା ଓ ଆଲୋଚନା କରି ମୁଁ ଅନେକ ପ୍ରବନ୍ଧ ଲେଖିଛି ଓ ଲେଖୁଛି ମଧ୍ୟ ।

[ ସ୍ୱର୍ଗତଃ ପଦ୍ମଶ୍ରୀ ଡ. ସତ୍ୟନାରାୟଣ ରାଜଗୁରୁ]

- ଅବତାର ଯୁଗେ ଯୁଗେ ରହିଛନ୍ତି । ପରମାତ୍ମାଙ୍କ ନିର୍ଦ୍ଦେଶରେ ସେମାନେ ଧରାପୃଷ୍ଠରେ ଅବତୀର୍ଣ୍ଣ ହୁଅନ୍ତି । ନିର୍ଦ୍ଦେଶିତ କାର୍ଯ୍ୟ ଶେଷରେ ସେମାନଙ୍କର ବିଲୟ ଘଟେ । ମହିମା ଧର୍ମର ସ୍ଥାପୟିତା ମହିମାସ୍ୱାମୀ ସ୍ୱୟଂ ମହାବ୍ରହ୍ମ ପ୍ରଭୁ ପରମାତ୍ମା । ପ୍ରଦୂଷଣ, ଭେଦବିବାଦ, ବିପର୍ଯ୍ୟୟ, ଅସ୍ଥିରତା, ଅଶାନ୍ତି, ସଂକୀର୍ଣ୍ଣତା ପ୍ରବଳ ଓ ବିଶ୍ୱବ୍ୟାପୀ ହେବାରୁ ସତ୍ୟ ଓ ସନାତନ ଧର୍ମର ଅଭ୍ୟୁଦୟ ଓ ସୁରକ୍ଷା ପାଇଁ ସେ ସ୍ୱୟଂ ଆବିର୍ଭୂତ ହୁଅନ୍ତି । ଅଲୌକିକ ଭାବରେ ଲୋକଲୋଚନକୁ ଆସିବା ପୂର୍ବରୁ ସେ ଅଯୋନିକ ଭାବରେ ଗୁପ୍ତ ସନ୍ନ୍ୟାସ ହୋଇ କେବଳ ବାୟୁ ପାନ କରି ହିମାଳୟରେ ଅବସ୍ଥାନ କରୁଥିଲେ ।

[ ପ୍ରଫେସର ଶତ୍ରୁଘ୍ନ ନାଥ]

- ଏ ସମ୍ପର୍କରେ ମୁଁ କିଛି ପ୍ରାମାଣିକ ତତ୍ତ୍ୱ ଦେଇପାରିବି ନାହିଁ ।

[ ଡ. ସଚ୍ଚି ରାଉତରାୟ]

- ଭଗବାନଙ୍କ ଅସ୍ତିତ୍ୱରେ ମୁଁ ବିଶ୍ୱାସ କରେ । ବେଦ ଓ ଉପନିଷଦରେ ଅବତାରର ବର୍ଣ୍ଣନା ନାହିଁ, କିନ୍ତୁ ଗୀତାରେ ଅଛି । ତେଣୁ ମୁଁ ସେଥିରେ ବିଶ୍ୱାସ କରେ ।

[ ଜଷ୍ଟିସ୍ ନବକୁମାର ଦାସ]

- ମୁଁ ନିରୀଶ୍ୱରବାଦୀ, ଅବତାରବାଦରେ ମୋର ବିଶ୍ୱାସ ନାହିଁ । ଅବତାରମାନେ ଯେ ଯୁବ- ସମାଜର ପ୍ରତିନିଧି ମାତ୍ର, ଭଲ ଲୋକ ।

[ ପ୍ରଫେସର ରାଧାନାଥ ରଥ]

- ଭଗବାନଙ୍କ ଅସ୍ତିତ୍ୱ ମୁଁ ବିଶ୍ୱାସ କରେ । ସେ ନିରାକାର, ଅଦୃଶ୍ୟ ଓ ସର୍ବଶକ୍ତିମାନ। ସେ ଆମ ଚେତନା ଧାରଣା କରୁଥିବା ସମସ୍ତ ଗୁଣାବଳୀର ଶୀର୍ଷବିନ୍ଦୁ । ଯେତେବେଳେ କୌଣସି ବ୍ୟକ୍ତିଠାରେ ଐଶ୍ୱରୀୟ ଗୁଣାବଳୀ ଓ ଆମ ଚେତନା ଅତିକ୍ରାନ୍ତ ଗୁଣାବଳୀମାନ ଦେଖାଯାଏ, ତାହାକୁ ଭଗବାନଙ୍କ ଅବତାର ବୋଲି ଆମେ ଗ୍ରହଣ କରୁ । ହୁଏତ ଭଗବାନଙ୍କ ଇଚ୍ଛାରେ ଏ ଅବତାରର ସୃଷ୍ଟି ହୋଇଥାଏ । କିମ୍ବା ଯେତେବେଳେ ଆମେ ଯୁଗକୁ ଅବତାର ବୋଲି ଗ୍ରହଣ କରୁ- ତାହା ଭଗବାନଙ୍କ ଇଚ୍ଛାରେ, ଇଙ୍ଗିତରେ ହୋଇପାରିଥାଏ ।

[ ନାଟ୍ୟକାର ମନୋରଞ୍ଜନ ଦାସ]

- ଅବତାର ବିଷୟ ଓ ଅସ୍ତିତ୍ୱ ସମ୍ପର୍କରେ ମୁଁ ପୂର୍ଣ୍ଣ ବିଶ୍ୱାସୀ । ଅବତାର ହିଁ ଅସ୍ତିତ୍ୱ ଉପରେ ନିର୍ଭର କରେ । ଭଗବତ୍ ସତ୍ତାର ବିଭିନ୍ନ ପ୍ରକାର ଅବତାର ହୁଏ । ଭଗବାନ ଏକ କିନ୍ତୁ ତାଙ୍କର ତୃତୀୟ ଶକ୍ତିରୁ ଇଚ୍ଛାଶକ୍ତି ବଳରେ ଭଗବାନ ଲୋକମଙ୍ଗଳ ପାଇଁ ଅବତୀର୍ଣ୍ଣ ହୁଅନ୍ତି । "ଏକୋଽହଂ ବହୁସ୍ୟାମ୍" - ଏ ବାକ୍ୟ ପ୍ରମାଣ ଦିଏ ।

[ ପଣ୍ଡିତ ଶ୍ରୀଯୁକ୍ତ ସୋମନାଥ ଦାଶ ଶର୍ମା]

- ଭଗବାନ ଅଛନ୍ତି, ପ୍ରଚ୍ଛନ୍ନ ରହିଛନ୍ତି ଓ ଅବତାର ହୋଇ ଚହ୍ନିବା ମଣିଷ ନମନ୍ତେ ପ୍ରକଟ ହେଉଛନ୍ତି- ଏହା ମୋର ବିଶ୍ୱାସ ।

[ ଅଧାପକ ଚତ୍ତରଞ୍ଜନ ଦାସ]

- ମନୁଷ୍ୟ ରୂପୀ ଭଗବାନଙ୍କ ଅସ୍ତିତ୍ୱ ଓ ଅବତାର ପ୍ରତି ଆସ୍ଥା ରଖିବା କେବଳ ଏକ କଳ୍ପନାତୀତ ଏବଂ ସାନ୍ତ୍ୱନାଦାୟୀ ଧାରଣା । ବେଦାନ୍ତ ଦର୍ଶନର ନର୍ଗୁଣ ବ୍ରହ୍ମ ହିଁ ମୋ ବୁଦ୍ଧି ବିଗ୍ଧରର ଅନୁକୂଳ ହୋଇପାରିଛି । କନ୍ତୁ ମୁଁ ବୁଝିଛି ଯେ ପ୍ରଥମେ ସଗୁଣ ଆକାର ପ୍ରକାର ଓ ପ୍ରତୀକକୁ ଆଶ୍ରା ନ କଲେ ନର୍ଗୁଣର ଅବଧାରଣା ପ୍ରାୟ ସମ୍ଭବ ନୁହେଁ । ଦୁଃଖ ଯେ ଏହି ପ୍ରଥମ ସୋପାନରେ ଆମେ ଅଟକ ଯାଉ- ଅଧିକାଂଶ ଲୋକ ।

[ କଶୋରୀ ଚରଣ ଦାସ]

- ସ୍ରଷ୍ଟାହୀନ ସୃଷ୍ଟିର ଅସ୍ତିତ୍ୱ ବିଷୟ କଳ୍ପନା କରିବା ନରର୍ଥକ ବୋଧହୁଏ । 'ଭଗବାନ' ଏକ ଅନନ୍ତ ଅସୀମ ଶକ୍ତି । କେଉଁ ଭାବରେ ଓ କେଉଁ ରୂପରେ ସେହି ଶକ୍ତିର ମହତ୍ୱ ଉପଲବ୍ଧି କରିବା ସମ୍ଭବ ତାହା ନର୍ଭର କରେ ମନୁଷ୍ୟର ଆଧାତ୍ମିକ ଚେତନା ଅଥବା ବ୍ୟକ୍ତିଗତ ବିଶ୍ୱାସ ଉପରେ ।

[ ଡ. ମନ୍ମଥ ନାଥ ଦାସ]

- ଏକ ଦିଗରୁ ଦେଖିଲେ ପ୍ରତ୍ୟେକ ମନୁଷ୍ୟ ହିଁ ଭଗବାନଙ୍କ ଅବତାର । ନଜର ଐଶ୍ୱରିକ ଶକ୍ତିର ସଞ୍ଚାର ଦୟାମୟ ମନୁଷ୍ୟଠାରେ କରିଥାନ୍ତି । ତେବେ ଅଧିକ ଶକ୍ତି ସମ୍ପନ୍ନ ଅବତାର ସମୟର ବ୍ୟବଧାନରେ ଧରାଧାମକୁ ଆସିଥାନ୍ତି । ଭଗବତ ଗୀତାର ଚତୁର୍ଥ ଅଧାୟରେ ଏହା ହିଁ ଉଲ୍ଲେଖ ଅଛି ।

[ ଜଷ୍ଟିସ୍ ରଙ୍ଗନାଥ ମିଶ୍ର]

- ମୋର ମତ ହେଲା ଭଗବାନଙ୍କର ଅସ୍ତିତ୍ୱ ସମ୍ପର୍କରେ କୌଣସି ସନ୍ଦେହର କାରଣନାହିଁ ଏବଂ ତାଙ୍କର ଅବତାର ମଧ୍ୟ ସତ୍ୟ ।

[ ଶ୍ରୀଯୁକ୍ତ ଜାନକୀ ବଲ୍ଲଭ ପଟ୍ଟନାୟକ]

- ଭଗବାନ ଅଛନ୍ତି- କେହି ଦେଖିବାର ଅବକାଶ ନାହିଁ । ଏହା ଉପଲବ୍ଧିର କଥା । ଯୁଗେ ଯୁଗେ ଆଗ୍ଭର୍ଯ୍ୟଗଣ ଏବଂ ସିଦ୍ଧ ସାଧକଗଣ ଈଶ୍ୱରଙ୍କ ସତ୍ତା ଅନୁଭବ କରି ଲେଖିଯାଇଛନ୍ତି । ଯଦି ସିଦ୍ଧପୁରୁଷଙ୍କୁ ଅବିଶ୍ୱାସ କରିବା, ସବୁ ଶାସ୍ତ୍ର ପୁରାଣ, ମନ୍ତ୍ର ତନ୍ତ୍ର ଅସାର ହୋଇଯିବ । ତା' ପର ଅବସ୍ଥା କ'ଣ ହେବ?

[ ପ୍ରଫେସର ପଠାଣି ପଟ୍ଟନାୟକ]

- ଭଗବାନ ଅଛନ୍ତି, ସମଗ୍ର ବିଶ୍ୱ ତାଙ୍କ ଅବତାର । ସୃଷ୍ଟି ପରିଗ୍ଭଳନା ପାଇଁ ସେ ବିଶେଷ ଅବତାରମାନ ଗ୍ରହଣ କରନ୍ତି ।

[ ଡ. ଲଡୁକେଶ୍ୱର ଶତପଥୀ]

- ଭଗବାନ ବା ଐଶ୍ୱରିକ ଶକ୍ତି ନିଷ୍ଚିତ ଅଛି । ଏହି ଶକ୍ତି ସମୟେ ସମୟେ କୌଣସି କୌଣସି ମହାନ୍ ବ୍ୟକ୍ତି ବା ମହାପୁରୁଷଙ୍କ ଦ୍ୱାର୍ ପ୍ରକଟିତ ହୁଏ ।

[ ହରିହର ବାହିନୀପତି]

- ଭଗବାନଙ୍କ ଅସ୍ତିତ୍ୱ ଓ ଅବତାର ଉଭୟ ବେଦ ଦ୍ୱାର୍ ସିଦ୍ଧାନ୍ତିତ । ଏଥିରେ ମତଦ୍ୱୈଧ ହୋଇ ନ ପାରେ । ଯେ ବେଦକୁ ସ୍ୱତଃ ପ୍ରମାଣ ଗ୍ରନ୍ଥ ବୋଲି ଗ୍ରହଣ କରେ ତା' ପାଇଁ ଭଗବାନ ଅଛନ୍ତି ଓ ତାଙ୍କର ବିଭିନ୍ନ ଅବତାର ମଧ୍ଧ ଅଛି ।

[ ପଣ୍ଡିତ ରଙ୍ଗାଧର ଷଡ଼ଙ୍ଗୀ]

- ମୁଁ ବିଶ୍ୱାସ କରେ, ଏହା ମୋର ନିଜ ମତ ଯେ ଭଗବାନ ଅଛନ୍ତି । ସେ ଅବତାର ଗ୍ରହଣ କରନ୍ତି । ନାନା ପ୍ରକାର ଅବତାର ଅଛି । ଆମେ ଯେତେବେଳେ ଦୁର୍ଲଭ ବସ୍ତୁ ବା ବ୍ୟକ୍ତିଟିଏ ଦେଖୁ ଆମେ ଜାଣିବା କଥା ଯେ ଭଗବତ୍ କଳାରେ ସେ ବସ୍ତୁ ବା ବ୍ୟକ୍ତି ରୂ ଲାଭ କରିଛି । ଏହାହିଁ ଅବତାର, ଅବତରଣ କର୍‌ଯାଇଛି, ଉପରୁ ଓହ୍ଲାଇଛି । ଯେ ଉପରୁ ଓହ୍ଲାଇଛି ତାହାର ସ୍ଥିତି ବା ଅସ୍ତିତ୍ୱ ସମ୍ପର୍କରେ ସଂଶୟ କାହିଁକି?

[ ପ୍ରଫେସର ହୃଦାନନ୍ଦ ଗ୍ଭୟ]

- ରାମ, କୃଷ୍ଣ, ବୁଦ୍ଧ ଓ ଚୈତନ୍ୟ ଭଗବାନଙ୍କର ଅବତାର ଅଟନ୍ତି । ଭଗବାନଙ୍କ ଅସ୍ତିତ୍ୱକୁ ସେମାନେ ପ୍ରମାଣିତ କରିଯାଇଛନ୍ତି ।

[ ଶ୍ୟାମସୁନ୍ଦର ପାଢ଼ୀ, ଆଇ.ପି.ଏସ୍]

- ଅବତାର ଉପରେ ବିଶ୍ୱାସ ନାହିଁ । ଭଗବାନଙ୍କ ଅସ୍ତିତ୍ୱ ସମ୍ପର୍କରେ ମୁଁ (ଆଗ୍ନୋଷ୍ଟିକ୍) ଏକପ୍ରକାର ନାସ୍ତିକବାଦୀ ।

[ ଗିରିଜା ଭୂଷଣ ପଟ୍ଟନାୟକ]

- ପରମାତ୍ମା ସର୍ବବ୍ୟାପକ, ତେଣୁ ଯେକୌଣସି ସ୍ଥଳରୁ କୌଣସି ସ୍ଥଳକୁ ଅବତରଣ କରିବା ବା ଅବତାର ନେବାର ପ୍ରଶ୍ନ ଉଠୁନାହିଁ । ସେ ସୃଷ୍ଟିର ଅନୁକୋଣରେ ବିଦ୍ୟମାନ, ଚାହିଁଲେ ତାହାର ହୃତକ୍ରିୟା ବନ୍ଦ କରିପାରନ୍ତି । ତେଣୁ ଦୁଷ୍ଟ ଦଳନ ପାଇଁ ଗର୍ଭକଷ୍ଟ ସହନ କରି ସେ ଜନ୍ମ ନିଅନ୍ତି କହିବା ଅଯୌକ୍ତିକ । ଶ୍ରେଷ୍ଠ ମନୁଷ୍ୟମାନଙ୍କୁ ଅବତାର କହିବା ଦ୍ୱାରା ସେମାନଙ୍କୁ ଅଯଥା ପ୍ରଶଂସା ଏବଂ ପରମାତ୍ମାଙ୍କୁ ଅବମାନନା କରାଯାଏ । ଲୋକେ ଅବତାରୀ ମନୁଷ୍ୟଙ୍କୁ ଭଗବାନ ବୋଲି ମାନଲେ ଭଗବାନଙ୍କର ସଦଗୁଣଗୁଡ଼ିକୁ ଅନୁକରଣ କରିବା ସେମାନଙ୍କ ପକ୍ଷରେ ଅସମ୍ଭବ ମନେହୁଏ ।

[ ବେଦବିତ୍ ଇଂ. ପ୍ରିୟବ୍ରତ ଦାସ]

- ଭଗବାନ ଅବତାର ଗ୍ରହଣ କରନ୍ତି, ଯେତେବେଳେ ତାଙ୍କର ଆଗମନ ପାଇଁ କ୍ଷେତ୍ର ପ୍ରସ୍ତୁତ ହୁଏ । ପୁଣି ସେ ଅବତାର ବାହାରୁ ଆସନ୍ତି ନାହିଁ, ଆସନ୍ତି ଜନଚେତନାରୁ। ଇତିହାସ ଅବତାରଙ୍କ ପାଇଁ କ୍ଷେତ୍ର ପ୍ରସ୍ତୁତ କରେ, ଅବତାର ମଣିଷ ରୂପରେ ମାତୃଗର୍ଭରୁ ଭୂମିଷ୍ଠ ହୁଅନ୍ତି । ଭଗବାନଙ୍କ ଅସ୍ତିତ୍ୱ ମୁଁ ବାରମ୍ବାର ପ୍ରତ୍ୟକ୍ଷ ଭାବେ ଅନୁଭବ କରିଛି ।

[ ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟ]

- ମଣିଷ ଭିତରେ ଭଗବତ୍ ଭାବ ରହିଛି । ଯେତେବେଳେ ସମଗ୍ର ମାନବ ସମାଜର ମଙ୍ଗଳ ଆଉ ଉନ୍ନତି ପାଇଁ କେହି କାର୍ଯ୍ୟ କରେ ଆମେ ତାକୁ ଭଗବାନଙ୍କ ଅବତାର ରୂପେ ସ୍ୱୀକୃତି ଦେଉ ।

[ ଡ. ରେଖା ମହାନ୍ତି]

- ଅସ୍ତିତ୍ୱରେ ବିଶ୍ୱାସ- ଅବତାର ଥାଇପାରେ ବା ନ ଥାଇପାରେ ।

[ ଶରତଚନ୍ଦ୍ର ମିଶ୍ର, ଆଇ.ପି.ଏସ୍]

- ପ୍ରଥମ ଭାଗ - ସେ ତ ଯୁଗେ ଯୁଗେ ଅବତରଣ କରନ୍ତି, କରୁଛନ୍ତି ମଧ୍ୟ ।

( ଶ୍ରୀମଦ୍ଭଗବତ ଗୀତା) ।

ଦ୍ୱିତୀୟ ଭାଗ - ଭଗବାନଙ୍କ ଅସ୍ତିତ୍ୱ ନ ଥିଲେ 'ଅବତାର' ପ୍ରଶ୍ନଟି ଉଠନ୍ତା କପରି? ଆମର ଚେତନା ଉପରେ ସବୁକଛି ନର୍ଭର କରେ ।

[ ସୁରେନ୍ଦ୍ର ଚନ୍ଦ୍ର ଦେ, ଆଇ.ପି.ଏସ୍]

- ଭଗବାନ ଅଛନ୍ତି, ଏହା ନଶ୍ଚିତ । ତାଙ୍କର ଅବତାର ମଧ୍ୟ ସତ୍ୟ । ମାତ୍ର ତାଙ୍କର ସ୍ୱରୂପ ଓ ପ୍ରକାଶ ବିଭିନ୍ନ ଯୁଗରେ, ବିଭିନ୍ନ ଦେଶରେ, ବିଭିନ୍ନ ଅବସ୍ଥାରେ ବିଭିନ୍ନ ପ୍ରକାରରେ ହେଉଥିବାରୁ ସେସବୁ ଜାଣିବା କଷ୍ଟକର ।

[ ଡାକ୍ତର କବି ପ୍ରସାଦ ମିଶ୍ର]

- ପ୍ରତି ଯୁଗରେ ଭଗବାନ ଅବତାର ଗ୍ରହଣ କରନ୍ତି ।

[ ବନବିହାରୀ ପଣ୍ଡା, ଆଇ.ପି.ଏସ୍]

- ଭଗବାନ ବୋଲି ନର୍ଦ୍ଦିଷ୍ଟ ବ୍ୟକ୍ତି ପୁରୁଷ କେହି ନାହିଁ । ଆତ୍ମସାକ୍ଷାତ୍କାର ହିଁ ଭଗବାନଙ୍କର ଦର୍ଶନ । ଯୋଗ ବା ସାଧନା ବଳରେ ଆତ୍ମସ୍ୱରୂପ ଅବଗତ ହେବା ହିଁ ପ୍ରାପ୍ତିର ମାର୍ଗ । ଭଗବାନ ନର୍ଗୁଣ, ନର୍ଲେପ ଓ ନରଞ୍ଜନ । କନ୍ତୁ

ବେଳେବେଳେ ଏହି ନିର୍ଗୁଣ ସଗୁଣ ଅବସ୍ଥାକୁ ପ୍ରାପ୍ତ ହୁଅନ୍ତି, ସେ ସ୍ୱୟଂ ଇଚ୍ଛା କରି ଶରୀର ଧାରଣ କରନ୍ତି । ବେଦରେ କୁହାଯାଇଛି, "ଲୋକବତ୍ ତୁ ଲୀଳା କୈବଲ୍ୟମ୍ ।" ଅର୍ଥାତ୍ ଜଗତର ଲୋକମାନଙ୍କ ସହ ଲୀଳା କରିବା ପାଇଁ ତୁମେ ଅବତାର ଗ୍ରହଣ କର । ସେଇଥିପାଇଁ ଅସ୍ତିତ୍ୱହୀନ ନିର୍ଗୁଣ ବ୍ରହ୍ମ ସାକାର ରୂପ ଧରି ଅବତୀର୍ଣ୍ଣ ହୁଅନ୍ତି । ସେତେବେଳେ ତାଙ୍କୁ ନିର୍ଦ୍ଦିଷ୍ଟ ରୂପ ଗ୍ରହଣ କରିବାକୁ ପଡ଼େ । ଅବତାର ନ ଥିଲେ ଲୀଳା ହୁଅନ୍ତା ନାହିଁ । ଯୁଗେ ଯୁଗେ ଜନ୍ମ ମରଣ ରହିତ ଏହି ପରଂବ୍ରହ୍ମଙ୍କର ଚିନ୍ମୟ ଲୀଳାରସର ଆସ୍ୱାଦନ ହିଁ ପ୍ରତ୍ୟେକ ଚେତନଶୀଳ ଜୀବର ଲକ୍ଷ୍ୟ ।

[ ଡ. ରତ୍ନାକର ସାହୁ]

- ଭଗବାନ ନାହାନ୍ତି ।

[ ଅନାଦି ସାହୁ, ଆଇ.ପି.ଏସ୍, ସାଂସଦ]

- ଭଗବାନ ଅଛନ୍ତି ନିଶ୍ଚିତ । ଏହି ବିଶ୍ୱାସ ଲୋକମାନଙ୍କ ଭିତରେ ଜନ୍ମାଇବା ପାଇଁ ସେ ଅବତାର ଗ୍ରହଣ କରିଥାଆନ୍ତି, ଏହା ମଧ୍ୟ ନିଶ୍ଚିତ । ପ୍ରତ୍ୟେକ ବ୍ୟକ୍ତି ଭଗବତ୍ ବିଶ୍ୱାସୀ- ଏହା ନିଶ୍ଚିତ କଥା । ଯେତେବେଳେ ମନୁଷ୍ୟ ଘୋର ବିପଦର ସମ୍ମୁଖୀନ ହୁଏ, ସେତେବେଳେ ତା' ମୁହଁରୁ ଆପେ ଆପେ "ହେ ଭଗବାନ ରକ୍ଷାକର" ବୋଲି ବାହାରି ପଡ଼େ । ତେଣୁ ମନୁଷ୍ୟ ମୂଢ଼ ନୁହେଁ ବରଂ ଦୃଢ଼ । ସ୍ଥିର ପ୍ରଶାନ୍ତ ଆକାଶ ବା ବିସ୍ତୀର୍ଣ୍ଣ ସମୁଦ୍ରକୁ ବାରମ୍ବାର ଦୀର୍ଘ ସମୟ ଧରି ଜଣେ ଯଦି ଏକାଗ୍ର ଚିତ୍ତରେ ଚାହିଁରହେ, ତାହାର ଭଗବତ୍ ବିଶ୍ୱାସ ଆପେ ଆପେ ଆସିଯିବ ।

[ଜ୍ୟୋତିର୍ବିଦ୍ ଡ. ନିମାଇଁ ବାନାର୍ଜୀ]

- ଭଗବାନ ଅଛନ୍ତି । ସେ ଅବତାର ଭାବରେ ଜନ୍ମ ନିଅନ୍ତି । ମଣିଷ ଭିତରେ ମଣିଷର ସନ୍ଧାନ, ବିବେକ ଭିତରେ ବିବେକ । ମାନବିକତା ଭିତରେ ମାନବ ହୋଇ ସାରା ବିଶ୍ୱ ବ୍ରହ୍ମାଣ୍ଡକୁ ଚଳେଇଛନ୍ତି । ପବନର କ'ଣ ଅସ୍ତିତ୍ୱ ଅଛି? ଦେହରେ

ସୁଲୁସୁଲୁ ହୋଇ ବାଜିବାରୁ ଆମେ ଅନୁଭବରୁ ଜାଣୁଛୁ ପବନ ଅଛି ବୋଲି । ସେମିତି ଈଶ୍ୱରଙ୍କର ଅସ୍ତିତ୍ୱ ଖାଲି ଆଖିରେ ପଡ଼େନାହିଁ, ଅନୁଭବରୁ ହିଁ ଜାଣିହୁଏ ଯେ ଈଶ୍ୱର ଅଛନ୍ତି ।

[ପ୍ରସନ୍ନ କୁମାର ପାଟ୍ଟଶାଣୀ, ସାଂସଦ]

- ଭଗବାନ, ଅବତାର, ଈଶ୍ୱରଙ୍କୁଇ ସେ ହିଁ ଅବତାରୀ, ସେ ଅବତାର ସୃଷ୍ଟି କରନ୍ତି । ସେପରି ଦଶ ଅବତାର, ଖ୍ରୀଷ୍ଟ ଅବତାର, ମହମ୍ମଦ ଅବତାର ଇତ୍ୟାଦି । ସେହି ଅବ୍ୟକ୍ତ ଅବତାରୀ ପୁରୁଷଙ୍କର ଅସ୍ତିତ୍ୱ ନିଶ୍ଚୟ ଅଛି । ତାହା ସ୍ୱୟଂ ଅନୁଭୂତିର ବିଷୟ । ଅନୁଭବୀ ନ ହେଲେ ତାହା ସହଜରେ ବୁଝାପଡ଼େ ନାହିଁ ।

[ଠାକୁର ଶ୍ରୀ ଶ୍ରୀ ଶ୍ରୀ କେଶବ ଚନ୍ଦ୍ର]

- ଭଗବାନ ଅବତାର ଓ ଅସ୍ତିତ୍ୱ ଉପରେ ମୁଁ ଦୃଢ଼ ବିଶ୍ୱାସ କରେ । ମଣିଷକୁ ରକ୍ଷା କରିବା ପାଇଁ ତଥା ସମ୍ମାର୍ଗରେ କଢ଼େଇ ନେବାପାଇଁ ଈଶ୍ୱର ମଣିଷ ରୂପରେ ଯୀଶୁ ହୋଇ ଅବତାର ଗ୍ରହଣ କରିଥିଲେ । ତାଙ୍କର ଶିକ୍ଷା, ବାଣୀ ଓ ଆଦର୍ଶ ଗ୍ରହଣ କରି ଦୁଷ୍ଟ ଓ ପାପୀ ମଣିଷ ନିଜକୁ ପରିବର୍ତ୍ତନ କରିପାରିବ ଓ ଈଶ୍ୱରଙ୍କ ସନ୍ତାନ ହୋଇପାରିବ । ସେ ଥରେ ମାତ୍ର ଧରାପୃଷ୍ଠରେ ଅବତାର ଗ୍ରହଣ କରିଥିଲେ ।

[ଧୀରେନ୍ଦ୍ର କୁମାର ମହାନ୍ତି, ବିଶପ୍]

- ଭଗବାନଙ୍କ ଅସ୍ତିତ୍ୱରେ ମୋର ପୂର୍ଣ୍ଣ ବିଶ୍ୱାସ ରହିଛି । ତାଙ୍କର ଅସ୍ତିତ୍ୱ ବିନା ସୃଷ୍ଟିର ସ୍ଥିତି ଅସମ୍ଭବ । ତାଙ୍କରି ନିର୍ଦ୍ଦେଶରେ ସୃଷ୍ଟି ପରିଚାଳିତ । ସୁତରାଂ ଏକ ଅଦୃଶ୍ୟ ଶକ୍ତି ଯାହାକୁ ବିଭିନ୍ନ ଭାଷାରେ ବିଭିନ୍ନ ଭାବରେ ପ୍ରକାଶ କରାଯାଏ, ସେ ଅଟନ୍ତି ପରମ ବ୍ରହ୍ମ ବା ପରମେଶ୍ୱର । ଭଗବାନ ଯେକୌଣସି ଅବତାର ଗ୍ରହଣ କରି ପାରନ୍ତି । କିନ୍ତୁ ଖ୍ରୀଷ୍ଟିଆନମାନଙ୍କର ବିଶ୍ୱାସ, ଭଗବାନଙ୍କର ଏକମାତ୍ର ଅବତାରୀ ଅଟନ୍ତି ଇତିହାସର ପରମପୁରୁଷ ଯୀଶୁଖ୍ରୀଷ୍ଟ ।

[ଡ. ଲୁଇ ସଭାସୁନ୍ଦର, କାଥଲିକ୍]

- ସୂର୍ଯ୍ୟ- ଚନ୍ଦ୍ର- ଗ୍ରହ- ନକ୍ଷତ୍ରାଦିର ଅଭ୍ରାନ୍ତ ଗତି, ଜୀବ- ଜୀବନର ଅବୋଧ ତତ୍ତ୍ୱ, ପ୍ରକୃତି ବିବର୍ତ୍ତନର ଗୁଢ଼ ରହସ୍ୟ ଇତ୍ୟାଦି ବିଷୟରେ ଚନ୍ତା କଲେ ଜଣାଯାଏ ଯେ ଗୋଟିଏ ମହାନିୟୋଗକର୍ତ୍ତା ( master- mind) ଏ ସମସ୍ତ ଲୀଳା ପରିଚ୍ଛଳନା କରୁଛନ୍ତି । ଏହି Master- Mind ହେଉଛନ୍ତି ଭଗବାନ; ଯାହାଙ୍କ ଅସ୍ତିତ୍ୱ ଜ୍ଞାନୀ ଲୋକମାନେ ଉପଲବ୍ଧି କରି କରିପାରନ୍ତି । ଅବତାର ରୂପରେ ଅବତରଣ କରିବା ଏପରି ଅଚନ୍ତ୍ୟ ଭଗବାନଙ୍କ ପକ୍ଷରେ ଅଧଃପତନ । ତାଙ୍କ ଅସୀମ କର୍ତ୍ତୃତ୍ୱରେ ବହୁ ବିକଳ୍ପ ଉପାୟ ରହିଛି । ନଜକୁ ଅବତାର ବେଶରେ ଆଣି ବିଦ୍ରୂପ କରିବେ କାହିଁକି?

[ ମଇନୁଦ୍ଦିନ୍ ଅହମଦ, ଆଇ.ଏ.ଏସ୍]

ଭଗବାନଙ୍କର ଅବତାର ଓ ଅସ୍ତିତ୍ୱ ସମ୍ପର୍କରେ ମତ ପ୍ରଦାନ କରି ଡ. ସଚ୍ଚି ରାଉତରାୟ କୌଣସି ପ୍ରାମାଣିକ ତତ୍ତ୍ୱ ଦେଇପାରିବେ ନାହିଁ ବୋଲି କହିଥିବାବେଳେ ପ୍ରଫେସର ରାଧାନାଥ ରଥ କହିଛନ୍ତି ଯେ ସେ ନରୀଶ୍ୱରବାଦୀ, ଅବତାରରେ ତାଙ୍କର ବିଶ୍ୱାସ ନାହିଁ । ଅବତାରମାନେ ଯେ ଯୁବସମାଜର ପ୍ରତିନଧି ମାତ୍ର ଭଲ ଲୋକ ବୋଲି ସେ ପ୍ରକାଶ କରିଛନ୍ତି । ଶ୍ରୀ ଗିରିଜା ଭୂଷଣ ପଟ୍ଟନାୟକ ମତ ଦେଇଛନ୍ତି ଯେ ଅବତାର ଉପରେ ତାଙ୍କର ବିଶ୍ୱାସ ନାହିଁ । ଭଗବାନଙ୍କ ଅସ୍ତିତ୍ୱ ସମ୍ପର୍କରେ ସେ ଏକପ୍ରକାର ନାସ୍ତିକବାଦୀ । ସାଂସଦ ଶ୍ରୀ ଅନାଦି ସାହୁ ଭଗବାନ ନାହାନ୍ତି ବୋଲି କହିଥିବାବେଳେ ଡାକ୍ତର ନରଞ୍ଜନ ତ୍ରିପାଠୀ କଛି ମତ ଦେଇନାହାନ୍ତି । ମାତ୍ର ଅନ୍ୟ ସମସ୍ତେ ଭଗବାନଙ୍କ ଅବତାର ଓ ଅସ୍ତିତ୍ୱ ସମ୍ପର୍କରେ ସ୍ୱୀକାର କରି ବିଭିନ୍ନ ମତ ପ୍ରକାଶ କରିଛନ୍ତି । ମୋ ମତରେ ନଜସ୍ୱ ଉପଲବ୍ଧି ଥିଲେ ଯାହାକଛି କହିହେବ । ଯେହେତୁ ମୋର ସେପରି କଛି ବାସ୍ତବ ଅନୁଭୂତି ହୋଇନାହିଁ ତେଣୁ ନର୍ଦ୍ଦିଷ୍ଟ ମତ ଦେଇପାରୁନ । ( ଲେଖକ)

ଉପ ନର୍ଦ୍ଦେଶକ
ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଓଡିଶା
ଦୂରଭାଷ - 9861145687

# ବାପୁଙ୍କ ପାଇଁ



ସୁଧାଂଶୁ ଶେଖର ଦ୍ୱିବେଦୀ

ଆହେ ସ୍ୱର୍ଗବାସୀ ପିତା ବାପୁଜୀ
ଘେନା କର ଏ ଜାତିର ମିନତୀ ।
ତୁମେ ଅହିଂସାକୁ କରି ବରଣ
କରିଗଲ ଏ ଦେଶକୁ ସ୍ୱାଧୀନ ।
ତୁମ ଗଢା ଏ ଦେଶର ମଣିଷ
ତୁମେ ଯିବା ପରେ ହେଲେ କଳୁଷ ।
ଗଣତନ୍ତ୍ର ନାମେ ଚାଲିଛି ଏ ଦେଶ
ଗଣମାନେ ଏଠୁ ହେଲେଣି ଶେଷ ॥
ରାଜନୀତି ଏବେ ପ୍ରହସନରେ
ଲାଞ୍ଚ- ଖଚ- ମିଛ- ଘୃଣା ନାଆଁରେ ।
ତୁମ ଅହିଂସାର ପଥ ଏମିତି
ହୁଏ ଅନୀତି, ଦୁର୍ନୀତି, ଦୁର୍ଗତୀ ।
କିଏ ସତ କହି ଏଠି ହାରୁଛି
ମିଛ ଦୁନିଆରେ କିଏ ଜିତୁଛି!
ଚାଲିଛି ଯେମିତି ଏ ଦେଶ ଶଗଡ
ଚାଲୁଥିବ ତାହା ଜୀବନ ଯାଏ!
ନାହିଁ ମାମୁଁଠାରୁ କଣା ମାମୁ ଭଲ
ଏହାହିଁ ଆମ ଦେଶର ସ୍ୱାଧୀନ!
ପାର ଯଦି ତୁମେ ଆଉଥରେ ପ୍ରକଟ
ଉଦ୍ଧାର ଏ ଦେଶବାସୀଙ୍କ ସଙ୍କଟ!

ଯୋଗ ଫର ଲାଇଫ, ସେକ୍ଟର- ୧, ସଲ୍ଟ ଲେକ୍, କୋଲକତା

# କେମିତି ହୁଅନ୍ତା ?



ହରେକ୍ରୃଷ୍ଣ ପଣ୍ଡା

କେମିତିକା ସଭ୍ୟ ଆମେ ?
କ'ଣ ଆମ ସଭ୍ୟତାର ସଜ୍ଞା ?
ଏକବିଂଶ ଶତାବ୍ଦିର ସଭ୍ୟ ମଣିଷ ବୋଲି
ଖାଲି ଯାହା ଆସ୍ଫାଳନ,
      ସଭ୍ୟତାର ଖୋଳପା ଭିତରେ
ଆମର ସ୍ୱରୂପ - ଆଦିମ ମଣିଷ ଠାରୁ
ଲେସ ମାତ୍ର କମ୍ ନୁହେଁ -
ବର୍ବରତା, ପାଶବିକତା -
ରକ୍ତ ପିପାସା, ମାଂସର ଭୋକ-
ଆମେ କଣ ଦୂରେଇ ପାରିଛେ ?
ଦେଇ କ ପାରିଛେ ମଣିଷକୁ-
ମଣିଷର ଆତ୍ମିକ ସମ୍ମାନ ?
କେମିତିକା ସମାଜ ଆମ୍ଭର ?
ସତେ ଗୋଟାଏ କଂକ୍ରିଟ୍ ଜଙ୍ଗଲ !
ଏଠି ଖାଲି ହିଂସା, ଇର୍ଷା, ପରଶ୍ରୀକାତରତା
ଆଉ ନଗ୍ନତା ।

ପୂଜ୍ୟ ପୂଜାର ବ୍ୟତିକ୍ରମ -

ୟାଙ୍କୁ କ'ଣ ସୁସ୍ଥ ସମାଜ କହନ୍ତି ?

"ଜୋର୍ ଯାର ମୂଲକ ତା'ର" - ଶ୍ଲୋଗାନ୍ ଏଠି ।

"ଜୀବେ ଦୟା, ଅହିଁସା ପରମ ଧର୍ମ "

ଏ ସବୁ ମୂଲ୍ୟହୀନ ଏଠି ।

କଥା କଥାକେ ଯେଉଁଠି

ଗୁଳ ଫୁଟେ, ରକ୍ତ ଛୁଟେ -

ବଳାତ୍କାରୀର ଶିକାର ହୁଏ ନାବାଳକା -

ରକ୍ଷକ ଭକ୍ଷକ ସାଜେ-

ଦିନ ଦି'ପହରେ -ମଣିଷ ମଣିଷର ତଣ୍ଟି କାଟେ -

ଜାତି ଧର୍ମର ଦ୍ୱାହି ଦେଇ

ସଂକୀର୍ଣ୍ଣତାର ପାଚେରୀ ଠିଆ ହୁଏ -

ଦଙ୍ଗାର ରୂପ ନଏ ।

ବୃଦ୍ଧ ପିତାମାତା ଅଣଦେଖା ଏଠି ।

ନାରୀ ସ୍ୱାଧିନତା, ମହିଳା ସଶକ୍ତିକରଣ

ଖାଲି ଭାଷଣ ବାଜିରେ -

ଛବା କାଗଜ ପତ୍ରରେ ।



* * * * * * * * * * *

କେମିତି ହୁଅନ୍ତା ? ? ?

ଯଦି ପୁଣି ଗୀତା, କୋରାନ୍, ବାଇବେଲ୍ ବାଣୀ -

ମଣିଷ ବୁଝନ୍ତା ?

ଗାନ୍ଧୀ, ବୁଦ୍ଧ, ମହମ୍ମଦ, ଯୀଶୁଙ୍କର ନୀତିରେ

ସମାଜ ଚ଼ଲନ୍ତା ?

ନାରୀକୁ ମିଳନ୍ତା ସମ୍ମାନ -

ନିରନ୍ନକୁ ମିଳନ୍ତା ମୁଠେ ଅନ୍ନ -

ପାଷାଣ୍ଡ, ଅପରାଧୀ, ବଳାତ୍କାରୀ

ତୁରନ୍ତ ଭୋଗନ୍ତୁ ଶାସ୍ତି -

"ଉଚ୍ଚ ଚିନ୍ତା, ସରଳ ଜୀବନ "

ସ୍ନେହ, ପ୍ରେମ ବିରାଜନ୍ତା ମଣିଷ ମନରେ -

ଶାନ୍ତି ଅହିଁସାର ହୁଅନ୍ତା

ଜୟଜୟକାର !

ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ,
କୁଆଁସ, ମେର୍ଦ୍ଧା କାଟିଆ ଛକ, ଯାଜପୁର ।

ବେଦାନ୍ତୀର ହ୍ଵାଟସଆପ୍ ନମ୍ବର ହେଲା – ୯୫୯୪୯୯୩୭୩୩ । ଆପଣମାନଙ୍କୁ ଅନୁରୋଧ ପତ୍ରିକାଟି ପଢିସାରିବାପରେ ଏହାର ଉନ୍ନତି ପାଇଁ ନିଜର ମତାମତ ଦିଅନ୍ତୁ ।

# ପାଣି ଫୋଟକା



ମଧୁଛନ୍ଦା ବେହେରା

ନୀଳ ଆକାଶର ଚନ୍ଦ୍ର ତୋଳଦେବ,
ଲେଖିଥିଲ ପତ୍ର ଚଠିରେ
ଅମୃତ ବଦଳେ ବିଷ ଦେଲେ ମଧ
ତୁମେ ପିଇଯିବ ବିନା ଦ୍ୱିଧାରେ ।
ଗୋଲାପଟେ ମୁଁ ପାଇବାକୁ ମୋତେ
ରକ୍ତାତ ହୋଇବ କଣ୍ଟାରେ
ତେର ନଈ ସାତ ଦରିଆ ଡେଇଁ
ଆସି ପହଞ୍ଚିବ ପାଖରେ
ସାଗର ବେଳାରେ ଘର କରିଦେବ
ଘର ସେ ତ ନୁହେଁ ନଅର
ସୁଖର ସିନ୍ଦୁକ ଲୁଚେଇ ରଖିଛ
ଦେବାକୁ ଯେ ଉପହାର ।
ସାରା ଦୁନିଆର ସୁଖ ଆଣିଦେବ
ଲୁହ ଦେଖିବନ ଆଖିରେ
ସବୁ ସ୍ୱପ୍ନ ମୋର ସାକାର କରିବ
ସାତ ଜନ୍ମ ରହିଥିବ ମୋ ସାଥୀରେ
ତୁମ କଥା ଥିଲା ପାଣିର ଫୋଟକା
ପାଣି ରେ ମିଳାଇ ଗଲା
ସବୁ ସ୍ୱପ୍ନ ମୋର ଅଧା ଗଢା ହୋଇ
ଅଧାରେ ଯେ ରହିଗଲା ।



କଟୱାରିଆ ସରାଇ, ନୂଆ ଦିଲ୍ଲୀ

# ଗୋବିନ୍ଦ ଭୋଜନାଳୟ, ବୁଦାପେଷ୍ଟ



ଡକ୍ଟର ବିଜ୍ଞାନୀ ଦାସ

ବୁଦାପେଷ୍ଟ ର ପାର୍ଲିଆମେଣ୍ଟ ହାଉସ୍ ପାଖରୁ ଡାନୁବୀ ନଦୀର ତୀରେତୀରେ ସେମାନେ ଚାଲୁଥିଲେ, ସ୍ୱପ୍ନା ଆଉ ଅମର । ଜୀବନର ଏତେ ଗୁଡିଏ ବୟସ ବିତିଯାଇଥିଲା କର୍ମ କରିକରି । ଶୈଶବର କଥା ତ ଏତେ ମନେ ନାହିଁ; ତେବେ କୈଶୋର ଓ ଯୌବନ ପାଠପଢାରେ ବିତିଲା, ତା' ପରବର୍ତ୍ତୀ ସମୟ ବିତିଲା ସଂସାର ଗଢିବାରେ, ପିଲାମାନଙ୍କୁ ବଢେଇବାରେ ଓ ଚାକରିରେ । ଏବେ ପିଲାମାନେ ଯିଏ ଯାହା ତାଙ୍କ ବାଟରେ । ଟିକେ ସମୟ ମିଳଛି ପତିପତ୍ନୀଙ୍କୁ ପରସ୍ପର ସହିତ ମିଶି ବୁଲାବୁଲି କରିବାପାଇଁ । ହେଲେ ଏ ଯେଉଁ ପଚାଶ ପାରିର ବୟସ, ଏଥିରେ ବି ଦୁନିଆ ଝାମେଲା, ନା ଏତେ ଶକ୍ତି, ସାମର୍ଥ୍ୟ ଅଛି ଦେହରେ ଯେ ପାହାଡ ଚଢିଯିବ ଉଦ୍ଦାମ ହୋଇ, ନା ଶରୀର ସେମିତି ରୋଗମୁକ୍ତ ହୋଇ ରହିଛି ଯେ କୌଣସି ସମସ୍ୟା ପାଇଁ ଚିନ୍ତା ନକରି ଅଜଣା, ଅଶୁଣା ଲକ୍ଷ୍ୟଦିଗରେ ମାଡିଯିବା ପାଇଁ । ତଥାପି ଦେଶବିଦେଶ ବୁଲି ଈଶ୍ୱରଙ୍କର ଏ ସୃଷ୍ଟିର ସମସ୍ତ ଐଶ୍ୱର୍ଯ୍ୟକୁ ଅନୁଭବ କରିବାପାଇଁ ମନରେ ସେମାନଙ୍କର ଅନେକ ଫୂର୍ତ୍ତି ଥାଏ ।

ସବୁ ଠିକ୍ଠାକ୍ ଥିଲା । ନଦୀର ଶୀତଳ ପବନ ବାଜି ଦେହ ଶୀତେଇ ଉଠୁଥିଲେ ବି ରୋମାଞ୍ଚକର ଲାଗୁଥିଲା । ନଦୀ ପାଖରେ ବହୁତ ଭିଡ । କେତେକେତେ ଯାତ୍ରୀ ସବୁ କେଉଁକେଉଁ ଦେଶରୁ ଆସିଛନ୍ତି କିଏ ଜାଣେ । ସେମାନଙ୍କ ମଧ୍ୟରେ ଅନେକ ଭାରତୀୟ ବି ଥାଆନ୍ତି । ସମସ୍ତେ ଉପଭୋଗ କରିବାରେ ବ୍ୟସ୍ତ; ମୋବାଇଲ୍ ଫୋନ୍‌ରେ ସେଲ୍ଫି ନେବାରେ ବ୍ୟସ୍ତ । ଡାନୁବୀ ନଦୀର ଆରପଟରୁ ବୁଦା ମହଲ ( ବୁଦା କାସ୍‌ଲ୍) ଦେଖା ଯାଉଥାଏ । ଏ ସୌନ୍ଦର୍ଯ୍ୟ ଅବିସ୍ମରଣୀୟ । ହେଲେ ଏତେ ସୁନ୍ଦର ସ୍ଥାନରେ, ଏତେ ସୁନ୍ଦର

ପରିବେଶରେ ସ୍ୱପ୍ନାର ଆଲର୍ଜି ବାହାରିବାର ଥିଲା । ଯେତେଟା କାଗଜ ରୁମାଲ ସିଏ ପର୍ସ ଭିତରେ ରଖିଥିଲା, ସେସବୁ ନାକ, ଆଖି ପୋଛିପୋଛି ସରି ଆସିଲାଣି । ଅମର ସୁସ୍ଥ । ସିଏ ଏ ଅପରୂପ ସୌନ୍ଦର୍ଯ୍ୟକୁ ଉପଭୋଗ କରୁଥାନ୍ତି । ତାଙ୍କର ଏବେ ଗୋଟିଏ ଲକ୍ଷ୍ୟ, ସେ ଗୋବିନ୍ଦ ଭୋଜନାଳୟକୁ ଖୋଜି ପାଇବା ଓ ସେଠି ଭଲରେ ଟିକେ ଭାରତୀୟ ଖାଦ୍ୟ ଖାଇବା। ଦୁଇଦିନ ହେଲା ଖିଆପିଆ ଠିକ୍‌ଭାବେ ହୋଇନ । ଚାହିଁଥିଲେ ସେମାନେ ଟ୍ୟାକ୍ସି ନେଇ କୌଣସି ଭାରତୀୟ ଭୋଜନାଳୟକୁ ଯାଇପାରିଥାନ୍ତେ । ହେଲେ ଖର୍ଚ୍ଚକୁ ବି ତ ଦେଖିବା ଉଚତ । ଦ୍ୱିତୀୟରେ ନଜେ ନ ଚାଲିଲେ କ ନ ବୁଲିଲେ କଛି ଉପଭୋଗ କରିହୁଏନ । ଏ ନଦୀକୂଳର ସୌନ୍ଦର୍ଯ୍ୟ ସିନା ନଦୀକୂଳରେ ଜଣେ ଚାଲିଲେ ଅନୁଭବ ଓ ଉପଭୋଗ କରିପାରିବ; ଟ୍ୟାକ୍ସି ତ ସାଙ୍ଗେସାଙ୍ଗେ ରାସ୍ତା ଅତିକ୍ରମ କରି ଚାଲିଯିବ ।

ଅମର ଆଗେଆଗେ ତନ୍ମୟ ହୋଇ ଚାଲିଥାନ୍ତି । ସ୍ୱପ୍ନା ପଛେପଛେ ଚାଲୁଥାଏ । ହଠାତ୍ ଅମର ଅଟକଯାଇ ପଛକୁ ଚାହିଁଲେ । ସେ ସ୍ଥାନଟି "ଜୋତା ସ୍ମାରକୀ" ( ସୁ ମେମୋରିଆଲ୍) । ଚଳଚ୍ଚିତ୍ର ନର୍ଦ୍ଦେଶକ କେନ୍ ଟୋଗେ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରର ଘଟଣାକୁ ଆଧାର କରି ଏ "ଜୋତା ସ୍ମାରକୀ" ର ଧାରଣା ଆଣିଥିଲେ । ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଅନେକ ବ୍ୟକ୍ତିଙ୍କୁ ନୃଶଂସ ଭାବେ ମାରି ଦିଆଯାଇଥିଲା । ସେମାନଙ୍କୁ ଜୋତା ଖୋଲିବାକୁ କୁହାଯାଇଥିଲା ଓ ତାପରେ ନଦୀକୂଳରେ ଗୁଳକରି ମାରି ଦିଆଯାଇଥିଲା ଯେମିତି କ ସେମାନଙ୍କ ମୃତଦେହ ପାଣିଭିତରେ ପଡି ଭାସିଯିବ । ସେଇମାନଙ୍କ ଜୋତାର ସ୍ମୃତିରେ ଗଢା ହୋଇଥିଲା ସେ "ଜୋତା ସ୍ମାରକୀ" । ସେଠି ଜୋତାଗୁଡିକ ଅତି ଚମତ୍କାର ଭାବେ ସଜା ହୋଇ ରଖାଯାଇଥିଲା । ନଦୀକୂଳରେ ଚାଲୁଥିବା ପର୍ଯ୍ୟଟକ ମାନେ ସେଠି ଘଡିଏ ଲେଖାଏଁ ଠିଆ ହେଉଥାନ୍ତି, କଛି ଫଟୋ ଉଠାଉଥାନ୍ତି ଓ ତାପରେ ପୁଣି ଆଗକୁ ଚାଲୁଥାନ୍ତି । ସେଇଠି ପହଞ୍ଚି ଅମର ପଛକୁ ଚାହିଁ ଦେଖିଲେ ସ୍ୱପ୍ନା ଅନେକ ପଛରେ ଅଛି । ଅମର ଡାକଲେ, "ଏଇଠିକୁ ଶୀଘ୍ର ଆସେ; କେତେ ରକମର ଜୋତା ଦେଖିବୁ ।"

ସ୍ୱପ୍ନା ସେଠି ପହଞ୍ଚି କହିଲା, "ଏଇଠି ଟିକେ ବସନ୍ତେ, ଭାରି କଷ୍ଟ ହେଲାଣି ।"

ହେଲେ ପାଖରେ ଯେଉଁ ସବୁ ବେଞ୍ଚ୍ ପଡିଥିଲା, ସେସବୁରେ ଖାଲି ସ୍ଥାନ ନଥିଲା । ଅମର କହିଲେ, "ଆଉ ଟିକେ ଆଗକୁ ଚାଲ, ଖାଲି ବେଞ୍ଚ୍ ଥିଲେ ବସିବା ।"

ଆଉ ଟିକେ ଆଗକୁ ଯିବାରୁ ସେଠାରେ ଗୋଟିଏ ସୂଚନା କକ୍ଷିକା ଦେଖାଗଲା । ଅମର ସେଠାରେ ଯାଇ ପଚାରିଲେ, "ଏଠୁ ଗୋବିନ୍ଦ ଭୋଜନାଳୟଟି କେତେଦୂର ପଡିବ? "

ସେ ବୁଥ୍ ରେ ଦୁଇଜଣ ପରିଚାରକ ଥିଲେ । ସେମାନେ ଗୋବିନ୍ଦ ଭୋଜନାଳୟ କେଉଁଠି ଜାଣିନଥିଲେ । ସ୍ୱପ୍ନା କାଗଜରେ ଲେଖିଥିବା ଠିକଣା ଦେଲା । ସେ ବୁଥ୍‌ର ପରିଚାରକ ଗୋଟିଏ ନୂଆ ମାନଚିତ୍ର ଦେଇ ଗୋବିନ୍ଦ ଭୋଜନାଳୟ ଥିବା ରାସ୍ତାକୁ ଚିହ୍ନଟ କଲା ଓ ସେଠିକୁ ଯିବାପାଇଁ ବାଟ ବତେଇଦେଲା ।

"ଆହୁରି ଦେଢ ମାଇଲ୍ ଚାଲିବାକୁ ପଡିବ ?" - ସ୍ୱପ୍ନା କ୍ଳାନ୍ତ ସ୍ୱରରେ କହିଲା ।

"ଏ ଚାଲୁଥିବା ଲୋକଙ୍କ ସହିତ ଚାଲିଚାଲି ଗଲେ ରାସ୍ତା ଜଣାପଡିବନି । ପ୍ରଥମେ ଟିକେ କିଛି ସମୟ ପାଇଁ ବସିଯିବା ଚାଲ, ତାପରେ ବରଂ ଚାଲିବା ।"

ସେଠି ପଡିଥିବା ବେଞ୍ଚ୍ ରେ ବେଶି ଲୋକ ନଥିଲେ । ତେଣୁ ସ୍ୱପ୍ନା ଓ ଅମର ଟିକେ ବସି ଥକ୍କା ମେଣ୍ଟେଇଲେ ଓ ବ୍ୟାଗ୍‌ରୁ ପାଣି ବୋତଲ ବାହାର କରି ପିଇଲେ ।

ଯଦିଓ ସେ ବୁଥ୍‌ର ପରିଚାରକ ରାସ୍ତା ବତେଇଥିଲା, ଅମର ତାଙ୍କ ମୋବାଇଲ୍‌ରୁ ଗୁଗୁଲ୍ ମ୍ୟାପ୍ ବାହାର କରି ଗୋବିନ୍ଦ ଭୋଜନାଳୟର ଠିକଣା ବାହାର କରିବାକୁ ଚେଷ୍ଟା କଲେ । ସ୍ୱପ୍ନା ବିରକ୍ତ ହେଲା । "ଆରେ ସେ ଫୋନ୍‌ରୁ ମ୍ୟାପ୍ ଚେକ୍‌କରି ଆଜି ଆମେ ଖରାବେଳେ କେତେବାଟ ଚାଲିଲେ । କାହିଁକି ତା' ପଛରେ ପଡି ସମୟ ନଷ୍ଟ କରୁଛ ।"

ସତରେ ଆଜି ସେ ଗୁଗୁଲ୍ ମ୍ୟାପ୍ ସେମାନଙ୍କୁ ଏତେ ହଇରାଣ କଲା ଯେ, ତା' ଉପରୁ ଭରସା ତୁଟିଗଲା । ଖରାବେଳେ କେବଳ ଖାଇବା ପାଇଁ ସେମାନେ ବେକାରରେ ଦୁଇଘଣ୍ଟା ନଷ୍ଟ କଲେ । ବେକାରରେ ଟୁର୍‌ବସ୍‌ରୁ ଓହ୍ଲେଇ ସେମାନେ ଭାରତୀୟ ଭୋଜନାଳୟ

ଖୋଜିବାକୁ ଚାଲିଲେ । ଚାଲୁଛନ୍ତି ତ ଚାଲୁଛନ୍ତି । ସେ ଗୋବିନ୍ଦ ଭୋଜନାଳୟ ଆସୁନ । ଶେଷରେ ଗୋଟିଏ ଭିଏତ୍‌ନାମ୍ ରେଷ୍ଟୁରାଣ୍ଟ ରେ ସେମାନେ ଲଞ୍ଚ୍ ଖାଇଥିଲେ ।

ଦିନସାରା ଚାଲିଚାଲି ସ୍ୱପ୍ନା ଥକ ଯାଇଥାଏ । ଯେଉଁଠି ହେଲେ ଖାଇଦେଲେ ଚଳବ । ହେଲେ, ସିଏ ବି ଭାରତୀୟ ଖାଦ୍ୟକୁ ଝୁରି ହେଉଥାଏ ।

"ଚେନ୍ ବ୍ରିଜ୍" ପାଖେଇ ଆସିଲା । ଏବେ ନଦୀ କୂଳେକୂଳେ ନ ଚାଲି ସେମାନେ ଉପରକୁ ଚାଲିଆସିଲେ । ଉପରକୁ ଆସି ପୁଣି ଥରେ ମାନଚନ୍ଦ୍ର ଯାଞ୍ଚ କଲେ ଅମର । ଗୋବିନ୍ଦ ଭୋଜନାଳୟ ପାଖରେ ଥିବାର ମନେ ହେଉଥିଲା । ଅମର ପୁଣିଥରେ ତାଙ୍କ ମୋବାଇଲ୍ ଯାଞ୍ଚ କଲେ । ମୋବାଇଲ୍ ମଧ୍ୟ ସ୍ଥାନଟି ପାଖରେ ଥିବାର ସଙ୍କେତ ଦେଲା । ଆଉଥରେ ସ୍ପଷ୍ଟ କରିବା ପାଇଁ ସିଏ ସେଠି ଚାଲୁଥିବା ଜନୈକ ବ୍ୟକ୍ତିକୁ ପଚାରିଲେ । ସେ ବ୍ୟକ୍ତି ଜଣକ କହିଲେ, "ଆପଣ ଏଇ ରାସ୍ତାର ବାମକୁ ଚାଲନ୍ତୁ । ସେଠି ଯେଉଁ ଛକ ଦେଖୁଛନ୍ତି, ସେଇ ଛକ ହିଁ ସେ ରାସ୍ତା । ଆପଣ ସେଠି ଆଗକୁ ଗଲେ ଏ ଠିକଣାରେ ପହଞ୍ଚିପାରିବେ ।"

ଉଭୟ ଅମର ଓ ସ୍ୱପ୍ନା ଅନେକ ଖୁସି ହୋଇଗଲେ ଓ ବାମପଟ ରାସ୍ତାରେ ଚାଲିଲେ । ଟିକେ ଅଗରେ ହିଁ ସେ ଛକ ଆସିଲା । ଛକରୁ ଟିକେ ଡାହାଣକୁ ଯିବାରୁ "ଗୋବିନ୍ଦ ରେଷ୍ଟୁରାଣ୍ଟ" ର ସାଇନ୍ ବୋର୍ଡ ଦିଶିଲା ।

ଅମର ଏତେ ଖୁସି ହୋଇଗଲେ ଯେ, ବଡପାଟିରେ ସ୍ୱପ୍ନାକୁ ଡାକ ପକେଇଲେ । "ଆ ଏଇଠିକୁ । ରେଷ୍ଟୁରାଣ୍ଟ ମିଳଗଲା ।"

ସ୍ୱପ୍ନା ପହଞ୍ଚୁପହଞ୍ଚୁ ସିଏ ଭିତରକୁ ଯାଇ ତଳ ମହଲାକୁ ଚାଲିଯାଇଥିଲେ । ରେଷ୍ଟୁରାଣ୍ଟ ଟି ତଳ ମହଲାରେ ଥିଲା । ଅନୁମାନ କରି ଅଣ ଓସାରିଆ ସିଡିରେ ତଳକୁ ଓହ୍ଲାଇ ସ୍ୱପ୍ନା ବି ସେଠି ପହଞ୍ଚିଗଲା ।

ହେଲେ ସ୍ୱପ୍ନାର ସ୍ୱପ୍ନ ସେଇଠି ସରିଗଲା । ଏ ରେଷ୍ଟୁରାଣ୍ଟ ଟି ସେମିତି ଉଚ୍ଚମାନର ଲାଗୁନଥିଲା । କାଉଣ୍ଟର୍‌ର ଗୋଟିଏ ପାର୍ଶ୍ୱରେ ବଫେ ଷ୍ଟାଇଲରେ ସାତ, ଆଠ ରକମର

ଖାଦ୍ୟ ରଖାଯାଇଥିଲା । ଭାତ, ଡାଲି, ଭଜା, କୋବି ମଟର ତରକାରି, ସାଲାଡ୍, ରାଇତା ଓ ମିଠା । ସେଇଥିରୁ ଯିଏ ଯେଉଁଟା ଯେତିକ ଖାଇବାକୁ ଇଚ୍ଛା କରିବ, ସେଇ ଅନୁଯାୟୀ କାଗଜ ଥାଳରେ ବାଢ଼ି କାଉଣ୍ଟର୍‌କୁ ନେବ । ଖାଦ୍ୟର ପରିମାଣ ଅନୁଯାୟୀ ପଇସା ଦେବାକୁ ପଡ଼ିବ ।

ଏଭଳି ରେଷ୍ଟୁରାଣ୍ଟ ର ପରିବେଶ ଦେଖି ସ୍ୱପ୍ନା କ୍ଷୁର୍ଣ୍ଣହେଲା । ଅମର ବି କ୍ଷୁର୍ଣ୍ଣ ହେଲେ; ହେଲେ ଏତେ ପରିଶ୍ରମ କରି ବୁଲିବୁଲି ଆସିଛନ୍ତି ଯେତେବେଳେ, ଖାଇଦେଇ ଯିବା ଭଲ । ଓଡ଼ିଆ ପ୍ରବାଦ ଅନୁଯାୟୀ "ନାଇଁ ମାମୁ ଠାରୁ କଣା ମାମୁ ଭଲ" । ପରେ ବୁଝାପଡ଼ିଲା, ସେଇଟା ଇସ୍‌କନ୍ ସଂସ୍ଥାର ଭୋଜନାଳୟ । ଯଦିଓ ମନ୍ଦିର ସେଠି ନଥିଲା ଓ ଦୂରରେ ଥିଲା, ହେଲେ ରେଷ୍ଟୁରାଣ୍ଟ ରେ ଇସ୍‌କନ୍ ନିୟମରେ ଖାଦ୍ୟ ପ୍ରସ୍ତୁତି ହେଉଥିଲା । ସବୁକଛି ଶାକାହାରୀ ଓ ବିନା ପିଆଜ, ରସୁଣର ଖାଦ୍ୟ । ମନ୍ଦିରଠାରୁ ଅଲଗା ଥିଲା ବୋଲି, ସ୍ୱପ୍ନା ଓ ଅମର ସେ ରେଷ୍ଟୁରାଣ୍ଟ ଟିକୁ ଅନ୍ୟ ସବୁ ଭାରତୀୟ ରେଷ୍ଟୁରାଣ୍ଟ ଭାବି ଏତେ ଖୋଜୁଥିଲେ ।

ସ୍ୱପ୍ନାର ଆଲର୍ଜି ଏତେ ଥିଲା ଯେ, କାଳେ ଖାଇବା ପାଖରେ ଛିଙ୍କି ଦେବ, ସେଥିପାଇଁ କଛି କାଗଜ ରୁମାଲ୍ ଧରି ସିଏ ଆଉ ଗୋଟିଏ ଛୋଟ ଅଣଓସାରିଆ ମାର୍ଗ ଦେଇ ଖାଇବା ପାଇଁ ଉଦ୍ଦିଷ୍ଟ ଥିବା କୋଠରିରେ ପଡ଼ିଥିବା ଟେବୁଲ୍ ପାଖରେ ଚେୟାରରେ ଯାଇ ବସିଲା । ସେ କୋଠରିରେ ଆଉ ତିନୋଟି ପରିବାର ଖାଇବା ପାଇଁ ବସିଥିଲେ; ସେମାନଙ୍କ ଭିତରେ ଗୋଟିଏ ଭାରତୀୟ ପରିବାର ଥିଲେ । ଯେଉଁ ଭାରତୀୟ ପରିବାରଟି ଥିଲେ ସେମାନେ ସ୍ୱାମୀ, ସ୍ତ୍ରୀ ଓ ପିଲା ଦୁଇଜଣ । ସେମାନେ କଛି ସମୟ ବସି କଣ ଯୁକ୍ତି, ତର୍କ କଲେ ଓ ତାପରେ ରେଷ୍ଟୁରାଣ୍ଟ ରୁ ବିଦାୟ ନେଲେ । ବୋଧହୁଏ ସେମାନେ ଏ ପରିବେଶରେ ଏମିତି ସୀମିତ ରକମର ଖାଦ୍ୟ ଖାଇବାକୁ ପ୍ରସ୍ତୁତ ନଥିଲେ । ସ୍ୱପ୍ନା ବି ଇଚ୍ଛା କରୁଥିଲା, ଆଉ କୁଆଡ଼େ ଯାଇ ଖାଇଲେ ହୁଅନ୍ତା; ଏମିତି କ ଚାଇନିଜ୍ କ ଥାଇ ମିଳିଗଲେ ବି ଚଳନ୍ତା; ହେଲେ ଆଲର୍ଜି ପାଇଁ ଦେହ ଏମିତି ଲାଗୁଥିଲା ଯେ, ଉଠିବାକୁ ବି ମନ ହେଉନଥିଲା ।

କିଛି ସମୟ ପରେ ଅମର ଗୋଟିଏ ଟ୍ରେରେ ସ୍ୱପ୍ନା ପାଇଁ ଭାତ, ଡାଲି, କୋବି ମଟର ତରକାରି ଧରି ପହଞ୍ଚିଲେ । ତାଙ୍କ ନିଜ ପାଇଁ ଥିବା ଟ୍ରେରେ ଭାତ, ଭଜା, ଖାଇତା ଓ ସାଲାଡ୍ ଆଣିଲେ । ସ୍ୱପ୍ନାକୁ କହିଲେ, "ସବୁ ଚାଖି କରି ଦେଖେ, ଯଦି କିଛି ଭଲ ଲାଗିଲା ତ ଆଉଥରେ ନେଇଆସିବି ।"

"ଯାହା ହେଉ, ଇସ୍କନ୍‌କୁ ଧନ୍ୟବାଦ । ପ୍ରାଣ ବଞ୍ଚେଇଦେଲା ।" - ଅମର ଖାଉଖାଉ ମନ୍ତବ୍ୟ ଦେଲେ ।

"ତମେ ଏଇ ରେଷ୍ଟୁରାଣ୍ଟ ପାଇଁ ଖରାବେଳେ ଲଞ୍ଚ୍ ଟାଇମରେ ଏତେ ଚଲେଇଲ ?" - ସ୍ୱପ୍ନା ଅଭିଯୋଗ କଲା ।

"ମୁଁ କଣ ଭାବିଥିଲି ଏଇଟା ଇସ୍କନ୍‌ର ରେଷ୍ଟୁରାଣ୍ଟ ବୋଲି । ମୁଁ ଭାବିଥିଲି ଅନ୍ୟ ସବୁ ଭାରତୀୟ ରେଷ୍ଟୁରାଣ୍ଟଭଳି ହୋଇଥିବ ।"

ଖାଦ୍ୟ ରାନ୍ଧିଥିଲେ ସବୁ ଇସ୍କନ୍‌ର ବୁଦାପେଷ୍ଟ ଅଧିବାସୀ ଭକ୍ତମାନେ । ତେଣୁ ଖାଦ୍ୟର ସ୍ୱାଦ ଭାରତୀୟ ରାନ୍ଧଣାର ସ୍ୱାଦ ଠାରୁ ଅଲଗା ଥିଲା । ତଥାପି ଏତେଟା ଖରାପ ନଥିଲା ।

ଏଇ ଗୋବିନ୍ଦ ଭୋଜନାଳୟକୁ ଖୋଜି ସେମାନେ ଖରାବେଳେ ଅନେକ ଚାଲିଛନ୍ତି । ଆଜିର ଟୁର୍‌ରୁ କେତେ ସମୟ କେବଳ ଏ ଗୋବିନ୍ଦ ଭୋଜନାଳୟ ପାଇଁ ବରବାଦ ହୋଇଗଲା । ସେମାନେ "ହପ୍ ଅନ୍ ଆଣ୍ଡ ହପ୍ ଅଫ୍" ଟୁର୍ ବସରେ ଟିକେଟ୍ କିଣିଥିଲେ । ବସ୍‌ଟି ଅପରାହ୍ନ ପାଞ୍ଚଟା ପର୍ଯ୍ୟନ୍ତ ଚାଲେ । ସେଥିରୁ ଅନେକ ସମୟ ଗଲାଣି । ଯେହେତୁ ସେମାନେ ଡାଉନ୍‌ଟାଉନ୍‌ରୁ ଟିକେ ଦୂରରେ ରହୁଥିଲେ, ସେମାନଙ୍କ ପାଖରେ ଥିବା କେଲେଟି ଷ୍ଟେସନ୍ ପାଖ ଷ୍ଟପ୍‌ରୁ ପ୍ରଥମ ବସ୍‌ର ଆରମ୍ଭ ସମୟ ଥିଲା ଦିନ ୯ଟା ୨୦ରେ । ସେଇଠାରୁ ବସରେ ବସି ସେମାନେ ପ୍ରଥମେ ଯାଇଥିଲେ ସିଟାଡେଲ୍ । କାରଣ ସେଇ ସ୍ଥାନଟି ସବୁଠାରୁ ଦୂରରେ ଥିଲା । ସିଟାଡେଲ୍‌କୁ ବୁଦାପେଷ୍ଟ ର "ଷ୍ଟାଚୁ ଅଫ୍ ଲିବର୍ଟି" କୁହା ଯାଉଥିଲା । ଗେଲର୍ଟ ପାହାଡ ଉପରେ ଅବସ୍ଥିତ ଏ ଦୁର୍ଗ ୧୮୫୧ରେ ନିର୍ମାଣ

କରାଯାଇଥିଲା । ହଙ୍ଗେରୀର ଜାତୀୟ ଇତିହାସ ସହିତ ଏ ଦୁର୍ଗ ଜଡିତ । ଏ ଦୁର୍ଗର ଶୀର୍ଷ ଦେଶରୁ ସାରା ବୁଦାପେଷ୍ଟ ସହରଟି ସ୍ପଷ୍ଟ ଭାବେ ଦେଖାଯାଏ । ଡାନୁବୀ ନଦୀ ବୁଦା ଓ ପେଷ୍ଟ ପାର୍ଶ୍ୱକୁ ବିଭକ୍ତ କରିବାର ମନୋରମ ଛବି ଓ ଏ ଦୁଇ ପାର୍ଶ୍ୱକୁ ସଂଯୁକ୍ତ କରୁଥିବା ଆଠଟି ପୋଲର ଛବି ଏଠାରୁ ସ୍ପଷ୍ଟ ଦିଶେ । ଏତେ ସୁନ୍ଦର ଦୃଶ୍ୟର ଫଟୋ ନେବା ପାଇଁ କାହାର ବି ଇଚ୍ଛା ନ ହେବ ? ହେଲେ ଯୋଗ ଏମିତି ଦେଖ, ସେତିକ ବେଳେ ବର୍ଷା ହେବାର ଥିଲା । ଏଭଳ ବର୍ଷାରେ ମହଙ୍ଗା କ୍ୟାମେରା ବାହାର କରିବାକୁ ଇଚ୍ଛା ହେଲାନ । ତେବେ ମୋବାଇଲରେ ଯେତିକ ଫଟୋ ଉଠାଇ ହେବ, ସେତିକ ଉଠାଗଲା । ସେତିକ ବେଳେ ଅମରଙ୍କର ପ୍ରେମ ସୁଆଗ ବାହାରିଲା । ସିଏ ଗୋଟିଏ ହୀରା ମୁଦି ସ୍ୱପ୍ନା ପାଇଁ କଣିଥିଲେ । ସେଇଟିକୁ ବାହାର କରି ସିଏ ସ୍ୱପ୍ନାର ହାତରେ ପିନ୍ଧାଇଲେ । ଆଉ ଜଣେ ବ୍ୟକ୍ତିକୁ ମୋବାଇଲ୍ ଦେଇ ସେମାନଙ୍କର ଫଟୋ ଉଠାଇବାକୁ ଅନୁରୋଧ କଲେ । ଖୁସି ତ ହେଲା ସ୍ୱପ୍ନା, ତଥାପି ମନ୍ତବ୍ୟ ଦେଲା, "ଏଭଳ ପାଗରେ ତମର ଏ ପ୍ରେମ କାହିଁକ ବାହାରିଲା ? ମୁଦିଟା ଟିକେ ଭଲ ପରିବେଶରେ ଦେଇଥାନ୍ତ ସିନା ।"

ସିଟାଡେଲ୍‌ର ପାଦ ଦେଶରେ ଏକ ଗୋଲାକୃତି ଚଉତରା । ସେଠାରୁ ବୁଦାପେଷ୍ଟ ର ବିଭିନ୍ନ ଦର୍ଶନୀୟ ସ୍ଥାନ ଦିଶୁଥାଏ । ସେଠି କଛି ଲୋକ ବସି ପଇସା ବାଜି ଲଗା ଖେଳ ଖେଳୁଥାନ୍ତି । ଏମିତି କ ବର୍ଷାରେ ଗୋଟିଏ ହାତରେ ଛତା ଧରି ଅନ୍ୟହାତରେ ଖେଳୁଥାନ୍ତି । ଖେଳାଉଥିବା ବ୍ୟକ୍ତିମାନେ ସମସ୍ତ ଯାତ୍ରୀଙ୍କୁ ଖେଳବାକୁ ଅନୁରୋଧ କରୁଥାନ୍ତି । ଅମର ଓ ସ୍ୱପ୍ନା ସେମାନଙ୍କର ଖେଳ ଉପଭୋଗ କଲେ । ତାପରେ ଛତାତଳେ ଯେତିକ ଫଟୋ ଉଠାଇ ହେବ, ସେତିକ ଉଠାଇ ବସ୍ ପାଖକୁ ଫେରିଆସିଲେ ।

ସେମାନେ ଯେଉଁ ବସରେ ଫେରିବାକୁ ବସିଲେ, ସେ ବସ୍‌ଟିର ଗତିପଥରେ ସେମାନେ ଦେଖିବାକୁ ଚାହୁଁଥିବା ସ୍ଥାନ ନଥିଲା । ତେଣୁ ସେମାନେ ବାଲ୍‌ନା, ତିମି ( ହ୍ୱେଲ୍) ସାଂସ୍କୃତିକ କେନ୍ଦ୍ର ପାଖରେ ଷ୍ଟପ୍ ନମ୍ବର୍ ୨୦ରେ ଓହ୍ଲାଇ ପଡିଲେ । ସେଠୁ କଛିବାଟ ଚାଲି ସେମାନେ ସେ ଶପିଙ୍ଗ୍ ସେଣ୍ଟର୍ ଭିତରକୁ ଗଲେ । ସେଠି ସବୁ ଜିନଷ ଚଢାଦରର ଥିଲା । ତେଣୁ

ସେମାନେ କିଛି କିଣିଲେନ । କିନ୍ତୁ ସେଠାରେ ଥିବା ରେଷ୍ଟ ରୁମ୍ ଜୀବନ ରକ୍ଷା କରିଦେଲା । ନହେଲେ ଏତେ ସମୟ ପର୍ଯ୍ୟନ୍ତ ସେମାନେ ନିଜକୁ ନିୟନ୍ତ୍ରଣ କରି ରଖିଥିଲେ । କିଛି ଦୋକାନ ବୁଲାବୁଲି କରି ସେମାନେ ବାହାରକୁ ଆସିଲେ । ବସ୍ ଆସିବାକୁ ଆହୁରି ସମୟ ଥାଏ । ଶପିଙ୍ଗ୍ ମଲ୍‌ର ସାମନାରେ ଆଉଟଡୋର୍ ପ୍ରୋଗ୍ରାମ୍ ପାଇଁ ବ୍ୟବସ୍ଥା ହୋଇଥାଏ । ବହୁତ ସିମେଣ୍ଟ ଚେୟାର ଓ କାଠ ଚେୟାର ସବୁ ଏମିତି ଭାବେ ପଡିଥାଏ, ଯେମିତିକି ଲୋକମାନେ ବସି ନଦୀର ସୌନ୍ଦର୍ଯ୍ୟ ଉପଭୋଗ କରିବା ସହିତ ବାହାରେ କିଛି ସଂଗୀତ, ନୃତ୍ୟ ବି ଉପଭୋଗ କରିପାରିବେ । ସେଠାରୁ ସବାଦ୍‌ସାଗ୍ ପୋଲ ଅତ୍ୟନ୍ତ ସ୍ପଷ୍ଟ ଭାବେ ଦିଶୁଥାଏ । କିଛି ସମୟ ଚଲାବୁଲା କରି ସେମାନେ ବସ୍‌ଷ୍ଟପ୍ ପାଖକୁ ଆସିଲେ । ପାଞ୍ଚ ମିନଟ୍ ପରେ ସେମାନଙ୍କ ବସ୍ ଆସିଗଲା । ସେ ବସରେ ବସି ଆସି ଷ୍ଟପ୍ ନମ୍ବର ୭ରେ ଓହ୍ଲେଇଲେ । ସେତେବେଳକୁ ଦିନ ବାରଟା ବାଜିଲାଣି; ଭୋକ ବି ହେଲାଣି । ବସ୍‌ରୁ ଓହ୍ଲାଇ ସେଠାରେ ଥିବା "ହପ୍ ଅନ୍ ହପ୍ ଅଫ୍" ଟୁର୍ ଷ୍ଟଲରେ ବସିଥିବା ଜଣେ ଲୋକକୁ ଗୋବିନ୍ଦ ରେଷ୍ଟୁରାଣ୍ଟର ଠିକଣା ଦେଖେଇ ପଚାରିବାରୁ ସିଏ ଯେଉଁ ରାସ୍ତା ବତେଇଦେଲେ, ସେଥିରେ ପନ୍ଦର ମିନଟ୍‌ର ଚାଲିବାର ଥିଲା । ସ୍ୱପ୍ନା ଯିବାକୁ ଚାହୁଁ ନଥିଲା; ଏତେ ବାଟ ଚାଲିବାକୁ ପଡିବ, ତାକୁ କଷ୍ଟ ଲାଗୁଥିଲା । ସେଠି ଫେରିସ୍ ହୁଇଲ୍ । ସେଇ ଦେଖିବାର ଇଚ୍ଛାରେ ସେମାନେ ଚାଲିବାକୁ ଲାଗିଲେ । ମୋବାଇଲରେ ଗୁଗୁଲ୍ ଚେକ୍ କରି ଅମର ଠିକଣା ଦେଖୁଥାନ୍ତି । ଏମିତି ଦେଖୁଦେଖୁ ୨୫ ମିନଟ୍ ବିତିଗଲା; ଗୋବିନ୍ଦ ରେଷ୍ଟୁରାଣ୍ଟ ଆସୁନଥାଏ । ତେଣୁ ସେମାନେ ବାଧ୍ୟ ହୋଇ ପାଖରେ ଥିବା ଏକ ଭିଏତ୍‌ନାମିଜ୍ ରେଷ୍ଟୁରାଣ୍ଟରେ ଖାଇଲେ ।

ଲଞ୍ଚ୍ ସାରି ବାଟ ପଚାରି ଓ ମାନଚିତ୍ର ଦେଖି ସେମାନେ ଚେନ୍‌ବ୍ରିଜ୍ ପାଖରେ ପହଞ୍ଚିଗଲେ । ସେଠାରୁ ନିଜ ଟୁର୍‌ର ବସ୍ ନେଇ ବୁଦା କାସ୍‌ଲ୍‌ର ବସ୍ ଷ୍ଟପ୍ ନମ୍ବର ୧୭ରେ ଓହ୍ଲାଇଲେ । ବସ୍ କାସ୍‌ଲ୍‌ର ପାଦଦେଶରେ ହିଁ ରହିଲା । କାସ୍‌ଲ୍ ପାହାଡ ଉପରେ ଥିଲା । ଅମର ଇଚ୍ଛା କରୁଥିଲେ ପାହାଡ ଚଢି କାସ୍‌ଲ୍ ପାଖକୁ ଯାଇଥାନ୍ତେ । କିଛି ଲୋକ ସେମିତି ବି କରୁଥିଲେ । ହେଲେ ସ୍ୱପ୍ନାର ଆଉ ଚାଲିବାର ଇଚ୍ଛା ନଥିଲା; ତାପରେ ସେମାନଙ୍କ ପାଖରେ

ଏତେ ସମୟ ମଧ ନଥିଲା । ସେ ବସ୍ ଷ୍ଟପ୍‌ରୁ ଛୋଟଛୋଟ ଟ୍ରେକର୍ ଭଳି ଗାଡି ସବୁ ଯାତ୍ରୀମାନଙ୍କୁ ନେଇ ପ୍ୟାଲେସ୍‌କୁ ଯାଉଥିଲା; ହେଲେ ସେ ଗାଡି ପାଇଁ ସ୍ୱତନ୍ତ୍ର ଟିକେଟ୍ କରିବାକୁ ପଡିବ; ୭ ୟୁରୋ ପ୍ରତି ଲୋକଙ୍କ ପାଇଁ । ଅମର ପ୍ରଥମେ କୁନ୍ଥୁକୁନ୍ଥୁ ହେଉଥିଲେ, ପରେ ରାଜିହେଲେ । ସେମାନେ ଦୁଇଟି ଟିକେଟ୍ କଣି ଅପେକ୍ଷା କଲେ । ତିନ୍, ଚାରିଟି ଗାଡି ଆସିଲା, ସବୁଥିରେ ଯାତ୍ରୀ ଭର୍ତ୍ତି । "ଆରେ ବାବା, ଆମେ ତାହେଲେ ଯିବା କେମିତି ? ଯଦି ସବୁ ଗାଡି ଏମିତି ଯାତ୍ରୀ ଭର୍ତ୍ତି କରି ଆଣିବ ତ ଆମର ଏଠି ଡେରି ହୋଇଯିବ ।" ସ୍ୱପ୍ନାର ଚନ୍ତାକୁ ଦୂର କରି ସାଙ୍ଗେସାଙ୍ଗେ ଗୋଟିଏ ଖାଲି ଗାଡି ପହଞ୍ଚିଗଲା । ସେଥିରେ ବସି ସେମାନେ ବୁଦା କାସ୍‌ଲ୍ ପାଖ ଷ୍ଟପରେ ଓହ୍ଲାଇଲେ ।

ବୁଦା କାସ୍‌ଲ୍ ହଙ୍ଗେରିଆନ୍ ରାଜାମାନଙ୍କ ପାଇଁ ଉଦ୍ଦିଷ୍ଟ ଐତିହାସିକ ମହଲ । କାସ୍‌ଲ୍ ହିଲ୍‌ର ଦକ୍ଷିଣ ଶୀର୍ଷ ଉପରେ ଏହା ଅବସ୍ଥିତ ଓ ଉତ୍ତର ଦିଗରୁ କାସ୍‌ଲ୍ ଜିଲ୍ଲା ଏହାକୁ ଘେରି ରହିଛି । ନବମ ଶତାବ୍ଦୀର ଘର, ଚର୍ଚ୍ଚ ଓ ସାର୍ବଜନକ ଗୃହର ଗଢଣ ପାଇଁ କାସ୍‌ଲ୍ ଜିଲ୍ଲା ପ୍ରସିଦ୍ଧ । ୧୯୮୭ରେ ବୁଦା କାସ୍‌ଲ୍‌କୁ ଏକ ବିଶ୍ୱ ଐତିହ୍ୟ ସ୍ଥାନ ଭାବେ ଘୋଷିତ କରାଯାଇଛି । କାସଲରେ ପହଞ୍ଚି ଓ କାସ୍‌ଲ୍‌ରୁ ଡାନୁବେ ନଦୀକୁ ଦେଖୁଦେଖୁ ସ୍ୱପ୍ନା ଆଖିରେ ଲୁହ ଆସିଗଲା । ଓଡିଶାର ଏକ ଅଜଣା ଅଶୁଣା ଗାଁର ଝିଅଟିଏ ଆଜି ଏମିତି ଏକ ମର୍ଯ୍ୟାଦା ସଂପନ୍ନ ଐତିହାସିକ ସ୍ଥଳୀରେ ଠିଆହୋଇ ନିଜକୁ ଅନୁଭବ କରିପାରୁଛି; ଏହାଠାରୁ ବଳି ଆଉ କଣ ବା ଜଣେ ସ୍ୱପ୍ନ ଦେଖି ପାରିଥାନ୍ତା ? ମନେମନେ ବିଶ୍ୱନିୟନ୍ତା ଜଗନ୍ନାଥଙ୍କୁ ପ୍ରଣାମକଲା ସେ, ଅନୁଭବ କଲା ଈଶ୍ୱରଙ୍କ ଆଶୀର୍ବାଦ ।

ଏବେ ଏଠି ବର୍ଷା ନଥିଲା, ଖରା ପଡିଥିଲା ଓ ଗରମ ହେଉଥିଲା । ରାଜପ୍ରସାଦରୁ ଡାନୁବେ ନଦୀ ଓ ଅପରପାର୍ଶ୍ୱର ପେଷ୍ଟ ସହର, ପାର୍ଲିଆମେଣ୍ଟ ହାଉସ୍ ଇତ୍ୟାଦିର ଦୃଶ୍ୟ ଅତି ଆକର୍ଷଣୀୟ ଥିଲା । ରାଜପ୍ରସାଦର ଗୋଟିଏ ଭାଗ ଏବେ ହଙ୍ଗେରିଆନ୍ ନେସ୍‌ନାଲ୍ ଗ୍ୟାଲେରି ଓ ଅନ୍ୟ ଏକ ଅଂଶ ବୁଦାପେଷ୍ଟ ହିସ୍ଟୋରି ମ୍ୟୁଜିଅମ୍ ଭାବେ ବ୍ୟବହୃତ ହେଉଛି ।

ଆର୍ଟ ଗ୍ୟାଲେରି ଯିବାକୁ ପ୍ରବେଶ ଟିକେଟ୍‌ର ମୂଲ୍ୟ ବ୍ୟତିରେକ ସେମାନଙ୍କ ପାଖରେ ଅଧିକ ସମୟ ନଥିଲା । ତେଣୁ ସେମାନେ ଆଉ ସେଠି ନରହି ଗ୍ଭରିପଟ ବୁଲି ଦେଖିଲେ ଓ ତାପରେ କାସ୍‌ଲ୍ ଗାଡିରେ ଆସି ସେଣ୍ଟ ମାଥିଆସ୍ ଚର୍ଚ୍ଚର ଷ୍ଟପ୍ ରେ ଓହ୍ଲାଇଲେ ।

ସେ ଚର୍ଚ୍ଚରେ ଗୋଟିଏ ବାହାଘର ହେଉଥିଲା । ତେଣୁ ଚର୍ଚ୍ଚ ଭିତରକୁ ପ୍ରବେଶ କରିବା ବନ୍ଦ କରାଯାଇଥିଲା । ଚର୍ଚ୍ଚର ମୁଖ୍ୟଦ୍ୱାରରେ ବାହାଘରକୁ ଆସିଥିବା ଅତିଥି ଓ ଅନ୍ୟାନ୍ୟ ଦେଖଣାହାରୀଙ୍କୁ ନେଇ ଜନଗହଳ ଲାଗି ରହିଥିଲା । ଭିତରକୁ ନଯାଇ ସେମାନେ ଚର୍ଚ୍ଚର ଅପର ପାର୍ଶ୍ୱକୁ ଗଲେ । ସେଠି ମଧ ନଦୀକୁ ଉପଭୋଗ କରିବା ପାଇଁ ବସିବା ସ୍ଥାନ କରାଯାଇଥିଲା ଓ ଅନେକ ଯାତ୍ରୀ ସେଠାରେ ବସି ନଦୀର ସୌନ୍ଦର୍ଯ୍ୟ ଉପଭୋଗ କରୁଥିଲେ । ବିବାହ କରୁଥିବା ବରକନ୍ୟା ଏବେ ସେଇ ଦିଗରେ ଆସିଲେ ଓ ବିଭିନ୍ନ ସ୍ଥାନରେ ରହୁଥିଲେ । ସେମାନଙ୍କର ଫଟୋଗ୍ରାଫର୍ ଫଟୋ ଉଠାଉଥିଲା ।

ଚର୍ଚ୍ଚ ବୁଲିସାରି ସେମାନେ ପୁଣି ପ୍ୟାଲେସ୍ ଗାଡି ନେଇ ବସ୍‌ଷ୍ଟପ୍‌କୁ ଆସିଲେ । ଏବେ ସମୟ ୪ଟା ୩୦ ହୋଇଥିଲା । ସେମାନେ ପରବର୍ତ୍ତୀ ଦର୍ଶନୀୟ ସ୍ଥାନ ଭିତରେ ପାର୍ଲିଆମେଣ୍ଟ ଦେଖିବାକୁ ମନସ୍ଥ କଲେ । ଟୁରିଷ୍ଟ ବସ୍ ସବୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଗ୍ଭଲେ । ପାର୍ଲିଆମେଣ୍ଟ ପାଖ ବସ୍‌ଷ୍ଟପ୍ ପାଖରେ ପହଞ୍ଚୁପହଞ୍ଚୁ ୪ଟା ପଇଁଗ୍ଭଳିଶି ହୋଇଗଲା । ବସ୍‌ଷ୍ଟପ୍‌ରୁ ପାର୍ଲିଆମେଣ୍ଟ ହାଉସ୍‌କୁ ଗ୍ଭଲିକରି ଯିବାକୁ ଦଶମିନଟ୍ ଲାଗିଲା ।

ସେତେବେଳକୁ ପାର୍ଲିଆମେଣ୍ଟ ଭିତରକୁ ଯାଇ ବୁଲି ଦେଖିବାର ସମୟ ଅତିକ୍ରାନ୍ତ ହୋଇସାରିଥିଲା । ଅତଏବ ସେମାନେ ବାହାରେ ବାହାରେ ଯେତିକ ଦେଖିହେବ, ସେତିକ ଦେଖିଲେ । ଶୀତଳ ପବନରେ ସ୍ୱପ୍ନାର ଆଲର୍ଜି ଆରମ୍ଭ ହୋଇଗଲା । ଦିନସାରା ଭଲ ଥିଲା। ହଠାତ୍ ଏମିତି ଜୋରରେ ଆଲର୍ଜି ବାହାରିବ ବୋଲି ପ୍ରସ୍ତୁତି ବି କରିନଥିଲା ସିଏ । ଥଣ୍ଡା ପବନ ବହୁଥିଲା । ହୁଏତ ସେଥିପାଇଁ ଆଲର୍ଜି ଧରିଲା କ କଣ ? ସକାଳେ ଆଲର୍ଜି ଔଷଧ ଖାଇଥିବା ସତ୍ତ୍ୱେ ବି ଏଠିକାର ଆଲର୍ଜି ଆମେରିକାର ଔଷଧକୁ ମାନୁନଥିଲା ।

ପାର୍ଲିଆମେଣ୍ଟର ଚତୁପାର୍ଶ୍ୱ ବୁଲିସାରି ସେମାନେ ଗ୍ଭଲିଲେ ଡାନୁବୀ ନଦୀର ତୀରେତୀରେ ଆଉ ଆସି ପହଞ୍ଚିଥିଲେ ଗୋବିନ୍ଦ ରେଷ୍ଟୁରାଣ୍ଟରେ।

ଅମର ପଗ୍ଭରିଲେ, "ଗ୍ଭହା ପିଇବୁ କ ? ସେମାନେ ଗ୍ଭହା ଓ କଫି ବି ବିକୁଛନ୍ତି । "

"ହଁ" - ସ୍ୱପ୍ନା କହିଲା । ହୁଏତ ଗରମଗରମ ଗ୍ଭହା ପିଇଲେ ଏ ଆଲର୍ଜିକୁ ଟିକେ ନିୟନ୍ତ୍ରଣରେ ରଖାଯାଇପାରିବ । ଗ୍ଭହା ପିଇ ସାରି ବୋଟ୍ ରାଇଡ୍ ପାଇଁ ପୁଣି ପନ୍ଦର ମିନଟ୍ ଗ୍ଭଲିବାକୁ ପଡିଲା । ବୋଟ୍ ରାଇଡ୍ ପାଇଁ ସେଇଟା ଠିକ୍ ସମୟ । ତାର ପରବର୍ତ୍ତୀ ରାଇଡରେ ଗଲେ ହୋଟେଲ୍କୁ ଫେରୁଫେରୁ ମଧ୍ୟରାତ୍ରି ହୋଇଯିବ । ଆଜି ନ ଯାଇ ପାରିଲେ, ଆଉ ଯାଇ ବି ହେବନି, କାରଣ ଆସନ୍ତା କାଲି ତ ଭିଏନା ଯିବାକୁ ପଡିବ ।

ବୋଟ୍ ରାଇଡ୍ ଡକ୍ ନମ୍ବର ଦଶରୁ ନେବାକୁ ଥିଲା । ଆହୁରି ବି ଅନେକ ଲୋକ ସେ ବୋଟରେ ଯିବାକୁ ଧାଡିରେ ଠିଆ ହୋଇଥିଲେ । ବୋଟ୍ ଭିତରେ ପଶି ପ୍ରଥମେ ସେମାନେ ଉପର ଡେକ୍କୁ ଗଲେ ବସିବା ପାଇଁ; ତାହେଲେ ବାହାରର ଦୃଶ୍ୟ ଭଲଭାବେ ଉପଭୋଗ କରିହେବ । ହେଲେ ଥଣ୍ଡା ପବନ ବାଜି ସ୍ୱପ୍ନାର ଆଲର୍ଜି ଗୁରୁତର ହେବାରୁ ସେମାନେ ତଳକୁ ଆସି ଭିତରେ ବସିଲେ । ସେତେବେଳକୁ ରାତି ହୋଇଯାଇଥିଲା । ଆଲୋକମାଳାରେ ସଜ୍ଜିତ ବୁଦା କାସ୍ଲ୍, ପାର୍ଲିଆମେଣ୍ଟ ହାଉସ୍, ମାଥିଆସ୍ ଚର୍ଚ୍ଚ ଇତ୍ୟାଦି ଅତୀବ ମନୋହର ଦିଶୁଥିଲେ । ଭିତରେ ସଂଗୀତର ଝଙ୍କାର ଥିଲା । କିଛି ଲୋକ, ଭିତରେ ଥିବା ବାର୍‌ରୁ ୱାଇନ୍ ଅର୍ଡର୍ କରି ପିଉଥିଲେ ଓ ଖୁସି ହେଉଥିଲେ । ହେଲେ ଆଲର୍ଜିର ପ୍ରଭାବରେ ସ୍ୱପ୍ନାର ଆଖିରୁ ଓ ନାକରୁ ପାଣିର ଧାରା ଛୁଟୁଥିଲା ଓ ସେ ଆଖି ବନ୍ଦ କରି ମନରେ ଏକାଗ୍ରତା ଆଣିବା ପାଇଁ ଜଗନ୍ନାଥଙ୍କୁ ସ୍ମରଣ କରୁଥିଲା ।

ବୋଟ୍‌ରାଇଡ୍ ସରିଗଲା ପରେ ସେମାନେ ପୁଣି ଗ୍ଭଲିଗ୍ଭଲି ପାଖର ଟ୍ରେନ୍‌ଷ୍ଟେସନ୍‌କୁ ଆସିଲେ। ଆହୁରି ପନ୍ଦର ମିନଟ୍‌ର ବାଟଚଲା । ଟ୍ରେନ୍ ଭିତରେ ବସିବା ପରେ, ଭିତରର ଉତ୍ତାପ ପାଇଁ ସ୍ୱପ୍ନାକୁ ଟିକେ ଭଲଲାଗିଲା । ୧୦ ମିନଟ୍ ଭିତରେ ଟ୍ରେନ୍ କେଲେଟି ଷ୍ଟେସନରେ

ପହଞ୍ଚିଗଲା । ଷ୍ଟେସନ୍ ପାଖରେ ଥିବା ବର୍ଗର୍ କିଙ୍ଗ୍ କୁ ଦେଖିଦେଖି ବାଟ ଠଉରାଇ ସେମାନେ ଆହୁରି ଦଶମିନଟ୍ ଗଲି ନିଜ ହୋଟେଲ୍ରେ ଆସି ପହଞ୍ଚିଲେ ।

ହୋଟେଲ୍ର ରୁମ୍ ଖୋଲି ଭିତରକୁ ପ୍ରବେଶ କରୁକରୁ ତର ସହିଲାନି ସ୍ୱପ୍ନାକୁ । କପଡା ବଦଳାଇବାକୁ ବି ଧୈର୍ଯ୍ୟ ନଥିଲା ତାର । ସେଇମିତି ବିଛଣାରେ ଗଡିପଡିଲା ।

ଅମର ଥଟ୍ଟା କରି କହିଲେ, "ଆଜି ତ ଗୋବିନ୍ଦ ଭୋଜନାଳୟରେ ଭାରତୀୟ ଖାଦ୍ୟ ମନଭରି ଖାଇଛୁ, ମନଶାନ୍ତିରେ ଏବେ ଶୋଇପଡ । "

ହୋଟେଲ୍ରେ ପହଞ୍ଚି ଗୋବିନ୍ଦ ଭୋଜନାଳୟ ପାଇଁ ସମୟ ବରବାଦ କରିଥିବାର ଯେଉଁ ପ୍ରତିବାଦ ରଖି ସ୍ୱପ୍ନା ଅମରଙ୍କୁ ଗାଳଦେବାକୁ ଭାବିଥିଲା, ସେସବୁ ପ୍ରକାଶ କରିବାପାଇଁ ତାର ଶକ୍ତି ନଥିଲା । ସିଏ କେବଳ ହସିଦେଲା ଓ "ଆଉ କେବେ ମୋ ସାମନାରେ ସେ ଗୋବିନ୍ଦ ଭୋଜନାଳୟର ନାଁ ଧରିବନି" କହି ନିଘୋଡ ନିଦରେ ଶୋଇପଡିଲା ।

ରଦର୍ଫୋର୍ଡ ୱେ, ଡେଟନ୍, ମେରୀଲାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା

**ବେଦାନ୍ତୀର ଆଗାମୀ ସଂଖ୍ୟା ନଭେମ୍ବର ମାସ ୧ ତାରିଖରେ ପ୍ରକାଶ ପାଇବ । ଏହି ସଂଖ୍ୟା ପାଇଁ ଆପଣମାନଙ୍କ ଲେଖା ପଠାଇବାପାଇଁ ଅନୁରୋଧ । ଆପଣମାନଙ୍କ ଲେଖା ଆକ୍ଟୋବର ୧୫ ତାରିଖ ସୁଦ୍ଧା ଆମ ପାଖକୁ ପଠାନ୍ତୁ । ଆପଣମାନେ ଲେଖା ଇମେଲ୍ ଜରିଆରେ ପଠାଇପାରିବେ ।**

# ହଜିଲ୍ ପିଲ୍ଦିନ
# ଗୀତ



ନୃସିଂହ ଚରଣ ବେହେରା

ବୟସର ସାୟାହ୍ନରେ ଆଜି ଯେବେ ମୁଁ ଏକାକୀ
ଜାଣେନା କାହିଁକ ରହିରହି ଶୁଭେ
ସେଇ ହଜିଲ୍ ପିଲ୍ଦିନର ଗୀତ ସବୁ
କୁଆଡେ ଗଲାସେ ସୁନେଲି ଦିନ?
ଚପଳ ଚଞ୍ଚଳ ଛନ୍ଦରେ ବନ୍ଧା ପିଲ୍ଦିନ
ସମୟର ସ୍ତୁପ ତଳେ ଜାଣେନା କେଉଁଠି
ହଜିଗଲା ତା ଠିକଣା ଓ ଅସ୍ତିତ୍ୱ?
ଆଜି ଯେବେ ପଛକୁ ଫେରି ମୁଁ ଦେଖେ
ପାଏ ନାହିଁ ତାର କଛି ଅତ୍ତା ପତ୍ତା ।
ଠୁକୁଠୁକୁ ଥରି ଯାଉଥିବା ପାଦର ଗୁଲି
ଟୋକେଇ ଭର୍ତ୍ତି କାଠ ଖେଳଣାରେ ସଜାଏ ପୃଥିବୀ!
ପିଲ୍ଦିନର ସେ ଦୁଷ୍ଟାମୀ ଆଉ
ଅକପଟ ସରଳତାରେ ମୁଖରିତ ଶୈଶବ
କାହିଁଗଲା ବର୍ଷା ପାଣିରେ କାଗଜ ଡଙ୍ଗା ଭସା?
ହଜିଗଲା ସବୁ ସରଳତାର ଏଇ ଜୀବନର
ନାଲି ଟୁକୁଟୁକୁ ସାଧବ ବୋହୁର ସବାରୀରେ ।



ନା ଆଜି ଅଛି ଆଉ ସେ ସମୟ
ତୋଳୁଥିଲେ ଯେବେ ଆମ୍ବ, ପୁଳୁଳ ଆଉ କେତେ କଣ
ଧୂ ଧୂ ଖରା ହାର ମାନୁଥିଲା ସାହାସ ଆଗରେ
ନଦୀକୂଳର ସେ କାଶତଣ୍ଡି ଫୁଲର ବଗିଚ୍ଛ
ଗହଳ ମାଣ୍ଡିଆ ଆଉ ଅସଂଖ୍ୟ ସ୍ୱପ୍ନର
ସେ ସବୁଜ କ୍ଷେତର ବଳୟ ଭିତରେ ।
ନା' ଖେଳବାକୁ ଅଛି ମିଛ ବାଲିଘର ଖେଳ
ନା' ବୋହୁଚ୍ଚେରୀ ଆଉ ଲୁଚକାଳ
ନା' ଆଜି ଅଛି ବର୍ଷା ପରର ସେ ଇନ୍ଦ୍ରଧନୁ ଛିଟା
ନା' ଅଛି ଭାଗବତ ଟୁଙ୍ଗୀର ସେ କୀର୍ତ୍ତନ
ସବୁଥାଇ ମଧ୍ୟ ଯେମିତି କିଛି ନାହିଁ ଆଜି!
ଯେତେ ଝୁରିଲେ କ ସେଦିନ ଆଉ ଆସିବ ଫେରି
ଯାହା ହଜିଯାଇଛି ସମୟର ସ୍ତୁପ ତଳେ
କେଉଁଠି ଅଛି ସେ ପିଲାଦିନ?
ନଖୋଜ, ନରୁଦ୍ଦିଷ୍ଟ ଆଉ ନସ୍ତବ୍ଧ ସମୟ !

୨୧୭, ୟୁନଟ- ୯( ଫ୍ଲାଟ) , ବାୟାବାବା ମଠ ଲେନ, ଭୁବନେଶ୍ୱର- ୨୨

ଚଳନ୍ତ ସଂସ୍କରଣରେ ଯଦି କୌଣସି ତ୍ରୁଟି ଥାଏ, ସେଥିପାଇଁ ଆମେ କ୍ଷମାପ୍ରାର୍ଥୀ ଏବଂ ଆମର ଚେଷ୍ଟା ରହିବ ଆଗକୁ "ବେଦାନ୍ତୀ"କୁ ଉନ୍ନତରୁ ଉନ୍ନତତ୍ତର କରି ଆପଣଙ୍କ ଆଗରେ ପ୍ରସ୍ତୁତ କରିବା । ସେଥିପାଇଁ ଆପଣମାନଙ୍କ ସହଯୋଗ କାମନାପାର୍ଥୀ ।

# ହେ ଆମ "ଭବିଷ୍ୟତ"

## ( ସନେଟ)



ଅମ୍ବିକା ସ୍ୱାଇଁ

ହେ'ଆମ ଭବିଷ୍ୟ ମାନେ ଉଜ୍ଵଳ ନକ୍ଷତ୍ରପରି ହୁଅ ପ୍ରକଟିତ
ଆକାଶର ଜହ୍ନ ପରି ଜ୍ୟୋତି ର କିରଣେ ଧର୍‌ କର ଆଲୋକିତ,
ପାଠ ଶାଠ କଳା ବିଜ୍ଞାନ ସର୍ବ ଗୁଣ କର୍ମେ ହୁଅ ଆଗୁଆ
ସତ୍ୟ, ଧର୍ମ ନ୍ୟାୟର ବାର୍ତ୍ତାବହ ସାଜି ଦେଶକୁ କର ଟାଣୁଆ ।।

ଦୂର ହେଉ ଦେଶ ଦୁନିଆ ରୁ ଧର୍ଷଣ ଲୁଣ୍ଠନ ଚୋରି ରାହାଜାନୀ
ସତ୍ୟ, ଧର୍ମ ନ୍ୟାୟ ପ୍ରଜ୍ଵଳିତ ହେଉ, ଦୂର ହେଉ ଅନ୍ଧାର ର ଗ୍ଲାନି,
ସମସ୍ତଙ୍କୁ ମିଳୁ ନ୍ୟାର୍ଯ୍ୟ ଅଧିକାର ଅନ୍ୟାୟର ଘଟୁ ଅବସାନ
ମାନବ ସମାଜରେ ଆସୁ ସୁଧାର, ପାଇ ତୁମ ମହା ପ୍ରତିଦାନ ।।

ହେ'ଆମ ଦିବ୍ୟ ସ୍ରଷ୍ଟା, କଢିରୁ ଫୁଟାଅ ଫୁଲ ମହକ ଉଠୁ ଧର୍‌
ମହ ମହ ବସନାର ପୁଲକରେ ଭରି ଯାଉ ଦେଶ ଦୁନିଆ ସାର୍‌,
ବୃନ୍ତରୁ ଖସି ଆସୁ ଫୁଲ ପାଖୁଡା ଚୌରିଆଡେ ବିଞ୍ଛି ହୋଇ ଯାଉ
କୁତ୍ସିତ କଦର୍ଯ୍ୟ ଚକ୍ରାଧାରୀ ଭ୍ରଷ୍ଟାଚାରୀଙ୍କର ବିନାଶ ହେଉ ।।

ଆମରି ଦେଶ ଆମ ଜାତି ର ଗୌରବ ତୁମେ ଅଟ ଆମ ଭବିଷ୍ୟତ
ତୁମରି ହାତରେ ଗଠିତ ହେବ ଆମରି ସୁବର୍ଣ୍ଣ ଭାରତବର୍ଷ ।।

ଭୁବନେଶ୍ୱର

# ପ୍ରତ୍ୟାବର୍ତ୍ତନ



ସନାତନ ମହାକୁଡ

ଫେରିଗଲ ସହଯାତ୍ରୀଗଣ

ଆମ ସେବା ଗୃହୁଁ ନାହିଁ ଆଜିର ସମାଜ

ଦୁଃଖ ନାହିଁ ଏଥି ସତ କହି ଶତ୍ରୁ ହେବାରେ

ଆଶ୍ଚର୍ଯ୍ୟ ଲାଗେ ଦେଖି

ସ୍ୱାର୍ଥାନ୍ଧଙ୍କ ଭୁଲ ବୁଝାବଣା

ଅନ୍ଧ- ବିଶ୍ୱାସ ଓ ମିଥ୍ୟା ମୋକଦ୍ଦମା

ବୃଦ୍ଧା ଏ ସବୁ କଳ୍ପନା

ଅଲୋଡ଼ା ହୁଏ କ୍ଲବ, ପାଠାଗାର, ଜନମଙ୍ଗଳ ସଂସଦ

ଅଦରକାରତା ମହତ୍ ଦାନ

ପାଶ୍ଚାତ୍ୟ ଶିକ୍ଷା ପ୍ରଭାବେ

ମଣିଷ ମନୁ ଯାଏ ଅପସରି

ଠିକ୍ ସୂର୍ଯ୍ୟୋଦୟ ଭଳ ।

କ ଶାନ୍ତ ସୁନ୍ଦର ନର୍ମଳ ଅତୀତ-

ଭାଗବତ ଟୁଙ୍ଗୀ ଓ ମହିମାଗାଦୀ,

ଯାହା ମନ କର୍ଣ୍ଣ ଚକ୍ଷୁ କରୁଥିଲା ପୁଲକତ

ବେଦ ଭାଗବତ ଗାୟତ୍ରୀ ମନ୍ତ୍ରରେ

ଥିଲା ତାହା ସତ୍ୟ ଧର୍ମ ନ୍ୟାୟର ପ୍ରତୀକ

ତତସମ ଆମର ଟିକ ଅନୁଷ୍ଠାନ

ମହାନ୍ ଅଟେ ସିନା ନୁହେଁ ତ ନଭନ

ସମାଜ ବୁଝିଲାନ ତାହାର ଉଦ୍ଦେଶ୍ୟ/ ମହତ୍ତ୍ୱ

କରିଦେଲା ଲକ୍ଷ୍ୟ ଭ୍ରଷ୍ଟ

ହରାଇଲା ଆତ୍ମୀୟ ପ୍ରୀତି

ସଙ୍ଗେ ନେଇ ଅର୍ଥଲୋଭ କ୍ଷମତାର ଆଙ୍କୁଶ

ଲାଗିଲା ନୀରବ ସଂଗ୍ରାମ

କହିନୁହେଁ ହେବ ଏଠି ଜୟ କବା ପରାଜୟ

ତଥାପି ମୁଁ କହିବାକୁ ଚାହେଁ

ସତ୍ୟ ଓ ନ୍ୟାୟର ଦିନେ ନଶ୍ଚେ ହେବ ଜୟ ।

ଶୂନ୍ୟ ହସ୍ତେ ଆମ ନାହିଁ ପ୍ରତିହିଂସା

ଅର୍ଥବଳ ରାଜନୀତି କୌଶଳ

ଫେରିଗଲ ସହଯାତ୍ରୀ ଗଣ ।

ବେରୁଆଁବାରୀ, ନୟାଗଡ, ଓଡିଶା

# ବାଟରେ ( ଡ୍ୟାସ) କଲେ ବି ନାଁ



ସୁବଳ ମହାପାତ୍ର

କଲେଜ ସମୟର ଘଟଣା ଟିଏ। ସମୟ ପାଖାପାଖି ଦିନ ତିନଟା। କଲେଜ ରେ କାଉ କୋଇଲି ବି ଉଡୁ ନଥାନ୍ତି। ହାତ ଗଣତି କେତୋଟି ପିଲ୍ ପ୍ରାକ୍ଟିକାଲ ସାରି ଫେରୁଥାନ୍ତି। କଛି ଶିକ୍ଷକ, କ୍ଲର୍କ, ପିଅନ ସବୁ ବାହାର ବଗିଚା ରେ ଗାନ୍ଧୀଙ୍କ ମୂର୍ତ୍ତି ପାଖରେ ଠିଆ ହୋଇ କଥାବାର୍ତ୍ତା ହେଉଥାନ୍ତି। ପିଲ୍ମାନେ ନଜ ନଜ ଭିତରେ କଥାବାର୍ତ୍ତା ହୋଇ ଖୁସି ମନରେ ଚାଲି ଗଲେଣି ପ୍ରାୟ ଗେଟ ପାଖକୁ। ଶିକ୍ଷକ ମାନେ ବି ଜଣ ଜଣ କରି ଚାଲିଲେ, ଶେଷରେ ଜଣେ ଶିକ୍ଷକ ଓ ଜଣେ କ୍ଲର୍କ ଯିବା ଯିବା ହୋଇ ଅଫିସ ଆଡେ ମୁହେଁଇଲେ। କ୍ଲର୍କ ଜଣଙ୍କ କନ୍ତୁ ଫେରି ଆସିଲ୍। ଚାରି ଆଡକୁ ଚାହିଁଦେଇ ଗାନ୍ଧୀଙ୍କ ମୂର୍ତ୍ତି ତଳେ ଏକ ନମ୍ବର କାମ ଟି ସାରି ଯିବାକୁ ଉଦ୍ୟତ ହୁଅନ୍ତେ, ପିଲ୍ଟିଏ ପଛରୁ ଆସୁଥିଲ୍ । ଏସବୁ କାଣ୍ଡ ଦେଖି ପଚାରିଲ୍, "ସାର , ଏଇଟା କଣ ଠିକ? ଆପଣ ଆମ ଗୁରୁଜନ। ଆମେ ଭୁଲ କଲେ ଆପଣ ଆମକୁ କହିବେ। କନ୍ତୁ ଆପଣ ନଜେ ଏପରି କାମ କପରି କରୁଛନ୍ତି? "

ସେତେବେଳେ ସ୍କୁଲ କଲେଜ ଗୁଡିକରେ ଥିବା ଶୌଚାଳୟ କଥା ନ କହିବା ଭଲ। ପିଲ୍ଙ୍କ ଠୁ ଆରମ୍ଭ କରି ଶିକ୍ଷକ ମାନଙ୍କ ଯାଏଁ ସମସ୍ତେ ବାହାରକୁ ବରଂ ଯିବାକୁ ପସନ୍ଦ କରୁଥିଲେ, ଭିତରକୁ ନୁହେଁ। ଏପରିକ ଝିଅ ପିଲ୍ମାନେ ମଧ୍ୟ ଗୋଟିଏ ନର୍ଦ୍ଦିଷ୍ଟ ବୁଦା କମ୍ବା ଭଙ୍ଗା କାନ୍ଥ ପଛକୁ ଯିବାକୁ ପସନ୍ଦ କରୁଥିଲେ।

ତେବେ ସେ ଯାହା ହେଉ, କ୍ଲର୍କ ଜଣଙ୍କ ରାଗିଗଲେ ପିଲାଟି ଉପରେ, ମନକୁ ଯାହା ଆସିଲା କହିଦେଇ ଗଲେ। କହୁକହୁ ଏଇୟା ବି କହିଲେ ଯେ, "ଏଇଟା କେଉଁ ଭଲ ଜାଗାଟିଏ କି? କେତେ ଗଛ ଲତା ମନକୁ ମନ ଉଠି ବଣ ହୋଇ ସାରିଛି। ମୁଁ ତ ଏମାନଙ୍କୁ ପାଣି ଦେଉଥିଲି। ପାଣି ନ ପାଇଲେ ମରିଯିବେ ସବୁ। ଅଳିଆ ଜାଗାରେ ଏକ କଲେ ଅସୁବିଧା କଣ? " କିଛି କଥା କଟାକଟି ପରେ ଧମକ ବି ଦେଲେ ଯେ, "ଏ ବିଷୟରେ କାହାକୁ କିଛି କହିଲେ, ପରୀକ୍ଷା ରେ ପାସ ବି କରେଇ ଦେବିନାହିଁ। ତୋତେ କିଏ ବଞ୍ଚେଇବ ମୁଁ ବି ଦେଖିବି"। ସବୁଶୁଣି ପିଲାଟି କିଛି ନକହି ହଷ୍ଟେଲ କୁ ଚାଲିଗଲା। କଥାଛଳରେ ହଷ୍ଟେଲ ସାଙ୍ଗମାନଙ୍କ ଆଗରେ ଏସବୁ କହିଲା। ପାଖାପାଖି କିଛି ସିନିଅର ପିଲା ବି ଥିଲେ। ହଠାତ କିଛି ସମୟ ପରେ ଘୋ ଘା ଶୁଭିଲା। ହଷ୍ଟେଲ ର ସବୁପିଲାଙ୍କ ସହ ପାଖାପାଖି ମେସ ର ପିଲା ମାନେ ବି ଯୋଗଦେଲେ। ପୁଅଙ୍କ ସହ ଝିଅ ମାନେ ବି। କଲେଜ ଆଗରେ ପାଖାପାଖି ତିନି ଶହ ପିଲା ପାଞ୍ଚ ଦଫା ଦାବି ନେଇ ଧାରଣା ରେ ବସି ରହିଲେ। ଦାବି ଭିତରେ ଥିଲା,

୧. ସେ କ୍ଲର୍କ କୁ କଲେଜ ରୁ ବହିଷ୍କାର।

୨. କଲେଜ ରେ ଶୌଚାଳୟ ନିର୍ମାଣ ଓ ଦେଖରେଖ।

୩. କ୍ଲର୍କ ସମସ୍ତଙ୍କ ଆଗରେ ଗାନ୍ଧୀଙ୍କ ମୂର୍ତି ଚାରିପଟେ ଥିବା ଅଳିଆ ସଫା କରିବା ସହ ଗାନ୍ଧିଜୀ ଙ୍କୁ କ୍ଷମା ମାଗିବ।

୪. କଲେଜ କୁ ନୂଆ ଆସୁଥିବା ଷ୍ଟାଫ ମାନେ କଲେଜ ର ଉନ୍ନତି କରିବାପାଇଁ ଶପଥ ଗ୍ରହଣ କରିବେ।

୫. ଅତି କଦର୍ଯ୍ୟ ଭାବରେ କଥା ବାର୍ତା କରିଥିବା ଯୋଗୁଁ ସେ ପିଲା କୁ ବି କ୍ଷମା ମାଗିବ।

ଦେଖୁ ଦେଖୁ କଥା ବ୍ୟାପ୍ତ ହୋଇଗଲା। କିଛି ଅଘଟଣ ଆଶଙ୍କା ରେ କଲେଜ ର ସବୁ ଶିକ୍ଷକ, ଶିକ୍ଷୟିତ୍ରୀ, ପ୍ରିନ୍ସିପାଲ ଓ ଅନ୍ୟାନ୍ୟ ଷ୍ଟାଫ ଙ୍କ ସହ କ୍ଲର୍କ ଜଣଙ୍କ ବି ଘରକୁ ଯିବା ବାଟରୁ ପୁଣି କଲେଜ ଫେରିବାକୁ ବାଧ୍ୟ ହେଲେ। କାଳେ ପିଲା କ୍ଲର୍କ କୁ ପିଟା ମରା କରିବେ, ତେଣୁ କିଛି ଦଣ୍ଡା ଶିକ୍ଷକଙ୍କ ବଳୟ ଭିତରେ ତାଙ୍କୁ ଅଫିସ କୁ ନିଆଯାଇ ବାହାରୁ ତାଲା ପକେଇ

ରଖାଗଲା। ସବୁ ଷ୍ଟାଫ ମାନଙ୍କ ସହ ବିସ୍ତୃତ ବିମର୍ଷ ପରେ, ପ୍ରିନ୍ସିପାଲ ପିଲାଙ୍କ ସମ୍ମୁଖ କୁ ଆସି ବୁଝେଇବା ପାଇଁ ଚେଷ୍ଟା କଲେ। କିଛି ସମୟ ର କଥାବାର୍ତା ପରେ ସେ ଯାହା କହିଲେ ତା'ର ସାରାଂଶ ହେଲା, "ପିଲାମାନେ, ମୁଁ ମାନୁଛି ମହାଶୟ ଜଣଙ୍କ ଯାହା କରିଛନ୍ତି, ତାହା ସମ୍ପୂର୍ଣ୍ଣ ମାତ୍ରା ରେ ଭୁଲ। ଭୁଲ ତ କଲେ, କିନ୍ତୁ ତା'ସହ ଜଣେ ଛାତ୍ର କୁ ଖରାପ ବ୍ୟବହାର କରିବା ଓ ଧମକ ଦେବା ଆହୁରି ଭୁଲ। ( ପିଲାମାନେ ଏବେ ଟିକେ ଶାନ୍ତ ପଡିଗଲେ, ଯାହା ହଉ ଭୁଲ ବୋଲି ତ ମାନଲେ) ଏହା ବି ସତ ଯେ ଜାଗାଟି ଅପରିଷ୍କାର ହୋଇଥିଲା, ଟିକେ ଜୋର ଲାଗିବାରୁ, ଆଉ କୁଆଡେ ଯାଇ ନପାରି ସେ କାମଟିକୁ ଏଇଠି ସାରି ଦେବାପାଇଁ ଚାହିଁଲେ। ଏବେ ଏ କଲେଜ ର ଅଧକ୍ଷ ଭାବେ ମୁଁ ତାଙ୍କ ତରଫରୁ ଭୁଲ ମାଗୁଛି। " ଏବେ ପଛ ପଟୁ ହୋ ହୋ ଶୁଭିଲା, ତା ସହ କିଛି କମେଣ୍ଟ ବି, "ଆପଣ ନୁହନ୍ତି, ସେ ଶ* କୁ ଡାକ, ସେ ଭୁଲ ମାଗିବ। ଖାଲି ସେତିକ ନୁହେଁ ...

- - ହଁ, ମୁଁ ଜାଣିଛି। କିଛି ଛାତ୍ରଙ୍କ ସହ ମୁଁ କଥା ହୋଇ ସାରିଲିଣି। ତୁମ ମାନଙ୍କ ର ପାଞ୍ଚ ଦଫା ଦାବି ବି ଶୁଣି ସାରିଲିଣି। ତେବେ ଗୋଟିଏ ଗୋଟିଏ କରି ଦାବି ମୁଁ ପଢୁଛି, ଆଉ ତା ବିଷୟରେ କଣ କରାଯାଇ ପାରିବ, ତା ବି କହୁଛି। ସମସ୍ତେ ଟିକେ ପାଟି ନକରି ଚୁପ ଚାପ ଶୁଣ।

୫. ଅତି କଦର୍ଯ୍ୟ ଭାବରେ କଥା ବାର୍ତା କରିଥିବା ଯୋଗୁଁ ସେ ପିଲା କୁ ବି କ୍ଷମା ମାଗିବ।
- - ଠିକ ଅଛି, ସେ କ୍ଷମା ମାଗିବ। କଥାବାର୍ତା ରେ ଶାଳୀନତା ରଖିବା ନିତ୍ୟାନ୍ତ ଜରୁରୀ।

୪. କଲେଜ କୁ ନୂଆ ଆସୁଥିବା ଷ୍ଟାଫ ମାନେ କଲେଜ ର ଉନ୍ନତି କରିବାପାଇଁ ଶପଥ ଗ୍ରହଣ କରିବେ।
- ଅତି ସୁନ୍ଦର କଥା। ନିଶ୍ଚିତ କରିବେ।

୩. କ୍ଲର୍କ ସମସ୍ତଙ୍କ ଆଗରେ ଗାନ୍ଧୀଙ୍କ ମୂର୍ତି ଚାରିପଟରେ ଥିବା ଅଳିଆ ସଫା କରିବା ସହ ଗାନ୍ଧିଜୀ ଙ୍କୁ କ୍ଷମା ମାଗିବ।

- ସେ ଏକା କାହିଁକି, ମୁଁ ତ କହିବି, ମୁଁ ବି ସଫା କରିବି। ଏହା ଆମ ସମସ୍ତଙ୍କର ଦାୟିତ୍ୱ। ଚାଲ ସବୁଦିନ ପ୍ରତି କ୍ଲାସ ର କିଛି କିଛି ପିଲା ଏକାଠିହୋଇ ପୁରା କଲେଜ କୁ ସଫା ରଖିବା। କଲେଜ ତ ଆମର ନା। ( ପିଲା ସବୁ ନିଜ ନିଜ ମୁହଁ କୁ ଚାହାଁ ଚୁହିଁ ହେଲେ । କାହାର କାମ ନାହିଁ ଯେ କିଏ ଏ ବଣ ରେ ପଶି ସମାଜ ସେବା କରିବ? )

- ହଁ, ସେ କ୍ଷମା ନିଶ୍ଚିତ ମାଗିବ।

୨.କଲେଜ ରେ ଶୌଚାଳୟ ନିର୍ମାଣ ଓ ଦେଖରେଖ।
- ନିଶ୍ଚିତ, ଆଜି ହିଁ ଏ ସଭା ପରେ ମୁଁ ଉପରକୁ ଚିଠି ଲେଖିବି।

୧. ସେ କ୍ଲର୍କ କୁ କଲେଜ ରୁ ବହିଷ୍କାର।

- ଆଚ୍ଛା, ତମେ ଯଦି ଚାହୁଁଛ ତେବେ ତାକୁ ଏହି ମୁହୂର୍ତ ରେ କଲେଜ ରୁ ବାହାର କରିଦେବି। କିନ୍ତୁ ତମେମାନେ ତ ଜାଣ, ତା'ର ମାତ୍ର ସାତ ମାସ ର ଛୁଆ ଟିଏ। ଏବେ ତାକୁ ଚାକରୀ ରୁ ବାହାର କରିଦେଲେ, ତା ପିଲା ଛୁଆ ଖାଇବେ କଣ? ତାକୁ ତ ଆଉ କେଉଁଠି ଚାକରୀ ବି ମିଳିବନି। ଚରିତ୍ର ରେ ଦାଗଟିଏ ଲାଗିଯିବ। ତମେମାନେ ଚାହୁଁଛ କି ତା'ର ଏ ଭୁଲ ପାଇଁ ତା ସ୍ତ୍ରୀ, ପିଲାଛୁଆଙ୍କୁ ଶାସ୍ତି ମିଳୁ?

ଘୋ ଘା ଭିତରୁ ଏତିକି ଶୁଭିଲା, ହଁ, ହଁ, ତାକୁ ଶାସ୍ତି ମିଳିବା ଦରକାର। ସେ ଯେଉଁ ଭୁଲ କରିଛି ତାହା ଅକ୍ଷମଣୀୟ ଅପରାଧ।

-- ଠିକ ଅଛି, ତେବେ ମୋତେ କୁହ ତମ ମାନଙ୍କ ଭିତରୁ କେତେଜଣ ଛୋଟ ଥିଲା ବେଳେ ତୁମ ବାପାଙ୍କ କୋଳରେ ସୁସୁ କରିଛ? ଯେଉଁ ମାନେ କରିନ, ସେମାନେ ଏପଟକୁ ଆସ। ( ଜଣେ ବି ପିଲା ଯିବାପାଇଁ ବାହାରିଲେ ନାହିଁ)

ତେବେ ପ୍ରାୟ ସମସ୍ତେ କରିଛ। ଆଚ୍ଛା ତୁମେ ମାନେ କରିଛ ମାନେ, ତୁମ ବଡ ଭାଇ, ଭଉଣୀ ମାନେ ବି କରିଥିବେ? ତେବେ କେତେଜଣ ତୁମ ବଡ ଭାଇ ଓ ଭଉଣୀ ମାନଙ୍କୁ କଡା କଥା କହିଛ, ପଚାରିଛ,"ଯେ ବାପାଙ୍କ ଉପରେ ତୁ ସୁସୁ କାହିଁକି କରିଥିଲୁ? ( ଏବେ ସମସ୍ତେ ଚୁପ)

-- ଗାନ୍ଧିଜୀ ଆମର କଣ? ଜାତିର ପିତା ପରା। ଯଦି ବାପାଙ୍କ କୋଳ ରେ ସେ ଏକ କରିଦେଲା, ତେବେ ଭୁଲ ତ କରିଛି, କିନ୍ତୁ ବାପା ହିସାବରେ ଗାନ୍ଧିଜୀ କଣ ଏ ଭୁଲ କୁ କ୍ଷମା କରି ପାରିବେନ?

ଘୋ ଘା ପୁରା କମି ଯାଇଥିଲା। ପଛ ପଟୁ କିଛି କିଛି ସ୍ୱର ଶୁଭୁଥିଲେ ବି, ଆଗକୁ କିଛି ନଥିଲା।

-- ହଉ, ତେବେ ତୁମେମାନେ ଯାଅ। ସେ ମହାଶୟ ତରଫରୁ ମୁଁ ଭୁଲ ମାଗୁଛି। ଆଉ ବାକି ଦାବି ମୁତାବକ ସବୁ କାମ କରିବି। କାଲି ତୁମେ ମାନେ ଆସିବା ପୂର୍ବରୁ, ଏ ବଣ ସଫା ହୋଇ ସାରିଥିବ। ଗାନ୍ଧିଜୀଙ୍କୁ ଭଲ ରେ ଗାଧୋଇଦେଇ ଫୁଲ ହାର ପିନ୍ଧେଇ ଭୁଲ ମାଗିବା। ଯଥାଚତ୍ତୋ ସମ୍ମାନ ପୂର୍ବକ ବାକି କାମ ଆରମ୍ଭ କରିବା।

ଏବେ ପଛପଟୁ ପିଲା ସବୁ ଯିବାକୁ ଆରମ୍ଭ କରିଥିଲେ। ନିଜ କାଳକର୍ମ ପାଇଁ ଅନୁତପ୍ତ ନହୋଇ କ୍ଲର୍କ ଜଣଙ୍କ ଭାବୁଥିଲେ, ମୂଲିଆ ଲଗେଇ ସଫା କଲେ ଟଙ୍କା ପାଞ୍ଚଶହ ରେ କାମ ଫତେ, ନହେଲେ ଏବେ କଲେଜ ପିଲାଙ୍କଠୁ ଉତ୍ତମ ମାଧମ ଖାଇଥିଲେ ପନ୍ଦର ଦିନ ଯାଏଁ ଦେହରୁ ପୀଡା ଯାଇ ନଥାନ୍ତା, ତା'ସହ କାହାକୁ ମୁହଁ ବି ଦେଖେଇ ହୋଇ ନଥାନ୍ତା। ଦୁଇ

ଗ୍ଭରିଦିନ ପରେ କଏ ଅବା ମନେ ରଖୁଛି। ଖବର କାଗଜ ରେ ଖବର ବାହାରିଲେ ଗ୍ଭରିଦିନ ପରେ ପୁରୁଣା ହୋଇ ଯାଉଛି, ଆଉ ଏଇଟା କଣ....

କହିବା ବାହୁଲ୍ୟ, କଲେଜ ର ତିନଶହ ପିଲାଙ୍କ ସହ ଆଖ ପାଖ, ଦୂର ଦୁରାନ୍ତ ରୁ ପାଖାପାଖି ପାଞ୍ଚ ହଜାର ଲୋକ, ସେ କ୍ଲର୍କ ଜଣଙ୍କୁ ଚିହ୍ନି ସାରିଥିଲେ। ଆଗକୁ କଲେଜ ଆଡ଼ମିସନ ବେଳେ ନାଁ ଟା କାମରେ ଆସିବ ନା...

ବି.ଦ୍ର.- - ଏ ଗଳ୍ପ ସହ ଗିନ ମହାପାତ୍ର ଓ ସେ ପ୍ରସିଦ୍ଧ ଗୀତ ଗାଇବାର କୌଣସି ସମ୍ପର୍କ ନାହିଁ। ଏହା ଏକ ସଂଯୋଗ ମାତ୍ର ହୋଇ ପାରେ ଯେ ସେ ଏବେ ମୁହଁ ଫୁଟାଣି ମାରି ବହୁତ କଛି କହୁଛନ୍ତି। ତାଙ୍କର କଛି ପ୍ରଶଂସକ ଆଉ ଅନ୍ୟ ମାନଙ୍କ ଭିତରେ ବିବାଦ ଦେଖା ଦେଇଛି। ଦାବି ମୁତାବକ, ସେ ଭୁଲ ମାଗିଲେ ସବୁ ସମସ୍ୟା ର ସମାଧାନ ହୋଇଯିବ। କନ୍ତୁ ସେ ମାନିବାକୁ ନାରାଜ, ତାସହ ଆହୁରି ମଧ୍ଯ ଗାଲୁଆମୀ କଥାବାର୍ତା କରୁଛନ୍ତି। ଯା ପରେ ବିରୋଧୀ ମାନଙ୍କ ଭିତରୁ କଛି ତାଙ୍କୁ ବାଛନ୍ଦ କରିବେ, ତାଙ୍କ ଗୀତ ଆଉ କେହି ଶୁଣିବେନ। ଯେହେତୁ ଓଡ଼ିଆଙ୍କ ପ୍ରାଣର ଠାକୁରଙ୍କ ଭକ୍ତିପୂତ ଜଣାଣ, ତେଣୁ ଏହା ହେବା ସ୍ଵାଭାବିକ। ତେବେ ପ୍ରଶଂସକଙ୍କ ଭିତରୁ, ଏହାବି କେହି କେହି କହୁଛନ୍ତି ଯେ, "ତାଙ୍କୁ ଓଡ଼ିଆ ଜଣା ନାହିଁ, ଗୀତଟି ଓଡ଼ିଆ ଶବ୍ଦ କନ୍ତୁ ଲେଖା ଇଂରାଜୀ ରେ ହୋଇଥିଲା, ଯାହା ଫଳରେ ଜଣାଣ ଟି ଜନନ ( janana) ହୋଇଗଲା। ସେ ଇଚ୍ଛାକରି ଏପରି କରି ନାହାନ୍ତି। ଏପଟେ କନ୍ତୁ ପ୍ରଭୁଙ୍କ ଭକ୍ତ ମାନେ ନଛୋଡବନ୍ଧା। କଥା ଉଠୁଛି ଜଣାଣ ଯଦି ଜନନ ( janana) ହୋଇଗଲା, ଆପଣ ଟା ଆପନ ( aapana) ହେଲାନ କାହିଁକି?

ଓଡ଼ିଆ ମାନେ ତାଙ୍କ ଗୀତ ଆଉ ନଶୁଣିବାରୁ, ତାଙ୍କୁ ଆଉ କେହି କାମ ଦେବାକୁ ରାଜି ହେବେନ। ଯାହା ଫଳରେ ସେ ଆଗଭଳ ବ୍ୟବସାୟ ନକରିପାରିବାରୁ ପୁଣି କଛି ପ୍ରଶଂସକଙ୍କୁ ଧରି ଭୁଲ ମାଗିବାକୁ ଆସିବେ, କହିବେ," ଜଗନ୍ନାଥ ଆମର ଭାବ ର ଠାକୁର। ଭକ୍ତ ର ଗୋଇଠା ଠୁ ଆରମ୍ଭ କରି ରାଜାଙ୍କ ଚୁଟି ଟଣା ଯାଏଁ ସବୁ ସେ ସହିଛନ୍ତି ଭକ୍ତଙ୍କ

ପାଇଁ। ଯଦି କେହି ଭକ୍ତଙ୍କ ଭୁଲ ( ଠିକ ରେ ଓଡ଼ିଆ ନଜାଣିବା ଦ୍ୱାରା) ହୋଇଗଲା, ତେବେ ଆମ ଠାକୁର କଣ ସେତିକ କ୍ଷମା କରି ପାରିବେନ?

କହିବା ବାହୁଲ୍ୟ ମାତ୍ର, କ୍ଷମା ଆଜି ନହେଲେ କାଲି ମାଗିହେବ, କିନ୍ତୁ ଏଇ ପନ୍ଦର ଦିନ ଲାଇମ ଲାଇଟ ରେ ରହିବା ଦ୍ୱାରା, ପୁରା ଓଡିଶା ସହ ଭାରତ ର ଅଧା ଲୋକ ତାଙ୍କୁ ଚିହ୍ନି ସାରିଥିବେ। ଫେମସ ହେବାପାଇଁ ୟାଠୁ ଭଲ ରାସ୍ତା ଆଉ ଅଛି? ? ହିନ୍ଦୀ ନାଚବାଲି ପକ୍ଷୀ ସାବନ୍ତ କୁ ଏହି କାରଣ ପାଇଁ କିଏ ନଜାଣେ?

ଶେଷରେ ...

କିଏ ଅବା ମନେ ରଖୁଛି। ଖବର କାଗଜ ରେ ଖବର ବାହାରିଲେ ଚାରିଦିନ ପରେ ପୁରୁଣା ହୋଇ ଯାଉଛି, ଆଉ ଏଇଟା କଣ....ଦୁଇ ଚାରିଦିନ ପରେ ଘଟଣା କୁଆଡେ ଯିବ, କିଏ ଜାଣେ? ? ? କିନ୍ତୁ ନାଁ ତ ସମସ୍ତେ ମନେ ରଖିବେ ନା......

କୁହନ୍ତିନ "ଦେଉଳ ତୋଳିଲେ ନାଁ ଆଉ ବାଟରେ _ (ଡ୍ୟାସ) କଲେ ବି ନାଁ " ଯଦି ଏତେ ସହଜ ରେ ନାଁ ମିଳି ପାରୁଛି ତେବେ ଦେଉଳ ତୋଳି ଖର୍ଚ୍ଚାନ୍ତ ହେବୁ କିଆଁ? ବାଟରେ ଦୁଇ ନ କରି....

ଖଲାରୀ, ଅନୁଗୁଳ, ଓଡିଶା
Subal.mohapatra@gmail.com

“ପଢନ୍ତୁ ଏବଂ ପଢାନ୍ତୁ ବେଦାନ୍ତୀ”

# ଅଳ୍ପ ଅଳ୍ପ...



ସ୍ମିତା ତ୍ରିପାଠୀ

ଅଳ୍ପ ଅଳ୍ପ କଥା, ଅଳ୍ପ ଅଳ୍ପ ଗୀତ
ଅଳ୍ପ ଅଳ୍ପ ପ୍ରେମ, ଅଳ୍ପ ଅଳ୍ପ ଘୃଣା
ଅଳ୍ପ ଅଳ୍ପ ହସ, ଅଳ୍ପ ଅଳ୍ପ କାନ୍ଦରେ ମିଶେ ଏ ଜୀବନ
ଗ୍ଭଲିଥାଏ ହସୁଥାଏ
ବେଳେ ବେଳେ ବାଟବଣା ବି ହେଇଯାଏ ॥
ଗୀତଗାଇଦିଏ ଖୁସି ଖୁସି ରେ
କେବେ କେବେ ଗାଇଦିଏ ଦୁଃଖର ଲହରୀ,
ଅଳ୍ପ ଅଳ୍ପ ପ୍ରେମ ରେ ଫୁଲି ଉଠୁଥିବା ପ୍ରେମିକା
ଅଳ୍ପ ଅଳ୍ପ ରାଗ ରଷାରେ ଫିଙ୍ଗି ବି ଦିଏ ॥
ଅଳ୍ପ ଅଳ୍ପ ହସି ହସି କଥା କହୁଥିବା ଝିଅ ଟି
ଅଳ୍ପ ଅଳ୍ପ ମୁରୁକ ଗ୍ଭହେଁ ॥
ଅଳ୍ପ ଅଳ୍ପ ରାଗ
ଅଳ୍ପ ଅଳ୍ପ ଅଭିମାନେ
ଜୀବନ ତ ପୁରି ଉଠେ ॥
ପ୍ରେମିକା ମୁହଁ ରେ ଅଳ୍ପ ଅଳ୍ପ ଚୁମି
ଦେଇଦେଲେ ମୁରୁକ ହସ ରେ
ଉଛୁଳ ଯାଏ ॥
ଅଳ୍ପ ଅଳ୍ପ ଆୟୁଷ ନେଇ
ବଞ୍ଚିବାକୁ ଲାଗେ ମଜା
ନ ଥାଏ ଅନୁତାପ
ନ ଥାଏ ସଜା ॥

ଅଲ୍ପ ଆଲୁଅ ଅଲ୍ପ ଅନ୍ଧାର
ଅଲ୍ପ ଦୂର ରୁ ଲାଗେ ଡର ॥
ଅଲ୍ପ ଅଲ୍ପ ସ୍ନେହ ରୁଷା ଅଲ୍ପ ରାଗ
ଅଲ୍ପ ହସ ରେ ଆସେ ସରାଗ ॥
ଅଲ୍ପ ଅଲ୍ପ ସନ୍ଦେହ ରେ ସମ୍ପର୍କ ଭାଙ୍ଗେ
ଅଲ୍ପ ଅଲ୍ପ କଥା ସଣ୍ଠଣା ଲାଗେ ॥
ଅଲ୍ପ ଆଲୁଅ ଅଳସୀ ଜହ୍ନ
ଅଲ୍ପ ବୟସୀ ପ୍ରିୟା ର ଅଝଟ ମନ ॥
ଅଲ୍ପ ଅଳତା ପାଦରେ ନାଇ
ଅଳପିତା ଯାଏ ଯମୁନା ନଈ ॥
ଅଲ୍ପ ଅଲ୍ପ ବାଟ ଚାଲୁ ଚାଲୁ
ଆଗେଇ ଚାଲି ଆସେ ॥
ସବୁଥିରୁ ଅଲ୍ପ ଅଲ୍ପ
ନେଇ ସଜେଇ ଦେ
ମନର ମଣିଷକୁ
ହେଇଯିବ ସେ ସଂପୂର୍ଣ୍ଣା ॥

ରାମେଶ୍ୱର ସାହି, ଖଲରୀ
ହୁଲୁରିଶିଙ୍ଘା, ଅନୁଗୁଳ- ୭୫୯୧୨୨

ଚଳିତ ସଂସ୍କରଣରେ ଯଦି କୌଣସି ତ୍ରୁଟି ଥାଏ, ସେଥିପାଇଁ ଆମେ କ୍ଷମାପ୍ରାର୍ଥୀ ଏବଂ ଆମର ଚେଷ୍ଟା ରହିବ ଆଗକୁ "ବେଦାନ୍ତୀ"କୁ ଉନ୍ନତରୁ ଉନ୍ନତତର କରି ଆପଣଙ୍କ ଆଗରେ ପ୍ରସ୍ତୁତ କରିବା । ସେଥିପାଇଁ ଆପଣମାନଙ୍କ ସହଯୋଗ କାମନାପାର୍ଥୀ ।



ହିମାଂଶୁ ଭୂଷଣ ଜେନା

# ହେ ବୀର, ଘେନ କୋଟି କୋଟି ପ୍ରଣାମ

ନା ଅଛି ତୁମ ମୁଖରେ ଅବଶୋଷର ଚହ୍ନ

ନା ପରାଜୟର ପରିଭାଷା

ଅଛି ଉଜ୍ଜ୍ୱଳ ଦୀପଶିଖାର ଅଲିଭ ସ୍ୱାକ୍ଷର

ଆତ୍ମତୃପ୍ତିର ସୃଜନୀ, ଦିପ୍ତୀମୟ...... ଚର ଦିପ୍ତୀମୟ....

ତୁମେ ଅଟଳ, ଅଚଳ, ଅପ୍ରତିହତ, ଅପ୍ରତିଦ୍ୱନ୍ଦୀ

ସେ କବିତ୍ୱର କରଣରେ ହେଉ

ଅବା ନେତୃତ୍ୱର ଝଲକରେ

ରାଷ୍ଟ୍ରବାଦୀର ଝଂକାରରେ ଝଂକୃତ ତୁମ ଜୀବନ

କଳାତ୍ମକ ଅଭିଭାଷଣରେ ମନ୍ତ୍ରମୁଗ୍ଧ ଜନତା

ଦେଶର ସଙ୍ଗୀନ ମୁହୁର୍ତ୍ତରେ ପ୍ରିୟ ନେତା ହାତରେ

ଶାସନର ଗୁରୁଦାୟିତ୍ୱ ନେଇ ଜନସାଧାରଣ ମୁକ୍ତ

ଆନନ୍ଦର ଲହରୀ ଦେଶସାରା

ସର୍ବଶିକ୍ଷା ଅଭିଯାନରେ ସମସ୍ତଙ୍କ ପାଇଁ ଶିକ୍ଷା

ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ସବୁ ଗାଁ କୁ ରାସ୍ତା

ସ୍ୱର୍ଣ୍ଣ ଚତୁର୍ଭୁଜ ଯୋଜନାରେ ଦେଶରବିକାଶର ବୈପ୍ଳବିକ ବାସ୍ତବତା

ଏସିଆ ମହାଦେଶରେ ଶାନ୍ତିର ଅଗ୍ରଦୂତ ସାଜି ଶାନ୍ତି ବଜାୟ ରଖିବା

ଜୟ ଯବାନ୍, ଜୟ କିଶାନ୍, ଜୟ ବିଜ୍ଞାନ ର ନାରା

ଖାଲି କଥାରେ ନୁହଁ, କାମରେ କରି ଦେଖାଇବା

ତୁମ ବୀରତ୍ୱର ପରାକାଷ୍ଠା ନୁହେଁ କି?

ରତ୍ନମାନଙ୍କ ମଧ୍ୟରେ ତୁମେ ରତ୍ନ, ଭାରତରତ୍ନ

ଏ ଜାତିର, ଏ ମହାନ ସଂସ୍କୃତିର ଚିର ନମସ୍ୟ

ଏ ସ୍ଥୁଳ ଶରୀର ଆଜି ବୀରଗତି ପ୍ରାପ୍ତ

କିନ୍ତୁ ତୁମ ଦେଶପ୍ରୀତି ନୂଆ ଭାରତ ଗଠନରେ ମାନବୀୟ ସ୍ୱୀକୃତି

ରହିଛି, ରହିଥିବ ମୋ ଭାଇ ଭଉଣୀଙ୍କ ହୃଦୟରେ

ହେ ବୀର, ଘେନ କୋଟି କୋଟି ପ୍ରଣାମ

ସହକାରୀ ଶିକ୍ଷକ

ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ନଆଳ, ଯାଜପୁର

ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା – ୯୫୯୪୯୯୩୭୩୩ । ଆପଣମାନଙ୍କୁ ଅନୁରୋଧ ପତ୍ରିକାଟି ପଢିସାରିବାପରେ ଏହାର ଉନ୍ନତି ପାଇଁ ନିଜର ମତାମତ ଦିଅନ୍ତୁ ।

# ସ୍ୱାତୀ



ବିନୟ ମହାପାତ୍ର

ସ୍ୱାତୀ, ଝିଅଟିଏର ନାଆଁ, ମୋ ଅଫିସର ଜଣେ ସହକର୍ମୀ, ସୁନ୍ଦର ଗୋରା ତକ ତକ ଦୁଧ ଅଳତା ତାର ଦେହର ରଙ୍ଗ । ସ୍ୱାତୀ କହିଲେ ମନରେ ଯେତିକ ପବିତ୍ରତାର, ସୌନ୍ଦର୍ଯ୍ୟର କଳ୍ପନା ଆସେ, ସେତିକର ଗୋଟିଏ ମୂର୍ତ୍ତିମତୀ ରୂପ ।

ଏଇ ଅଳ୍ପ ଦିନହେଲା ବଦଳ ହୋଇ ଆସିଥାଏ ଆମ ଅଫିସକୁ । କେଜାଣି କାହିଁକି ପ୍ରଥମ ଦିନର ପ୍ରଥମ ଦେଖାରେ ହିଁ ତାର ଗୋଟିଏ ଛବି ଛାପି ହୋଇଯାଇଥିଲା ମୋ ହୃଦୟର ଗଭୀରତମ ପ୍ରଦେଶରେ । ଖୁବ ସ୍ପଷ୍ଟ ନହେଲେ ବି ସେତେଟା ଅସ୍ପଷ୍ଟ ବି ନଥିଲା, ବିଶ୍ୱାସ ହୁଏନା, ଥରୁଟିଏ ଦେଖାରେ କିଏ କାହା ମନ ଭିତରେ ଏମିତି ଘରକରି ଯାଇପାରେ।

ମୋ ସାମ୍ନା ଟେବୁଲରେ ତାର ସିଟ୍ । ସିଏ କେବେ ଅଫିସ୍ ଲେଟ୍ ହେବାର ମୁଁ ଦେଖିନ । ମୁଁ ଅଫିସ ପହଞ୍ଚିବା ଆଗରୁ ସେ ତା ସିଟରେ ବସି ସାରିଥାଏ । ସବୁବେଳେ ତା ମୁହଁରେ ସରୁ ସ୍ମିତ ହସଟିଏ ଲାଗି ରହିଥାଏ । ସେ ହସ କନ୍ତୁ ଆମନ୍ତ୍ରଣର ନୁହେଁ, ଅଭିନନ୍ଦନ କମ୍ବା ନମସ୍କାର ପରି ତ ମୋତେ ଲାଗେନ । ଲାଗେ ସତେ ଯେମିତି ଛୋଟିଆ ପ୍ରଶ୍ନବାଚୀଟିଏ । ସତେଅବା ପଚାରୁଛି, କେମିତି ଅଛନ୍ତି ? ଆପଣଙ୍କର ସବୁ ଭଲ ତ ?

ଅଫିସ ଭିତରେ ଅନେକ ସମୟରେ ଏକ ଚୁପା ଗୁଞ୍ଜରଣ ଲାଗିରହିଥାଏ । ଅବଶ୍ୟ ଏ ଗୁଞ୍ଜରଣ ସ୍ୱାତୀ ଅନୁପସ୍ଥିତିରେ ହିଁ ଶୁଭେ । ସେ ଅଫିସ ଆସିବା ଆଗରୁ କମ୍ବା ଅଫିସ ଛାଡିବା ପରେ । ଏଇଟା ତ ଏକ ସ୍ୱାଭାବିକ ଘଟଣା । କୌଣସି ଏକ ଯୁବତୀକୁ ନେଇ ତାର ରୂପ, ତାର ଚାଲି ଚଳନ, ତାର ବ୍ୟବହାର, ସର୍ବୋପରି ତାର ପ୍ରେମ ପ୍ରସଙ୍ଗକୁ ନେଇ

ସମସ୍ତେ ଯେପରି ବହୁତ କୌତୁହଳ ହୋଇଯାଆନ୍ତି । କଛି ନ ଜାଣି ନଶୁଣି ନଜର ମନଗଢା ଗଳ୍ପରେ ନାୟିକା କରିଦିଅନ୍ତି ତାକୁ । ପ୍ରାୟ ସବୁ ପ୍ରକାରର, ସବୁ ବୟସର ପୁରୁଷ ଏଥିରୁ ଆମୋଦ ଗ୍ରହଣ କରିପାରନ୍ତି, ମନ୍ତବ୍ୟ ଦେଇପାରନ୍ତି, ତିନ ତୁଣ୍ଡରେ ଛେଳ କେବେ କୁକୁର ପାଲଟି ଯାଏ ତ କେବେ କୁକୁର, ଛେଳ ହୋଇଯାଏ । ସବୁକଛି ଚଳେ ପୁରୁଷ ସମାଜରେ, କେବଳ ଚଳେନ ତ ଚଳେନ ଗୋଟିଏ କଥା, ସେଇଟା ହେଲ୍ ନଜ ପରିବାରର କୌଣସି କନ୍ୟା କମ୍ବା ମହିଳାଙ୍କ ବିଷୟରେ ଏପରି ଆଲୋଚନା । ନଜ ସୁନା ତ ସୁନା, ବାକ ଦୁନଆ ଯାକର ସୁନା ଭେଣ୍ଡି ପାଲଟିଯାଏ ଯେପରି । କେମିତି ଏପରି ଦୋହରା ମାନସିକତା ନେଇ ଗ୍ଚଲନ୍ତି ଏ ନର୍ଲଜ ପୁରୁଷମାନେ ?

ମୋ ବୟସର ଯୁବକଟିଏ ଏପରି ଆଲୋଚନାରୁ ଭରପୂର ମଜ୍ଜା ନେବା କଥା, ଏବଂ ନଜ ତରଫରୁ ଦୁଇ ଗ୍ଚରୋଟି ରସାଳ ଉପାଖ୍ୟାନ ଶୁଣାଇ ନଜେ ଆମୋଦିତ ହୋଇ ବାକ ସଖ୍ସଦ୍ ମାନଙ୍କୁ ଆମୋଦର ଖୁରାକ ଯୋଗାଇଦେବା କଥା । କନ୍ତୁ କାହିଁକ କେଜାଣି, ସ୍ୱାତୀ ବିଷୟରେ ଏପରି ଆଲୋଚନାକୁ ମୁଁ ମୋଟେ ସହ୍ୟ କରିପାରେନା, ବରଂ ଇର୍ଷା ଏବଂ କ୍ରୋଦ୍ଧ ବି ଆସେ ମନରେ । ସତେଅବା, ସ୍ୱାତୀ ମୋର ନଜସ୍ୱ ସଂପତ୍ତି ମାନଙ୍କ ଭିତରେ ଗୋଟିଏ ଖୁବ୍ ମୂଲ୍ୟବାନ ରତ୍ନ । ସ୍ୱାତୀକୁ ଏପରି ଖୋଲ୍ ଖୋଲି ଗୁଲି ଗଳ୍ପର ବିଷୟବସ୍ତୁ କରିଦେବା ନହାତି ଅଭଦ୍ରାମୀ ଓ ଅଶୋଭନୀୟ ।

ସ୍ୱାତୀକୁ ଏପରି, ଏତେଟା ନଜସ୍ୱ, ଏତେ ଆପଣାର କଳ୍ପନା କରିବା ପଛରେ ମୋର କୌଣସି ବଳଷ୍ଠ ତର୍କ ଥିବା ଭଳ ମୋର ମନେହୁଏନା । ସ୍ୱାତୀ ନା' ମୋର ସମ୍ପର୍କୀୟା ଥିଲ୍, ନା' ମୋର ପ୍ରେମିକା, ନା' ମୋର ବାନ୍ଧବୀ ନା' ମୋର ସହପାଠୀ । ସିଏତ ଅନ୍ୟମାନଙ୍କ ଭଳ କେବଳ ଏକ ସହକର୍ମୀ ଥିଲ୍, ଯେତିକ ହକ୍ ମୁଁ ତା ଉପରେ ଦାବୀ କରି ପାରିବି, ସେତିକ ହକ୍ ଅନ୍ୟ କେହି ବି ଦାବୀ କରି ପାରେ । ମୁଁ ତ କଛି ସ୍ପେସାଲ ନ ଥିଲି, ନା ସ୍ୱାତୀ ପାଇଁ ନା ଆଉ କାହା ପାଇଁ । ସ୍ୱତୀ ମନରେ ମୋ ପାଇଁ କଛିବି ନଥିଲ୍ । ଏପରିକ ଆମେ କଛି ଅଫିସିଅଲ କଥାବାର୍ତ୍ତା ଛଡା କେବେ ଅନ୍ୟ କଛି ବିଷୟରେ ଡିସକସ

କରିନୁ । ଫାଇଲ ଦବା ନବା ଛଡା ଆଉ କଛି ଦିଆ ନଆ ବି ନଥିଲା ଆମ ଭିତରେ । ତା ଛଡା ଅଫିସ ଟାଇମ ପରେ ବାହାରେ ଆମର କେଉଁ ପାର୍ଟି, ପିକନକ୍ କ ମେଳା ମଉସ୍ତବରେ କେବେ ବି ଦେଖା ହେଇନ । ସ୍ୱାତୀ ପରି ଗୋଟିଏ ଗମ୍ଭୀର ସ୍ୱଭାବର ଝିଅ ଠାରୁ ଏପରି କଛି ଆଶା କରିବା ମଧ୍ୟ ବୃଥା ।

କନ୍ତୁ, ସ୍ୱାତୀ ପାଖରେ ଏମିତି କଣ ଥିଲା ? ଯାଦୁ କଲା ପରି ମୁଁ ତା ଆଡକୁ ଧୀରେ ଧୀରେ ଟାଣି ହୋଇ ଯାଉଥିଲି । ମୁଁ ସ୍ୱାତୀକୁ ଏତେ ବ୍ୟକ୍ତିଗତ ଭାବୁଥିଲି ! ଅଜାଣତରେ ତାର ଏତେ ନକଟତର ହୋଇ ଯାଉଥିଲି ଯେ ମୋର ଭୟ ହୁଏ, କେବେ ଜାଣ ଅଜାଣତରେ ମୁଁ କେବେ ତା ହାତକୁ ଧରି ପକାଇବି ଅବା ଆପଣ ଜାଗାରେ ତୁମେ କରି ସମ୍ବୋଧନ କରିଦେବି । ଯଦି ଏପରି କଛି କେବେ ହୋଇଯାଏ କଛି ବିଚତ୍ର ହେବନ । ମୁଁ ଯେପରି ତାହାରି ଭାବନାର ଅଥଳ ସମୁଦ୍ରରେ ଉବୁଟୁବୁ ହେଉଥିଲି, କେଉଁ ମୁହୁର୍ତ୍ତରେ କଛି ବି ଘଟି ପାରେ, ମୁଁ ମୋ କାବୁରେ ନଥିଲି ! ଏସବୁ ଏପରି କାହିଁକ ହେଉଥିଲା, ମୁଁ ମୋ ନଜକୁ ପଗ୍ଭରେ, ମୁଁ କଣ ସ୍ୱାତୀର ସଜଫୁଟା ଫୁଲଟି ପରି ସୁନ୍ଦର ରୂପ ପଛରେ ପାଗଳ ହୋଇଯାଉଛି ? ତାର ଏଇ ସୁନ୍ଦର ନୀଳ ନୀଳ ଆଖି ଦୁଇଟି ମୋତେ ମତୁଆଲ କରି ଦେଉଛି ? ନା ତାର ଗୋଲାପି ଓଠ ଦୁଇଟି ? ନା ତାର ପୂର୍ଣ ଯୌବନା ସୁଗଠିତ ରୂପ ମୋତେ ଭ୍ରମର ପରି ମତୁଆଲ କରି ଦେଉଛି ? ମନ କନ୍ତୁ ଦୋ ଦୋ ପାଞ୍ଚ ହୁଏ ଜବାବ୍ ଦେଇ ପାରେନା, ତାର ରୂପର ଆକର୍ଷଣକୁ ତ ନା କରି ହେବନ, କନ୍ତୁ ଅନେକ ସୁନ୍ଦର ଯୁବତୀଙ୍କୁ ଦେଖିଛି ଜୀବନରେ । ଆଉ କାହା ପଛରେ ତ ମନ ଏପରି ଧାଇଁ ଯାଇନ କେବେ ! ଯେମିତି ସ୍ୱାତୀ ପଛରେ ମାଗ୍ଭଥନ ରେସ ଲଗାଉଛି ।

ସ୍ୱାତୀର ନର୍ମଳ ନଷ୍ପାପ ହୃଦୟ ମୋତେ ଟାଣି ନେଉଛି ? ହେଲେ ମୋତେ କଣ ବା ଜଣା ତା ହୃଦୟ ଆଉ ତାର ମନ ବିଷୟରେ ? କେବେ ଖୁସିରେ ଦି ପଦ କଥାବି ହୋଇନୁ ଆମେ, ନା ହାତ ଧଗ୍ଭଧରି ହୋଇ ପାର୍କରେ କେବେ ବୁଲିଛୁ ନା ସିନେମା କ ଥିଏଟର ଯାଇଛୁ ନା ରେଷ୍ଟୁରାଣ୍ଟରେ କେବେ ଲଞ୍ଚ କ ଡିନର କରିଛୁ ? କଣ ଜାଣିଛି ମୁଁ ତା

ବିଷୟରେ ? କେମିତି କହିଦେବି ତାର ବକ୍ଷୋଜ ଠାରୁ ବିଶାଳ ତାର ହୃଦୟ, ତାର ସ୍ମିତ ହସ ପରି ନିର୍ମଳ ତାର ମନ ? ମୋ ମନ କିନ୍ତୁ ଏ ଯୁକ୍ତିକୁ ସ୍ୱୀକାର କରି ପାରେନା କି ମୁଁ ସ୍ୱାତୀର ମନ ଆଉ ହୃଦୟର ହୃଦୟ ବିଷୟରେ କିଛି ବି ଜାଣିନି ବୋଲି । ମନ ତାର ଦଲିଲ୍ ଶୁଣାଇ ଯାଏ । ଏତେ ସୁନ୍ଦର ମୁଖ ଆଉ ତାର ଜ୍ୟୋତି କେବଳ ଏକ ନିର୍ମଳ ହୃଦୟର ଆଭା ହୋଇ ପାରେ, କଳୁଷିତ ହୃଦୟର ଭାବ, ମୁଖର ଏ ଛଟାକୁ ମଳିନ କରିଦିଏ। ହେଲେ ସ୍ୱାତୀର ସୌନ୍ଦର୍ଯ୍ୟ କେବଳ ଏକ ରକ୍ତ ମାଂସର ତିଆରି ପ୍ରତୀମାଟିଏ ନୁହେଁ, ତାର ମୁଖର ଆଭା, ତାର ହୃଦୟର ଆଇନା, ଯେଉଁଥିରେ ତାର ହୃଦୟର ପବିତ୍ରତା ଜଳରେ ଚନ୍ଦ୍ରମାର ପ୍ରତିବିମ୍ବ ପରି ସ୍ପଷ୍ଟ ଦିଶିଯାଉଛି । ତାର ସ୍ମିତ ହସ ତାର ମଧୁଭରା ମନର ପ୍ରତିବିମ୍ବ, ଏକ କପଟି ମନ ଏପରି ମଧୁର ସ୍ମିତ ହସର ଜନନୀ କତଇ ହୋଇ ନ ପାରେ !

ଅନେକ ସାବଧାନତା ପରେ ମଧ ଶେଷରେ ମୁଁ ଧରା ପଡି ଯାଇଥିଲି ସ୍ୱାତୀ ପାଖରେ । ଏମିତି ଦିନେ ଅଫିସରେ, ଫାଇଲ୍ ଉପରୁ ମୁହଁ ଉଠାଇ, ଦାନ୍ତରେ କଲମକୁ କାମୁଡି ଧରି, ନିର୍ନିମେଶ ନୟନରେ, ଏକ ଲୟରେ, କେଜାଣି କେତେ ସମୟ ଧରି ମୁଁ ସ୍ୱାତୀର ମୁହଁକୁ ଚାହିଁ ରହିଛି ମୋର ଖୟାଲ ନାହିଁ । ହଠାତ ମୋର ଧ୍ୟାନ ଭଗ୍ନ ହେଲା, ଯେତେବେଳେ ସ୍ୱାତୀ ମୋ ଟେବୁଲ ସାମ୍ନାକୁ ଆସି, ମୋ ଟେବୁଲରେ ଖଟ ଖଟ କରି ପଚାରିଲା କଣ ଦେଖୁଛନ୍ତି?

ଏଁ...., ନା.... ନା..... କିଛି ନାହିଁ, ମାନେ ମୁଁ ଏମିତି........ ମୁଁ କିନ୍ତୁ ଜବାବ ଖୋଜି ପାଉ ନଥିଲି । ସତେ ଅବା, ଆଚାର ବୋତଲରୁ ଆଚାର ଚୋରି କରୁ କରୁ ବିଚରା ପିଲାଟିଏ ମାଆ ସାମ୍ନାରେ ଧରା ପଡିଯାଇଛି । ଆଚାର ନେଉନି ବୋଲି ସଫେଇ ଦେଇ ପାରୁନି, କାରଣ ଆଚାର ବୋତଲଟା ଏବେ ଯାଏ ଯେ ହାତରେ ସେମିତି ଦରଖୋଲା ଅବସ୍ଥାରେ ଅଛି ! ସେମିତି ଏକ ସ୍ଥିତିରେ ମୁଁ ରଙ୍ଗେହାତ୍ ଧରାପଡି ଯାଇଥିଲି ।

: କଛି ନାହିଁ ମାନେ? ମୁଁ ଦେଖୁଛି, ଅଧଘଣ୍ଟାଏ ହେବ, ଆପଣ ଏମିତି ମୋ ମୁହଁକୁ ଗ୍ଚହିଁ ରହିଛନ୍ତି, କଣ ଭ୍ବୁଛନ୍ତି?

କଛି ନାହିଁ, ବାସ୍ ଏମିତି, ନା ନା ସେ କଛି ନୁହେଁ... ବଡ ଅପ୍ରସ୍ତୁତ କଣ୍ଠରେ ମୋର ଜବାବ ଥିଲ୍ । 

: ଓହଃ, ଦେହ ଭଲ ନାହିଁ ବୋଧ ହୁଏ ଆପଣଙ୍କର !

ଆରେ ନା, ନା, ମୋ ଦେହ ଠିକ୍ ଅଛି, ହେଲେ...., ହେଲେ, ହଠାତ୍ ଅଟକ ଗଲି ମୁଁ ।

: ହେଲେ? ହେଲେ କଣ?

ହେଲେ ସେ ବହୁତ କଥା, କନ୍ତୁ.... କହିବା ସମ୍ଭବ ନୁହେଁ, ମାନେ....... ମୋର ଏପରି ଅପ୍ରତିଭ ବ୍ୟବହାର ଦେଖି ଠୋ ଠୋ ହୋଇ ହସି ଉଠିଥିଲ୍ ସ୍ୱାତୀ, ସତେ ଯେପରି ଚପଳତାମୟୀ ପ୍ରଗଲ୍ଭା କଶୋରୀଟିଏ ।

ତାର ସେଇ ହସରେ ମୁଁ ଯେପରି ନର୍ଭସ ହୋଇ ଯାଉଥିଲି । ବହୁତ ସମୟ ହତବାକ୍ ହୋଇ ବସି ରହିଥିଲି, ହଠାତ୍ ଚଉକ ଛାଡି ମୁଁ ଠିଆ ହୋଇପଡିଲି ଏବଂ କହିଲି, ପ୍ଲିଜ୍ ସ୍ୱାତୀ, ତୁମେ ଏପରି ହସ ନାହିଁ (ମୋର ମନେ ନାହିଁ କପରି ଭ୍ବରେ ମୁଁ ତାର ନାମ ଏବଂ ଆପଣ ଜାଗାରେ ତୁମେ ବୋଲି ଉଚ୍ଚାରଣ କରିଗଲି) ।

ମୋର ତୁମକୁ ଅନେକ କଛି କହିବାକୁ ଅଛି, ହେଲେ ମୋର ସେ ସାହସ ନାହିଁ ସବୁକଥା ତୁମକୁ ଖୋଲି କହିଦେବାପାଇଁ, ମୋତେ ଡର ଲ୍ଗୁଛି କାଳେ ମୋ କଥାରେ ତୁମ ମନରେ କଷ୍ଟ ହେବ ।

: ଆରେ କଷ୍ଟ କାହିଁକ ହେବ, ଆପଣ ଏମିତି କଣ କଣ କହିବେ ଯେ ? ଚନ୍ତା କରନ୍ତୁ ନାହିଁ, ଯାହା କହିବା କଥା ଖୋଲି କୁହନ୍ତୁ, ମୁଁ କଛି ବି ଭ୍ବିବି ନାହିଁ ।

ହୁଁ ହେଲେ ଏବେ, ଏମିତି, ଏଇଠି...? ନା' ନା' ଏମିତି ନୁହେଁ, ଯଦି କିଛି ନଭାବିବେ, ନିରୋଳାରେ ଦି'ଘଡି ଯଦି ବସି ପାରନ୍ତେ....ଏତିକ କହି ମୋ ଚୁପ୍ ହୋଇ ଗଲି । ସ୍ୱାତୀ କିଛି ସମୟ ପାଇଁ ନିରବ ଏବଂ ଗମ୍ଭୀର ଭାବେ ଠିଆ ହୋଇରହିଲା, ଯେପରି ସେ ଭାମ୍ପି ନେବାକୁ ଚାହୁଁ ଥିଲା କଣ ଏମିତି ସିକ୍ରେସି ଅଛି ମୋ ପାଖରେ ଯେ ମୋତେ ଦି ଘଡି ନିରୋଳା ସମୟ ଦରକାର ? କିଛି ସମୟ ଭାବି କହିଲା, ଠିକ୍ ଅଛି, କେବେ ସମୟ ସୁବିଧା ଦେଖି ଆସନ୍ତୁ ମୋ ବସା ଆଡକୁ ।

ମୋର ଆଉ ଧୈର୍ଯ୍ୟ ନଥିଲା ସମୟ ସୁବିଧାକୁ ଅପେକ୍ଷାକରିବା ପାଇଁ । ସେଇ ଦିନ ସଂଧ୍ୟାରେ, ମୁଁ ସ୍ୱାତୀର ବସାରେ ପହଞ୍ଚି ଯାଇଥିଲି । ସିଏ ବି ଥିଲା ତା ବସାରେ, ସତେ ଯେମିତି ମୋର ଅପେକ୍ଷା କରିଥିଲା, ତା ଓଠରେ ସେଇ ସ୍ମିତ ହସ ଏବେବି ସେମିତି ଥିଲା, ଯାହାର ମାନେ ମୁଁ ଆଜିଯାଏ ବୁଝିପାରୁ ନଥିଲି ।

ଏକ ସ୍ୱାଭାବିକ୍ ଗମ୍ଭୀର ଝିଅର ରୁଚକୁ ନେଇ ତା ଘରର ସାଜସଜ୍ଜା, ସିମ୍ପଲ ଏବଂ ସୁନ୍ଦର । ସାଧାରଣ ଶିଷ୍ଟତା ଦେଖାଇ ଆମେ ସୋଫାରେ ବସିଗଲୁ ସାମ୍ନା ସାମ୍ନି ହୋଇ । ସାମାନ୍ୟ ଶିଷ୍ଟାଚାରର ଚାହା ବିସ୍କୁଟ ସରିବା ପରେ ଏବଂ କିଛି ସମୟର ନିରବତାପରେ, ସ୍ୱାତୀ ଆରମ୍ଭ କଲା, କୁହନ୍ତୁ, ଆପଣ କଣ କହିବାକୁ ଚାହୁଁଥିଲେ!

ମୁଁ ପ୍ରଥମେ ନିଜକୁ ସଜାଡି ନେଲି, ମୋର ମନର ବିକ୍ଷିପ୍ତ ଭାବନା ମାନଙ୍କୁ ଶବ୍ଦରେ ସଜାଡି ଆକାର ଦେବାକୁ ବହୁତ ଚେଷ୍ଟା କରୁଥିଲି । କିଛି ସମୟ ଏମିତି ଚାଲିଗଲା, କଥାଟା କିପରି କେଉଁଠୁ ଆରମ୍ଭ କରିବି ବୋଲି । ହେଲେ ମୁଁ ମୋ ଶବ୍ଦମାନଙ୍କୁ ଗୋଟିଏ ସୁତାରେ କ୍ରମାନୟରେ ସଜାଡି ପାରୁ ନଥିଲି । ହଠାତ୍ ମୋ ମୁହଁରୁ ବାହାରି ପଡିଲା,

ସ୍ୱାତୀ, ତୁମେ ମୋତେ ବିବାହ କରିବ? ?

ସେତେ ବେଳକୁ ଭାବାବେଗରେ ମୋ ମୁଁହ ଲାଲ କି ସେଥା ପଡି ଯାଇଥିଲା ମୋତେ ଜଣା ନାହିଁ, କିନ୍ତୁ ମୋ କଥା ଶୁଣି ସ୍ୱାତୀର ମୁଁହ ଲାଲ ହୋଇଯାଇଥିଲା । ସେ କିଛିସମୟ

ହତବାକ୍ ହୋଇ ମୋ ମୁହଁକୁ ଅନେଇ ରହିଲା । ଯେପରି ସେ ବୁଝି ପାରୁନଥିଲା, ମୁଁ କଣ କହିଦେଲି, ସେ ହୁଏତ ଭାବିଥିଲା, ପ୍ରଥମେ ମୁଁ ତାର ରୂପର ପ୍ରଶଂସା କରିବି, ମୁଁ ତାକୁ କେତେ ଭଲପାଏ ବଖାଣିହେବି ପୁଣି ଶେଷରେ ତାକୁ ପ୍ରଣୟ ନିବେଦନ କରିଦେବି । ଯାହାକୁ ସେ ଖୁବ୍ ସହଜରେ ପ୍ରତ୍ୟାଖ୍ୟାନ କରି ଦେଇପାରିବ, କିନ୍ତୁ ମୁଁ ତ ତାକୁ ସିଧା ବିବାହ ପ୍ରସ୍ତାବ ଦେଇ ଦେଇଥିଲି । ଭଲପାଇବା ଏତେ ଗଭୀର ନ ହେଲେ କିଏ କଣ କାହାକୁ ସିଧା ବିବାହ ପ୍ରସ୍ତାବ ଦେଇପାରେ ? ମୋ ପ୍ରସ୍ତାବକୁ ସେ ନା କରିବ କି ହଁ, ଭାବିପାରୁ ନଥିଲା, ନା କରିବ ତ କିପରି ନା କହିବ, ହୁଏତ ତାର ବାଟ ଖୋଜୁ ଥିଲା ସ୍ୱାତୀ! ଧୀରେ ଧୀରେ ସ୍ୱାତୀର ମୁଁହ ଗମ୍ଭୀର ହୋଇଆସୁଥିଲା, ସେଇ ଗମ୍ଭୀରତା ଭିତରେ ଦୁଇଟି କରୁଣ ଆଖି ମୋ ଉପରେ ଘୁରି ଯାଇ ଝରକାବାଟେ କାହିଁ କେତେଦୂରରେ କେଉଁ ଅତିତରେ ହଜିଗଲା ବୋଧହୁଏ ।

ମୁଁ ନୀରବତା ଭାଙ୍ଗି କହିଲି, ଦେଖ ସ୍ୱାତୀ, ବିବାହ ପାଇଁ ମୁଁ ତୁମକୁ ବାଧ୍ୟ ତ କରି ପାରିବିନି! ମୁଁ ତୁମର ଉତ୍ତର ଏବେ ସାଙ୍ଗେ ସାଙ୍ଗେ ବି ମାଗୁନି । ତୁମେ କାହା ସହିତ କେବେ ବିବାହ କରିବ, ସେଇଟା ତୁମର ଇଚ୍ଛା ଉପରେ ନିର୍ଭର କରୁଛି । କିନ୍ତୁ ମୁଁ ଏତିକି ଚାହୁଁଛି ତୁମେ ଯେବେବି ବିବାହ କରିବାକୁ ସ୍ଥିର କରିବ, ଥରେ ମୋ ପ୍ରସ୍ତାବ ଉପରେ ବିଚାର କରିବ । ତୁମକୁ ମୁଁ ଜୀବନ ସାଥୀ ରୂପରେ ପାଇଲେ ବହୁତ ଖୁସି ହେବି । ମୋତେ ଲାଗିବ, ଯେପରି ମୋତେ ମୋର ସାତଜନ୍ମ ତପସ୍ୟାର ସଫଳତାର ଫଳ ମିଳିଗଲା । ହୁଏତ ତୁମେ ମୋ ଜୀବନ ପାଇଁ ସର୍ବଶ୍ରେଷ୍ଠ ଉପହାର ହେବ । ଏବେ ମୁଁ ଆସୁଛି କହି ଯିବା ପାଇଁ ଠିଆ ହୋଇ ପଡିଲି ।

ଏ ପର୍ଯ୍ୟନ୍ତ ସ୍ୱାତୀ ନିରବରେ ତଳକୁ ମୁହଁ ପୋତି ମୋ କଥା ଶୁଣୁଥିଲା । ମୁଁ ଉଠିବାର ଦେଖି ସେ ବି ଠିଆ ହୋଇଗଲା । ହଠାତ୍ ଖପ୍ କରି ମୋ ହାତକୁ ଧରି ପକାଇଲା ଏବଂ ମୋ ମୁହଁକୁ ଥରେ କରୁଣ ଭାବେ ଚାହିଁ ପୁଣି ତଳକୁ ମୁଁହକରି କହିଲା, ବସନ୍ତ, ଆପଣ ତ

ନିଜକଥା କହିଗଲେ, ମୋର ବି କିଛି କହିବାର ଅଛି, ଶୁଣି କି ଯାଆନ୍ତୁ । ସ୍ୱାତୀ ଆରମ୍ଭକଲା ତାର କାହାଣୀ ।

: ମଣିଷର ଅସରନ୍ତି ଆଶା, ଯଦିଓ ଆମେ ଜାଣୁ, ଆମର ଆଶା, ଇଚ୍ଛା, କାମନା ସବୁ ଆମର ଦୁଃଖର କାରଣ, ତଥାପି ମଣିଷ ମରୁଭୂମୀର ଓଟ ପରି ମୁହଁରେ କଣ୍ଟାର ଆଘାତ ବାରମ୍ବାର ପାଇ ମଧ୍ୟ କ୍ଷତାକ୍ତ ପାଟିରେ ପୁଣି ସେଇ କଣ୍ଟକିତ ସପ୍ତଫେଣି ଖଇବାର ପ୍ରୟାସ ଥରକୁ ଥର କରିଥାଏ । ପତଙ୍ଗଟିଏ ପରି ଅଗ୍ନିଶିଖାର ଲୋଭ ଛାଡିପରେନା । ଜାଣିଶୁଣି ଅବା ଅଜାଣତରେ ସେଇ ଶିଖା ଆଡକୁ ଆକର୍ଷିତ ହୋଇଯାଏ, ଶେଷରେ ସେଇ ଅଗ୍ନିରେ ନିଜର ଡେଣା ଜଳେଇ ଛଟପଟ ହୋଇ ମରିଯାଏ । ମୁଁ ବି ତ ମଣିଷ ଟିଏ, କେମିତି ବର୍ତ୍ତି ଯାଇଥାନ୍ତି କାମନାର ଅଗ୍ନିଶିଖାର ମୋହରୁ ? ମୋର ଆଶା ସରିନି, କିନ୍ତୁ ମୁଁ ଜାଣିଛି, ମୋର ପଥ ସରିଯାଇଛି । ଜୀବନର ଏହି ଦୋଛକିରୁ କିଛିବାଟ ପରେ ମୋ ଜୀବନର ରାସ୍ତା ସରିଯାଇଛି । ସରିଯାଇଛି କଣ, ଗୋଟିଏ ଜାଗାରେ ସ୍ଥାଣୁ ପାଲଟି ଯାଇଛି ମୁଁ, ବୁଢା ବରଗଛଟିଏ ପରି । ବଞ୍ଚିରହିଛି ସେଇଟା ବଡ କଥା, ଜୀବନରେ କେଉଁ ଏକ ଦୁର୍ବଳ ମୁହୁର୍ତ୍ତରେ ଭୂତ ଦେଖି ଡରି ଯାଇଛି, ହାରି ଯାଇଛି ଜୀବନର ଯୁଦ୍ଧ, ହେଲେ ପଥଭାଙ୍ଗି ପଛଘୁଞ୍ଚା ଦେଇନି । ଜୀବନ ହାରିଦେଇନି । କଥା ମଝିରେ ହଠାତ୍ ଅଟକି ଯାଇ ସ୍ୱାତୀ ମୋ ମୁହଁକୁ ଗ୍ୱହିଁଲା, ଯେପରି ମୋ ମୁହଁର ଭାବ ପଢିବାକୁ ଚେଷ୍ଟା କରୁଥିଲା । ବିନା କିଛି ସଙ୍କୋଚରେ ହଠାତ ପଗ୍ଚରିଲା ଆପଣ କେବେ ଚୁଇଙ୍ଗମ ଖାଇଛନ୍ତି ?

ଚୁଇଙ୍ଗମ ?? ହଠାତ୍ ଏପରି ଗୋଟିଏ ପ୍ରଶ୍ନ ଶୁଣି ମୋ ମୁହଁର ଭାବ ବଦଳି ଗଲା, ଭାବି ପାରୁ ନଥିଲି ଏପରି ଏକ ସିରିୟସ କଥାବାର୍ତ୍ତା ଭିତରେ ହଠାତ୍ ଏତେ ହାଲକା ଫୁଲକା ପ୍ରଶ୍ନ? ତଥାପି ଉତ୍ତର ଦେଲି ହଁ, ପିଲା ଦିନେ ବହୁତ ଚୁଇଙ୍ଗମ ଖାଇଛି, କିନ୍ତୁ ହଠାତ୍ ଏପରି ପ୍ରଶ୍ନ କାହିକି? ମୋର ପ୍ରଶ୍ନକୁ ଅଣଶୁଣା କରି ସ୍ୱାତୀ ପୁଣି ପଗ୍ଚରିଲା ଚୁଇଙ୍ଗମ କେମିତି ଖାଆନ୍ତି ? ପିଲାଦିନର ଚୁଇଁଗମ କଥା ମନେ ପକାଇ ହସ ତ ବହୁତ ଲାଗୁଥିଲା, କିପରି ଚୁଇଁଗମ ଖାଇ ପାଖବାଲା ସିଟ୍ ରେ ଚପକେଇଦେଇ ସାଙ୍ଗମାନଙ୍କୁ ହଇରାଣ

କରିବା, କେବେ କାହା ବାଳରେ ଚୁଇଁଗମ ଲଗେଇ ତୋ ମୁଣ୍ଡରେ କାଉ ହଗିଦେଲା କହି ମଜା କରୁଥିଲୁ । କିନ୍ତୁ ନିଜ ହସକୁ ମନରେ ରଖି କହିଲି, ଚୁଇଁଗମ ପାଟିରେ ପକାଇ ଗ୍ୟେବେଇ ଗ୍ୟଲ, କିଛି ସମୟ ପରେ ତାର ମିଠା ସରିଯାଏ, ତଥାପି ଗ୍ୟେବାଇ ଗ୍ୟଲ, ଯେତେବେଳେ ବୋର ହୋଇଯିବ ଥୁ କରି ଫୋପାଡି ଦେବ ।

ହୁଁ ଖୁବ୍ ଛୋଟିଆ ଥିଲା ଏ ଶବ୍ଦଟିଏ ! ଗୋଟିଏ ଅକ୍ଷରର ଏଇ ଶବ୍ଦ କେତେ ଗମ୍ଭୀର ସତେ । ସତେ ଅବା ମହାଶୁନ୍ୟର ନିଥର ମଣ୍ଡଳର ସେଇ ଶବ୍ଦ । ସେ କହେ, କେବଳ ସେଇ ନିଜେ ହିଁ ଶୁଣେ, ଆଉ କେହି ଶୁଣି ପାରେନା, କିନ୍ତୁ ଯିଏ ଶୁଣେ ସେ ବୁଝି ବି ଅବୁଝା ରହିଯାଏ, ସେଇ ଶବ୍ଦର ଅର୍ଥ କଣଥିଲା, ହଁ ଅବା ନା । ମୁଁ ବି ଅବୁଝା ଶିଶୁଟିଏ ପରି ଗ୍ୟହିଁ ରହିଥାଲି ସ୍ୱାତୀ ମୁହଁକୁ ତାର ପରବର୍ତ୍ତି ଶବ୍ଦ ଗୁଡିକ ପାଇଁ । ମୋର ଅବୁଝାପଣ ଦେଖି ସ୍ୱାତି ମୁହଁ ଖୋଲିଲା । କହିଲା ଫୋପଡା ଯାଇଥିବା ଚୁଆଁଗମକୁ ଉଠାଇ ଆଉ କେହି କଣ କେବେ ଖାଏ? ?

ସ୍ୱାତୀର ପ୍ରଶ୍ନର ଉତ୍ତରରେ ମୁଁ କହିଲି, ନା, ସେଇ ଚୁଇଁଗମରେ କଣ ବାକିଥାଏ ଯେ? ପବନ ବାଜି ସେ ଟାଣ ବି ହୋଇଯାଏ ।

ଫିକ୍ କିନା ହସିଦେଲା ସ୍ୱାତୀ, ବଡ ନିରାଶାର ସୁଖିଲା ହସଟିଏ । ପୁଣି କହିଲା, ବୋଧହୁଏ ଆପଣ ଆପଣଙ୍କ ପ୍ରଶ୍ନର ଉତ୍ତର ପାଇଗଲେ ।

: ମାନେ? ଆପଣଙ୍କ କଥା ବୁଝି ପାରିଲିନି । ମୁଁ ଚୁଇଁଗମ, ଆଉ ମୋର ପ୍ରଶ୍ନ ଏବଂ ତାର ଉତ୍ତର, ଏ ସମସ୍ତଙ୍କୁ ଗୋଟିଏ ସୁତାରେ ବାନ୍ଧିବାକୁ ଚେଷ୍ଟା କରୁଥିଲି । ଜ୍ୟାମିତିର କେଉଁ ଉପପାଦ୍ୟର ସୂତ୍ର ଖୋଜୁଥିଲି, ସେମାନଙ୍କୁ ଗୋଟିଏ ସରଳରେଖାରେ ଯୋଡି ହୋଇ ପାରିବ କି ନାହିଁ ! ମୋ ଅବୁଝାପଣ ଦେଖି ସ୍ୱାତୀ କହିଲା, ସେଇ ଚୁଇଁଗମ ଆଉ ମୁଁ ଆମେ ଗୋଟିଏ ଜିନିଷ । ମୁଁ ସେଇମିତି ଫୋପଡା ଯାଇଥିବା ଚୁଇଁଗମଟିଏ, ଆପଣଙ୍କ ପାଇଁ ମୁଁ ଯୋଗ୍ୟ ନୁହେଁ । ଆପଣ ଆଉ ମୋ ଅତୀତ କଥା ପଗ୍ୟରି ମୋତେ ବ୍ୟଥିତ କରିବେନି

ବୋଲି ଆଶା । ଆପଣ ଏବେ ଆସିପାରନ୍ତି ବୋଲି କହି ସ୍ୱାତୀ ତା ଜାଗା ଛାଡି ଠିଆ ହୋଇଗଲା ।

ମୁଁ କିନ୍ତୁ ବସିରହି ସ୍ୱାତୀର ମୁହଁକୁ ଗ୍ଚହିଁ ରହିଥିଲି । ସେଇ ଦରମଉଳା ଫୁଲରେ ରଙ୍ଗମାନଙ୍କୁ ଖୋଜୁଥିଲି, ଉଡି ଯାଇଥିବା ମହକ ସବୁ ଖୋଜୁଥିଲି । ମୋତେ କାହିଁକି ଲାଗୁଥିଲା, ଏଇଟା ଗୋଟିଏ ଦରମଉଳା ଫୁଲର କାହାଣୀ ନୁହେଁ, ଏଇଟା ତ ଶରତ ଆକାଶର ପୂର୍ଣ୍ଣମୀ ଚ୍ଚନ୍ଦର କାହାଣୀ । ଅଦିନଆ ବାଦଲ ଢାଙ୍କି ଦେଇଛି କଛି କ୍ଷଣପାଇଁ, ସଫେଦ ପତଳା ବାଦଲ ତଳେ ଲୁଚ ଯାଇଛି ପୁନେଇର ଚ୍ଚନ୍ଦ । ଦି'ମିନଟ ପରେ ବାଦଲ ହଟିଯିବ, ପୁଣି ହସି ଉଠିବ ଜହ୍ନ । ତାର ତୋଫା ମୁହଁ ଦେଖେଇ ଦେବ, ଚ୍ଚନ୍ଦିନୀ ବିଛାଡି ଦେବ ଚ୍ଚରିଦିଗରେ ।

ମୁଁ ମଧ୍ୟ ଠିଆ ହୋଇ ପଡିଲି, ସ୍ୱାତୀର ଠିକ୍ ସାମ୍ନାସାମ୍ନି । ଟିକେ ଗଳା ସଫାକରି ପଚ୍ଚରିଲି, ସ୍ୱାତୀ, ତୁମେ କେବେ ଆଇସ କାଣ୍ଡି ଖାଇଛ ? ହଠାତ୍ ସ୍ୱାତୀର ଭୃକୁଞ୍ଚିତ ହୋଇଗଲା । ସତେ ଯେମିତି ପଛ ବେଞ୍ଚର ପିଲାଟିକୁ ସାର୍ ସାଇକୋଲୋଜୀର ସ୍ପେଲିଂ ପଚ୍ଚରିଦେଲେ । ସ୍ୱାତୀ ଠିକ୍ ବୁଝି ପାରୁନଥିଲା, ତାର ଚୁଇଙ୍ଗମ ଥିଓରୀର ଜବାବରେ ମୋର ଏଇ ଆଇସ୍ କାଣ୍ଡିର ଥିଓରୀ କଣ? ଏବଂ ତା'ପଛରେ ଥିବା ମୋ ଲଜିକଟା । ସେ ବୁଝି ପାରୁନଥିଲା, ମୁଁ କଣ ପ୍ରମାଣ କରିବାକୁ ଚ୍ଚହୁଁଥିଲି । ତାର ଏ କନଫ୍ୟୁଜନକୁ ଦେଖି ମୁଁ ତାକୁ କହିଲି ଛାଡ ସେସବୁ, କଥାଟାକୁ ମୁଁ ସିଧାସିଧା କହୁଛି । ଆମେ ଆଇସ୍ କାଣ୍ଡିକୁ ବଡ ଜତ୍ନରେ ଖାଉ, ଗୋଟିଏ ଟୋପାଏ ରସ ତରଳ ଯେପରି ତଳେ ପଡି ନଯାଏ, ସେଥିପାଇଁ ବଡ ସାବଧାନ ରହୁ । ଯେତେ ବେଳେ ଆଇସ କାଣ୍ଡିଟି ପୁରା ସରିଯାଏ, ତେବେବି ଆଇସ୍ କାଣ୍ଡିର କାଠିଟିକୁ ଶେଷଥର ପାଇଁ ଥରେ ମୁହଁରେ ପୁରାଇ ଚୁଷିନେଉ । କାଳେ ଟୋପାଏ ଲାଗି ରହି ଯାଇଥିବ ସେଥିରେ । ସେମିତି ମଣିଷର ଜୀବନ ଆଉ ଜୀବନର ସବୁ ସଂପର୍କ। ମଣିଷ ଜୀବନର ସଂପର୍କର ବନ୍ଧନ ମଧ୍ୟ ସେମିତି ଥାଏ । ଜଣେ ଆଉ ଜଣଙ୍କ ସହିତ ଜୀବନର ଶେଷମୁହୁର୍ତ୍ତ ପର୍ଯ୍ୟନ୍ତ ରହେ । ଯେବେ ଜୀବନ ସରିଯାଏ ସେତେବେଳେ ଖାଲି

ନିର୍ଜୀବ ଦେହଟି ଆଇସ୍ କାଣ୍ଡିର କାଠିଟିଏ ପରି ହୋଇଯାଏ । ଦେଖ ସ୍ୱାତୀ, ମଣିଷର ଜୀବନ କିଛି ଚୁଇଙ୍ଗମ କିମ୍ବା ଆଇସ୍ କାଣ୍ଡି ନୁହେଁ । ମଣିଷ ଜୀବନର ତୁଳନା ଏକ ଧଳା ଲୁଗା ସହିତ ମଧ୍ୟ କରାଯାଇ ପାରେ । ଲୁଗା ତ କେବେ ନା କେବେ ଅସନା ହେବ, ତାବୋଲି ତାକୁ କେହି ଫୋପାଡି ଦିଏନା । ଅସନା ଲୁଗାକୁ ଧୋଇଧାଇ ପରିଷ୍କାର କରିଦିଅ, ପୁଣି ବ୍ୟବହାର କର ।

ଆମେ ମଣିଷ, ଆମେ ଜୀବନରେ ଠିକ୍ ବି କରୁ, ଜାଣ ଅଜାଣତରେ କିମ୍ବା ଭାବାବେଗରେ ଭୁଲ ବି କରୁ । କିନ୍ତୁ ତାର ଅର୍ଥନୁହେଁ ଗୋଟିଏ ଭୁଲର ବୋଝ ସାରାଜୀବନ ମୁଣ୍ଡରେ ବୋହି ବାକିଥିବା ଜୀବନକୁ ସମାପ୍ତ କରିଦେବୁ । ତୁମର ଅତୀତ ସହିତ ମୋର କିଛି ଯା ଆସ ନାହିଁ । ସେ ତୁମର ଅତୀତ ଥିଲା । ମୁଁ ସେ ବିଷୟରେ କିଛି ଜାଣିବାକୁ ଚାହୁଁନି କେବେ ବି ଜାଣିବାକୁ ଚାହିଁବି ନାହିଁ । ମୁଁ ଭବିଷ୍ୟତ ବିଷୟରେ ଭାବୁଛି । ତୁମେ ଯଦି ଚାହିଁବ ଆମେ ଆମର ଭବିଷ୍ୟତ ଜୀବନକୁ ସାଥିହୋଇ ଜିଇଁପାରିବା । ତୁମେ ସବୁକିଛି ଭୁଲି ମୋ ସହିତ ଏକ ନୂଆ ଜୀବନ ଆରମ୍ଭ କରି ପାରିବ? ତୁମେ ମୋତେ ବିବାହ କରି ପାରିବ ସ୍ୱାତୀ?

ସ୍ୱାତୀର ଆଖି ଛଳଛଳ ହୋଇ ଆସୁଥିଲା, କଣ୍ଠ ରୁନ୍ଧିହୋଇ ଆସୁଥିଲା । ସେ କିଛି କହିପାରୁ ନଥିଲା, ଧାଇଁ ଆସିଲା ମୋ ପାଖକୁ, ମୋ ଛାତିରେ ମୁହଁ ଗୁଞ୍ଜି କଇଁ କଇଁ ହୋଇ କାନ୍ଦି ଉଠିଲା । ଭାବାବେଗରେ ମୋର ଦୁଇବାହୁ ତାକୁ ନିବିଡ ଭାବେ ଜାବୁଡି ଧରିଥିଲେ ।

କଟ୍ ସ୍କୋୟାର, ପଟିଆ
ଭୁବନେଶ୍ୱର, ଓଡିଶା

ପଢନ୍ତୁ ଏବଂ ପଢାନ୍ତୁ ଓଡିଆର ଏକମାତ୍ର ମାସିକ ପାରିବାରିକ ପତ୍ରିକା ବେଦାନ୍ତୀ ଯାହାକି ଓଡିଶା ବାହାରେ ରହୁଥିବା ପ୍ରତ୍ୟେକ ଓଡିଆଙ୍କ ପାଇଁ ଉଦ୍ଦିଷ୍ଟ

# ଆମେ ସୈନିକ ହେବୁ



ଶମ୍ଭୁନାଥ ଦାସ

ସୈନିକ ହେବୁରେ ଆମ୍ଭେ ସୈନିକ ହେବୁ
ଦେଶ ପାଇଁ ପ୍ରାଣ ଦେଇ ଯଶ ରଖିବୁ ।୦।

ଏ ଦେଶ ଜନନୀ ଆମ ଜନମ ଭୂଇଁ
ଦାନା କନା ବାସ ଦେଇ ରଖିଛି ସେଇ
ସେହି ମାତା ବିପଦରେ କିଆଁ ବସିବୁ
ସଇନିକ ସାଜି ଆମେ ସୀମାନ୍ତ ଯିବୁ ।୧।



ଏ ଦେଶ- ଜାତିର ମାନ ଆମରି ନାମ
ମାତୃଭୂମି ସେବା ଅଟେ ଆମରି କାମ
ସୀମାନ୍ତରେ ବୀର ଆମେ ଯୁଦ୍ଧ କରିବୁ
ସଇତାନ ଶତ୍ରୁ ମାରି ଆମ୍ଭେ ହସିବୁ ।୨।

ମାତୃଭୂମି ମାତା ମୁଖେ ଫୁଟାଇ ହସ
ବଢାଇବୁ ଆମ କୀର୍ତ୍ତି ଯଶ ପୌରୁଷ
ଭେଦା- ଭେଦ ଦୁଃଖ- କଷ୍ଟ ଲିଭାଇ ଦେବୁ
ଜନ୍ମଭୂମି ସୁନାର ଭାରତ ଗଢିବୁ ।୩।

ମୁଖ୍ୟ ସଂପାଦକ- ଅଭିଯାନ ବିଶ୍ୱଲକ୍ଷ୍ମୀ ତାଲ୍ ଗ୍ରେଡ, କୋଲକତା

# ସ୍ମୃତି ଏକ ବିଗତ ଦିନର ...



ଅରୁଣ କୁମାର ପାତ୍ର

ରୂପସୀ ଗୋ ଶଶୀ ମନର ମାନସୀ
ମୋ ମନ ଆକାଶୁ ଗଲ ଋଷି
ତୋ ବିହୁନେ ମନ ଶୂନ୍ୟ ବୃନ୍ଦାବନ
କଳ୍ପନାର ସୌଦ ଗଲ୍‌ ଧସି ।
ଧ୍ୱଂସାନ୍ତ ଆଜି ସେ ତାଜମହଲ
ତୋ ସ୍ମୃତିରେ ଦିନେ ତୋଳଥିଲି
ମନ ସ୍ରୋତସିନୀ ଆଜି ସେ କାତିନୀ
ଜର୍ଜର୍‌ ମୁଖର୍‌ ସ୍ରୋତ କଲି ।
ମୋ ମନ ଦଗଧୃତ ମୋ ହୃଦ ବ୍ୟଥିତ
ଶୂନ୍ୟ ମନ୍ଦିର ଏକ କନନେ
ଭସ୍ୱର ନ ହୋଇବ ତୋ ବିହୁନେ ।
ହୋଇକ ପାରିବ କର୍ଣ୍ଣ ରସାୟନ
ଯହିଁ ନାହିଁ ତୋର ମଧୁଧ୍ୱନ
ବୀଣା ଜୀଣା କଣ୍ଠୁ ଶବ୍ଦର ମୁର୍ଚ୍ଛନା
ଘେନ ପାରିବ କ ସୁବାଷିନୀ ।
ଗ୍ୱରୁ ଚନ୍ଦ୍ରନନୀ ଗ୍ୱରୁ ନତମ୍ବିନୀ
ସୁଗ୍ୱରୁ ମଧମା ଭୂମୟିନୀ
ଗ୍ୱରୁଦୃଶା କମ୍ପା ଦେଲୁ ଏ ଦୁର୍ଦ୍ଦଶା
ପ୍ରତାରଣା କଲୁ ମନ ଜାଣି ।
ତୋ ବିରହ ନାଳେ ଯାହା ମୁଁ ଜଳୁଛି

ନ ଜଳଲି ଏ ବାହୁରେ
ଶତତ ବୃହତ ଏ ଜ୍ୱଳନ ଶତ
ଦେଖିଲି ପ୍ରଥମ ଏ ମହୀ ତଳେ ।
ଗହନ ମୋ ମନେ ତୋ ପାଇଁ ଦିନେ
ପ୍ରେମ ମନ୍ଦାକିନୀ ବହୁଥିଲା
ଆଜି ସେ କାନନେ ତୋହରି ବିହୁନେ
ଦୁଃଖ- ଝଡ଼- ଝାଞ୍ଜି ବୋହିଲା ।
ବିଗତ ମୁହୂର୍ତ୍ତ ଅପାଶୋଷ ବୃତ୍ତ
ସ୍ମୃତି ତୋର ଗୁଣିମନେ ମନେ
ତୋହରି ବିଦାୟ ଧ୍ୱଂସିଲା ହୃଦୟ
ଜଳଲା ଅନଳ ମନବନେ ।
ତୋର ହିଂସା- ଦ୍ୱେଷ- ଭର୍ତ୍ସନା
ନିନ୍ଦା- ଅପମାନ ଯିବି ସହି
ତୋର ପ୍ରତ୍ୟାଖ୍ୟାନ ନ ରଖିବି ମନେ
ତୋର ଅପେକ୍ଷାରେ ଥିବି ରହି ।
ଯଦି ବି ନଫେରୁ ମୋ ହୃଦୟ ମନ୍ଦିରେ
ତୋର ସ୍ମୃତି ସଦାଥିବ ଜାଣ
ସଦା ମୁଁ ତୋହରି ତୋହରି ରହିବି
ହୃଦୟେ ଗୁଣିବି ତୋର ଗୁଣ ।
ଯେତେ ଦୂରେ ପତ୍ର ପତିତ ହେଲେ ବି
ବୃକ୍ଷ ନାମ ସାଥେ ସଦା ଥାଏ ବହି
ଯଦି ବି ମୁଁ ମରେ ମୋ ହୃଦ ମନ୍ଦିରେ
ତୋର ନାମ ସଦା ଥିବ ରହି ।

ଶିକ୍ଷକ, କେନ୍ଦୁପଦର,
ଫୁଲବାଣୀ – ୭୬୨୦୦୧, କନ୍ଧମାଳ ( ଓଡ଼ିଶା)

# କାଷ୍ଠ ପ୍ରାସାଦ ଓ କଳାବିଗ୍ରହିଡି କଥା

ପ୍ରିୟବ୍ରତ ପାଢ଼ୀ

ପାଞ୍ଚଶହ ବର୍ଷ ତଳର କାଷ୍ଠ କଳାକୃତିକୁ ନେଇ ଏବେ ବି ସଗର୍ବେ ଦଣ୍ଡାୟମାନ ପଦ୍ମନାଭପୁରମ୍ ପ୍ୟାଲେସ୍। ଅସଲରେ ପଦ୍ମନାଭପୁରମ୍ ପ୍ୟାଲେସ୍ ଓ ପଦ୍ମନାଭସ୍ୱାମୀ ମନ୍ଦିର ଦୁଇଟି ଅଲଗା ଅଲଗା କ୍ଷେତ୍ରର କଥା। ଦୁଇ କ୍ଷେତ୍ର ମଧ୍ୟରେ ଦୂରତା ୫୫ କି.ମି. । ପ୍ରଥମଟି ରହିଛି ତାମିଲନାଡୁ ଅନ୍ତର୍ଗତ ପଦ୍ମନାଭପୁର ସହରରେ, ଦ୍ୱିତୀୟଟି ରହିଛି କେରଳ ଅନ୍ତର୍ଗତ ତିରୁଅନନ୍ତପୁରମ୍ ସହରରେ।

କନ୍ୟାକୁମାରୀଠାରୁ ତ୍ରିଭେନ୍ଦ୍ରମ୍ ଯିବା ରାସ୍ତାରେ ପଡେ ପଦ୍ମନାଭପୁରମ୍ ସହର। ସେଠାରେ ଥିବା ବିଶ୍ୱ ବିଖ୍ୟାତ କାଠ ପ୍ରାସାଦଟି କେରଳ ସରକାରଙ୍କ ଦ୍ୱାରା ସଂରକ୍ଷିତ। ଅତଏବ ପ୍ରାସାଦଟି ରହିଛି ଦ୍ୱୀପ ପରି, ଚାରିପଟେ ଘେରିକରି ରହିଛି ତାମିଲନାଡୁ ରାଜ୍ୟ। ପ୍ରାସାଦର ମୁଖ୍ୟ ଫାଟକ ଏକଡେ ତାମିଲନାଡୁର ନିୟମ କାନୁନ, ଭାଷା ଓ ଲିପି। ଫାଟକ ସେକଡେ କେରଳୀ ଭାଷା, ଲିପି ଓ ଚାକରୀଆଙ୍କ ଭିଡ। ପାଞ୍ଚଶ ବର୍ଷତଳର ପ୍ରାସାଦଟି କେରଳ ପାଇଁ ଏକ ଗୌରବମୟ ଐତିହ୍ୟ। ଭ୍ରମଣାର୍ଥୀ ଆସୁଥିବାରୁ ତାମିଲନାଡୁ ପାଇଁ ତାହା ପ୍ରମୁଖ ରୋଜଗାରର କେନ୍ଦ୍ର। ସେ ଯାହାହେଉ, ଉଭୟ ରାଜ୍ୟର ସାହାଯ୍ୟ ସହାନୁଭୂତିରେ ଏଯାବତ୍ ଚଳତକ୍ଷମ ଓ ଅକ୍ଷୁର୍ଣ୍ଣ ପଦ୍ମନାଭପୁରମ୍ କାଷ୍ଠ ପ୍ରାସାଦ। ସମ୍ଭବତଃ ଭାରତରେ ଏହା ଏହି କାଟର ସର୍ବଶ୍ରେଷ୍ଠ ନମୁନା।

ସାଢେ ଛ ଏକର ପରିମିତ ଯାଗାରେ ବ୍ୟାପ୍ତ, ପାଖାପାଖି ଚଉଦଟି ଅଲଗା ଅଲଗା ଉଆସର ସମାହାରରେ ଠିଆ ହୋଇଛି କାଠ ପ୍ରାସାଦ, କଳାତ୍ମକ ଦୃଷ୍ଟିରୁ ଚମତ୍କାର। ଭିତରେ ଥିବା ରାମସ୍ୱାମୀ ମନ୍ଦିର, ପୋମୁଖମ୍, ଉତ୍ତୁପରା, ଉପରିକା ମଲିକା, ଚନ୍ଦ୍ରବିଳାସମ୍,

ଇନ୍ଦ୍ରବିଳାସମ୍, ନବରତ୍ନୀ ମଣ୍ଡପମ୍ ଆଦିକୁ ଦେଖିଲା ପରେ ମନରେ ସ୍ୱତଃ ପ୍ରଶ୍ନ ଉଠେ – ଏହାକୁ ଏଯାବତ୍ ବିଶ୍ୱ ଐତିହ୍ୟର ମାନ୍ୟତା ମିଳନି କାହିଁକି?

୧୫୫୦ ବେଳକୁ ତତକାଳୀନ ଟ୍ରାଭଙ୍କର ରାଜା ଜଧାନୀ ଥିଲା କୋଲମ୍, ଶୀତଦିନଆ ନଅର ଥିଲା କାଲ୍କୁଲମ୍ ନଗରର କାଠ ପ୍ରାସାଦ । ପ୍ରାସାଦକୁ ଘେରିକରି ଥିଲା କାଲ୍କୁଲମ୍ ର ପ୍ରସିଦ୍ଧ ମାଟିର ତିଆରି ଦୁର୍ଗ । ଟ୍ରାଭଙ୍କର ରାଜାମାନେ ଥିଲେ ଭେନାଡ୍ ବଂଶର । କେରଳୀ ଶବ୍ଦ ତିରୁଭିଥମ୍ କୋଡେରୁ ଇଂରାଜୀ ଶବ୍ଦ ଟ୍ରାଭଙ୍କର ସୃଷ୍ଟି । ଯାହାର ଅର୍ଥ ହେଉଛି ପ୍ରାଚୁର୍ଯ୍ୟ ଯେଉଁଠି ବସାବାନ୍ଧି ରହେ । ୧୭୪୪ ବେଳକୁ ଆଧୁନିକ ଟ୍ରାଭଙ୍କର ରାଜ୍ୟର ନିର୍ମାତା ମହାରାଜା ମାର୍ତ୍ତଣ୍ଡ ବର୍ମା କାଲ୍କୁଲମ୍ ର ନାମ ବଦଳାଇ ରଖିଦେଲେ ପଦ୍ମନାଭପୁରମ୍ ।

ଆମେ ଦେଖିବାକୁ ଯାଇଥିବା କାଠ ପ୍ରାସାଦଟି ହେଉଛି ସେଇ ପ୍ରାଚୀନ କାଲ୍କୁଲମ୍ ନଗରର ସଂସ୍କାରିତ ରୂପ । ପ୍ରାସାଦର ମୁଖ୍ୟ ଫାଟକର ନାମ ପାଦିପୁରା । କେରଳୀ ଗୃହନିର୍ମାଣ ଶୈଳୀ ଓ କାଠର କମକୁଟର ପ୍ରମୁଖ ନମୁନା ହେଉଛି ପାଦିପୁରା । ପ୍ରଥମ ଦର୍ଶନ ହିଁ ମନକୁ ଚହଲାଇ ଦିଏ । ତା ପରେ ଆଉ ଏକ ଅପେକ୍ଷାକୃତ କ୍ଷୁଦ୍ର ଫାଟକ । ଦୁଇ କଡେ ଅଶ୍ୱପୃଷ୍ଠରେ ସଶସ୍ତ୍ର ପ୍ରହରୀ, ସବୁକିଛି କାଠର । ଆମେ ପ୍ରବେଶ କରୁଥିଲୁ "ପୋମୁଖମ୍" ରେ । କାଠର ଛାତ ଓ ଖମ୍ବ ସବୁରେ ଭରି ରହିଛି ପଦ୍ମକୋରକର ଅଳଙ୍କାର, ସବୁକିଛି ପରସ୍ପଠାରୁ ଅଲଗା । ପୁଷ୍ପଧନୁ ପ୍ରାୟେ ଦିଶୁଥିବା କାଠଧନୁ, ଛାତରୁ ଝୁଲୁଥିବା ଶତାଧିକ ପୁଷ୍ପ, ସାତଟି କଟା ମୁଗୁନି ପଥରର ସମାହାରରେ ଖଟ, ଏସବୁ ହେଲା ପୋମୁଖମ୍ ର ବିଶେଷତ୍ୱ । ମନ୍ତ୍ରଣାଳୟ କକ୍ଷରେ ରହିଛି ଗଜଲକ୍ଷ୍ମୀ ଓ ପଦ୍ମଖୋଦିତ ରୋଜଉଡ୍ ରେ ପାନେଲିଂ ହୋଇଥିବା ଛାତ । କାଠ ଜାଫ୍ରି ଥିବା ଝରକା ଦ୍ୱାର ଦେଇ ଆସୁଥିଲା ମୁକ୍ତ ପବନ ଓ ଆଲୋକ । ଦିନ ଦ୍ୱିପ୍ରହରେ ସମଗ୍ର ପରିବେଶଟି ଦିଶୁଥିଲା ସାମାନ୍ୟ ଅନ୍ଧାକାର । ଅଥଚ ମୁକ୍ତ ପବନରେ ନଥିଲା ଅସୁବିଧା ।

ମଣିମାଲିକା ବା Clock Tower ରେ ରହିଛି ୨୦୦ ବର୍ଷ ତଳର ଏକ ଚଳନକ୍ଷମ ଘଡି । ସମ୍ପୂର୍ଣ୍ଣ ଗ୍ରାମୀଣ କୌଶଳରେ ତିଆରି ଘଡିଟିର ଅନ୍ତର୍ନିହିତ ଶିଳ୍ପଟି ସମସ୍ତେ ବୁଝିଲା ପରି ଅତି ସରଳ । ନ ମିଟର ଦୈର୍ଘ୍ୟର ଚେନ୍ ରେ ଲଟକ ରହିଛନ୍ତି ଡିସ୍କ ଆକୃତିର ଦୁଇଟି

ପଥର । ପ୍ରତି ସପ୍ତାହ ଅନ୍ତେ ସେ ଦୁଇଟିକୁ ଘଡି ପାଖକୁ ଉଠେଇ ନିଆଯାଏ ଏବଂ ମାଧ୍ୟାକର୍ଷଣ ବଳରେ ସେ ଦୁଇଟି ଥିର୍ ଥିର୍ କରି ନିମ୍ନମୁଖୀ ହୁଏ । ପଥର ସହ ଲାଗିଥିବା ଚେନ୍ ଟିର ନିମ୍ନମୁଖୀ ଗତିକୁ ଭିତ୍ତିକରି ଘଣ୍ଟାକଣ୍ଟା, ମିନଟି କଣ୍ଟା ଓ ସେକେଣ୍ଡ କଣ୍ଟା ଘୁରିବାରେ ଲାଗିଥାନ୍ତି । ସପ୍ତାହେ ଅନ୍ତେ ପୁଣି ସେଇ ପ୍ରକ୍ରିୟାର ପୁନରାବୃତ୍ତି କରାଯାଏ । ପ୍ରତି ଏକ ଘଣ୍ଟା ଅନ୍ତରରେ ଯେଉଁ ଘଣ୍ଟଶବ୍ଦ ହୁଏ, ତାହା ତିନି କି.ମି. ଦୂର ପର୍ଯ୍ୟ  ଶୁଣାଯାଏ । ଘଣ୍ଟାଘର ପାଖରେ ସମୂହ ଭୋଜନ ପାଇଁ ପ୍ରଶସ୍ତ ଭୋଜନାଳୟ । ଯାହା ସେ କାଳର ଚଳଣିରେ, ରାଜାଙ୍କ ଏକାଥରେ ଦୁଇହଜାର ଲୋକଙ୍କ ସହିତ ବସିକରି ଖାଇବା ପାଇଁ ଉଦ୍ଦିଷ୍ଟ । ଆଚାର ରଖିବା ପାଇଁ ତେରଟି ବଡବଡ ଚାଇନା ଜାର୍ ଏବେ ବି ମହଜୁଦ୍ ଅଛି ।

ରାଣୀ ହଂସପୁର ହେଉଛି ପ୍ରାସାଦର ସବୁଠୁ ପ୍ରାଚୀନ ନିର୍ମାଣ । ପୁଷ୍କରିଣୀ, ପ୍ରସାଧନ ଓ ଜଳକ୍ରୀଡା ପ୍ରତି ମହିଳାମାନଙ୍କ ଥିବା ଦୁର୍ବଳତାକୁ କେନ୍ଦ୍ରକରି ତିଆରି ହୋଇଛି ପୁଷ୍କରିଣୀ । ଅତଏବ ଏହି ମହଲଟିର ଅନ୍ୟତମ ନାମ ଥିଲା ପୁଷ୍କରିଣୀ ନଅର । ଅତୀତରେ ଚାରିଦିନ ଧରି ଭଦ୍ରକାଳୀଙ୍କ ପୂଜା ଏହି ନଅରରେ ହେଉଥିଲା । ଅଙ୍ଗାରଗୁଣ୍ଡ, ହଳଦୀଗୁଣ୍ଡ ଓ ଚାଉଳଗୁଣ୍ଡରେ ଦେବୀ ପ୍ରତିମାଙ୍କ ଛବି ଚଟାଣରେ ଅଙ୍କା ଯାଉଥିଲା । ପାରମ୍ପାରିକ କେରଳୀ ବାଦ୍ୟଯନ୍ତ୍ର ଓ ସଙ୍ଗୀତ ପରିବେଷଣରେ ଦିନରାତି ଏକ ହେଉଥିଲା । ମଝିରେ ଅଗଣା ଥାଇ ଚାରିପଟେ ପ୍ରଶସ୍ତ ବାରଣ୍ଡାଯୁକ୍ତ ଏକାଧିକ ସ୍ୱତନ୍ତ୍ର କମରାର ବ୍ୟବସ୍ଥା; କେରଳର ଏକ ମୌଳିକ ନିର୍ମାଣ ଶୈଳୀ । ହୋମପୁର ବୋଲି ଗୋଟିଏ ଏକୁଟିଆ ଘର ଅଛି । କେବଳ ହୋମ ଓ ଯାଗଯଜ୍ଞ ପାଇଁ ତାର ନିର୍ମାଣ । ତାକୁ ଲାଗିଥିବା ସରସ୍ୱତୀ ମନ୍ଦିରର ମୂର୍ତ୍ତୀଟି ଢେର ବର୍ଷ ଧରି ବିଖ୍ୟାତ ତାମିଲ କବି **Mamar**ଙ୍କ ଦ୍ୱାରା ଆରାଧିତ ହେଉଥିଲା । ଏବେ ମଧ୍ୟ ନବରାତ୍ରୀ ଉତ୍ସବରେ ଯୋଗଦାନ ପାଇଁ ସାଜସଜ୍ଜା ହୋଇ ସେଇ ପ୍ରତିମା ତ୍ରିଭେନ୍ଦ୍ରମ ଯାତ୍ରା କରିଥାନ୍ତି ।

ଉପରିକା ମଲିକା ହେଉଛି ଚାରିତାଲା ବିଶିଷ୍ଟ ପୁରୁଣା ନଅର, ଯାହାକି ଖାସ୍ କରି ପଦ୍ମନାଭସ୍ୱାମୀଙ୍କୁ ଉତ୍ସର୍ଗ । ସବା ତଳ ଘରେ ରହିଛି ଚଉଷଠିଟି ଔଷଧୀୟ ବୃକ୍ଷର କାଠରୁ ତିଆରି ଗୋଟିଏ ଖଟ । ପ୍ରଥମ ତାଲାଟି ରାଜାଙ୍କ ଧର୍ମକର୍ମ, ଆସନ ପ୍ରାଣାୟମ ତଥା ଧ୍ୟାନ ଧାରଣା ପାଇଁ ଉଦ୍ଦିଷ୍ଟ । ଦ୍ୱିତୀୟ ଚାଳରେ ରହିଛି ବହୁ ପ୍ରାଚୀନ କାନ୍ଥଚିତ୍ର  ( **Mural**

Painting) । ରାମାୟଣ, ମହାଭାରତରୁ ଆରମ୍ଭ କରି କେରଳର ପ୍ରାଚୀନ ଜନଜୀବନ ପର୍ଯ୍ୟନ୍ତ କେତେ ପୃଷ୍ଠଭୂମିକୁ ନେଇ ସେସବୁ କାନ୍ଥଚିତ୍ର । ତୃତୀୟ ତାଲାରେ ଖଟଟିଏ ପଡିଛି, କୁହାଯାଏ ବିଷ୍ଣୁ ଆସି ସେଇଠି ଶୟନ କରନ୍ତି । ଖଟ ପାଖରେ ନାଲିକନା ଘେରା ହୋଇ ରହିଛି ଗୋଟିଏ ପୁରୁଣା ଖଣ୍ଡା । ନବରାତ୍ରୀରେ ତାହା ମଧ୍ୟ ତ୍ରିଭେନ୍ଦ୍ରମ ଯାଇଥାଏ । ଉପରିକା ମଲିକାରେ ରହିଛି ରାଣୀ ହଂସପୁର । ରାଣୀମାନଙ୍କ ବିଳାସର ସାମଗ୍ରୀଭାବେ ଦୋଳଭଳି ଝୁଲି ରହିଛି ଦୁଇଟି ଖଟ । କାନ୍ଥରେ ଶ୍ରୀକୃଷ୍ଣଙ୍କ ଚରିତକୁ ନେଇ ଅନେକ ଚିତ୍ରପଟ । ନିଜକୁ ଯଶୋଦା ବା ରାଧାଭାବି ରାଣୀମାନେ ଆତ୍ମସନ୍ତୋଷରେ ରୁହନ୍ତୁ, ଏହା ହିଁ ଥିଲା ନିର୍ମାଣର ଉଦ୍ଦେଶ୍ୟ ।

ଲମ୍ବା କରିଡରରେ ଠିଆହୋଇ ଏକଦା ରାଜପରିବାର, ରାଜକୀୟ ଯାତ୍ରାମାନଙ୍କୁ ଅବଲୋକନ କରୁଥିଲେ, ଯୁଦ୍ଧ ନିମନ୍ତେ ଭେରୀନାଦ କରି ବାହାରିଥିବା ସୈନ୍ୟଦଳଙ୍କୁ ଉତ୍ସାହ ଦେଉଥିଲେ, ଯୁଦ୍ଧରୁ ଫେରି ଆସୁଥିବା କ୍ଲାନ୍ତ ଓ ବୀର ସୈନ୍ୟମାନଙ୍କୁ ସମ୍ବର୍ଦ୍ଧନା ଦେଉଥିଲେ । ଦରିଆ ସେପାରିର ବିଦେଶୀମାନଙ୍କୁ ଭେଟିବା ପାଇଁ ଖାସ୍ କରି ଇନ୍ଦ୍ରବିଳାସ ତିଆରି ହୋଇଥିଲା । ସୁଦୂର ଚୀନ, ମଙ୍ଗୋଲ, ରୋମ୍ ଓ ଇଉରୋପରୁ ମସଲା ପାଇଁ ବିଦେଶୀମାନେ ଆସୁଥିଲେ ଏବଂ ଇନ୍ଦ୍ରବିଳାସରେ ସେମାନଙ୍କ ରହିବା ବ୍ୟବସ୍ଥା ହେଉଥିଲା । ରାଜା ମାର୍ତ୍ତଣ୍ଡ ବର୍ମା, କାଠର ସରସ୍ୱତୀ ମନ୍ଦିର ତଥା ନବରାତ୍ରୀ ମଣ୍ଡପକୁ ଭାଙ୍ଗି, ତା ଜାଗାରେ ମୁଗୁନି ପଥରରେ ନିର୍ମାଣ କରିଥିଲେ । ପ୍ରଦୀପ ଧରି ସ୍ୱାଗତିକା ଜଣାଉଥିବା ଶାଳଭଞ୍ଜିକାଙ୍କ ନିଖୁଣ ମୂର୍ତ୍ତି ସବୁ ପଥରର ଖମ୍ବମାନଙ୍କରେ ନିର୍ମାଣ ହୋଇଛି । ଦେବୀଙ୍କୁ ଉତ୍ସର୍ଗ କରାଯାଇ ସମସ୍ତ ନୃତ୍ୟଗୀତ ନାଟ୍ୟ ମଣ୍ଡପରେ କରାଯାଉଥିଲା ।

ଥିକୋଡରମ୍ ହେଉଛି କାଷ୍ଠକଳାର ଶ୍ରେଷ୍ଠ ନିଦର୍ଶନ ବହନ କରୁଥିବା ପ୍ରାସାଦ । ଗାଇଡ୍ ଆମକୁ ତଟସ୍ଥ କରିଦେବା ପାଇଁ କହିଲେ – "ଏଠାରେ ଡେଣାଥିବା ଝିଟିପିଟି ଅଛନ୍ତି । ଟିକେ ଛାତକୁ ନିଘା କରନ୍ତୁ । ଆପଣଙ୍କ ସାଥିରେ ସେମାନେ ମଧ୍ୟ ଉଡିଯାଇ ଅନ୍ୟ କୋଠରୀର ଛାତରେ ଲାଖି ଯାଉଛନ୍ତି ।" ଉଡନ୍ତା ଝିଟିପିଟି !! ନିରେଖି ଦେଖିଲି, ଦୁଇ ଗୁରିଟା କାଠ ଝିଟିପିଟି ଛାତରେ ଲାଖିକରି ଅଛନ୍ତି । ଛାତର ସିଲିଂରେ ଭରି ରହିଛି ସହସ୍ର ରକମର ଫୁଲ ଓ ଡାଳ । ସବୁ ଛାତରେ ରହିଛନ୍ତି ସେ ରକମର ଦୁଇଗୁରିଟି ଝିଟିପିଟି । ସେହି ନାଁ ଶୁଣି

ଆମ ଦଳରେ ଥିବା କିଛି ଆଧୁନିକ ମହିଳା କଳକଳା ରଡିକରି ବାହାରିଗଲେ । ବିଚରା ଯିବେ କୁଆଡେ, ସବୁ କୋଠରୀରେ ସେଇ ଅବସ୍ଥା ।

ପଦ୍ମନାଭପୁରମ୍ ପ୍ୟାଲେସ୍ ରେ ଦକ୍ଷିଣକୁ ରହିଛି ପ୍ରତ୍ନତତ୍ତ୍ୱ ବିଭାଗର ଏକ ଯାଦୁଘର । କାଷ୍ଠ ସ୍ଥାପତ୍ୟ, ପଥର ମୂର୍ତ୍ତି, ଶିଳାଲେଖ, ପୁରୁଣା ଚିଠିପତ୍ର, ମୁଦ୍ରା, ପ୍ରାଚୀନ ଉଗର ହାତ ହତିଆର, କାନ୍ଥଚିତ୍ର, କିଛି ଦୁର୍ଲଭ ଚିତ୍ରପଟର ଅବିକଳ ନକଲ ଚିତ୍ର ଆଦିରେ ସମୃଦ୍ଧ ଯାଦୁଘର । କୌଣସି ସମୟର ଯୁଦ୍ଧକଳା, ସାମାଜିକ ନୀତିନିୟମ, ସାମଗ୍ରୀକ ପରିସ୍ଥିତି ଆଦି ଜାଣିବା ପାଇଁ ଯାଦୁଘର ଅତି ଜରୁରୀ ଅନୁଷ୍ଠାନ । ସାରା ଦକ୍ଷିଣ ଭାରତର ପ୍ରାଚୀନ ପୋଥିପତ୍ରମାନଙ୍କ ବୃହତ୍ତମ ସଂଗ୍ରହାଳୟ ଏଠାରେ ରହିଛି । କେଉଁ ପୋଥି ରାଜାମାନଙ୍କ ଯୁଦ୍ଧ କୀର୍ତ୍ତିର କଥା କହେ ତ କେଉଁ ତାମ୍ରପତ୍ର ଦାନଧର୍ମ କଥା କହେ । ମାନାବେଦି ଓ ପୁଲାପେଦି ଭଳି ଦୁଇଟି ଘୃଣ୍ୟ ପ୍ରାଚୀନ ସାମାଜିକ ପ୍ରଥା ବିଷୟରେ ଲେଖାଥିବା ପୋଥି ରହିଛି, ସେସବୁର ଦମନ ବିଷୟରେ ମଧ୍ୟ ଲେଖା ରହିଛି । ମତେ ଲାଗିଲା ସାରା ଯାଦୁଘରଟି ଜ୍ଞାନର ଗନ୍ତାଘର ।




କାଷ୍ଠ ପ୍ରାସାଦର ତଳ ଘରଗୁଡିକ ପ୍ରାୟତଃ ଗୋଦାମ ଘର ଭାବେ ବ୍ୟବହୃତ ହେଉଥିଲା । ପ୍ରଥମ ମହଲାରେ ଲୋକେ ରହୁଥିଲେ, ତେଣୁ କିଛି ଆଗାରେ ପାଇଖାନା ଓ ନାଳ ବ୍ୟବସ୍ଥା ଅଛି । ମଇଳା ଯିବାପାଇଁ ନିର୍ମିତ ପଥରର ନାଳ ସବୁ ନିଖୁଣ ଭାବେ କାର୍ଯ୍ୟକ୍ଷମ । ବାହାରର ତାପମାତ୍ରା ଓ ପାଣିପାଗ ସହ ସବୁ ପରିସ୍ଥିତିରେ ଖାପ ଖୁଆଇ ପାରୁଥିବା ପ୍ରାସାଦଟି ସବୁବେଳେ ଅନ୍ତେବାସୀଙ୍କୁ ଆନନ୍ଦ ଦେଇ ପାରୁଥିଲା । କାଠ, ପୋଡାଇଟା, ମୁଗୁନି ପଥର

ଓ ଚୂନ ପଥର ଭଳ ସବୁକଛି ସ୍ଥାନୀୟ ସରଞ୍ଜାମକୁ ନେଇ ତିଆରି ହୋଇଥିବା ପ୍ରାସାଦ ଏବେ ବି ଏକ ବିସ୍ମୟ। ଗ୍ରରିଶହ ବର୍ଷ ତଳର ଚଟାଣ ସବୁ ଏତେ ଘନକଳା, ମସୃଣ ଓ ଚକ୍ ଚକ୍ ଦିଶେ ଯେ ମୁହଁ ଦିଶିଯାଏ। ଭ୍ବିଲେ ଆଶ୍ଚର୍ଯ୍ୟ ଲ୍ଗେ ଏ ପୋଡା ଷଢେଇର କଳା, ଚୁନ, ଅଣ୍ଡା ର ଧଳା ଅଂଶ ଏବଂ କଛି ଉଦ୍ଭିଦଗତ ରଙ୍ଗରୁ ଏହି ମସୃଣ କଳାରଙ୍ଗ ତିଆରି ହୋଇଥିଲ୍।

ପ୍ରାସାଦ ବୁଲ୍ ସରି ଆସୁଥିଲ୍, ଦାୟିତ୍ୱ ସରିବାର ଖୁସିରେ ଗାଇଡ୍ ଏଥର ଚଷମା କାଚ ପୋଛିବାରେ ଲ୍ଗିଲେ। ଧୀର ଅଥଚ ସ୍ୱଷ୍ଟ ରୂପେ ଶେଷ ବାକ୍ୟଟି ଥିଲ୍ – "ମୁଦ୍ରା ତିଆରି ଜାଗାଥିଲ୍, ଘୋଡାଶାଳ ଥିଲ୍, ସେନାଙ୍କ ଶିବିର ଥିଲ୍, ଗୋଶାଳା ଥିଲ୍.... ଏମିତି ଆଉରି କଛି କଛି। ପ୍ରାଚୀନ କାଠ ପ୍ରାସାଦଟିର ପୁନଃ ନର୍ମାଣ ତଥା ସଂରକ୍ଷଣ ଯୋଜନା କାଳରେ ସେସବୁ ନଷ୍ଟଭ୍ରଷ୍ଟ ହୋଇଗଲେ। ସେସବୁ ଥିଲେ ମୁଁ ଆହୁରି ଘଣ୍ଟାଏ କାଳ ଆପଣଙ୍କ ସେବାରେ ଲ୍ଗିପାରିଥାନ୍ତି।"

ପ୍ରାସାଦଟିକୁ ଦେଖିଲ୍ ପରେ ମୁଁ ଜୀବନରେ ଦେଖିଥିବା ଅନ୍ୟ କାଷ୍ଠ ପ୍ରାସାଦ ସବୁକୁ ସ୍ମରଣ କରୁଥିଲି। ଓଡିଶାର ତୁମୁଡିବନ୍ଧ ନକଟସ୍ଥ ବେଲଘରର କାଠ ଘର, ବୁଗୁଡାର ବିରଞ୍ଚି ନାଗ୍ୟଣ ମନ୍ଦିର, ନବରଙ୍ଗପୁରର ଜଗନ୍ନାଥ ମନ୍ଦିର, ସିମିଳା ଭ୍ଇସରିଗାଲ୍ ର ଭିତରେ ସାଜସଜା, କାଠମାଣ୍ଡୁର ଭକ୍ତପୁର ଗ୍ଜପ୍ରାସାଦ ଇତ୍ୟାଦି ଅନେକ ସ୍ମୃତିପଟକୁ ଆସି ଯାଉଥିଲେ। ଭ୍ରତରେ ପଥର ତୁଳନାରେ କାଷ୍ଠ ପ୍ରାସାଦ ଓ କାଷ୍ଠ କଳାକୃତି ପାଇଁ ଗ୍ଜା ମହାଗ୍ଜାମାନେ ବିଶେଷ ଆଗ୍ରହୀ ନଥିଲେ। ଅମରତ୍ୱ ପାଇଁ ତଥା ଚରଦିନ ଚର୍ଚ୍ଚିତ ହେବାପାଇଁ ସେମାନେ ପଥରର ଗମ୍ବୁଜ, ପ୍ରାସାଦ, ଧାତବ କଳାକୃତି ପ୍ରତି ଆଗ୍ରହୀ ଥିଲେ, ଯାହାକ ଦୀର୍ଘ ସ୍ଥାୟିତ୍ୱର ସନ୍ଦେଶ ବହନ କରିଥାଏ। ତମ୍ବା, ପିତଳ, ଲୁହା, କଂସା, ସୁନା, ରୂପା, ଅଷ୍ଟଧାତୁ ଆଦିରେ ସ୍ଥାପତ୍ୟ ପ୍ରଦର୍ଶନ ପାଇଁ ଆଉ କେତେ ଆଗ୍ରହୀ ଥିଲେ। କନ୍ତୁ କାଠକୁ ନେଇ ବିଶେଷ ଆଗ୍ରହ ନଥିଲ୍। ତାର କାରଣ ହେଲ୍ ପାଣିପାଗ, ଉଇ, ନଆଁ କୀଟପତଙ୍ଗ, ବର୍ଷା, ଖର୍ବ ଆଦି ସମସ୍ତେ ହେଉଛନ୍ତି କାଠର ଶତ୍ରୁ।

ପୂର୍ବକଥା ପୁଣିଥରେ ଦୋହରାଇବାକୁ ପଡୁଛି । ୧୭୪୪ ପୂର୍ବ ପର୍ଯ୍ୟନ୍ତ କାଲ୍‌କୁଲମ୍ ନଅରକୁ ଘେରି କରି ରହିଥିଲା କାଲ୍‌କୁଲମ୍ ଦୁର୍ଗ, ଯାହାକ ମୁଖ୍ୟତଃ ମାଟିରେ ତିଆରି । ରାଜା ମାର୍ତ୍ତଣ୍ଡ ବର୍ମା ସେହି ଜାଗାରେ କଠିନ ପଥରର ବାଡ ଥିବା ଆଧୁନକ ଦୁର୍ଗ ତିଆରି କରିଥିଲେ ଯାହାକ ଅଦ୍ୟାବଧି ରହିଛି । ତେବେ ସେଇ ପ୍ରାଚୀନ ମାଟିଦୁର୍ଗର କୟଦଂଶ ଏବେ ବି ବଂଚ ରହିଛି ଏବଂ ତତ୍ ସଂଲଗ୍ନ ଏକ ବିରାଟ ବୃକ୍ଷାଚ୍ଛାଦିତ ଅଞ୍ଚଳକୁ ନେଇ ଠିଆ ହୋଇଛି ଏକ ଅଭୟାରଣ୍ୟ । ୧୭୪୪ ପରଠୁ ନୂତନ ନାମ ହୋଇ ଯାଇଥିଲା ପଦ୍ମନାଭପୁରମ୍ ନଅର ଓ ପଦ୍ମନାଭପୁରମ୍ ଦୁର୍ଗ । ସେହି ଦୁର୍ଗର ପରିବର୍ତ୍ତିତ ରୂପ ହେଉଛି ଆଜିର ଅଭୟାରଣ୍ୟ ।

କୌଣସି ଏକ ବହିରୁ ପଢିଥିଲି ଏ ସେହି ଅଭୟାରଣ୍ୟ ଭିତରେ ରହିଛି ଜଣେ ଡଚ୍ ସେନାପତିଙ୍କ ସମାଧି । ତାହା ଥିଲା ଏକ ବିରଳଧର୍ମୀ କାହାଣୀ । କୌଣସି ଏକ ସଂଘର୍ଷରେ ଟ୍ରାଭାଙ୍କର୍ ର ସେନା ଦ୍ୱାରା ପରାସ୍ତ ହେଲେ ଡଚ୍ ସେନା ବାହିନୀ । ଡଚ୍ ସେନାପତି ବନ୍ଦୀହେଲେ ଏବଂ ତାଙ୍କୁ ମୃତ୍ୟୁଦଣ୍ଡ ଦେବା ନିଶ୍ଚିତ ଥିଲା । ସେ କାଳର ନିର୍ମମ ନିୟମ ଅନୁସାରେ ରାଜତନ୍ତ୍ର ସହ ବିଶ୍ୱାସଘାତକତା କରୁଥିବା ରାଜଦ୍ରୋହୀ ବା ରାଜ୍ୟର ଅଖଣ୍ଡତାକୁ ଆହ୍ୱାନ ଦେଉଥିବା ଆକ୍ରମଣକାରୀଙ୍କୁ ମିଳୁଥିଲା ଜଘନ୍ୟ ଦଣ୍ଡ । ଏକରକମର ଲୁହାର ଯନ୍ତ୍ରା ମଧରେ ବନ୍ଦୀକୁ ରଖି, ଗଛ ଉପରୁ ଯନ୍ତ୍ରା ସହ ଲଟକାଇ ଦିଆଯାଉଥିଲା । ବନ୍ଦୀର ପେଟ ଓ ମୁହଁଟି ପ୍ରାୟତଃ ମୁକ୍ତ ରହୁଥିଲା । ହିଂସ୍ର ବଣ୍ୟ ପକ୍ଷୀମାନେ, ଭୋକଶୋଷରେ ନିସ୍ତେଜ ହୋଇ ପଡିଥିବା ବନ୍ଦୀଟିର ଆଖି, କାନ ଓ କଲିଜା ଝୁଣି ନେଉଥିଲେ । ଚତ୍କାର କରିବାକୁ ମଧ ବନ୍ଦୀର ଶକ୍ତି ରହୁନଥିଲା । ଉଦ୍ଦେଶ୍ୟ ଥିଲା ଦୀର୍ଘ ସମୟ ଧରି ବନ୍ଦୀଟିକୁ ଯନ୍ତ୍ରଣା ଦେଇ ମାରିବା । ଡଚ୍ ସେନାପତିଙ୍କୁ ସେଭଳ ଏକ ବିଭତ୍ସ ମୃତ୍ୟୁଦଣ୍ଡ ଅପେକ୍ଷା କରି ରହିଥିଲା । କିନ୍ତୁ ଘଟିଲା ଏକ ବିଚିତ୍ର ଘଟଣା । ରାଜ ପରିବାରର କୌଣସି ଏକ ଶିଶୁକନ୍ୟା (ହୋଇପାରେ ରାଜାଙ୍କ ଝିଅ ବା ନାତୁଣି) ର ବିଚିତ୍ର ଅନୁନୟ କ୍ରମେ ଡଚ୍ ସେନାପତି ହେଲେ ମୁକ୍ତ । ରାଜକନ୍ୟାଟି କୁଆଡେ ଗୋରା ଡକ୍ ଡକ୍ ଦିଶୁଥିବା ସାହେବ ଯୁବକଟି ସହିତ ଖେଳିବାକୁ ବା ସାଙ୍ଗ ହେବାକୁ ଚାହୁଁଥିଲା ।

ରାଜା କ୍ଷମା କରିଦେଲେ । ଏଭଳି କ୍ଷମାର ଉଦାହରଣ ଭାରତରେ ବହୁଳ । କିନ୍ତୁ ଡଚ୍ ସେନାପତି ଯାହା କରିଗଲେ, ସେଭଳି ଘଟଣା ଭାରତରେ ବିରଳତମ । ଡଚ୍ ସେନାପତି

ତାଙ୍କର ରଣ କୌଶଳ, ଅସ୍ତ୍ରଶସ୍ତ୍ର ସବୁର ସାହାଯ୍ୟ କରି ଟ୍ରାଭଙ୍କର ରାଜାଙ୍କୁ ଅଧିକ ଶକ୍ତିଶାଳୀ କରିଦେଲେ । ସେ ସମୟରେ ଟିପୁ ସୁଲତାନ୍ ଟ୍ରାଭଙ୍କର୍ କୁ ଆକ୍ରମଣ କରି କଛି ଅଂଶ ନେଇ ସାରିଥିଲେ । ଡଚ୍ ସେନାପତି ନବୀନ ରଣ କୌଶଳ ପ୍ରୟୋଗ କରି ଟିପୁ ସୁଲତାନକୁ ବିତାଡିତ କରିଥିଲେ ଏବଂ ଟ୍ରାଭଙ୍କର ବିଜୟୀ ହୋଇଥିଲା ।

ମୁଖ୍ୟ ଫାଟକରୁ ଦୀର୍ଘ ତିନ କି.ମି. ରାସ୍ତା ଘଞ୍ଚ ବନାନୀ ଭିତରେ ଚାଲି ଚାଲି ମୁଁ ଶେଷରେ ପହଞ୍ଚିଗଲି ସେଇ ଡଚ୍ ସେନାପତିଙ୍କ ସମାଧି ପାଖରେ । ସମାଧି ଉପରେ ଚମକେଇ ଦେଲାଭଳି କଛି ନିର୍ଦ୍ଦେଶ - "ଏ ସମାଧି ଉପରେ ଯିଏ ପାଦ ରଖିବ, ପିଠି ରଖି ବସିବ ବା ଏହାକୁ ଖୋଳତାଡ କରି ନଷ୍ଟ କରିବାକୁ ଚାହିଁବ, ସାବଧାନ, ଭୟଙ୍କର ବିପତ୍ତି ଘୋଟି ଆସିବ । ସୈତାନ ଓ ପିଶାଚ ଆସି ଖନନକାରୀର ଗଳା କାଟି କରି ରକ୍ତ ପିଇଯିବେ ।"

ମନେ ପଡୁଥିଲା ଇତିହାସର ଏକ ଘଟଣା । ଜର୍ଜିଆର କୌଣସି ଏକ ନିର୍ଜନ ଅଞ୍ଚଳରେ ଚେଙ୍ଗିଜ୍ ଖାଁଙ୍କର ସମାଧି ରହିଛି । ତା ଉପରେ ଭୀତି ସୃଷ୍ଟିକାରୀ ନିର୍ଦ୍ଦେଶ ରହିଛି- "ମୋ ନିଦ୍ରାରେ ବ୍ୟାଘାତ କଲେ ପ୍ରଳୟ ଅବଶ୍ୟମ୍ଭାବୀ ।" ଷ୍ଟାଲୀନ୍ ଙ୍କ ସମୟରେ ସମାଧି ଅନ୍ୟତ୍ର ଉଠାଇ ନିଆଯାଇଥିଲା । ଠିକ୍ ସେ ସମୟରେ ହିଟଲର୍ ଙ୍କ ନାଜୀ ବାହିନୀ ରୁଷ୍ ଆକ୍ରମଣ କରି ଭୟଙ୍କର ନର ସଂହାର ଚଳାଇଥିଲେ । ଲୋକମତକୁ ମାନିନେଇ ଷ୍ଟାଲିନ୍ ପୁନଶ୍ଚ ଫେରେଇ ଆଣିଥିଲେ ଚେଙ୍ଗି ଖାଁ ଙ୍କ ବିସ୍ଥାପିତ କଫିନ୍ ।

ଡଚ୍ ସେନାପତିଙ୍କ ନିର୍ଦ୍ଦେଶ ଲେଖା ସମାଧିଟି ଭୂମିଠାରୁ ଥିଲା ମାତ୍ର ଦୁଇ ଇଞ୍ଚ ଉଚ୍ଚରେ । ତାକୁ ଲାଗି ଠିଆ ହୋଇଛି ଗୀର୍ଜାଘରର ସମ୍ମୁଖଭାଗ ପରି ଦିଶୁଥିବା ଏକ କାନ୍ଥ । ଜଙ୍ଗଲ ମଧ୍ୟରେ ଦୁଇଶହ ବର୍ଷ ତଳର ପରିତ୍ୟକ୍ତ ଗିର୍ଜା ଘରଟିଏ ଠିଆହେଲା ଭଳି ପ୍ରହେଳିକାର ସୃଷ୍ଟି । ବାହାରେ ପ୍ରତ୍ନତତ୍ତ୍ୱ ବିଭାଗର ଛୋଟିଆ ଟିଣବୋର୍ଡ ଛଡା ଆଧୁନିକ ମଣିଷର ହସ୍ତକ୍ଷେପର ନାମ ନିସାନ ଦିଶୁନଥାଏ । ପିଲାଦିନେ ପଢିଥିବା ରତ୍ନଦ୍ୱୀପ, ପ୍ରବାଳଦ୍ୱୀପ, ଆଇଭାନ୍ ହୋ ଆଦି ଉପନ୍ୟାସରେ ବର୍ଣ୍ଣିତ ନିର୍ଜନ ଦ୍ୱୀପରେ କୌଣସି ଏକ କ୍ୟାପଟେନର ସମାଧି ପରି ସମଗ୍ର ଜାଗାଟି ଦିଶୁଥାଏ ପରିତ୍ୟକ୍ତ, ଭୀତିପ୍ରଦ !

ଅଢେଇ ଶହ ବର୍ଷ ତଳର ଶିଳାଲିପି ପରି ଦିଶୁଥିବା ସମାଧି ଉପରିସ୍ଥ ନିର୍ଦ୍ଦେଶାବଳୀକୁ ପଢୁଥିଲି । କିଛି ଘଣ୍ଟା ଆଗରୁ କିଛି ଲୋକ ଆସି ବୋଧେ ସେଠାରେ ବସାଉଠା କରିଥିଲେ; କାରଣ ସମାଧି ଉପରେ ପଡିଥିଲା କିଛି ବିସ୍କୁଟ ଖଣ୍ଡ ଓ ଆଇସକ୍ରିମ ଖୋଳ । ନିରବତାକୁ ଭଲ ପାଉଥିବା ମଣିଷମାନେ ବା ପ୍ରେମରେ ପଡିଥିବା ଯୋଡିମାନେ ଏଠାକୁ ଆସି, ସମାଧି ଉପରେ ବସି ସାମାନ୍ୟ ଗଳ୍ପ କରିବା ବି ଏକ ସ୍ୱାଭାବିକ ବ୍ୟାପାର । ମନେ ମନେ ଭାବୁଥିଲି – ତେବେ ବୃଥାଗଲା ସେଇ ଆତଙ୍କ ଭରା ନିର୍ଦ୍ଦେଶ ।

ଥିର୍ କରି ବଣ ମୂଷା ଗୋଟିଏ ଏପଟ ସେପଟ ଗୁହିଁ ସମାଧି ଉପରକୁ ଉଠିଲା ଏବଂ ବିସ୍କୁଟ ଖଣ୍ଡକ ଧରି ଖାଇବା ପାଇଁ ଉଦ୍ୟତ ହେଲା । ଆଖି ପିଛୁଳାକେ ଆଖପାଖରେ ଲୁଚ ରହିଥିବା କଳା ବଣଭୁଆଟିଏ ଏକା କୁଦାକେ ତା ଉପରକୁ ଝାମ୍ପିପଡି ସେଠାରେ ହିଁ ତାକୁ ତଣ୍ଟି କଣା କରି ହତ୍ୟା କଲା ବଡ ନିର୍ଭୟରେ, ଏପରିକି ମୋ ଉପସ୍ଥିତିକୁ ଭ୍ରୁକ୍ଷେପ ନକରି ମୂଷାଟିକୁ ସେଇଠି ହିଁ ଖାଇବାକୁ ଆରମ୍ଭ କଲା । ମୁଁ ଏକବାରେ ଡରିଗଲି । ଏ ବଣଭୁଆ କୌଣସି ସୈତାନ୍ ନୁହେଁ ତ? ସମାଧି ଉପରେ ପାଦରଖି ଗ୍ଭଲିଲା ଭଳି ଔଦ୍ଧତ୍ୟ ପ୍ରକାଶ କରିଥିବା ମୂଷାପାଇଁ ଏହା ମୃତ୍ୟୁଦଣ୍ଡ ନୁହେଁ ତ?

ମୁଁ ଧୀରେ ଧୀରେ ପଛକୁ ଫେରିବାକୁ ଆରମ୍ଭ କଲି । ବିରାଡିଟି କ୍ରମଶଃ ମତେ, ଗାଢ ସବୁଜ ରଙ୍ଗର ଆଖିଥିବା କଳା ଚିତା ବାଘ ପରି ଲାଗୁଥିଲା । ତିନି କି.ମି. ଦୌଡି ଫାଟକ ପାଖକୁ ଆସିବା ମୋ ପାଇଁ ଅସମ୍ଭବ ଥିଲା, ପଛକୁ ଫେରି ସମଗ୍ର ଦୃଶ୍ୟଟିକୁ ପୁଣିଥରେ ଦେଖିବା ପାଇଁ ବି ମୋର ସାହସ ନଥିଲା । ମନ୍ଥର ଗତିରେ ପଳାୟନ କରିବା ଥିଲା ଏକମାତ୍ର ବିକଳ୍ପ ।

ଭାରତୀୟ ଜୀବନ ବୀମା ନିଗମ, କୋରାପୁଟ, ଓଡିଶା

# ରଞ୍ଜିକ ଋତୁ ଚକ୍ର



ରାଜଶେଖର ସି. "ଚମା"

ଦିନ ପରେ ଦିନ ଅବିରାମ ଚାଲିଛି ରଞ୍ଜକ ଋତୁଚକ୍ର,
ବିନମ୍ର ଋତୁଙ୍କ ନିୟମାନୁସାର କର୍ତ୍ତବ୍ୟପାଳନ ଦ୍ୱାରା ସୁଚାରୁ ଅଛି ସମୟ ଚକ୍ର।
ନିଶ୍ଚିନ୍ତଭାବେ ଆସିଲେ ଋତୁରାଜ ବସନ୍ତ,
ଆମ୍ର ଡାଳରେ କୋଇଲି କୁହୁ କରେ ମନକୁ ପ୍ରଶାନ୍ତ,
ଶୀତଳ ପବନ ଲାଗେ ବହୁତ ସୁଶାନ୍ତ,
ଇଚ୍ଛା ହୁଏ ଯେ ଏହି ମଦନକାଳ ରହୁ ଅନନ୍ତ। ୧।
ଆରମ୍ଭହେଲା ଏବେ ଗ୍ରୀଷ୍ମତାପ,
ଧରିତ୍ରୀ ସହୁଛନ୍ତି ଅରୁଣଙ୍କ ପ୍ରଚଣ୍ଡ ଉତ୍ତାପ,
ଗଗନରେ ଅଦିନ ମେଘର ରୁହେ ପ୍ରତୀକ୍ଷା,
ଥାଏ ବର୍ଷାପାଣିର ସୁଗମ ସଂସ୍ପର୍ଶର ଅପେକ୍ଷା। ୨।
ଆଗମନ କରିଲେ ବର୍ଷାରାଣୀ,
ନବଜୀବନ ପାଇଲେ ନିର୍ଜୀବ ପ୍ରାଣୀ ଧରଣୀ,
ମୃତ୍ତିକାରୁ ଆସିଲା ଦୁର୍ଲଭ ସୁଗନ୍ଧ,
ଅବଗତ ହେଲା ମାଟି ସହିତ କାୟାର ଆଦ୍ୟନ୍ତ ସମ୍ବନ୍ଧ। ୩।
ସପ୍ତରଙ୍ଗ ଇନ୍ଦ୍ରଧନୁ ଦିଶିବା ଅନନ୍ତରେ ଦିଶିଲା ଶରଦ ଶଶି,
ଶୀତଳ ଚନ୍ଦ୍ରିକା ଆନନ୍ଦରେ ଅନୁଭବ କରିଲେ ସମସ୍ତେ ମିଶି,

ମେଘମୁକ୍ତ ହୋଇ ସୁନ୍ଦର ଲାଗେ ନଭମଣ୍ଡଳ,
ଶରପୂର୍ଣିମା ଅନମ୍ବରରେ ଲାଗେ ଅତ୍ୟନ୍ତ ପରିମଳ। ୪।

ହେମନ୍ତ କାଳରେ ପତ୍ର ଝଡ଼େଇଲେ କାନନ,
ସ୍ତମ୍ଭିତ ହେଲା ଗତିଶୀଳ ପବନ,
ଆସ୍ତେ ଆସ୍ତେ ଉତ୍ତାପ କମେଇଲେ ତପନ,
ବିହଙ୍ଗ କରିଲେ ନୂଆ ଅଞ୍ଚଳକୁ ବହନ। ୫।
ଶୁଷ୍କ ବାୟୁ ଶୀତ ପରିବେଶରୁ ଆଭାସ ହେଲା ଶିଶିର ପ୍ରବେଶ,
ଏହି କାଳରେ ସୂର୍ଯ୍ୟଙ୍କ ସୌମ୍ୟତାପ ଲାଗେ ବହୁ ବିଶେଷ,
ହିମାଦ୍ରୀରେ ହିମାନୀ ହେଲା ଅଶେଷ,
ପୁନଃ ବସନ୍ତ ଆସ ହେତୁ ମନ ତତ୍ପର ହେଲା ନିମିଷ ନିମିଷ। ୬।
ସୁବର୍ଣ୍ଣ ରବି କିରଣରେ ସୁଶୋଭିତ ହେଲା ବସୁଧା,
ହରିତ ବର୍ଣ୍ଣର ବସୁନ୍ଧରାରେ ବିଦ୍ୟମାନ ରହୁ ଜୀବନର ଅମୃତସୁଧା,
ନିର୍ଦ୍ଦିଷ୍ଟକାଳ ମାନରେ ହୋଉଛି ଆଦ୍ୟନ୍ତ ରହିତ ଚକାନୟନଙ୍କ ରଥଚକ୍ରର ଚଳନ,
ନିର୍ଣୀତ ସମୟସୀମାରେ ନିରନ୍ତର ସୁଗନ୍ଧରୁ ରୁହେ ରଞ୍ଜକ ଋତୁ- ଚକ୍ର ପ୍ରକ୍ରିୟାର ଚଳନ। ୭।

chvrajasekhar@gmail.com

ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା – ୯୫୯୪୯୯୩୭୩୩ । ଆପଣମାନଙ୍କୁ ଆନୁରୋଧ ପତ୍ରିକାଟି ପଢିସାରିବାପରେ ଏହାର ଉନ୍ନତି ପାଇଁ ନିଜର ମତାମତ ଦିଅନ୍ତୁ ।

# ପାହାନ୍ତି ବର୍ଷା



ପ୍ରକାଶ ସାହୁ

ଝରକାର ଆର ପଟ ରୁ କାନ୍ଦ ସ୍ୱର
ବିରହ ବେଦନା ମିଶା ପରିବେଶ
ଏତେ ବଡ ବର୍ଷାର୍‌ତି ତା ଆଖି ରୁ ସରୁନ
ଲୁହ ର ବିନ୍ଦୁ ଝରଣା ହୋଇ ବହିଗ୍ଲିଛି
କେତେ ଦୂର ରେ ରହିଗଲ୍ ଆଉ
ସେ ଆଖି ତାର ପାଉନ

କଟି କଟି ଅନ୍ଧାର ଭିତରେ
ଭସା ବାଦଲ ସହିତ ଭ୍ସି ଭ୍ସି ଯାଉଛି
ତା ପ୍ରତିଛବି ସାମ୍ନା କୁ ଆସୁଛି
ବାରମ୍ବାର କହୁଛି ସେ କଛି
କନ୍ତ ସ୍ୱର୍ଶ କରିପାରୁନ ତାକୁ
ଉହଳ ବିକଳ ହୋଇ
ଅନେକ ଥର ଗୃହୁଁଛିତାକୁ

ଆଉ ସେ ଫେରିବନ ତା ସ୍ୱପ୍ନ ର ଘରକୁ
ତାକୁ ନେଇ କେତେ ସ୍ୱପ୍ନ ଦେଖିଥିଲ୍
ମନ ପକ୍ଷୀ ତାର ଏ ଡାଳ ରୁ

ସେ ଡାଳ କୁ ଖାଲି ଉଡୁଥିଲା
ଅନେକ କଛି ଭାବିଥିଲା ତା ପାଇଁ
ତା ନାଁ ରେ ଗୀତ ଗାଇବ ବୋଲି

ନିସ୍ତବ୍ଧ ଆଉ ନିର୍ଜନ ରାତି ରେ
ଖୋଲା ଆକାଶ ର ବୁକୁ ରେ
ପାହାନ୍ତି ବର୍ଷା କୁ ପ୍ରଶ୍ନ କରୁଛି ସେ
ଶାମୁକା ଗର୍ଭ ରେ ମୁକ୍ତା କରି ରଖିଦେବାକୁ
ଉଡେଇ ନେବାକୁ ସାତ ସମୁଦ୍ର ସେପାରି କୁ
ଅବା ତା ଘର କୋଣ ରେ ଲୁଚେଇ
ଦେବାକୁ ଏମିତି ଅନ୍ଧାର ଭିତରେ



ପାହାନ୍ତିଆ ପବନ ରେ
ତା ଦେହ ଶୀତେଇ ଉଠୁଛି
ନିରୀମାଖୀ ହୋଇ ଅନ୍ଧାର ଭିତରେ
ଖୋଜୁଛି କାହାକୁ ତାର ଡାକ ତାକୁ
ବାରମ୍ବାର ଶୁଭୁଛି ଏମିତି
ଏ ନିର୍ଦ୍ଦୟ ମଣିଷ ଟା କ ସୁଖ ପାଉଛି?

ଏତେ ବଡ଼ ଶୂନ୍ୟତା
ତା ଆଞ୍ଜୁଳ ରେ ଧରୁନ
ପଣତ କାନ ରେ ଜାକ ଧରିଛି ଯିବାକୁ
ଗୃହୁଁନ ସେ ଖୋଜୁଛି ସେ ତା ତତଲା
ଲୁହ ରେ ବିଗତ ଦିନ କୁ

ଶକ୍ତି ନାହିଁ ଉଚ୍ଚାରଣ କରିବାକୁ କେବଳ
ପାହାନ୍ତି ବର୍ଷା ରେ ଭିଜି ଗୁଲିଛି ସେ ।

ଖୋଜୁଛି ସେ ହଜିଲ୍ ଅତୀତ କୁ
ଟିକଏ ମାତ୍ର ଦୂରତା
ଲମ୍ବା ଭଳ ଲାଗୁଛି କେମିତି ଭୁଲିବ
ତା କୁଆଁରୀ ମନ ଟା
ନୂଆ ଜୀବନ ରେ ପାଦ ରଖୁ ରଖୁ
ହାତ ଛାଡ଼ିଦେଇ ଗ୍ଲଲିଗଲ୍ ସେ

ଏହି ପାହାନ୍ତି ବର୍ଷା କୁ
ସେ ମାଗୁନ ଆକାଶ ର ତାର ଫୁଲ,
ମଣି ମୁକୁତା, କୁବେର ଭଣ୍ଡାର
ମାଗୁଛି ସେ କେବଳ ତା ପ୍ରିୟ କୁ
ଫେରି ଆସିବ କ ସେ? ଏହି ପାହାନ୍ତି
ବର୍ଷା ରେ ତାକୁ ଆଲିଙ୍ଗନ କରି
ପୁଣି ଥରେ.........

ବିଶାଖାପାଟଣା, ଆନ୍ଧ୍ରପ୍ରଦେଶ

# ବିଶ୍ୱ ଠାକୁର ହେ



ଶ୍ରୀ ଡମ୍ବରୁଧର ବାଗ

ବିଶ୍ୱ ଠାକୁର ହେ
ତୁମେ ତ ବିଶ୍ୱ ବିହାରୀ ।
ମୁଁ ଟିକ ପିଲାଟି ବେନ ହସ୍ତ ଯୋଡି
କରୁଛି ଆଜି ଗୁହାରି ।
ବିଶ୍ୱ ଠାକୁର ହେ ତୁମେ ତ ବିଶ୍ୱ ବିହାରୀ ।
ଦେଇପାରୁ ନାହିଁ ତୁମକୁ ମୁଁ କଛି
ପାରୁ ନାହିଁ ଅବା ବାଛି ।
ଯାହା ଦେବି ବୋଲି ମନେ ମୁଁ ଭାବୁଛି
ତାହା ତୁମ ପାଖେ ଅଛି ।
ବିଶ୍ୱ ଠାକୁର ହେ ତୁମେ ତ ବିଶ୍ୱ ବିହାରୀ ।
ସର୍ବ ବିଦ୍ୟମାନ ତୁମେ ହେ ଠାକୁର
ଅଛ ସବୁଠାରେ ରହି ।
କରୁଅଛି ଭୟ ଆହେ ଲୀଳାମୟ
କଛି ମାଗି ପାରୁ ନାହିଁ।
ବିଶ୍ୱ ଠାକୁର ହେ ତୁମେ ତ ବିଶ୍ୱ ବିହାରୀ ।
ଧନ ଜନ ମୋର ଲୋଡା ନାହିଁ ପ୍ରଭୁ
ଲୋଡା ନାହିଁ ଆଉ କଛି ।
ବିଦ୍ୟା ବୁଦ୍ଧି ଜ୍ଞାନ କର ହେ ପ୍ରଦାନ
ଯାହା ତୁମ ପାଶେ ଅଛି ।
ବିଶ୍ୱ ଠାକୁର ହେ ତୁମେ ତ ବିଶ୍ୱ ବିହାରୀ ।
ହଲେ ନାହିଁ ପ୍ରଭୁ ପତରଟିଏ ବି

ତୁମ ବିନା ଇଙ୍ଗିତରେ ।
ଯାହା ମୁଁ ଦେଖୁଛି ମୋ ବେନ ନୟନେ
ଏ ସାର୍ ବିଶ୍ୱ ସଂସାରେ ।
ବିଶ୍ୱ ଠାକୁର ହେ ତୁମେ ତ ବିଶ୍ୱ ବିହାରୀ ।
ଦୁଃଖୀ ରଙ୍କି ସେବା କରିବା ପାଇଁ ହେ
ଦିଅ ଅସୀମ ଶକତି ।
ପର ଉପକାରେ ସଦା ରହୁ ମନ
ରହୁ ମନ ସାଧୁ କତି ।
ବିଶ୍ୱ ଠାକୁର ହେ ତୁମେ ତ ବିଶ୍ୱ ବିହାରୀ ।
ଲୋଭ ମୋହ ମାୟା କ୍ରୋଧ ଅହଙ୍କାର
ହିଂସା ଇର୍ଷା ମନ୍ଦ ବୁଦ୍ଧି ।
ସବୁ ନଅ ପ୍ରଭୁ ମୋ ପାଖୁ ଛଡାଇ
ନ ରହୁ ମୋ ପାଖେ ଛନ୍ଦି ।
ବିଶ୍ୱ ଠାକୁର ହେ ତୁମେ ତ ବିଶ୍ୱ ବିହାରୀ ।
ଭଲ ବାଟ ମୋତେ ଦିଶୁଥାଉ ପ୍ରଭୁ
ଆସୁ ଥାଉ ଭଲ ଚନ୍ତା ।
କରୁଛି ମିନତି ଘେନ ହେ ଠାକୁରେ
ଦୂର କର ମୋ ଦୁଷ୍ଚିନ୍ତା ।
ବିଶ୍ୱ ଠାକୁର ହେ ତୁମେ ତ ବିଶ୍ୱ ବିହାରୀ ।
ଏତିକ ମାଗୁଣି କରୁଛି ହେ ପ୍ରଭୁ
ଶୁଣ ଥରେ ମୋର ଡାକ ।
ନ ମିଳୁ ପଛକେ ଅନ୍ନ ଜଳ ମୋତେ
ଲାଗୁଥାଉ ସଦା ଭୋକ ।
ବିଶ୍ୱଠାକୁର ହେ ତୁମେ ତ ବିଶ୍ୱ ବିହାରୀ ।



ଶ୍ରୀ ଡମ୍ବରୁଧର ବାଗ, ଚପ୍ରିଆ, ଗୋଲ୍‌ମୁଣ୍ଡା , କଳାହାଣ୍ଡି
ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଗ୍ରୀଣ୍ଡୋଲ ।

# କୋରାପୁଟର ପର୍ବତମାଳ
# ( ମାଳି) - ୧



ଅଶୋକ ବିଶ୍ୱାଳ

ମୁଁ ସେହି କ୍ରିଷ୍ଟାଲମାନଙ୍କ, ସ୍ୱଳ୍ପ ବର୍ଣହୀନ ଖଣିଜ ପଦାର୍ଥ ମାନଙ୍କ ରଙ୍ଗ ବିଷୟରେ ଶୁଣୁଥିଲି; ଖଣିଜ ପଦାର୍ଥମାନ କେତେ ଯେ ରଙ୍ଗ ଦେଖାଇପାରେ ଭିନ୍ନ ଭିନ୍ନ ତାପମାନରେ, ଭିନ୍ନ ଭିନ୍ନ ଅବସ୍ଥାରେ । ଅନେକ ଦିନ ତଳେ କଲେଜରେ ଥିଲାବେଳେ ରସାୟନ ବିଜ୍ଞାନର ପରୀକ୍ଷଣ ସମୟରେ ମୁଁ ରଙ୍ଗର ଭିନ୍ନତା ଦେଖିଥିଲି, କେତେ ଉଜ୍ଜ୍ୱଳ, କେତେଯେ ବର୍ଣାଳୀ, ସେ ସବୁ ଦିନମାନଙ୍କରେ ମୁଁ ମନକୁ ମନ ନୂଆ ଦୁନିଆ କୁ ଗ୍ଭଲିଯାଉଥିଲି । ଏତେ ଦିନପରେ ଆଜି ମୁଁ ଶୁଣୁଥିଲି ସେ ରଙ୍ଗମାନଙ୍କ ବିଷୟରେ ଆଉଥରେ । କେମିତି ମୁଁ ଭୁଲିପାରିଥାନ୍ତି କପର ସଲଫେଟର ଉଜ୍ଜ୍ୱଳ ନୀଳ ରଙ୍ଗକୁ, ପ୍ରଥମ ଥର ପାଇଁ ମୁଁ କ୍ରିଷ୍ଟାଲକୁ ମୋ ଆଖିରେ କଲେଜରେ ଦେଖିଥିଲି । ଅପଟିକ୍ସର ବା ଆଲୋକ ବିଜ୍ଞାନ ପରୀକ୍ଷଣ ସମୟରେ ମୁଁ ଆଲୋକରେ ଅନେକ ରଙ୍ଗ ଦେଖିଥିଲି, ଭିନ୍ନ ଭିନ୍ନ ସମତଳରେ ଯେତେବେଳେ ଆଲୋକ ବିଚ୍ଛୁରିତ ହୁଏ, କେତେ ରଙ୍ଗ ବାହାରିଆସେ, ନଦେଖିଲେ ବିଶ୍ୱାସ କରି ହେବନ । କିନ୍ତୁ ତାହା ଥିଲା ଅନେକ ଅନେକ ଦିନ ତଳେ । ଏତେ ଦିନ ଧରି ମୁଁ ସେ ରଙ୍ଗମାନଙ୍କୁ ମନେ ରଖିଥିଲି ।

## ବୋରା ଗୁମ୍ଫା

ରଙ୍ଗ ପ୍ରତି ମୋର ଦୁର୍ବଳତା ମୋତେ ଦିନେ ଓଡିଶାର ଦକ୍ଷିଣ ସୀମାନ୍ତରେ ଥିବା ପୂର୍ବଘାଟ ପାହାଡମାଳାର ବକସାଇଟ୍ ଗଚ୍ଛିତ ସ୍ଥାନମାନଙ୍କୁ ନେଇ ଆସିଥିଲା । ଆନ୍ଧ୍ର ଓଡିଶା ସୀମା, ବୋରା ଗୁମ୍ଫାର ରଙ୍ଗ ଦେଖିବା ପାଇଁ ଯେମିତି କିଏ ମୋତେ ଟାଣି ନେଉଥିଲା । ବୋରା

ଗୁମ୍ଫାକୁ ତେଲୁଗୁରେ କୁହାଯାଏ ବୋର୍‌ଗୁହାଲୁ, ସ୍ଥାନୀୟ ଭାଷାରେ ବୋର୍ ଅର୍ଥ ହେଉଛି ଯାହା ମାଟି ଭିତରକୁ ପଶିଯାଇଛି । ଆଉ ଗୁହାଲୁ ଅର୍ଥ ହେଉଛି ଗୁମ୍ଫା । ଆନ୍ଧ୍ରର ଆରାକୁ ଉପତ୍ୟକାର ପ୍ରସିଦ୍ଧ ବୋର୍‌ଗୁମ୍ଫା ଥିଲା କଛି ଦୂରରେ । ଆମେ ପତଳା କନ୍ତୁ ଖୁବ୍ ସୁନ୍ଦର ଭାବେ ତିଆରି ହୋଇଥିବା ରାସ୍ତାରେ ଯାଉଥିଲୁ । ଅନନ୍ତଗିରୀ ପାହାଡମାଳାଦେଇ  ତିଆରି ହୋଇଥିବା ରାସ୍ତାର ଧାରରେ ଥିଲା ଅନେକ ଉଚା ଉଚା ସବୁଜ ପାହାଡମାନ, ସୁନ୍ଦର ଉପତ୍ୟକାମାନ, ସୁନ୍ଦର କଫିର ଉଦ୍ୟାନମାନ । ଏହି ପାହାଡମାନଙ୍କର ଉଚ୍ଚତା ୮୦୦ରୁ ୧୩୦୦ ମିଟର ମଧ୍ୟରେ । ଏଠାରେ  ଏହି ଗୁମ୍ଫା ଚୂନପଥରରେ ତିଅରି, ପ୍ରାୟ ୮୦ ମିଟର ଗଭୀରକୁ ଭିତରକୁ ଯାଇଛି, ଭାରତର ଏହା ଗଭୀରତମ । ଗୁମ୍ଫାରେ  ଅଛି  ଭିନ୍ନ ଭିନ୍ନ ଅସାଧାରଣ ଆକୃତି । ଷ୍ଟାଲାକସାଇଟର  ଅସାଧାରଣ ଗୋଜିଆ ଆକୃତି, ଯେମିତିକି ସ୍ଫଟିକର ଝାଲର ଛାତରୁ ତଳକୁ ଝୁଲିଯାଇଛି । ଆଉ ଷ୍ଟାଲାକମାଇଟର ଏମିତି ଆକୃତି ଯାହା ଭୂମିରୁ ଉପର ଆଡକୁ ଗୋଜିଆ ହୋଇଯାଇଛି,  ଷ୍ଟାଲାକସାଇଟର ବିକଳ୍ପ ମାଟିରୁ ଉପର ଆଡକୁ । ଉପରୁ ଝରିପଡୁଥିବା ପାଣି ଚୁନ ପଥର କୁ ମିଳେଇ ଦିଏ, ପାଣି ଠୋପା ଠୋପା ହୋଇ ଝରିପଡେ ଆଉ ଉପରେ ଷ୍ଟାଲାକସାଇଟ୍ ତିଆରି ହୁଏ । ସେହି ପାଣି ତଳକୁ ଝରି ପଡି ତିଆରି କରେ ଷ୍ଟାଲାକମାଇଟ୍ । ଏହି ନୟମିତ କ୍ଷୟ ଯୋଗୁ କେମିତି ଅସ୍ୱାଭାବିକ ଆକୃତି ମାନ  ଚୁନ ପଥରରେ ତିଆରି ହୋଇଥାଏ,  ହୋଇପାରେ ଶିବପାର୍ବତୀ, ମା ଛୁଆ, କୁମ୍ଭୀର, ମନ୍ଦିର, ଋଷୀଙ୍କ ଦାଢି,  ମଣିଷର ମୁଣ୍ଡ, ଛତୁ ଏମିତି ଅନେକ ଅସ୍ୱାଭାବିକ ଆକୃତି, ମନର ଧାରଣା ତିଆରି କରେ ବିଭିନ୍ନ ରୂପ ।



"ପ୍ରଫେସର ଆପଣଙ୍କୁ କହିବେ କଲେଜ କ୍ୟାମ୍ପସକୁ ବୁଲିଯାଆନ୍ତୁ । ସେଠି ସୁନ୍ଦରୀ ଝିଅଟିଏ ଦେଖନ୍ତୁ, ଟିକଏ ଅଲାଜୁକ ହୋଇ ତାକୁ କଛି ସମୟ ପାଇଁ ସିଧା ଅନାନ୍ତୁ, ତା ପିନ୍ଧା ଶାଢୀରେ ରଙ୍ଗ ଖୋଜନ୍ତୁ । ତାପରେ ଫେରି ଆସନ୍ତୁ ପରୀକ୍ଷାଗାରକୁ, ଆଉ ସେ ରଙ୍ଗକୁ ଦେଖନ୍ତୁ କ୍ରିଷ୍ଟାଲରେ, ମିନେରାଲସରେ ।" ମିଃ ଶ୍ରୀଧରନ୍ ତାଙ୍କର ସେହି ପୁରୁଣା ଦିନର କଥାକୁ ମନେ ପକାଉଥିଲେ । ମୋତେ ଆଗ୍ରହୀ କରାଉଥିଲେ ରଙ୍ଗ ବିଷୟରେ ଜଣାଇବା ପାଇଁ ।

ମୁଁ ଷ୍ଟାଲାକମାଇଟ୍ ଓ ଷ୍ଟାଲାକସାଇଟ ର ଆକୃତିକୁ ଦେଖୁଥିଲି । ଗୁମ୍ଫା ଥିଲା ଅର୍ଦ୍ଧ ଆଲୋକିତ । ପ୍ରାକୃତିକ ଆଲୁଅ ଅନେକ ପଛରେ ରହଲାଣି । ଗୁମ୍ଫାର ଭିତର କୃତ୍ରିମ ଆଲୋକରେ ଆଲୋକିତ ହୋଇଛି, ଦର୍ଶକମାନେ ତିଆରି କରାଯାଇଥିବା ଶିଡିରେ ବୁଲିଲା ବେଳେ ପାଖରେ ଥିବା ଷ୍ଟାଲାକ୍ଟାଇଟ୍ ଓ ଷ୍ଟାଲାକମାଇଟକୁ ଭଲ ଭାବରେ ଦେଖିପାରିବେ, ମାଟି ତଳେ ଲୁଚ ରହିଥିବା ପ୍ରକୃତିର ସୁନ୍ଦର ରୂପକୁ ଅନୁଭବ କରିପାରିବେ । କାନ୍ଥ ସବୁ ଓଦା ଥିଲା । ସୁନ୍ଦର ଧଳାର ମାର୍ବଲ ଭଳି ଆକୃତି । ଅନେକ ଉଚ୍ଚ, ପାଖାପାଖି ୨୦ ଫୁଟ, ଅନେକ ଡିଜାଇନ୍, ବୈଶିଷ୍ଟ ଥିଲା ତା ଉପରେ । ଲାଇମଷ୍ଟୋନ ବା ଚୂନପଥରର ରସାୟନକ କ୍ଷୟ ଯୋଗୁ ହୋଇଥିଲା ଅନେକ ରୈଖିକ ଚହ୍ନ । ମୋତେ ଲାଗୁଥିଲା ଯେମିତି ଏକ ବୃହତ ପ୍ରାସାଦର ଅନେକ ସୁନ୍ଦର ଖମ୍ବଣ୍ଡସବୁ । ଲମ୍ବା ପାଇପ୍ ଭଳି ଆକୃତିମାନ, ଗୋଟିଏ ଗୋଟିଏ ସହିତ ଯୋଡି ହୋଇଛି ଆଉ ତା ପରେ ଖମ୍ବଟି ତିଆରି ହୋଇଛି । ସବୁଠାରୁ ଦର୍ଶନୀୟ ଥିଲା ସେହି ଖମ୍ବମାନଙ୍କର ଆନୁପାତିକ ପ୍ରତିସାମ୍ୟ, ସୁଠାମ ଗଢଣ, କେଉଠି ଟିକଏ ଦୋଷ ନଥିଲା, ଉପରୁ ପଡୁଥିବା ପାଣିରୁ ଓଦା ହୋଇ ଧିରେ ଧିରେ ମସୃଣ ହୋଇଯାଏ ଆଉ ଆକୃତିଟି କୃତ୍ରିମ ଆଲୋକରେ ଉଜ୍ଜ୍ୱଳତ ହୋଇଯାଏ, ଚକଚକ୍ କରେ । ମୋର ଅନୁସନ୍ଧିତ୍ସା ବଢିଯାଉଥିଲା । ମୋ ଆଖି ସବୁ କୋଣରେ ଘୂରି ବୁଲୁଥିଲା, ଯଦି ମୁଁ କଛି ନୂଆ ଖୋଜିପାରେ । ମୁଁ ଗୋଟିଏ ଦିଗକୁ ଅନାଇଲି । ସେପଟେ ସେ ଆକୃତି ଗୁଡିକ କେତେ ଯେ ସୁନ୍ଦର ଥିଲା, ଆଖି ମୋର ସେଠି ଲାଗିରହିଥିଲା । ଷ୍ଟାଲାକ୍ଟାଇଟ ସବୁ କାନ୍ଥରେ ଝୁଲି ରହିଛନ୍ତି, ଲମ୍ବା ବରଫର ରଡ ପରି ଗୋଟିଏ ଆଉ ଗୋଟିଏ ସହିତ ଯୋଡି ରହିଛନ୍ତି,

ଗୋଟିଏ ଶ୍ରେଣୀ ତିଆରି କରିଛନ୍ତି, ତୀକ୍ଷ୍ଣ ଧାର, ଆଲୁଅ ପଡିଲେ ତାହା ମଧ୍ୟରୁ ଗୋଲାପି ଧଳା ଆଭା ବାହାରି ଆସୁଛି, ପ୍ରକୃତିର ସୁନ୍ଦର ଗ୍ଲେଣ୍ଡେଲିୟର୍ କେତେଯେ ରଙ୍ଗ ଧରି ରଖିଛି, ଏତେ ରଙ୍ଗ ପ୍ରାସାଦରେ ନିର୍ଜୀବ ସ୍ଫଟିକରେ ହୋଇନପାରେ, ରାଜରାଜେଶ୍ୱର ଶ୍ରୀ କୃଷ୍ଣଦେବରାୟଙ୍କର ବିଶାଳ ରାଜପ୍ରାସାଦର ଗ୍ଲେଣ୍ଡେଲିୟରରେ ମଧ୍ୟ ନହୋଇପାରେ । କୃତ୍ରିମ ଆଲୋକ ଗୁମ୍ଫାର ଗଭୀରତାକୁ ଯେମିତି ବଢାଇ ଦେଉଥିଲା । ସେଇ କ୍ରିଷ୍ଟାଲମାନଙ୍କର ଆକାର ଆଉ ଆୟତନରେ କେମିତି ପରିବର୍ତ୍ତନ ଘଟାଉଥିଲା । କେଉଁଠି ଥିଲା ସୁନେଲି କମଳା ରଙ୍ଗର ଆଭାସ, କେଉଁଠି ଥିଲା ନୀଳ ରଙ୍ଗର ଛାଇ, ହଳଦିଆ ରଙ୍ଗର ଧାର, ସବୁଜ ରଙ୍ଗର ସାମାନ୍ୟ ଢେଉ, ନିର୍ଜୀବ କ୍ରିଷ୍ଟାଲରେ କେତେଯେ ରଙ୍ଗ ଭରି ଯାଉଥିଲା ।

ମୁଁ କେବେ ଭାବିନଥିଲି କ୍ରିଷ୍ଟାଲର ଏତେ ରଙ୍ଗର ପରିବର୍ତ୍ତନ, ମୋର ଜ୍ଞାନ ଥିଲା ଅତି ସାଧାରଣ, ସାମାନ୍ୟ ବର୍ଣ୍ଣନା ମଧ୍ୟରେ ସୀମିତ ଥିଲା । ମୁଁ ଜାଣିଥିଲି କ୍ରିଷ୍ଟାଲ ହେଉଛି ଏକ କଠିନ ଜିନିଷ ଯାହାର ଅଣୁ ଆଉ ପରମାଣୁମାନେ ଏକ ଆନୁପାତିକ ପ୍ରତିସାମ୍ୟ ରକ୍ଷା କରିଛନ୍ତ, ଶୃଙ୍ଖଳତ ରୂପମାନ ତିଆରି ହୋଇଛି, ଆଉ ତିନି ଦିଗରେ ଲମ୍ବିଯାଇଛନ୍ତି । ପ୍ରକୃତିରେ ହୀରା, ଲୁଣ, ବରଫର ଟୁକୁଡା ଗୁଡିକ ହେଉଛି କ୍ରୀଷ୍ଟାଲର ସାଧାରଣ ନମୁନା । ବେଳେବେଳେ କ୍ରିଷ୍ଟାଲାଇନ୍ ଆକୃତି ହୋଇନଥାଏ, ସେଠି ପରମାଣୁମାନେ ଆନୁପାତିକ ପ୍ରତିସାମ୍ୟ ରକ୍ଷାକରନ୍ତି ନାହିଁ, ସେ କ୍ଷେତ୍ରରେ ଆକୃତିହୀନ, ଅସ୍ୱଚ୍ଛ ପଦାର୍ଥ ତିଆରି ହୁଏ ।

ଗୁମ୍ଫାର ଭିତରେ ଇଲେକ୍ଟ୍ରିକ ବଲ ସବୁ ତାରା ଭଳି ଜଳୁଥିଲା । ମୁଁ ପଛର ପ୍ରବେଶ ଦ୍ୱାରକୁ ଅନାଇଲି, ଗୁମ୍ଫା ଭିତରକୁ ଝରି ଆସୁଥିଲା କ୍ଷୀଣ ଆଲୋକର ସ୍ରୋତ, ଗୁମ୍ଫାର ମୁହଁ ଯେମିତି ଲାଗୁଥିଲା ସୁନ୍ଦରଧଳା ମନ୍ଦାର ଫୁଲ । ପତ୍ର ସବୁ କଳା ପ୍ରଛଦପଟରେ ତିଆରି ହୋଇଛି । ମୁହଁରେ ବଢିଥିବା ଗଛଗୁଡିକର ଚେର ଭିତରକୁ ଓହଳ ଆସିଛି, ଲାଗୁଛି ଯେମିତି ସେ ପତ୍ରର ଶିରା ପ୍ରଶିରା ।

ଆମର ଫେରିବା ରାସ୍ତାରେ ମୁଁ ସେହି କ୍ରୀଷ୍ଟାଲମାନଙ୍କର ରଙ୍ଗ କଥା ଭାବୁଥିଲି, ମାଟି ତଳେ ଲୁଚ ରହିଥିବା ଷ୍ଟାଲାକସାଇଟ୍ ଷ୍ଟାଲାକମାଇଟ ମାନେ ଏତେ ରଙ୍ଗ ଧରିରଖିଥିଲେ । ମୁଁ ଏକ

ଭାବନା ରାଜ୍ୟକୁ ଚାଲିଯାଇଥିଲି । ରାସ୍ତାସାରା ଖୋଜୁଥିଲି ରଙ୍ଗର ଭିନ୍ନତା ସେହି ସୁନ୍ଦର ପାହାଡମାନଙ୍କରେ, ଅଣଓସାରିଆ ରାସ୍ତାମାନଙ୍କରେ ଆଉ ସବୁଜ ଉପତ୍ୟକାମାନଙ୍କରେ, ଆଉ କଛି ଅଧିକା ଅଛି କ ? ବାହାରେ ପଥର ଗୁଡିକ ଖୁବ୍ ବଡ ଲାଗୁଥିଲା, ଅତି ବିଶାଳ, ଭୂମିର ଏତେ ଯେ ରୂପ ଅଛି ଏତେଯେ ପରିବର୍ତ୍ତନ ଏଠି । ମୋର ଅନୁସନ୍ଧିତ୍ସା ବଢିଯାଉଥିଲା ସେଇ ସୁନ୍ଦର ରାଜ୍ୟ ବିଷୟରେ ଜାଣିବା ପାଇଁ । ପୂର୍ବଘାଟର ପଥର ବିଷୟରେ ଜାଣିବା ପାଇଁ ମିଃ ଶ୍ରୀଧରନ୍ ମୋତେ ଏ ପାହାଡମାନଙ୍କର ଭୂତତ୍ତ୍ୱର ଇତିହାସ କହିଥିଲେ । ଅନେକ ମୂଲ୍ୟବାନ୍ ଖଣିଜ ପଦାର୍ଥ ମାଟି ତଳେ ଲୁଚ ରହିଛି, ପାହାଡ ଉପରେ ମଧ୍ୟ । କଛି ଘଣ୍ଟା ପୂର୍ବରୁ ସ୍ୱଟିକ ରାଜ୍ୟକୁ ମୋର ଯେଉଁ ଯାତ୍ରା ଥିଲା ମୁଁ କେବେ ଭୂଲି ପାରିବିନ । ସବୁଠି ଏତେ ରଙ୍ଗ ଭରି ରହିଛି । ମୁଁ ଚମତ୍କୃତ ହୋଇଯାଇଥିଲି, ପୁଲକତ ହୋଇଥିଲି । ଆନ୍ଧ୍ରପଟୁ ଦାମନଯୋଡିର ଉଚ୍ଚ ଭୂଇଁ ଆଡକୁ ଥିଲା ଆମର ଯାତ୍ରା ରାସ୍ତା ସାରା ମୁଁ ଖୋଜିଲି ରଙ୍ଗକୁ, ସବୁଜ, ନୀଳ । ସବୁଜ ଜଙ୍ଗଲରେ, ଉପତ୍ୟକାରେ ମୁଁ ସବୁଜର ଅନେକ ଆପେକ୍ଷିକ ଭିନ୍ନ ଭିନ୍ନ ରଙ୍ଗଖୋଜି ପାଉଥିଲି । ସେଇ ପାହାଡଘାଟିର ରାସ୍ତା ଦାମନଯୋଡିରୁ ଖୁବ୍ ଦୂର ନୁହେଁ, ସେଇ ଯାତ୍ରା ମୋର ମାନସପଟରେ ସବୁବେଳେ ଉଜ୍ଜୀବିତ ରହିବ । ମୁଁ ଓଡିଶା ଆନ୍ଧ୍ର ସୀମାରେ ଅବସ୍ଥିତ ସାଲୁରଘାଟି ଅଞ୍ଚଳ ଦେଇ ଓଡିଶା ମଧ୍ୟକୁ ପ୍ରବେଶ କରୁଥିଲି ।

## ସାଲୁର ଘାଟିରୁ ଦାମନଯୋଡିକୁ ଯାତ୍ରା

ମୁଁ ବହୁତ ତଳେ ଥିବା ଆନ୍ଧ୍ରର ସମତଳ ଅଞ୍ଚଳକୁ ଅନାଇଲି । ଆମେ ଦାମନଯୋଡିର ଉଚ୍ଚ ଭୂମି ଆଡକୁ ଚଢୁଥିଲୁ । ହାଲକା ସବୁଜ ରଙ୍ଗର ଗାଲିଚା, ଗାଢ ସବୁଜର ଛୋଟ ଛୋଟ ଦ୍ୱୀପ ଚାରିଆଡେ । ଚାଷ ଜମି ସବୁ ହାଲକା ସବୁଜ ରଙ୍ଗର, ଆମ୍ବ ବଗିଚା ବା ଅନ୍ୟ ବଗିଚା ମାନ ସବୁ ଗାଢ ସବୁଜ ରଙ୍ଗର । ପାହାଡିଆ ରାସ୍ତାର ବାଙ୍କରୁ ମୁଁ ଦେଖୁଥିଲି ସମତଳ ଅଞ୍ଚଳର ଭୂମିର ରୂପ, ଥିଲା ଅତୀବ ମନୋହର । ମୋ ଡାହାଣରେ ସବୁଜ ପାହାଡ ସବୁ ଥିଲେ ଓଡିଶା ଆଡକୁ । ଛୋଟ ଛୋଟ ଗଛ ଏପଟେ, ସେପଟେ ମୋର ବାମଆଡେ ଥିଲା ଅସୀମ ସବୁଜ ସମୁଦ୍ର ଯେମିତି, ଲାଗି ଯାଇଥିଲା ଦୂର ଦିଗବଳୟକୁ,

ଆଉ ସେଇଠି ଅସ୍ପଷ୍ଟ ହୋଇଯାଇଥିଲା । ନଜର ସୀମା ହରାଇ ବସିଥିଲା । ଉପରେ ଥିଲା ପାହାଡ, ଭାସି ଆସୁଥିଲା ବଉଦମାନ, ତଳେ ଛାଇ ପକାଇଥିଲା । ଆକାଶ ଦିଶୁଥିଲା ନୀଳ ଆଉ କଳା । ସାରା ଆକାଶରେ ବାଦଲ ଛାଇ ଯାଇଥିଲା, ଆଉ ଧିରେ ଧିରେ ମେଘ ଗାଢ ହୋଇଯାଉଥିଲା । ତଳେ ଥିବା ସୁନ୍ଦର ଦୁନଆକୁ ଦେଖି ମୁଁ ଭାବ ପ୍ରବଣ ହୋଇଯାଉଥିଲି । ଏତେ ଯେ ବଡ ଦୁନଆ, ଏହା ଭିତରେ ଅହଙ୍କାରର ସ୍ଥାନ କେଉଁଠି ? ବିଶାଳ ସମୁଦ୍ର, ବିଶାଳ ପୃଥିବୀ ଆଗରେ ମୁଁ ଯେମିତି ଅସ୍ତିତ୍ୱ ହରାଇ ବସିଥିଲି । ବହୁ ଦୂରରେ କେତୋଟି ଛୋଟ ଛୋଟ ପାହାଡ ତଳେ ଥିବା ମେଘ ଉପରୁ ମୁଣ୍ଡ ଟେକଥିଲେ, ସେମାନଙ୍କ ରଙ୍ଗ ଗାଢ ହୋଇଯାଉଥିଲା ବିଚ୍ଛୁରିତ ଆଲୋକରେ ।



ଆଉ ଏଠି ମୋ ପାଖରେ ଥିଲା ହାଲକା ସବୁଜ ରଙ୍ଗର ବାଉଁଶର ଜଙ୍ଗଲ । ସେ ଜଙ୍ଗଲରେ ସବୁଜର କେତେ ଆପେକ୍ଷିକ ରଙ୍ଗର ସମାହାର । ମୁଁ ସେ ରଙ୍ଗ ଗୁଡିକୁ ଖୋଜି ବୁଲୁଥିଲି । ଆମେ ଉପରକୁ ଚଢୁଥିଲୁ । ଅନେକ ସୁନ୍ଦର ଜାଗା । ସବୁ ସ୍ଥାନ ଅଲଗା ଅଲଗା । ଏ ଯାତ୍ରା ଅଲଗା । ଏ ଯାତ୍ରା ଏମିତି ଏକ ରାସ୍ତା ଉପରେ ଥିଲା ଯାହା ବିଷୟରେ ବେଶି କେହି ଜାଣନ୍ତିନ, ଭାରତର ଭିନ୍ନ ଭିନ୍ନ ପ୍ରସିଦ୍ଧ ରାସ୍ତାମାନଙ୍କଠାରୁ କଛି କମ୍ ସୁନ୍ଦର ନଥିଲା । ଧିରେ

ଧିରେ ଆମେ ଅଧିକ ଚଢିଗଲୁ । ତଳେ ସେ ଆନ୍ଧ୍ରର ସବୁଜ ଭୂମିମାନ ଦେଖାଯାଉନଥିଲା । ରାସ୍ତା ଅନେକ ବାଙ୍କ ନେଇଯାଇଥିଲା । ଛୋଟ ଛୋଟ ପାହାଡ ବାର ବାର ଆସୁଥିଲା । ଆଉ ସେମାନଙ୍କ ମଝିରେ ମଝିରେ ଥିଲା କଛି କଛି ସମତଳ ଜମି । ରାସ୍ତା ଏକ ଲମ୍ବା ବାଙ୍କ, ଆମେ ଆଉ ଗୋଟିଏ ନୂଆ ଜାଗାକୁ ଆସିଗଲୁ, ତଳର ତଳୁଆ ଚାଷଭୂମିଠାରୁ ଅନେକ ଭିନ୍ନ । ଏବେ ପାହାଡ ଗୁଡିକ ଅତି ସୁନ୍ଦର । ବର୍ଷା ଯୋଗୁ ବର୍ତ୍ତମାନ ସବୁ ଖାଲି ଜାଗା ସବୁଜ ହୋଇଯାଇଛି, ତେଣୁ ଦିଶୁଛି ବହୁତ ସୁନ୍ଦର । ଗାଢ ସବୁଜ ରଙ୍ଗର ବଡ ବଡ ଗଛ ଗୁଡିକ ଚାରିଆଡେ ଖେଳ ହୋଇ ଠିଆ ହୋଇଛି । ବାଉଁଶ ଆଉ ଛୋଟ ଛୋଟ ବୁଦୁ ବୁଦିକା ଜଙ୍ଗଲର ରଙ୍ଗ କମ୍ ସବୁଜ । ମଣିଷର ଲୋଭ ପାହାଡରେ ଅନେକ ଜାଗା ଖାଲି କରିଦେଇଛି । ଆମେ ଆହୁରି ଚଢୁଥିଲୁ । ଡାହାଣକୁ ରାସ୍ତା ବୁଲିଗଲା ଆଉ ଆମେ ପାହାଡର ମଝିରେ ପ୍ରବେଶ କରିଗଲୁ । ଆଗକୁ ଆନ୍ଧ୍ରର ତଳ ଦେଶ ଦେଖାଯିବ ନାହିଁ । ରାସ୍ତାରେ ବର୍ତ୍ତମାନ ଅନେକ ଖାଲଖମା, ଜଙ୍ଗଲ ଘନ । ଗଛ ଗୁଡିକ ଧିରେ ଧିରେ ବଢିଗଲା। ପାହାଡି ଝରଣା ସବୁ ବୋହିଯାଉଥିଲା, ଛୋଟ ଛୋଟ ପାହାଡ ସବୁଆଡେ । ଅନେକରେ ବଡ ବଡ ହାଲକା ସବୁଜ ରଙ୍ଗର ଟୁକୁଡା ଅଛି । କେତେକ ଜାଗାରେ ଲୋକ ଚାଷ କରୁଛନ୍ତି । ଚାଷଜମି ହାଲକା ସବୁଜ, ଧୂସରରଙ୍ଗ, ଲଣ୍ଡା ପାହାଡ ସବୁଜ ରଙ୍ଗରେ ରଞ୍ଜିତ ହୋଇଯାଇଛି । ସେଠି ଛୋଟ ଗୁଳ୍ମ ଆଉ ବୁଦା ସବୁ ଆହୁରି ହାଲକା ହୋଇଯାଇଛନ୍ତି । ବଡ ଗଛ ଗୁଡିକ ଅଧିକ ସବୁଜ । ଏକା ରଙ୍ଗର ଭିନ୍ନତା ଜାଣିବା ପାଇଁ ଜଙ୍ଗଲ ହେଉଛି ସବୁଠାରୁ ଶ୍ରେଷ୍ଠ ସ୍ଥାନ । ଏଠି ରଙ୍ଗର ଭିନ୍ନତା ଏତେ ଯେ ନଦେଖିଲେ ବୁଝିହେବ ନାହିଁ । ଆଲୋକର ପ୍ରତିଫିକୋଣ ବଦଳିବା ସହ ରଙ୍ଗର ଭିନ୍ନତା ବଦଳିଯାଏ । ସକାଳର ଆଲୁଅରେ ଜଙ୍ଗଲ ଭିନ୍ନ, ମଧ୍ୟାହ୍ନରେ ଭିନ୍ନ, ସଂନ୍ଧ୍ୟାରେ ଭିନ୍ନ । ସବୁବେଳେ ଜଙ୍ଗଲର ସେହି ଏକା ସ୍ଥାନର ରୂପ ଅନେକ, ଅନେକ ଭିନ୍ନ, ବର୍ଣ୍ଣନାର ବାହାରେ ।

ଅନେକ ସରୁ ସରୁ ଉପତ୍ୟକା ଆସିଲା । ଆମେ ଓଡିଶାର ସୀମାନ୍ତ ସହରରେ ସୁଙ୍କିରେ ପହଁଞ୍ଚିଥିଲୁ । ଦୁଇଟି ବଡ ପର୍ବତ ମଝିରେ ଅତି ଛୋଟ ସହରଟିଏ । ସେଠି ଘର ଗୁଡିକରେ ଟିଣ ବା ଆଜବେଷ୍ଟସର ଛାତ । ପାଖାପାଖି ୧୦୦ଟି ଘର । ରାସ୍ତାରେ ସୀମାନ୍ତ

ଗିରିଶୋଳା ବା ଜାମଶୋଳା ଭଳି ଲମ୍ବା ଟ୍ରକର ଧାଡି ନଥିଲା । ଯାହା ଥିଲା କେତୋଟି ଖାଦ୍ୟ ପଦାର୍ଥ ବୋଝେଇ କଛି ଟ୍ରକ ଏବଂ ଆଉ ଅନ୍ୟ କେତୋଟି ଗାଡି । ଲମ୍ବା ପର୍ବତ ଗୁଡିକ ସହର ପରେ ବହୁତ ଆଗକୁ ଗ୍ଲିଯାଇଥିଲା । ଆଉ ସବୁଜ କ୍ଷେତ ଗୁଡିକ ବଦଳି ଯାଇଥିଲା ଗଭୀର ଜଙ୍ଗଲରେ, ଛୋଟ ସହର ପରେ ।

ଆମେମାନେ କୋରାପୁଟର ଉଚ୍ଚ ଭୂମିକୁ ପ୍ରବେଶ କରୁଥିଲୁ । ସେଠି ଥିଲେ ଲୋକମାନେ ଯେଉଁମାନଙ୍କର ଗୋଡ ତଳେ ମାଟି ହଲଚଲ ହେଉଥାଏ । ପୃଥିବୀ ହଲିଯାଏ ଏମାନଙ୍କ ପାଇଁ, ସେ ଆଦିବାସୀ ବସ୍ତି ଗୁଡିକ ସଂନ୍ଧ୍ୟାରେ ନାଚ ଉଠେ ଡମକର ଶବ୍ଦରେ । ନର୍ତ୍ତକମାନେ ଜ୍ୟୋସ୍ନା ସ୍ନାତ ସଂନ୍ଧ୍ୟାରେ, ଗ୍ତିରେ ନାଚ କରୁଥାନ୍ତି । ନୃତ୍ୟରେ ଜୀବନ, ଗୀତରେ ଜୀବନ । ଶବ୍ଦ ଭାସି ଆସୁଥିଲା । ଯେମିତି ଧାଙ୍ଗଡା ଆଉ ଧାଙ୍ଗଡ଼ୀମାନେ ଢେମସା ନାଚ ପାଇଁ ପ୍ରସ୍ତୁତ ହେଉଛନ୍ତି । ଡୁଙ୍ଗୁଡୁଙ୍ଗା ନାଚ ପାଇଁ ପ୍ରସ୍ତୁତ ହେଉଛନ୍ତି । ଲଗା ନାଚ ପାଇଁ ପ୍ରସ୍ତୁତ ହେଉଛନ୍ତି । ମୁଁ ମୋ ଆଖି ବନ୍ଦ କରିଦେଲି । ସାରା ଗାଁ ଢେମସା ନାଚ ପାଇଁ ପ୍ରସ୍ତୁତ ହୋଇଛି । ସମସ୍ତେ ନାଚୁଛନ୍ତି । ବିଭିନ୍ନ ବାଦ୍ୟର ଶବ୍ଦରେ ଭରି ଯାଉଛି ପରିବେଶ । ସମସ୍ତେ ନାଚୁଛନ୍ତି, ହୃଦୟର ଶବ୍ଦରେ ଯେମିତି ଭରି ଯାଇଛି ପବନ ।

କ୍ରମଶଃ.....

ସେକ୍ଟର- ୩, ସଲ୍ଟଲେକ, କଲିକତା

ଆପଣମାନେ ଲେଖିଥିବା କୌଣସି ପୁସ୍ତକ ଯଦି ବେଦାନ୍ତୀ ମାଧ୍ୟମରେ ପାଠକଙ୍କୁ ଜଣାଇବାକୁ ଚାହୁଁଛନ୍ତି ତେବେ ଆମକୁ ସଂପର୍କ କରନ୍ତୁ ।

# ନୀରବତା ର ଆଇନା



ସଚ୍ଚିଦା ନନ୍ଦ ବାରିକ

ଏତେ ଦିନ ପରେ
ଆଉ ଥରେ କାଇଁକି କେଜାଣି
ମୋ ପ୍ରିୟ ସମୟ
ମୋତେ ଭଲ ପାଉଥିବା ଏକାନ୍ତତା
ମୋ ନୀରବତା କୁ
ଆଉ ଥରେ ଜିଇଁବାକୁ ଇଚ୍ଛା ହେଲା !!
ଭାବିଲି ଜିଇଁଯିବି ଆଗଭଳି
ମନଭରି ଗପିବି ଆଇନା ସାମ୍ନା ରେ
କିନ୍ତୁ ଆଗରୁ ନଜର ଲାଗୁଥିବା
ନୀରବତା ଆଉ ସେ ଆଇନା ବଦଳି ସାରିଥିଲା..... ll
ଜାଣିଚ.....
ଭାରି ଗହଳିକ ଏ ନୀରବତା
ତମେ ଆସିବା ଆଗରୁ
ଶୁନଶାନ ବେଳାରେ
ଆଇନା ଆଗରେ ଛିଡା ହେଲେ
ମୋ ନରବତା ମୋ ସହ ଗପୁଥିଲା ll
ମୋ ନିଜ କଥା
ପାରିବା ଆଉ ହାରିବା କଥା
ଦିନ ସାରା ଘଟି ଯାଇଥିବା ଅନେକ ମିଠା ଖଟା ଦୁର୍ଘଟଣା ସବୁ
ଏଇ ଯେମିତି ରାସ୍ତା ରେ ଗଲାବେଳେ
ସୁନ୍ଦର ଜିନଷ କ ତରୁଣୀ ହେଉ

ମୁହଁ ପୋତି ଗ୍ଟଲି ଆସି ଆଇନା ଆଗରେ
ଘଣ୍ଟା ଘଣ୍ଟା ଗପିବା କଥା
ବେଳେ ବେଳେ ନିଜ କଲ୍ କର୍ମ ପାଇଁ
ନିଜେ ନିଜକୁ ସାବାସୀ ଦେବା
ନିଜ ଅସାମର୍ଥ୍ୟ ପାଇଁ ପିଲ୍ଭଳି କଇଁ କଇଁ କାନ୍ଦିବା
ଆଉ ବେଳେ ବେଳେ କୌଣସି କାମ ପାଇଁ
ନିଜେ ନିଜକୁ ଗ୍ରଗିବା
ସବୁ ଆଇନା ଆଗରେ ନୀରବତା ଚୁପଗ୍ଟପ୍ ଦେଖୁଥିଲ୍ ॥
କିନ୍ତୁ ଏବେ ତମେ ଆସିଲ୍ ପରେ
ସେ ବଦଳି ଯାଇଛି
ଏବେ ଏକାନ୍ତରେ ଆଇନା ଆଗରେ ଛିଡ଼ା ହେଲେ
ନୀରବତା ଆଗଭଳି ବେଶୀ କିଛି କହେନି
ତାକୁ ଆଉ ପାଉନି
ବରଂ ତମେ ଆଉ ତମ ସ୍ମୃତି ସବୁ
ଭ୍ସି ଉଠନ୍ତି ଆଇନା ଆଗରେ
ଗ୍ତି ଅଧିଆ ସ୍ୱପ୍ନ ସବୁ
ମୋ ଗ୍ଟରିକଡେ ଘୁରିବୁଲନ୍ତି
ତମ ଉପସ୍ଥିତି କୁ ଜୋର କରି ଜାହିର କରନ୍ତି
ତମ ଅନୁପସ୍ଥିତି ରେ
ତମଠୁ ଅଧିକା ଅସ୍ତବ୍ୟସ୍ତ କରନ୍ତି ॥
ଏ ଦୁନିଆ ବୋଧେ ବଦଳି ଯାଇଛି
ଜାଣିଛ....
ଆଗରୁ କିଛି କହୁ ନ ଥିବା ଲୋକେ
ଟିକେ ଟିକେ ଅନ୍ୟମନସ୍କ ହେଲେ
ପ୍ରେମ ରେ ପଡିଛି ବୋଲି କୁହାକୁହି ହୁଅନ୍ତି....!!

ଗ୍ରାମ/ ପୋଷ୍ଟ – ଝୁମ୍ପୁରା,
ଜିଲ୍ଲା – କେନ୍ଦୁଝର, ଓଡିଶା

# ଫୁଲଟିଏ ହେବି



ଇଂ. ସାରଦା ପ୍ରସାଦ ପରିଡା

ମୁଁ ଅତୀତ ର ଶୋକ କରିବି
ନା ପଶ୍ଚାତାପ
ହେ ଭବିଷ୍ୟତ
କେଉଁଠି ତୋର ଅବସ୍ଥାନ
ମୁଁ କୁସୁମ ରେ ତୋ ପଥର
ଆବାହନ ପାଇଁ
ଉଲ୍ଲସିତେ
ଜୀବନ ର ପଥେ
ସୁମାନସେ ପ୍ରତୀକ୍ଷା କରିବି
ଅବା
ଲୋତକ ର ଉଛୁଳା ଧାରରେ
ଜୀର୍ଣ୍ଣ ଯେ ଜୀବନ ର ବାଟ
ସେ ବାଟ କୁ ଧୋଇବାର
ବୃଥା ପଣେ ଯିବି
ହେ ଜୀବନ,
ଅନନ୍ତ ସେ ରହସ୍ୟ
ଫୁଟୁ ଥିବା ଫୁଲ ର ସୋନ୍ଦର୍ଯ୍ୟ

ତାକୁ ଉପଭୋଗ କରିବୁ
ନା କଳକା ର ଅତୀତ କୁ ସ୍ମରି
ତୁ ଅତୀତ କୁ ଫେରିବୁ
ଜାଣିଛୁ ସେ ହସୁଥିବା
ଫୁଲର ଆୟୁଷ
ହୁଏତ ହୋଇପାରେ
ଆଉ ମାତ୍ର କେତେ ବା ଘଡି ର

ହେ ଜୀବନ
କଛି ଫରକ ନାହିଁ
ଫୁଲ ମଣିଷ
ପଶୁ ପକ୍ଷୀ ଭିତରେ
ଲୋଡ଼ା ନାହିଁ ଭବିଷ୍ୟତ ର ଦର୍ପଣ
ଜାଣି କେଉଁ ଲାଭ
ଆୟୁଷ ର ଅବଧି



ତୁ ଫୁଲଟିଏ ହେବୁକ
ନା ଥିବ ଅତୀତ ର ଅନୁତାପ
ନା ଭବିଷ୍ୟତ ର ଅନୁଶଙ୍କା
ତେଣିକ ହସୁଥିବୁ
ବର୍ତ୍ତମାନ ର ଉଲ୍ଲାସ ରେ

ଅଧ୍ୟାପକ, କୋଣାର୍କ ବିଜ୍ଞାନ ଓ କାରିଗରୀ ମହାବିଦ୍ୟାଳୟ, ଜଟଣୀ

# ବାପାଙ୍କ ଏକ୍ୟୁରିୟମ



ଆଶା ସାହୁ ( ଆରତୀ)

ଗ୍ରୀଷ୍ମ ଛୁଟିକୁ ମୁଁ ଗୃତକ ପରି ଅପେକ୍ଷା କରୁଥିଲି। ସହରର ଗୁଞ୍ଜାୟମାନ ନିଷ୍ପେସିତ କଳରବକୁ ମୁଁ ବାଲ୍ୟକାଳରେ ତୀବ୍ର ଘୃଣା କରୁଥିଲି। ସେଥିପାଇଁ ଗ୍ରିଷ୍ମ ଋତୁ ମୋର ସର୍ବାଧିକ ପ୍ରିୟ ଋତୁ ଥିଲା। ଶ୍ରେଣୀରେ ଯେତେବେଳେ ସର୍ବଶ୍ରେଷ୍ଠ ଋତୁ ବିଷୟରେ ରଚନା ଲେଖିବାକୁ କୁହା ଯାଉଥିଲା ମୁଁ ଲେଖୁଥିଲି ଗ୍ରୀଷ୍ମ ଋତୁ ବିଷୟରେ।

ଗ୍ରୀଷ୍ମ ଛୁଟିରେ ମୁଁ ଗାଁକୁ ଯାଏ। ବାପା ମାଆ ମଧ୍ୟ ଯାଆନ୍ତି। କିନ୍ତୁ ଜୀବନର ସୁନ୍ଦର ପ୍ରିୟ ମୂହୁର୍ତ୍ତ ଗୁଡ଼ାକର ଆୟୁଷ ବୋଧେ ବହୁତ କମ ଥାଏ। ସେଥିଯୋଗୁ ଆଖିପିଛୁଳାକେ ବିତିଯାଏ ଗ୍ରୀଷ୍ମ ଋତୁ। ମୁଁ ଗାଁରୁ ଫେରିବା ବେଳେ ଜେଜେ ମାଆଙ୍କୁ କୁଣ୍ଢାଇ ଧରି କାନ୍ଦେ। ଟାଣି ଓଟାରି ହୁଏ। କିନ୍ତୁ ଅଗତ୍ୟା ମୋତେ ବାଧ୍ୟ ହୋଇ ଫେରିବାକୁ ପଡ଼େ ସେ କଂକ୍ରିଟ ଜଙ୍ଗଲକୁ। ସେଠାରେ ନା ଥାଏ ବରଗଛ, ନା ଥାଏ କିଆ ଗୋହିରୀ, ନା ଥାଏ ଆମ୍ବ ତୋଟା ଆଉ ନା ଥାଏ ନିର୍ମଳ ଜଳର ପୁଷ୍କରିଣୀ। ତା ଭିତରେ ପହଁରୁଥିବା ରୌପ୍ୟ କାତିରେ ସୁସଜ୍ଜିତ ମାଛମାନେ ମଧ୍ୟ ନଥାନ୍ତି। ମୁଁ ସର୍ବାଧିକ ଖୋଜି ହୁଏ ସେହି ମାଛ ମାନଙ୍କୁ।

ସେ ଗାଁ କୁ, ସେ ବରଗଛକୁ, ସେ ଆମ୍ବତୋଟା କୁ ଆଉ ସେ ରୌପ୍ୟ କାତିରେ ଖର୍ ପଡ଼ି ଚକ୍ ଚକ୍ କରୁଥିବା ସେ ମାଛମାନଙ୍କୁ ଯେ ମୋତେ ଚିରଦିନ ପାଇଁ ଭୂଲିବାକୁ ହେବ ଏକଥା ମୁଁ ସ୍ୱପ୍ନରେ ସୁଦ୍ଧା ଭାବି ନଥିଲି। ହଠାତ ଜେଜେ ବାପା ଙ୍କର ମୃତ୍ୟୁ ହୁଏ ସନ୍ଦେହ ଜନକ

ଭାବେ। ଆମେ ଜେଜେ ମାଆ ଙ୍କୁ ସାଥିରେ ଧରି ପଳେଇ ଆସୁ ସହରକୁ । ଆଉ ଗାଁରେ କଏ ଥିଲା ଯେ ଆମେ ଗାଁ କୁ ଯାଇ ଥାଆନ୍ତୁ। ତା ଛଡ଼ା କଛି ପାରିବାରିକ କାରଣ ମଧ୍ୟ ଥିଲା।

ମୁଁ କନ୍ତୁ ବେଶ ଝୁରି ଥିଲି ମୋ ଗାଁକୁ। ମୁଁ ଚହ କରେ ପୁଷ୍କରିଣୀର, ତା ଭିତରେ ଚକ୍ ଚକ୍ କରୁଥିବା ମାଛମାନଙ୍କର। ଦିପ୍ରହରେ ଦିନେ ଶୋଇ ଥାଏ। ଜେଜେ ମାଆ ଆସି ମୋତେ ଉଠାଇଲା, ଦେଖ୍ ଦେଖ୍, ତୋ ବାପା କଣ ଆଣିଛି ତୋ ପାଇଁ ।

ମୁଁ ଆଖି ମଳ ମଳ ଗଲି ଦାଣ୍ଡଘରକୁ। ନଦ ଆପଣାଛାଏଁ କୁଆଡ଼େ ଉଡ଼ି ଗଲା। ବାପା ଆଣିଥିଲେ ମୋ ପାଇଁ ଏକ୍ୟୁରିୟମ। ବଡ଼ କାଚ ବାକ୍ସ ପରି ଏକ୍ୟୁରିୟମ ଟିଏ। ତା ଭିତରେ ସତସତିକା ପାଣି ଘାସ ଓ ଗଛ ( ପ୍ଲାଙ୍କଟନ) । ସତସତିକା ରଙ୍ଗ ବେରଙ୍ଗର ମାଛ ସବୁ। ବିଭିନ୍ନ ପ୍ରକାର ଓ ବିଭିନ୍ନ ଆକୃତିର ମାଛ। ମୋର କଛି ନାଁ ମଧ୍ୟ ମନେ ଅଛି। ଯଥା ମୋଲି, ଟେଟ୍ରା, ଏଞ୍ଜେଲ, ଟାଇଗର ଇତ୍ୟାଦି।

ମୁଁ ଖୁସିରେ ବିଭୋର ହୋଇ ବାପାଙ୍କୁ କୁଣ୍ଢାଇ ଧରି ଥିଲି। ବାପା ମୋ ମୁଣ୍ଡ କୁ ଆଉଁସି ଦେଉଥିଲେ।

ଗାଁ ପୋଖରୀ ତ ତୋତେ ଦେଇ ପାରିବିନ ବାପା, ଏହି ଏକ୍ୟୁରିୟମ ଟି ତୋ ପାଇଁ ଆଣିଛି।

ମୁଁ ବର୍ତ୍ତମାନ ଚନ୍ତା କରେ, କଛି ନ କହିଲେ ସୁଦ୍ଧା ବାପା ମୋର ଅନ୍ତରକୁ କେତେ ଦୂର ନରିକ୍ଷଣ କରି ପାରୁଥିଲେ।

ମୁଁ ସ୍କୁଲରୁ ଫେରିଲେ ଘଣ୍ଟା ଘଣ୍ଟା ଏକ୍ୟୁରିୟମ ଆଗରେ ବସି ମାଛ ମାନଙ୍କର ଖେଳ କୌତୁକ ଦେଖେ। ସେତେବେଳେ ମାଛମାନଙ୍କୁ ଶୁଖିଲା ଖାଦ୍ୟ ଦିଆ ଯାଉ ନ ଥିଲା।

ଆପାତକାଳିନ ଭିତ୍ତିରେ ଯଦିଓ କଦବା କ୍ୱଚତ୍ ଶୁଖିଲା ଖାଦ୍ୟ ଦିଆଯାଉଥିଲା ତେବେ ତାଙ୍କର କୋଷ୍ଠ କାଠିନ୍ୟ ହେଉଥିଲା। ବାପା ବୁଝାଇ ଥିଲେ, ତାଙ୍କର କୋଷ୍ଠ କାଠିନ୍ୟ ହେଲେ ଲାଞ୍ଜ ପାଖରେ ସୁତା ଭଳିଆ ଲମ୍ବା ମଳ ଲାଗି ରହିଥାଏ। ସମ୍ପୂର୍ଣ୍ଣ ରୂପେ ନିଷ୍କାସିତ ହୋଇ ପାରେନାହିଁ। ତେଣୁ ତାଙ୍କ ଖାଇବା ପାଇଁ ବାପା ଆଣୁଥିଲେ ଦଶିପୋକ ଭଳି ସରୁ ସରୁ କିନ୍ତୁ ଅପେକ୍ଷାକୃତ ଲମ୍ବା ଓ ମାଟିଆ ରଙ୍ଗର ଜୀବନ୍ତ ଜିଆ ସବୁ, ଟିକି ଟିକି ପଲିଥିନ ରେ। ତାକୁ ରଖାହୋଇଥିବା ପାତ୍ରରେ ଅହରହ ବୁନ୍ଦାଏ ବୁନ୍ଦାଏ ଜଳ ପଡୁଥିବା ନିହାତି ଆବଶ୍ୟକ ଥିଲା। ତେଣୁ ସେ ପାତ୍ରଟି ଥୁଆ ହେଉଥିଲା ୱାଶ୍ ବେସିନର ଟ୍ୟାପ ତଳେ। ବେଳେବେଳେ ମୁଁ ଟ୍ୟାପ ଯୋରରେ ଖୋଲିଦେଲେ ଜିଆ ସବୁ ଭସି ଯାଉଥିଲେ ବା ଟ୍ୟାପ ବନ୍ଦ କରି ଦେଲେ ଜିଆ ସବୁ ମରି ସଢ଼ି ଯାଉଥିଲେ ଅଧଘଣ୍ଟା ଭିତରେ। ମାଆ ମୋତେ ପାଟି କରୁଥିଲା। ବାପା କିନ୍ତୁ କହୁଥିଲେ, ତାରି ପାଇଁ ତ ଆଣିଛି ଏସବୁ, ସେ ଶିଖୁ, ବଳେ ବଳେ ସବୁ ଜାଣି ପାରିବ।ମୁଁ କିନ୍ତୁ କଛି ଭି ଶିଖି ନଥିଲି।

ସେ ମାଛମାନଙ୍କୁ ଖାଇବାକୁ ଦେବାପାଇଁ ମଧ୍ୟ ଏକ ବିଶେଷ ଧରଣର ପାତ୍ର ଥିଲା। ଟିକି କାଚର ବଲ୍ବ ପରି ପାତ୍ର ଟିଏ, ତାର ତଳେ ଅନେକ ଗୁଡ଼ି ଏ ଛିଦ୍ର ଥାଏ। ଜିଆ ମାନଙ୍କୁ ତା ଭିତରେ ପୁରେଇ ତାକୁ ଏକ୍ୟୁରିୟମ ଭିତରେ ଭେକ୍ୟୁମ ଦ୍ୱାରା ଲଗେଇ ଦିଆ ଯାଉଥିଲା। ମାଛମାନେ ସେଥିରୁ ଗୋଟିଏ ଗୋଟିଏ ଟାଣି ନେଇ ଖାଉଥିଲେ। ବେଳେବେଳେ ଦୁଇଟି ମାଛ ଗୋଟିଏ ଜିଆକୁ ଦୁଇ ମୁଣ୍ଡରୁ ଭିଡ଼। ଓଟରା କରୁଥିଲେ। ମୁଁ ସେତେବେଳେ ହସି ହସି ବେଦମ ହୋଇ ଯାଉଥିଲି। କେବେ କେବେ ଗୋଟିଏ ମାଛର ଜିତାପଟ ହେଉଥିଲା ତ କେବେ ଜିଆଟି ଦିଗଡ଼ ହୋଇ ଯାଉଥିଲା।

ବାପା ଆମର କିନ୍ତୁ ଦି ଗଡ଼ ହୋଇ ପାରିଲେ ନାହିଁ। ଆମ ଭିତରେ ପାର୍ଥକ୍ୟ ଦେଖି ପାରିଲେ ନାହିଁ। ଦୁହିଁଙ୍କୁ ତାଙ୍କର ଦୁଇ ଆଖି ମଣି ସୁଦ୍ଧା ତାଙ୍କର ବିବେକ ତା ପାଖରେ ରହିବାକୁ ତାଙ୍କୁ

ବାଧ କଲା। ଭାବିଥିଲେ ବୋଧେ ବଳେ ମୁଁ ତାଙ୍କୁ ବୁଝି ପାରିବି। କିନ୍ତୁ ମୁଁ କଣ ତାଙ୍କୁ କମ୍ବା ତାଙ୍କର ବସୁଧୈବ କୁଟୁମ୍ବକମ୍ ସ୍ନେହ କୁ ବୁଝି ପାରିଲି କି?

ମୋର ଭାଇ, ମାନେ ମୋ ବାପାଙ୍କର ପାଳିତ ପୁତ୍ର ଯେବେଠାରୁ ଆସିଲା, ମୋତେ ଲାଗିଲା ମୋର ଜଣେ ପ୍ରତିଦ୍ୱନ୍ଦୀ ଘରକୁ ଆସିଲା। ବାପାଙ୍କ ବିଶାଳ ହୃଦୟର ମହାନତାକୁ ମୁଁ ସେତେବେଳେ ସ୍ୱାର୍ଥାନ୍ଧ ହୋଇ ବୁଝି ପାରିଲି ନାହିଁ। ଯେତେବେଳେ ବୁଝିଲି ଅନେକ ବିଳମ୍ବ ହୋଇ ଯାଇଥିଲା।

ମୋ ପରି ମଣିଷ ମାନଙ୍କର ମନ ଅଳିଆ ଆବର୍ଜନା ରେ ପରିପୂର୍ଣ୍ଣ। ପରିପକ୍ୱତା ବି ତାକୁ ସ୍ୱଚ୍ଛ କରିବାରେ ଅକ୍ଷମ ହୋଇ ଥାଏ।

ବାପାଙ୍କ ପାଳିତ ପୁତ୍ର, ମାନେ ମୋ ଭାଇ, ଅଳିଆ ଗଦାରୁ ଆସି ଥିଲା ଘରକୁ। ବାପାଙ୍କ ସୁନାର ହୃଦୟ ଥିଲା, ଦୟା କରୁଣାର ଏକ ଗନ୍ତାଘର। ଛୁଆଟିର କୁଆଁ କୁଆଁ କାନ୍ଦ ସହ କୁକୁରଙ୍କର ବିକଟ ଚିତ୍କାର ବାପାଙ୍କୁ କରି ଦେଇଥିଲା ବିଗଳିତ ମର୍ଣିଂ ୱାକ ରୁ ଫେରିବା ବାଟରେ। ସେ ତାକୁ କୋଳ କରି ନେଇ ଆସିଥିଲେ ଆମ ଘରକୁ।

ସେତେବେଳେ ଜେଜେ ମାଆ ମଧ୍ୟ ମୋତେ ଉଠେଇ ନ ଥିଲା, ଦେଖ୍ ଦେଖ୍, ତୋ ବାପା ତୋ ପାଇଁ କଣ ଆଣିଛି।

କହିବା ବାହୁଲ୍ୟ, ପୋଲିସ ର ତନାଘନା ମଧ୍ୟ ପିଲାଟିର ଅସଲି ପିତା ମାତା କୁ ଚିହ୍ନଟ କରି ପାରି ନଥିଲା। ଜେଜେ ମାଆ, ମାଆ ଓ ମୁଁ, ସମସ୍ତେ ଏ ଅବାଞ୍ଛିତ ଅତିଥି କୁ ହୃଦୟରେ ସ୍ଥାନ ଦେଇ ପାରିଲୁ ନାହିଁ। ପ୍ରଥମେ ତାକୁ ଆମ ଘରେ ଅନେକ ଅବହେଳା ର ସମ୍ମୁଖୀନ ହେବାକୁ ପଡ଼ିଥିଲା। ବାପା କିନ୍ତୁ ଅବିଚଳିତ ଓ ଅବିଶ୍ରାନ୍ତ ଭାବେ ପିଲାଟିର ଯତ୍ନ ନେଇ

ଥିଲେ, ଆମ ମାନଙ୍କ ଠାରୁ କଛି ସହଯୋଗ ଆଶା ନକରି। ଏତିକ ବେଳେ ହିଁ ବାପାଙ୍କ ପ୍ରତି ମୋ ମନରେ ଏକ ତିକ୍ତଭାବ ଉତ୍ପନ୍ନ ହେଲା। ଏହି ତିକ୍ତତା ବାପାଙ୍କ ମୃତ୍ୟୁ ପର୍ଯ୍ୟନ୍ତ ମୋତେ ତ୍ୟାଗ କରି ନ ଥିଲା।

ପିଲାଟିର ସୁନ୍ଦର ରୂପ ଓ ତୀକ୍ଷ୍ଣ ବୁଦ୍ଧି ଧୀରେ ଧୀରେ ମାଆ ଓ ଜେଜେ ମାଆଙ୍କ ହୃଦୟକୁ ତରଳାଇ ଦେଇ ଥିଲା। ନାରୀ ହୃଦୟ ବେଶି ସମୟ ବୋଧେ କଠିନ ହୋଇ ରହିପାରେ ନାହିଁ। ସ୍ନେହ ଶ୍ରଦ୍ଧା ର ଉଷ୍ମତା ରେ ତାହା ତରଳବାକୁ ଆରମ୍ଭ କରେ। ଶୈଶବରୁ ପିଲାଟି ଅତ୍ୟନ୍ତ ବ୍ୟବହାର କୁଶଳୀ ଓ ଅମାୟିକ ଥିବା ସାଥିରେ ପାଠପଢା ରେ ଖୁବ ଧୁରନ୍ଧର ଥିଲା। ଘରେ ବାହାରେ ସେ ସମସ୍ତଙ୍କ ମନ କଣି ନେଇ ଥିଲା। ସେ ଯେତେ ଯେତେ ଉନ୍ନତି କରୁଥିଲା ମୋର ଘୃଣା କ୍ରମଶଃ ବୃଦ୍ଧି ପାଉଥିଲା। କ୍ରମେ ମୁଁ ବାପାଙ୍କର ଅବାଧ ହେବାକୁ ଆରମ୍ଭ କଲି। ବାପାଙ୍କ ଠାରୁ ଦୂରରେ ରହିବାକୁ ଚାହିଁ ଧୀରେ ଧୀରେ ମାଆଙ୍କ ଠାରୁ ବିଚ୍ଛିନ୍ନ ହେବାକୁ ଆରମ୍ଭ କଲି। ମୁଁ ଚେନ୍ନାଇର ଆସି ବି.ଟେକ କଲି, ଯଦିଓ ମୋତେ ଓଡ଼ିଶାରେ ଭଲ କଲେଜରେ ସିଟ ମିଳୁଥିଲା। ସେତେବେଳକୁ ଜେଜେ ମାଆ ଆରପାରିକୁ ଚାଲି ଯାଇଥିଲା।

ଚେନ୍ନାଇରେ ହିଁ ମୁଁ ପୋଷ୍ଟିଂ ନେଲି। ନାଁ ମାତ୍ର କୁ ସୂଚନା ଦେଇ ମୁଁ ମୋର କଲିଗକୁ ବିବାହ କଲି। ମାଆ ବେଳେବେଳେ ମୋ ପାଖକୁ ଆସୁଥିଲା। ଆସି ବାପାଙ୍କ ଅନ୍ତରଦାହକୁ ବର୍ଣ୍ଣନା କରୁଥିଲା। ମୋର ତିକ୍ତଭାବ ତାଙ୍କୁ କେମିତି ତିଳ ତିଳ ଦଗ୍ଧିଭୂତ କରୁଛି ବୁଝାଉଥିଲା। ମୋର ମନ ମାନ ନଥିଲା। ତା ଉପରେ ମାଆ ଯେତେବେଳେ ପୋଷ୍ୟ ପୁତ୍ରର ଗୁଣଗାନ କରୁଥିଲା, ତାର ମାତୃପିତୃ ଭକ୍ତି ବଖାଣୁଥିଲା, ଆଉ ବଡ଼ ପ୍ଲେସମେଣ୍ଟ ପାଇବା ସତ୍ତ୍ୱେ କେମିତି ତାଙ୍କୁ ଛାଡି ଯାଇନଥିଲା, ମୋର ମାଆ ଉପରେ ମଧ ପ୍ରଚଣ୍ଡ କ୍ରୋଧ ଆସୁଥିଲା। ମୁଁ ଅଗ୍ନିଶର୍ମା ହୋଇ ତାକୁ ଝିଙ୍ଗାସୁଥିଲି, ଅକଥା କହୁଥିଲି ଓ ତାକୁ ମଧ ମୋ ପାଖକୁ ଆସିବା ଆବଶ୍ୟକ ନୁହେଁ ବୋଲି ଗଞ୍ଜଣା ଦେଉଥିଲି। ସେ ପୋଷ୍ୟ ପୁତ୍ର ଉପରେ ମୋର ବୈମନସ୍ୟ

ଭାବ ଆହୁରି ବୃଦ୍ଧି ହେଉଥିଲା । ମୋର ପ୍ରତିଦ୍ଵନ୍ଦୀ ସାଜି ମୋ ମାତାପିତାଙ୍କୁ ମୋଠାରୁ ବିଚ୍ଛିନ୍ନ କରିଦେଲା ବୋଲି ତାକୁ ଅଭିଶାପ ଦେଉଥିଲି, ଯଦିଓ ମାଆ ଠାରୁ ମୁଁ ଅବଗତ ଥିଲି ଯେ ସେ ମୋତେ ଅଗ୍ରଜ ତୁଲ୍ୟ ଭକ୍ତି କରେ ।

ସ୍ଵସନ୍ତାନର ମୋହରେ ବାନ୍ଧି ହୋଇ ମାଆ ମଧ୍ଯ ବାପାଙ୍କ ଠାରୁ ଦୂରରେ ରହିଲା, ବୃଦ୍ଧାବସ୍ଥାର ଅଧିକାଂଶ ସମୟରେ । ବାପାଙ୍କ ସହ ମୋର ସମ୍ପର୍କ କୁ ନେଇ ସେ ଚର୍ଚ୍ଚା କଲାମାନେ ମୋର ହିତାହିତ ଜ୍ଞାନ ଲୋପ ପାଇ ଯାଉଥିଲା । ସେହି ଶୋକରେ ମାଆ ମୋର ଶଯ୍ୟା ଶାୟିନୀ ହୋଇ ରହିଲା, ମୋରି ପାଖରେ । କନ୍ତୁ କ୍ରୋଧ ଚଣ୍ଡାଳର ପ୍ରଭାବରେ ମାଆ ର ଅନ୍ତିମ ସମୟରେ ସୁଦ୍ଧା ମୁଁ ବାପାଙ୍କୁ ଖବର ଦେଇ ନ ଥିଲି । ମାଆର ମୃତ୍ୟୁ ପରେ ମୋର ସ୍ତ୍ରୀ ଯିଏ କ ଏକ ଯନ୍ତ୍ରମାନବୀ ସଦୃଶ୍ୟ ଥିଲା, ଆବେଗରହିତା, ଅତ୍ୟାଧୁନକା ( ଆମ ପାରିବାରିକ ସମ୍ପର୍କ ନେଇ ଅଯଥାରେ ଚନ୍ତା କରୁନଥିଲା ଓ ନଜର ମୁଣ୍ଡ ମଧ୍ଯ ପୁରାଉ ନଥିଲା) , କେଜାଣି କେମିତି ବାପାଙ୍କୁ ଖବର ଦେଇଥିଲା । ବାପା ଓ ଭାଇ ଆସିଥିଲେ, ଯନ୍ତ୍ରଚାଳତ ପରି ମୁଁ ମୋର କର୍ତ୍ତବ୍ୟ କରିଥିଲି ସିନା, ହୃଦୟରେ ସେ ଦିଜଣକୁ ସ୍ଥାନ ଦେଇ ପାରି ନଥିଲି । ଆଜି ମୋ ବାପାଙ୍କୁ ମୁଁ ଝୁରୁଛି, ତାଙ୍କର ଗଲାପରେ । ଏ ସଦବୁଦ୍ଧି ଟିକକ ଯଦି କଛି ସମୟ ପୂର୍ବରୁ ଉଦୟ ହୋଇଥାନ୍ତା, ତେବେ ମୁଁ ମୋର ପିତା ମାତାଙ୍କୁ ଏତେ ଶୀଘ୍ର ହରାଇ ନ ଥାନ୍ତି ।

( ମୋ ପରି ନଚମନା ନ ହେବାକୁ ପାଠକ ମାନଙ୍କୁ ମୋର ବିନତ ଅନୁରୋଧ)

ମୋର ସାତବର୍ଷର ପୁଅକୁ ଧରି ମୁଁ ବୁଲୁଥିଲା ବେଳେ ଏକ୍ୟୁରିୟମ ଟିଏ ଦେଖି ମୋ ପୁଅ ଅଟକ ଗଲା । ସେ ମାଛ ମାନଙ୍କର ଖେଳ କୌତୁକରେ ମଜ୍ଜି ଯାଇଥିବା ବେଳେ ମୁଁ ହଜିଯାଇଥିଲି ମୋର ଅତୀତରେ । ମାଛମାନଙ୍କୁ ଆଜିକାଲି ଆଉ ଜୀବନ୍ତ ଜିଆ ଖାଇବା ପାଇଁ ଦିଆ ଯାଉ ନାହିଁ । ଉନ୍ନତ ଧରଣର dry food ଆସି ଯାଇଛି ବଜାରକୁ । ତେଣୁ ମାଛମାନେ ଆଉ ଗୋଟିଏ ଜିଆର ଦି ମୁଣ୍ଡ ଧରି ଦି ଗଡ଼ କରୁ ନାହାନ୍ତି । ଜିଆ ଆଉ

ପାଣିରେ ଭାସିବେନ କ ଆଉ ମରି ସଢ଼ିବେନ। ମୋର ବାପା ମଧ ଆଉ କେବେବି ଫେରିବେନ।

ମୋର ହୃଦୟ ଆନ୍ଦୋଳତ ହୋଇ ଉଠିଲା। ଚତୁର୍ଦିଗ ମୋତେ ବାପାମୟ ମନେ ହେଲା। ବାପା ମୋର ଏତେବଡ ପୁଣ୍ୟ କାମଟିଏ କରିଥିଲେ ଅଥଚ ମୁଁ କେଡ଼େ ଅମଣିଷ, କେଡ଼େ ହତଭାଗ୍ୟ। ଅନ୍ତର ମୋର ବିଳପି ଉଠିଲା,

ବାପା, ବାପା

ମୋ ପୁଅ ମୋଠାରୁ କଣ ଶିକ୍ଷା ଗ୍ରହଣ କରିବ?

ଛି! ! ଛି! ନଜ ପ୍ରତି ଘୃଣାରେ ମୁଁ ଅତିଷ୍ଠ ହୋଇ ପଡ଼ିଲି। ଅନ୍ତର୍ଦ୍ୱନ୍ଦ ରେ ଛଟପଟ ହୋଇ ମୁଁ କେତେବେଳେ ଯେ 'ତମନ୍ନା' ନାମକ ଏକ ଅନାଥାଶ୍ରମର ଫାଟକରେ ପହଞ୍ଚି ଯାଇ ଥିଲି ମୁଁ ସ୍ୱୟଂ ଜାଣି ପାରି ନଥିଲି।

ପୁଅ କାବା ହୋଇ ମୋତେ ଅନାଇଲା।

ତାକୁ କହିଲି,

ବାପା, ତୋ ପାଇଁ ଏକ ଭାଇ ନେବା।

ପୁଅ ଆନନ୍ଦରେ କୁରୁଳ ଉଠି ମୋତେ ଜଡେଇ ଧରିଲା।

ଆଶା ସାହୁ, ବସନ୍ତ ବିହାର, ନୂଆ ଦିଲ୍ଲୀ

# ଭାରତ ମାତା

ପ୍ରଫୁଲ୍ଲ କୁମାର ନାହାକ

ଅନ୍ୟାୟ- ଅନୀତି ପୋଷାକ ପିନ୍ଧି
ନୃତ୍ୟ କରୁଛି ହିଂସାର ଟୋକା,
ଭୟ କ୍ରୋଧର ବୀଭିଷିକା ମଧ୍ଯ
ଜଳୁଛି ଆଜି ମୋ ଭାରତମାତା ।
ଧର୍ମ ନାମରେ ଗ୍ଭଲିଛି ଏଠି
ବାଘ ମିରୀଗର ନାଟ,
ଗାନ୍ଧି ଆଉ ସୁବାଷଙ୍କ ବାଣୀ
ହୋଇଛି ସ୍ମୃତିପଟରୁ ବିସ୍ମୃତ ।
ସବୁଠି ଖାଲି ହାହାକାର
ଦାରିଦ୍ର୍ୟ–ବ୍ୟାଧିର ନାଦ,
ଗ୍ଭେରୀ- ନାରୀ- ଦାରୀ- ବ୍ୟଭିଗ୍ଭର
ପୁଣି
କରିଛି ମାନବିକତାକୁ ନଷ୍ଟ ।
ଶୁଭୁ ନାହିଁ ଆଉ ଗୀତାର ବଚନ
ବସୁନାହିଁ ସଞ୍ଜବେଳେ ଭାଗବତ,
କ୍ଷୁଧା ତୃଷ୍ଣାର ତାଡନା ମଧ୍ୟେ
କରୁଛି ମଣିଷ ଆର୍ତ୍ତନାଦ ।

କ୍ଷମତା ଲାଳସା, ଅର୍ଥ ପିପାସା

କରିଛି ରାଜନୀତିକୁ କବଳିତ,

ତ୍ୟାଗ, ସେବାର ଭାବନା

ହୋଇଅଛି ବିଡମ୍ବିତ ।

ଧର୍ଷଣ- କର୍ଷଣ- ଶୋଷଣର ଅନ୍ୟନାମ

ସାଜିଛି ପ୍ରେମ,

ଆଦର୍ଶ ନୈତିକତା କୋଳେ

ମିଥ୍ୟା ପ୍ରବଞ୍ଚନା ଗଢିଛି ଆପଣାର ହର୍ମ୍ୟ ।



କାନ୍ଦୁଛି ଆଜି ଧରଣୀ ମୋର

ହୋଇ ପିତୃମାତୃହରା,

କେହି କେବେ ବୁଝିଛ କରେ?

ସ୍ନେହ ମମତାର ଅମୃତଧାରା ।

ବନ୍ଦକର ଏହି ମିଥ୍ୟା ଭାଇଗୁରା

ଦ୍ୱାପରର ମହାଭାରତ,

ଶାନ୍ତି, ମୈତ୍ରୀର ଧ୍ୱଜା ତଳେ ଆଜି

ଗାଅରେ ସର୍ବେ

ଜନଗଣ ମନ ଅଧିନାୟକ, ଜାତୀୟ ସଙ୍ଗୀତର ଧାରା ॥

ଗବେଷକ, ରେଭେନ୍ସା ବିଶ୍ୱବିଦ୍ୟାଳୟ

# ସତ୍ୟର ସନ୍ଧାନେ



ପ୍ରଦେଶ କୁମାର ପ୍ରଧାନ

ସେ ଆସେ

ସେ ଆସେ ନିଶବ୍ଦ ରାତ୍ରିର

ଘନ ଅନ୍ଧକାରେ,

ସେ ଆସେ ସ୍ମୃତିର ଉଲ୍ଲସିତ

ଆନନ୍ଦ ଦିନରେ,

ମୁଁ କରେ ଅନୁଭବ ତା'ର ଉପସ୍ଥିତି

ଏକାନ୍ତ ଯନ୍ତ୍ରଣା ମୂହୁର୍ତ୍ତରେ,

ମୁଁ କରେ ପ୍ରାପ୍ତ ଶକ୍ତି

ତା'ର ଶୀତଳ ସ୍ପର୍ଷରେ

ମୁଁ ଶୁଣେ ତାର ନିଶବ୍ଦ ପଦ ଧ୍ୱନୀ

ପ୍ରତି ପ୍ରଶ୍ୱାସରେ,

ପ୍ରାରବ୍ଧରେ, ବର୍ତ୍ତମାନର ସମୟ ଚକ୍ରରେ,

ଲୁହର ପ୍ରତି ବିନ୍ଦୁ ଆଜି ମାଗେ

ଲାଭ କ୍ଷତିର ହିସାବ,

କେତେ ମୁଁ ପାଇଛି, କେତେ ହରାଇଛି

ତା'ର ବିରହେ ରହି ନିରବ,

ସାଗର ବେଳାର ବାଲୁକା ଶଯ୍ୟା

ଦିଏ କେବେ କେବେ

ମୋତେ ଶୂନ୍ୟ ଅଭିଶାପ,

ପୂର୍ଣ୍ଣତାର ସ୍ୱପ୍ନେ ଲଭିଛି

ପ୍ରତି କ୍ଷଣେ କୋଟି କୋଟି ପାପ,

ଚକ୍ଷୁ ହୁଏ ମୁଦ୍ରିତ

ଶରୀରରେ ସୃଷ୍ଟି ହୁଏ ଶିହରଣ

ଆଜି ତା'ର ପାଇଁ,

ଅଭୁଲା ଅତୀତ ଅଟେ ସେ ମୋର

ହୁଏ ବାଉଳା ତା'ର ନାମ ଗାଇ ଗାଇ,

ମାୟା ବନ୍ଧନରେ ବନ୍ଦୀ ଏ ଅନ୍ଧାରି ଜୀବନ,

ହୃଦୟ ମୋ କୋଟି ସୂର୍ଯ୍ୟ ହୁଏ ପ୍ରାପ୍ତ

ପାଇ ତା'ର ଦରଶନ,

ଶ୍ୱାସ ହୁଏ ରୁଦ୍ଧ

ନିର୍ଗତ ହୁଏ ଚତୁର୍ଦ୍ଦିଗୁ ଅଣଗୃଶ ପବନ,

ଖଣ୍ଡ ବିଖଣ୍ଡିତ ହୁଏ ବଂଶୀ

ଶୁଭେ ନାହିଁ କେବେ ଆଉ

ଅବିରତ ବାଜୁଥିବା ବଂଶୀ ସ୍ୱନ,

ତୁମ ଇଚ୍ଛା ପୂର୍ଣ୍ଣ ହେଉ ହେ ନାରାୟଣ !

ନଇଗୁଆଁ, ଅସ୍ତରଙ୍ଗ, ପୁରୀ

# ଆସ ପ୍ରିୟା ଆସ



ସତ୍ୟବ୍ରତ ପ୍ରଧାନ

ଆସ ପ୍ରିୟା ଆସ

ନିଷ୍ଠୁର ନ ହୋଇ

ଦେଖ.....

ଆଜି ବି ବଞ୍ଚିଛି

ତୁମ ହାତେ ହାତ ରଖି ଜୀବନ ଜୀଇଁବା ପାଇଁ

ଆସି ଟିକେ ଦିଅ ଛୁଇଁ

ଦେଖିବ ବଞ୍ଚିଯିବ କେତେ କାଳ ପାଇଁ ।୧।

ଆସ ପ୍ରିୟା ଆସ

ନିଷ୍ଠୁର ନ ହୋଇ

ଦେଖ....

ଆଜି ବି ମୋର ଓଷ୍ଠର ଶବ୍ଦମାନ

ଅଭିମାନୀ ହୋଇ ରହିଛନ୍ତି ଗୁହିଁ

ତୁମ କୁହୁକ ସ୍ପର୍ଶ ପାଇଁ

କରିଛନ୍ତି ପଣ – ତୁମ ସ୍ପର୍ଶରେ

ପ୍ରେମ ଗୀତଟେ ହୋଇଯିବା ପାଇଁ

ଆସି ଟିକେ ଦିଅ ଛୁଇଁ ।୨।

ଆସ ପ୍ରିୟା ଆସ

ନିଷ୍ଠୁର ନ ହୋଇ

ଦେଖ.....

ମୋ ମନର ମଧୁଭରା ନନ୍ଦିତ ସ୍ୱପ୍ନମାନ

କେମିତି ଛଟ ପଟ

ତୁମକୁ ପାଇବା ପଇଁ

ଆସି ଟିକେ ଦିଅ ଛୁଇଁ

ଦେଖିବ ନନ୍ଦିତ ସ୍ୱପ୍ନମାନ ଶାନ୍ତିରେ ଯିବେ ଯେ ଶୋଇ ।୩।

ଆସ ପ୍ରିୟା ଆସ ନିଷ୍ଠୁର ନ ହୋଇ

ଫାର୍ମାସିଷ୍ଟ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପୂଜାରୀଗୁଡ଼ା, ନବରଙ୍ଗପୁର

ଆପଣମାନେ ଲେଖିଥିବା କୌଣସି ପୁସ୍ତକ ଯଦି ବେଦାନ୍ତୀ ମାଧ୍ୟମରେ ପାଠକଙ୍କୁ ଜଣାଇବାକୁ ଚାହୁଁଛନ୍ତି ତେବେ ଆମକୁ ସଂପର୍କ କରନ୍ତୁ । ଆମକୁ ସଂପର୍କ କରିବାର ଠିକଣା ହେଲା:

vedantimagazine@gmail.com &

editor.vedantimagazine@gmail.com.

Whatsapp & Mobile: 9594993733

# ମିସ କଲ



ବିଷ୍ଣୁପ୍ରିୟା କରସୁଧା ପଟ୍ଟନାୟକ

ପ୍ରେମ ଠିକ ଗୋଲାପ ଫୁଲ ପରି ସୁନ୍ଦର ଆଉ ଲୋଭନୀୟ । ଯେତେ ସନ୍ତର୍ପଣରେ ତୋଳିବି କହିଲେ ବି କଣ୍ଟା ଚୂବି ହିଁ ହେଇଯାଏ । ଯନ୍ତ୍ରଣା ସହ ରକ୍ତ ଛୁଟି ହିଁ ଯାଏ । ହେଲେ ମନ କ ମାନେ, ଜାଣି ଶୁଣି ଧାଉଁ ଥାଏ ଗୋଲାପ ପାଖକୁ।

ତମେ ଯେବେ ନୂଆ ନୂଆ ମିସ କଲ ଦେଲ, ସେତେବେଳେ ମୁଁ ଜାଣି ପାରି ନ ଥିଲି, ତୁମ ମିସ କଲକୁ ବୁଝିବା ଶକ୍ତି ଆସି ନ ଥିଲା ଯେ, ବାରମ୍ବାର ମିସ କଲ ଚେଷ୍ଟାରେ ଦିନେ ସତରେ କଲ ହେଇଗଲା । କଥା ହେଇଥିଲୁ, କେତେ ସୁନ୍ଦର, କେତେ ନିଆରା, କେତେ ମନ୍ତ୍ର ମୁଗ୍ଧ କଥା ଯେ, ସେବଠୁ ତୁମେ ଏଯାଏଁ ଶୋଇ ପାରୁନା । ମୋ ନମ୍ବର ପାଇଲାଠୁ, ମୋ'ଠୁ ଆରମ୍ଭ ଆଉ ମୋ'ଠୁ ଶେଷ ହୁଏ ତୁମ ଦିନ ରାତି, ମୋ ପ୍ରତି ଏତେ ଭଲ ପାଇବା, ମୋତେ ଖୁବ ଆଶ୍ଚର୍ଯ୍ୟ କରିଦେଉଥିଲା, ଆଉ ଖୁବ ବେଶୀ ବ୍ୟଥିତ ବି ।

ମୋ ହୃଦୟରେ ପ୍ରେମ ଦୀପଟେ ଜାଳିବା ପାଇଁ, ନୀତି ଯେ ତମେ ଜଳୁଛ, ତାହାର କଳନା ଅନୁଭବ କରି ପାରୁ ଥିଲି । ହେଲେ ମୁଁ ନିରୁପାୟ, ..କାରଣ ମୁଁ ଜାଣିଥିଲି, ଆମେ ଜାତିରେ କରଣ, ଆଉ ତମେ ଜାତିରେ ଆଦିବାସୀ । ବଡ଼ ଅଫିସର ହେଲେ କଣ ହେଲା, ଜାତିରେ ତ ଛୋଟ । ମୁଁ ଶୁଣିଥିଲି ମୋ ସାନ ଦାଦା, ନିଜେ ପସନ୍ଦ କରି ବଙ୍ଗାଳି ଝିଅର ହାତ ଧରିଲା ଯେ, ସେ ହାତର ପଥ ଖାଲି ପଦାକୁ ନେଲା, ଘରେ ଆଉ ସେ ପାଦ ଦେଇନି।

ସେବଠୁ ଏଯାଏଁ ତା ମୁହଁ ଘର ଲୋକ ଦେଖି ନାହାନ୍ତି । ଜେଜେବାପା, ଜେଜେମା, ସାନ ଆତା ମରିଗଲେ, ଆସି ପାରିଲା ନାହିଁ । ବଡବାପାଙ୍କ ପୁଅ, ଆଉ ବଡ଼ ଆତାଙ୍କ ପୁଅ ଝିଅର ବାହାଘର ହେଲା ବି ଆସି ପାରିନାହାନ୍ତି । ଘର ଭିତରେ ତାଙ୍କ ନାଁରେ କୌଣସି ଦିନ କୌଣସି ଚର୍ଚ୍ଚା ହୁଏନ । ଜେଜେମା ପାଖେ ଶୁଣିଥିଲି ଯାହା ସେତକ । ମୋ ମା ବି କେବେ ସେମାନଙ୍କ ନାଁ ଧରନ୍ତିନ । ଜେଜେମା କହୁଥିଲେ, ଖୁଡିକ କୁଆଡେ TB ହେଇଛି, ଆଉ ବେଶି ଦିନ ବଞ୍ଚିବ ନାହିଁ । ତଥାପି ଏତେ ନିଷ୍ଠୁର ସତେ ଆମ ଘର ଲୋକ, କେହି ଗଲେନି, ଏପରିକି ଖୁଡିର ଅନ୍ତେଷ୍ଟି କ୍ରିୟାରେ ମଧ୍ୟ ଯୋଗ ଦେଇ ନାହାନ୍ତି ।

ସେଦିନ ବ୍ୟାଙ୍କରେ ହଠାତ ଦାଦା ସହ ଦେଖା ହେଇଗଲା, ଏତେ ଗହଳରେ ବି ଦାଦା ଆଖିରୁ ଲୁହ ଝରି ଯାଉଥିଲା। ଆତ୍ମୀୟ ସ୍ୱଜନଠୁ ଦୁରେଇ ରହିବାର ଯନ୍ତ୍ରଣା କୋହର ବନ୍ଧଟେ ବାନ୍ଧି ଥିଲା ଯେମିତି ..ଭାଙ୍ଗି ଗଲା ବନ୍ଧ କୋହ ସବୁ ଲୁହ ହେଇ ବହି ଯାଉଥିଲେ, ପୋଛିଦେଲି ମୋ ଛୋଟ ହାତରେ । ଦାଦା ମୋତେ ବହୁତ ଗେଲ କରିଥିଲେ। କେତେ ଟଙ୍କା ଗଣି ନାହାନ୍ତି, ପକେଟରୁ କାଢି ଗୁଞ୍ଜି ଦେଇଥିଲେ ମୋ ହାତରେ । ମନଲାଖି ଡ୍ରେସ କଣିବୁ, ଯାହା ଇଚ୍ଛା ଖାଇବୁ କହିଥିଲେ । ରୁଦ୍ଧ ଗଳାରେ ..ଘରେ ନ କହିବାକୁ କହିଥିଲେ। ମୁଁ ବି କାନ୍ଦି ପକେଇଥିଲି, ଇଚ୍ଛା ହେଉଥିଲା ଦାଦାର ହାତ ଧରି ଟାଣି ନେଆନ୍ତି ଘରକୁ, ହେଲା ଯାହା ହେବାର ଥିଲା ହେଇଗଲା। କୁହନ୍ତି, ଏବେ ତ ତାଙ୍କୁ ଆପଣେଇ ନିଅ..। କିନ୍ତୁ ଏମିତି କିଛି ବି କରି ପାରି ନ ଥିଲି । ଆଖିଭର୍ତ୍ତି ଲୁହ ନେଇ ଫେରି ଆସିଥିଲି।

ଦାଦା ଦେଇଥିବା ଟଙ୍କା ତକ ଆଣି ମୋ ଡ୍ରେସ ଅଲମିରାର ତଳ ଥାକରେ ପେପର ତଳେ ଲୁଚେଇ ରଖିଲି । କେହି ଜାଣିଲେ ଆଗେ ମାଡ଼ ଦିଅନ୍ତେ ମୋ ଗୋରା ଗାଲ ଖଣ୍ଡେ ଲାଲ ପଡି ରକ୍ତ ବହିବାକୁ ସମୟ ଲଗାନ୍ତନି ଯେ ..ଶୁଣିଥିଲି ତ ଏମିତି ଥରେ ଦାଦାଙ୍କ ସହ

କଥା ହେଉଥିଲା ବୋଲି  ବଡବାପାର ପୁଅ କେତେ ମାଡ଼ ଖାଇଥିଲା ଯେ ନାକ ଫୁଡାରୁ ଧାର ଧାର ରକ୍ତ ବୋହି ଯାଇଥିଲା । ଜେଜେମା ଚେତାଶୂନ୍ୟ ହେଲେ ବୋଲି ବଡବାପା ତାକୁ ଛାଡିଲେ ନହେଲେ ସେଦିନ ଏକା ଯମଦୂତ ସାଜିଥିଲେ ।

ସେଥିପାଇଁ ତୁମେ ମୋ ପାଇଁ ଉହଳ ବିକଳ ହେଲେ, ମୋତେ ବହୁତ କଷ୍ଟ ହୁଏ । ମୁଁ କେବେ ବି ଗ୍ରହୁଁ ନ ଥିଲି ମୋ ପାଇଁ କେହି କଷ୍ଟ ପାଉ, କାହା ଆଖିରୁ ଲୁହ ଝରୁ । ତୁମ ମେସେଜ ଅବା ମିସ କଲର ଉତ୍ତର ନ ଦେଇ ମୋ ଜାଣତରେ ହେଉ  ଅବା ଅଜାଣତରେ ହେଉ ତୁମକୁ କଷ୍ଟ ଦେଇଛି, କନ୍ତୁ ଘର ଆଉ କୁଟୁମ୍ବର ଇଚ୍ଛା ବିରୁଦ୍ଧରେ ଯାଇ କେହି ସୁଖୀ ହେଇ ନାହାନ୍ତି । କୋଉଠି ନା କୋଉଠି ଅଭିଶାପ ଲାଗି ହିଁ ଯାଏ । ଲୁଚଯାଏ ଖୁସି, ହଜିଯାଏ ହସ ଅନ୍ଧାରି ଆକାଶର ଖଣ୍ଡ ଖଣ୍ଡ କଳା ବାଦଲରେ ।

ଆଉ ମୁଁ ଦୋହରାନ୍ତି ଏମିତି ଅଶୁଳ ସମାପ୍ତି ? ସେଥିପାଇଁ ମୁଁ ଚୂପ ରହେ । କନ୍ତୁ ଆଜି ଭାବୁଛି କହିଦେବି, କହିବନ କେବେ ମୋତେ Miss କରୁଛି ବୋଲି, କଥା କଥାରେ ତମ Love you ଶବ୍ଦର ଯୋଗ୍ୟ ମୁଁ ନୁହେଁ ବୋଲି । କହିଦେବି ଆଜି, ଆଉ କେବେ ମୋତେ Miss Call କରିବନ ବୋଲି ।

ଶିକ୍ଷୟିତ୍ରୀ, ଡାବୁଗାଁ ବ୍ଲକ
ଗ୍ରା/ ପୋ ନବରଙ୍ଗପୁର, ଜିଲ୍ଲା- ନବରଙ୍ଗପୁର

"ପଢନ୍ତୁ ଏବଂ ପଢାନ୍ତୁ ବେଦାନ୍ତୀ"

# ଶବ୍ଦ



ରିଙ୍କୁ ଦଳାଇ

ଶବ୍ଦ ଗଢ଼ି ଦିଏ କେବେ ସ୍ମୃତିର ସୌଧ
ପୁଣି ଭଙ୍ଗି ଦିଏ କେବେ ସ୍ୱପ୍ନର ବାଲିଘର
ଶବ୍ଦ ପୁଣି ଆଣି ଦିଏ ଆନ୍ଦୋଳତ ମାନସିକତାର ମୁକ୍ତ ଉପହାର..
ଶବ୍ଦ ହୋଇପାରେ ଜହ୍ନ ଆଲୁଅରେ
ପ୍ରେମିକାର ହାତଲେଖା ଅଧା ଚଠି
ଶବ୍ଦ ପୁଣି ହୋଇପାରେ ମଧୁ ଚନ୍ଦ୍ରମାର ର୍‌ତି
ଆଉ ବିନୟୀ ପ୍ରିୟାର କଜ୍ଜ୍ୱଳ ପୂରିତ ଆଖି୍
ସେଇ ଶବ୍ଦ ପୁଣି କେବେ ପାଲଟିଯାଏ
ରକ୍ତିମ ଜୁଆରର ରକ୍ତ ଭିଜା ଛାତି.....
ଏଇ ଶବ୍ଦ ଖେଳେ ନଜ ସାଥେ ନଜର ଲୁଚକାଳ
ପୁଣି କେବେ ସାଦା ପୃଷ୍ଠାରେ
ଆଙ୍କିଦିଏ ନଜର ଅସ୍ତିତ୍ୱ ଅତୀତ, ବର୍ତ୍ତମାନ, ଭବିଷ୍ୟତ ପାଇଁ
ଶେଷରେ ସବୁ ଶବ୍ଦ ନଶବ୍ଦ ହୋଇଯାଏ
ଆଞ୍ଜୁଳାଏ ଧୂଆଁ ଆଉ ମୁଠାଏ ପାଉଁଶ ହୋଇ.....

ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ, ପୁରୀ

# ଚରସାଥୀ



ରାଜେଶ ପୂଜାରୀ

ଧରାପୃଷ୍ଠେ ପ୍ରେମୀ ଅଛନ୍ତି ହଜାର
ପ୍ରେମରେ ଦୀକ୍ଷିତ ସର୍ବ ଚରାଚର
ପ୍ରେମ ତ ଜୀବନାୟନର ଆଧାର
ଶ୍ରଦ୍ଧା ସାରଙ୍ଗୀର ମଧୁର ଝଙ୍କାର।

କନ୍ତୁ ଏହି ପ୍ରେମ ନୁହେଁ ଚରସ୍ଥାୟୀ
କେବେ କେଉଁ ମୋଡ଼ ଜାଣି ତ ନୁହଁଇ
କେବେ ଯେ ବିଶ୍ୱାସ କେବେ ଅବିଶ୍ୱାସ
ମାପି ହୁଏ ନାହିଁ ଏହାର ଆୟୁଷ !

ସଭିଏଁ ଏଠାରେ ହୋଇଣ ସ୍ୱାର୍ଥାନ୍ଧ
ନବୁଝି ବିଗୁରି ଆଦୌ ଭଲ ମନ୍ଦ
ଆଖି ଥାଉ ଥାଉ ହୋଇଥାନ୍ତି ଅନ୍ଧ
ପଛନ୍ତରେ ପଶ୍ଚାତାପେ ପଛେ ଧନ୍ଦ।

ହେଲେ ଜନ୍ମଭୂମି ପୀରତି ଅସର୍‌

ଏକା ସଚ୍ଚାପ୍ରେମୀ ଜଗତରେ ପର୍‌

କେବଳ ଅର୍ପଣ ପ୍ରକୃତି ତାହାର

ତା'ଗୁଣ ଗାରିମା ନାହିଁ ପଟାନ୍ତର।

ଏନ୍ତୁଡ଼ିଶାଳରୁ ଶମଶାନ ଯାଏ

ସିଏ ଚରସାଥୀ ହୋଇ ରହିଥାଏ

ତଥାପି ହୁଅଇ ସେ ହେୟର ପାତ୍ର

ଏ ପ୍ରାଣୀ ସମାଜ କେତେ ଯେ ବିଚତ୍ର।

କୁଶମେଲ, ଝାରସୁଗୁଡା

"ବେଦାନ୍ତୀ" ରେ ନଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାର୍‌ ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ମୁଁ ହଜି ଯାଇଚ, କେହି କୋଉଠି ଦେଖିଚ କି ମତେ?



ରଶ୍ମି ମିଶ୍ର

କେହି ଜଣେ
ମୋ ପରି ମୋ ଘରେ
ମୋ ଅନୁପସ୍ଥିତିରେ
ମୋ ଯାଗା ନେଇ ଯାଇଚ,
ନିରେଖି ଦେଖିଲି ତାକୁ
ମୁହଁ ରେ ଚନ୍ତାର ରେଖା
କାନ୍ଧରେ ଦାୟିତ୍ୱ ର ବୋଝ
ହାତ ଗୋଡ ରେ
ଅନୁଶାସନ ର ଶିକୁଳ,
ଆଖିରେ ଖୋଜିଲା ଖୋଜିଲା ଭାବ
ଓଠରେ ରଙ୍ଗମଖା ହସ ।
ମୋତେ ଗୁହିଁ ହସି କହିଲା
କାହାକୁ ଖୋଜୁଚୁ,
ନିଜକୁ ? ?
"ତୁ" କେବେ "ତୁ" ହୋଇଥିଲି ଯେ
ଏବେ ନିଜକୁ ଖୋଜୁଚୁ?

ଏଣ୍ଡୁଅ ଭଳ

ପରିସ୍ଥିତି ଦେଖି

ରଙ୍ଗ ବଦଳେଇ ଗ୍ଲିବୁ,

ଖୁବ୍ ସଉକ ଥିଲ୍ ନା

ବଡ ହେବାକୁ,

ସମସ୍ତଙ୍କ ପାଇଁ ଭଲ ହେବାକୁ,

ଏତେ ସହଜ ନୁହେଁ ବଡ ହେବା,

ଜାଣିନୁ କ?

ଡେଙ୍ଗା ମୁଣ୍ଡରେ ଠେଙ୍ଗା ।

ସତରେ ତ !

ନଜକୁ ନଜ ଭିତରେ

ଅନ୍ଧାର ରେ ରଖି

ମୁଁ ନଜକୁ ଖୋଜୁଛି

ଶୁଣ ହୋ,

ମୁଁ ଆଉ ନଖୋଜ ନୁହେଁ,

ସନ୍ଧାନ ପାଇଚ

ମୋ ଭିତରେ ଥିବା "ମୁଁ" ର

ମୁଁ ଏବେ  ଭଲ ନୁହେଁ କ ଖରାପ ନୁହେଁ,

ବଡ ନୁହେଁ କ ସାନ ନୁହେଁ,

ମୁଁ ଏବେ କେବଳ "ମୁଁ" ଟିଏ ॥



ଭୂବନେଶ୍ୱର

# ଭିକାରୀ



ପରମିତା ମିଶ୍ର

ର୍‌ତି ପାହିଲେ ଗୋଟିଏ ଚନ୍ତା, ଘର ଖର୍ଚ୍ଚ। ମାଆ, ପୁଅ କୁ ଟଙ୍କା ଛଡା ଆଉ କଛି ଦିଶୁନ। ତା ଉପରେ ଶଶୁର ପୁଅ ସେ ଶଳା ଟା ବି ଏଇଠି ପଡି ରହୁଛି। ନା ସେ ଘରକୁ କଛି ଦେଉଛି ନା ଏଠୁ ଯାଉଛି। ରବିବାର ର୍‌ତି ନ ପାହୁଣୁ ଶ୍ରୀମତୀ ଙ୍କ ର ବର୍‌ଦ ହେଇଗଲାଣି, ଭ୍‌ଇ ତାଙ୍କର ମାଗୁର ମାଛ ଭଜା ଖାଇବ ଆଉ ପୁଅ ଗୁଣମଣି ମାଉଁସ କସା। ମାସ ଶେଷ ହେବାକୁ ଆସିଲାଣି। ପକେଟରେ ଅଛି ଟଙ୍କା ୩୦୦୦ ହଜାର ସେଥିରେ କେତେ ଖାଉଛ ଖା ଆଉ କେତେ ବଞ୍ଚାଉଚ ବଞ୍ଚା।

ହରି ଗ୍ଲୁ ଗ୍ଲୁ ଧୀର ବାବୁ ଙ୍କୁ କହୁଥିଲେ। ଧୀର ବାବୁ ବି ପାଳଆ ଧରିଲେ ଖର୍ଚ୍ଚ କୁହନ୍ତୁନ, ଆହୁରି ଦଶହର୍‌ ଆସୁଚ କଣ ଯେ କରିବା। ବୁଝିଲ ହେବ ବଡ ଗ୍ଳକରି କର ନୋହିଲେ ବେପାର କର। ଏ ମଝିମଝିଆ ଗ୍ଳକରି ରେ ମାସ ଶେଷରେ ମଣିଷ ର ଅବସ୍ଥା ଭିକାରି ସହ ସମାନ।

ସାହି ଆଗରେ ଭିକାରୀ ଟିଏ ରଡି ପକଉଥିଲା, କଛି ଟିକେ ଦିଅ ବାବୁ, ଦୁଇ ଦିନ ହେଲା ଖାଇନ ବାବୁ, ତମେ 10 ଟଙ୍କା ଦିଅ ଉପରବାଲା ତମକୁ 10 ହଜାର ଦେବ।

ଧିର ବାବୁ କହିଲେ ଆମର ଏତେ ଟଙ୍କା ଥାଇ ବି ଏ ଅବସ୍ଥା ହେଉଛି କେଜାଣି ଏ ଭିକାରୀ ଗୁଡା କେମିତି ଯେ ଚଳୁଥିବେ! ଦେଖେ ପକେଟ ରେ କଛି ଖୁଚୁରା ଅଛି କ, ନା ମୋ ପାଖରେ ତ ନାହିଁ, ତୁମ ପାଖେ ଅଛି କହୋ ହରି ବାବୁ ଦେଖିଲ। ହରି ବାବୁ ବି ଦେଖିଲେ ନା କଛି ନାହିଁ। ହରି ବାବୁ "ଛାଡ ପରେ ଦେଖିବା" କହି ଆଗକୁ ଯାଉଥିଲେ କ ଭିକାରି ପଛରୁ ଡାକ ଛାଡିଲା - ବାବୁ ଓ ବାବୁ କେତେ ଖୁଚୁରା ଦରକାର କୁହ ମୁ ଦେବି। ହରି ବାବୁ - ନା ରେ ତୋ ପାଖେ ହବନ। ତଥାପି ସେ ପୁଣି କହିଲା ବାବୁ ମୁଁ ଦେବି ପରା କହୁଛି। କୌତୁହଳରେ ହରି ବାବୁ କହିଲେ ଆଚ୍ଛା, କେତେ ଏମିତି ଦେଇ ପାରିବୁ କହିଲୁ। ଭିକାରି କହିଲା ତମେ କହୁନ କେତେ ଦରକାର।ହରି ବାବୁ ପକେଟରୁ 500 ଟଙ୍କିଆ 5ଟା ପୁଣି ଗ୍ରେରି ପକେଟରୁ ଆଉ କଛି ୨ଟା ୨ହଜାର ଟଙ୍କା ବାହାର କଲେ। ସେ ଭାବିଲେ ଭିକାରି ମନା କରିଦେବ, କନ୍ତୁ ଭିକାରି ବି ଗୋଡ ତଳୁ ୧୦, ୫୦, ୧୦୦ ଟଙ୍କିଆ ୩ଟା ବିଡା ବାହାର କରି ପଚାରିଲା ବାବୁ କୋଉଟା ନେବ। ହରି ବାବୁ ଙ୍କ ନଜର ଭିକାରି ର ଗୋଡ ତଳେ ଥିବା 2ହଜାର ଆଉ 500 ଟଙ୍କିଆ ବିଡା ଉପରେ ବି ପଡିଲା। କଣ ଆଉ କହିବେ। ୫୦୦ ଟଙ୍କା ର ଖୁଚରା ଦେ କହିଲେ। ଭିକାରି ୪୯୦ ଟଙ୍କା ଫେରେଇଲା।

ଧିର ବାବୁ ଓ ହରି ବାବୁ ପରସ୍ପର ର ମୁହଁ କୁ ଚାହିଁ ଚୁହିଁ ହେଲେ। ମନେ ପଡିଲା ଟିକେ ସମୟ ତଳେ କହୁଥିବା କଛି କଥା । ଧିର ବାବୁ କହିଲେ, ବନ୍ଧୁ ବୁଝିଥା ଏଥର ଭିକାରୀ କଏ। ଦୁହେଁ ଚୁପ୍ ଚାପ୍ ବଜାର ଆଡ଼େ ମୁହାଁଇଲେ।

ଆତ୍ମପୁଆ , ବ୍ରହ୍ମପୁର- ୧୦
paramita310@gmail.com

# ତିହାରର ରଜା



ଶଙ୍ଖସିନ୍ଧୁ ପୁରୋହିତ

ତିହାର ତ ତିହାର

ଫେର ତିହାରର ରଜା

ଆସି ହେଲ୍‌ନ ଠିଆ

ଘରେ ଘରେ ପୁରେ ପୁରେ

ହଁସି, ଖୁସି ଉସନାକ

ସଭେଁ ମାରୁଛନ୍ତି ମଜା ॥

ଘରୁ ଦୂରିଆ ରହୁଥିଲେ ଯିଏ,

ଆସିଗଲେନ ଘରକେ ।

ବିଦେଶୁ ପୁଓ ଆସିଛେ ବୋଲି,

କେନତା ଦିଶୁଛେ?

ଦେଖ ଘାଏ, ତାର୍ ମାଁର୍ ମୁହୁଁକେ

ପହ ଦହନୁ ଘରର ମୁଖିଆ,

ଗାଧିପାଧି କରି ଗଲ୍‌ନ ସେ ଖେତକେ ।

ପୂଜା ଧଜା କରି ଧାନକେଂଡେ ଧରି,

ଆସବେ ପଲେଇ ଘରକେ ॥



ଝାଁକର୍ ବୁଢା ଦେଲାନ ରଡି
ପୂଜା ସାଜୋ ଦିଅ,
ନୂଆଁ ଲାଗବେ ।
ଗାଁର ଇଷ୍ଟ ଦେବୀ ମା ମାଉଲୀ
ତାପରେଁ ସଭେଁ
ଗୁଟେନେ ବସି ନୂଆଁ ଖାଏମା
ଜୁହାର୍ ହେମା,
ଭେଟ- ଘାଟ ହେଇ
ନାଚ ଡେଗିକରି ଉସତ ହେମା,
ସୁଭେଁ ସାଭେଁ ଯାଉ ଇ ବଛର ବୋଲି
ମା ସମଲେଇ କେ ବୀନତି କରି
ଫେର୍ ଆର ନୁଆଁଖାଇକେ
ବାଟ୍ ଦେଖିଥିଲା ।

ବଡାଲି, ପୋ- ଉଲୁଣ୍ଡା, ଜିଲ୍ଲା- ସୁବର୍ଣ୍ଣପୁର, ଓଡିଶା

ଚଳନ୍ତ ସଂସ୍କରଣରେ ଯଦି କୌଣସି ତୃଟି ଥାଏ, ସେଥିପାଇଁ ଆମେ କ୍ଷମାପ୍ରାର୍ଥୀ ଏବଂ ଆମର ଚେଷ୍ଟା ରହିବ ଆଗକୁ "ବେଦାନ୍ତୀ"କୁ ଉନ୍ନତରୁ ଉନ୍ନତତର କରି ଆପଣଙ୍କ ଆଗରେ ପ୍ରସ୍ତୁତ କରିବା । ସେଥିପାଇଁ ଆପଣମାନଙ୍କ ସହଯୋଗ କାମନାପାର୍ଥୀ ।

# ଶ୍ରାବଣ ଓ ପ୍ରିୟା



ସାଗର ପ୍ରଧାନ

ଶ୍ରାବଣ ଟା ସିନା ଫେରିତ ଆସିଲ୍
ଫେରିଲନ ତୁମେ ପ୍ରିୟା
ବରଷା ଛିଟା ମୋ ଦେହରେ ବାଜିଲେ
ମନେ ପଡେ ତୁମ ଛୁଆଁ।

ତୁମେ ଯେଉଁ ଦିନ ବାଟ ଭଙ୍ଗି ଦେଇ
ନଜ ପଥେ ଗଲ ଗୃଲି
ସେହିଦିନ ଠାରୁ ବର୍ଷାରେ ଭିଯିବା
ମନରୁ ଯାଇଛି ଭୁଲି।

ମନେ ପଡେ ଆଜି ବର୍ଷା ଭିଜା ସ୍ମୃତି
କୁହୁଳ ଉଠଇ ଧୂଆଁ
ପୁରୁଣା ଅତୀତ ଉଙ୍କି ମାରେ ସବୁ
ଲଗାଏ ହୃଦୟେ ନଆଁ।

ଶ୍ରାବଣ ର ଧାର୍ ଲିଭଇ ଦେଇଛି
ବନରେ ଲାଗିବା ନଆଁ
ମୋ ମନର ନଆଁ ଜାଳ ଦିଏ ମୋତେ
ସହି ହେଉନାହିଁ ପ୍ରିୟା।

ପଦାଦିଗି, ଗଞ୍ଜାମ

# ପ୍ରତିଶ୍ରୁତି



ପ୍ରକାଶ ଚନ୍ଦ୍ର ପଣ୍ଡା

ସନ୍ଧ୍ୟା ସମୟ, ରାସ୍ତାରେ ଚାଲିଚାଲି କୁଆଡେ ସେ ଯାଉଛନ୍ତି ସେ ନିଜେ ବି ଜାଣି ନାହାନ୍ତି । ଖରାଦିନ, ଅଫିସରୁ ଫେରିଲା ପରେ ଟିକେ ବୁଲି ଆସିଲେ ହାଲକା ଲାଗେ । ତା ପରେ ଅଫିସ୍ ରେ ଆଜିକାଲି ବହୁତ କାମ । ସରକାରୀ ଅଫିସ୍, କାମ ବହୁତ, ଆବଶ୍ୟକ ଲୋକ କମ । ଏସବୁ କଥା ଭାବୁ ଭାବୁ ବହୁତ ବାଟ ଆସିଲେଣି ଜିବନବାବୁ । ହଠାତ୍ ତାଙ୍କ ଆଖି ପଡିଲା ଜଣେ ବୃଦ୍ଧ ବ୍ୟକ୍ତିଙ୍କ ଉପରେ । ବୟସରେ ଅପରାହ୍ନରେ ପଦାର୍ପଣ କରିଛନ୍ତି ସେ । ବୋଧହୁଏ ସଂଧ୍ୟା ଭ୍ରମଣ ରେ ସେ ଆସିଛନ୍ତି । ଆଗେଇ ଚାଲିଲେ ଜିବନବାବୁ । ମନରେ ଅନେକ ପ୍ରଶ୍ନ । ରାସ୍ତାର ଦୁଇକଡରେ ଗଛଗୁଡିକ ମୁଣ୍ଡ ଟେକ ଛିଡା ହୋଇଛି କେଉଁ ଅନାଦି କାଳରୁ, କଳା ମଚମଚ ପିଚୁ ରାସ୍ତାର ଦୁଇ କଡରେ । ଏଇ ରାସ୍ତାରେ ସାଙ୍ଗ ମାନଙ୍କ ସହ କେତେ ଦଉଡ ବାଜି ସେ ଲଗାଇଛନ୍ତି । ଅବଶ୍ୟ ରାସ୍ତାରେ ଏହା ଭିତରେ ବହୁତ ଥର ନବକଳେବର ହୋଇଛି । ଭୁଲିହେବନି ସେ ପିଲାଦିନକୁ, ସାଙ୍ଗମାନେ ବି କିଏ କୁଆଡେ ଚାଲିଗଲେଣି । କେବଳ ତାଙ୍କର ପ୍ରିୟ ସାଙ୍ଗ ସାଗର ସହ ଦେଖା ହେଉଛି । ଆଜିକାଲି ସମାଜରେ ସେ ସାଗର ବାବୁ ଭାବେ ପରିଚତ । କାହିଁ କେତେ ସମ୍ପତି ତାହାର ହିସାବ ନାହିଁ ।

ଏବେ କିଛି ଦିନ ହେବ ସାଗର ଆଉ ଆଗପରି ମିଶୁନାହିଁ । ହଁ ବଡଲୋକଆ କଥା ସବୁବେଳ କଣ ସମାନ ଅଛି । ସମୟରେ ପରିବର୍ତ୍ତନ ହେଉଛି । ସେ ବା କାହିଁ ଅଲଗା ହେବ । ଚାଲି ଚାଲି ବହୁତ ବାଟ ଆସିଲେଣି ସେ । ଏବେ ତାଙ୍କୁ ଫେରିବାକୁ ପଡିବ । ଘରେ

ସିଆଡେ ସହଧର୍ମିଣୀ ଅପେକ୍ଷା କରିଥିବେ । ବହୁତ ବିଳମ୍ବ ହେଲାଣି । ଡେରି ହେଲେ ପାଟିବି ଶୁଣିପାରନ୍ତି । ହଁ, ମ ଏଇଟା କୋଉ ନୂଆକଥା କ । ମୁଁ ତ ଭାବୁଛି ସାମରିକ ବାହିନୀ ର ମୁଖ୍ୟ ଯିଏ ସେ ବି ତାଙ୍କ ସ୍ତ୍ରୀଙ୍କୁ ଡରୁଥିବେ । ଡରିବେନ, ତାଙ୍କ ହାତର ଝାଡୁକୁ କିଏ ବା ନ ଡରିବ । ବରଂ ଭୀମଙ୍କ ଗଦାକୁ ଡରିବେନ, କିନ୍ତୁ ତାଙ୍କୁ ସବୁ । ଅବଶ୍ୟ ତାଙ୍କ ସ୍ତ୍ରୀ ଏତେ ଖରାପ ନୁହେଁ । ଏକଥା ଭାବି ଭାବି ସେ ଆସି ପହଞ୍ଚିଗଲେ ଘର ପାଖରେ । ଥକ୍କା ହୋଇ ବସି ପଡିଲେ ସୋଫା ଉପରେ । ଡାକଲେ ପ୍ରଭାତି, ଟିକେ ପାଣି ଆଣିଲ....

ଏଇ ସମୟରେ ପଶିଆସିଲେ ତାଙ୍କ ସ୍ତ୍ରୀ, ହାତରେ ଝାଡୁ । ଡରିଗଲେ ଜିବନବାବୁ, ଚୁପ୍ ଚାପ୍ ଛିଡା ହେଇଗଲେ । ଏହି ସମୟରେ କିଛି କହିବା ପୂର୍ବରୁ ପ୍ରଭାତୀ ଘର ଓଳେଇବାକୁ ଆରମ୍ଭ କଲେ – କହିଲେ ଚା ଆଣୁଛି । କୁଆଡେ ଯାଇଥିଲ ।

ମନେ ମନେ କହୁଥିଲେ ମଣିଷ ବଞ୍ଚିଗଲା । ପ୍ରଭାତି ପଚାରିଲେ କିଛି କହିଲ କି? ନାଁ ନାଁ ତୁମେ ଚା ଆଣ । ଆଜିକାଲି ଜିବନବାବୁଙ୍କ ର ଜୀବନର ଗତିଧାରା ଯେମିତି ବଦଳ ଯାଉଛି । କଥାରେ ଅଛି ଯାହା ପୁଅକୁ ସାପ କାମୁଡିଥାଏ, ତା ମା ପାଳ ଦଉଡି ଦେଖି ଡରେ । ସେହିଭଳି ଘଟଣା ଘଟିଛି ଜିବନବାବୁଙ୍କ କ୍ଷେତ୍ରରେ । ଏହା ଭିତରେ ହାତରେ ଚାହା ଧରି ପ୍ରଭାତି ଦୂରରୁ ଦେଖୁଥାଆନ୍ତି ଜିବନବାବୁଙ୍କୁ । ଏ ସେଇ ଜିବନ ନା ଯାହାଙ୍କୁ ସେ ଭଲପାଇ ବିବାହ କରିଥିଲେ । ଯାହାକୁ ଭଲପାଆନ୍ତି ନିଜ ଜୀବନ ଠୁ ବେଶି । ସେ ଦିନର ସେ ଥଟ୍ଟା ମଜା କରୁଥିବା ଜିବନ ଓ ଆଜିର ଜିବନ ଭିତରେ କେତେ ଫରକ । ଯେମିତି ମତେ ଲାଗୁଛି ଜିବନ କିଛି ଲୁଚାଉଛନ୍ତି । ନାଁ, ସନ୍ଦେହ କରିବିନି । ଯାହା କଲେବି ଜିବନକୁ ମୁଁ ଭଲପାଏ । ଚାହା ଥୋଇ ଦେଇ କହିଲେ, ଜିବନ ଚାହା ନିଅ । ମିଛଟାରେ ଖବରକାଗଜ ଟି ଉପରେ ଆଖି ରଖି ଜିବନ କିନ୍ତୁ ଭାବୁଥାନ୍ତି ତାଙ୍କ ପ୍ରଭାତିଙ୍କୁ ଦେଇଥିବା ପ୍ରତିଶ୍ରୁତି କଥା ।

ଏବେ ଆଉ ପ୍ରଭାତି ଆଗ ଭଳ ଜିଦ୍ କରୁନାହାନ୍ତି । ତଥାପି ଜିବନ କଥା ଦେଇଛନ୍ତି ମାନେ ନିଶ୍ଚୟ ରଖିବେ । ବିବାହ ପରେ ପ୍ରଭାତି ଆଉ କିଛି ମାଗି ନାହାନ୍ତି । କେବଳ ଥରେ ଗୋଟିଏ ଚୁନା ଚେନ୍ ମାଗିଥିଲେ । ଜିବନ ହସିଦେଇ କହିଥିଲେ, ହଁ ନିଶ୍ଚୟ ଦେବି । ସେଦିନର ପ୍ରତିଶୃତି ସେଇ ପ୍ରତିଶୃତି ହୋଇ ରହିଗଲା । ଅବଶ୍ୟ ସେ ଦେଇଥିବା କଥାକୁ ଏବେବି ଭୁଲି ନାହାନ୍ତି । ସାମାନ୍ୟ କିରାଣୀ ଚାକିରିରେ ସଂସାର ଚଳେଇବା ଭାରି କଷ୍ଟ । ତେବେ ସେ ଦେଇଥିବା ପ୍ରତିଶ୍ରୁତି କଣ ସେମିତି ରହିଯିବ । ନାଁ, କିଛି କରିବାକୁ ପଡିବ । କଥାରେ ଅଛି ଇଚ୍ଛା ଥିଲେ ଉପାୟ ଆପେ ଆପେ ଆସେ । ନେପୋଲିୟନଙ୍କ ଭାଷାରେ ଅସମ୍ଭବ ଗୋଟେ ଶବ୍ଦ ମୁଁ ମୋ ଭାଷାକୋଷରେ ରଖିନାହିଁ । ଜିବନବାବୁ ଭାବିଲେ, ନିଜର ସୀମିତ ରୋଜଗାର ଭିତରେ ଏହା ସମ୍ଭବ ନୁହେଁ । ମୋତେ କିଛି ଅଲଗା କାମ କରିବାକୁ ପଡିବ । ଦେଖିବା, ସଂଧ୍ୟା ସମୟରେ କିଛି ସମୟ ଦେଇ କିଛି ଅଧିକ ରୋଜଗାର କରି ପ୍ରଭାତିଙ୍କୁ ଦେଇଥିବା କଥା ରଖିବାକୁ ପଡିବ ।

ସେଦିନ ଅଫିସ୍ ଫେରିବା ରାସ୍ତାରେ ନଜର ପଡିଗଲା ଗୋଟିଏ ବିଜ୍ଞାପନ ଉପରେ । ଲେଖାଥିଲା, କିଛି ସମୟ ଦେଇ ମାସିକ ଦରମା ୧୦ ହଜାର ରୁ ୧୫ ହଜାର ରୋଜଗାର କରନ୍ତୁ । ବିଜ୍ଞାପନର ନିମ୍ନଭାଗରେ ଯୋଗାଯୋଗ କରିବାକୁ ଦୁରଭାଷ ର ସଂଖ୍ୟା ପ୍ରଦତ୍ତ ଥିଲା । କାଳବିଳମ୍ବ ନକରି ଜିବନବାବୁ ପକେଟରୁ ମୋବାଇଲ ବାହାର କରି କଥାହେଲେ । କଥା ହେବା ସମୟରେ ତାଙ୍କ ମୁଖମଣ୍ଡଳରୁ ସେ ଭାରି ଖୁସି ଥିଲାଭଳି ଜଣାପଡୁଥିଲେ । ତା ପରେ ସିଧା ସିଧା ଘରକୁ ଫେରିଲେ । ଘରେ ପହଞ୍ଚିବା ପରେ ଖୁବ୍ ଜୋରରେ ଡାକ ପକେଇଲେ – ପ୍ରଭାତି, ଚାହା ଆଣ । ସବୁଦିନ ଅଫିସ୍ ରୁ ଫେରି ଜିବନବାବୁ ଚାହା ପିଅନ୍ତି । ଆଜି ଏତେ ଖୁସି କଣ ବୁଝି ପାରିଲେନି ପ୍ରଭାତି । ହଁ ନେଉଛି କହି ଟିକେ ଚିନ୍ତା କଲେ କଥା କଣ, ଆଜି କାହିଁକି ଜିବନ ଭାରି ଖୁସି । ସହଜରେ ଗ୍ରହଣକରି ପାରିଲେନି ପ୍ରଭାତି । ସମୟ

ଦେଖି ପଚାରିନେବେ । ଏପଟେ ଜିବନବାବୁ ଖୁବ୍ ସତର୍କରେ କାମ କରିବାକୁ ଲାଗିଯିବେ ଯେମିତିକ କେହିବି ଜାଣିପାରିବେନ ।

ସତରେ ପ୍ରତିଭାଙ୍କୁ ସେ ଭାରି ଭଲ ପାଆନ୍ତି । କଛି ଦିନ ପରିଶ୍ରମ ହେଉ ପଛେ ସଂଧ୍ୟା ସମୟରେ ବୁଲିଯିବା ବାହାନାରେ କାମ କରି କଛି ପଇସା ରୋଜଗାର କରି ପ୍ରତିଭା ପାଇଁ ଗୋଟେ ହାର କଣିବେ । ଆଜି ଯାଇ ଦେଖାକରି ଆସି କାଲିଠାରୁ କାମ ଆରମ୍ଭ କରିଦେବେ । ହଁ, କଥାରେ ଅଛି, ଶୁଭସ୍ୟ ଶିଘ୍ରମ୍ । ହାତରେ ଗୁହା ଧରି ପହଞ୍ଚିଗଲେ ସହଧର୍ମିଣୀ । ଗୁହାଟିକୁ ଖୁବ୍ ଶୀଘ୍ର ପିଇଦେଇ ପହଞ୍ଚିଗଲେ ଠିକ୍ ଜାଗାରେ । ମାଲିକ ପାଖରୁ କାମ ବିଷୟରେ ବୁଝିନେଲେ । କାମ ଆରମ୍ଭ କରିବା ପୂର୍ବରୁ ମାଲିକକୁ ଅନୁରୋଧ କରି କହିଲେ ମୁଁ ଏଠାରେ କାମ କରୁଥିବା ବିଷୟରେ କାହାକୁ ନ ଜଣେଇବା ପାଇଁ । କାହିଁକ କେଜାଣି ଜିବନବାବୁଙ୍କର ସରଳ ବ୍ୟବହାର ଓ କେଇପଦ କଥାରେ ମାଲିକ ରାଜି ହୋଇଗଲେ । ଠିକ୍ ଅଛି ଜିବନବାବୁ, ମୁଁ ଆପଣଙ୍କକଥା ନଶ୍ଚୟ ରଖିବି । କନ୍ତୁ ବୁଝି ପାରୁନ ଜଣେଇଲେ ଅସୁବିଧା କଣ । ମାଲିକଙ୍କୁ ଅନୁରୋଧ କରି ଜିବନବାବୁ କହିଲେ, ମୁଁ ଆପଣଙ୍କୁ ପରେ କହିବି ।

ଏହା ଭିତରେ ବିତିଯାଇଛି ବହୁତ ଦିନ, ପାଖାପାଖି ଛ, ସାତ ମାସ ହେବ । ଦିନ ପରେ ଦିନ ଗଡି ଚାଲିଛି । ଜିବନବାବୁ ସବୁ କଥା ମାଲିକଙ୍କୁ ଜଣେଇ ଦେଇଛନ୍ତି । ଜିବନବାବୁଙ୍କର ତାଙ୍କ ସ୍ତ୍ରୀ ପ୍ରତି ଥିବା ଭଲପାଇବା ବିଷୟରେ ଜାଣି ମାଲିକଙ୍କର ଆଖିରେ ଲୁହ ଆସିଗଲା । ଆଜିର ଏ ମିଛମାୟା ସଂସାରରେ ଜିବନବାବୁଙ୍କ ଭଳ ଲୋକ ବିରଳ ।

ହଠାତ୍ ଦିନେ ଜିବନବାବୁ ଆଉ ଆସିଲେ ନାହିଁ । ଦିନେ ଦୁଇ ଦିନ କଟିଗଲା । କଥାକଣ – ମାଲିକଙ୍କ ମନରେ ବିଭିନ୍ନ ପ୍ରଶ୍ନ ଉଙ୍କି ମାରିଲା । ଅସୁସ୍ଥ ଅବସ୍ଥାରେ ବିଛଣାରେ ପଡି

ରହିଥାନ୍ତି ଜିବନବାବୁ । ପାଖରେ ବସି ରହିଥାନ୍ତି ସହଧର୍ମିଣୀ ପ୍ରତିଭା । ମନେ ମନେ ସ୍ୱାମୀଙ୍କୁ ଭଲ କରିବାରେ ଲାଗିପଡିଛନ୍ତି ସେ । ଏବେ ଧୀରେ ଧୀରେ ସୁସ୍ଥ ହୋଇଗଲେଣି ଜିବନବାବୁ । ହସ୍ପିଟାଲର ବିଛଣା ଉପରେ ବସି ଗୁହିଁଥାନ୍ତି ପ୍ରତିଭା ଆଡକୁ । କହିଲେ ପ୍ରତିଭା ତୁମକୁ ଦେଇଥିବା କଥା ମୁଁ ରଖିପାରିଲିନ । ଆଖିରୁ ବହିଯାଉଥିଲା ଭଲପାଇବାର ଲୋତକ । ଏହି ସମୟରେ କବାଟ ପାଖରେ ସବୁ ଶୁଣୁଥିବା ମାଲିକ ଜଣକ ଏ ସମୟକୁ ହାତଛଡା ନ କରି କହିଲେ – ଜିବନ ବାବୁ, ମୁଁ ଭିତରକୁ ଆସି ପାରେକି? ପକେଟରୁ ସୁନାହାରଟିକୁ କାଢି ଜିବନ ବାବୁଙ୍କ ହାତକୁ ବଢେଇ ଦେଲେ । କହିଲେ ନଅନ୍ତୁ ଜିବନବାବୁ, ପ୍ରତିଭା ମାଡମଙ୍କ ବେକରେ ପିନ୍ଧାଇ ଦେଇ ଆପଣଙ୍କ ପ୍ରତିଶୃତି ରକ୍ଷା କରନ୍ତୁ । ମାଲିକଙ୍କ ଆଖିରେ ଲୁହ ଆସିଗଲା । ପକେଟରୁ ରୁମାଲ ବାହାର କରି ପୋଛି ବାହାରକୁ ଗ୍ଲଲିଗଲେ ।

ଏହି ସମୟରେ ପ୍ରତିଭା ଶ୍ୱାସରୁଦ୍ଧ କଣ୍ଠରେ କହି ପକାଇଲେ – ଏବେ ମୁଁ ବୁଝି ପାରୁଛି ଅଫିସ୍ ରୁ ଫେରି ତୁମେ କୁଆଡେ ଯାଉଥିଲ......

କଲ୍ୟାଣପୁର, ଭୁଇଁପୁର, ଯାଜପୁର, ପାଣିକୋଇଲି



# ମୁଁ



ଅଶୋକ କୁମାର ପଧାନ

ମୁଁ ମୁଁ ନୁହେଁ
ମୁଁ କଏ ମୁଁ ପଶ୍ନରେ
ମୁଁ କହେ, ମୁଁ ହିଁ ମୁଁ
ମୁଁ ଲାଗେ ମିଛ
ମୁଁ ପୁଣି ସତ ।
ମୁଁ, ମୁଁ କ'ଣ
ଲାଗେ ମୁଁ, ମୁଁ କ
କେଜାଣେ ମୁଁ କ'ଣ ?
ମୁଁ ଖାଲି ମୁଁ
ନା ମୁଁ ଅଟ ତମେ
ବା ତମେ ଅଟେ ମୁଁ
ତମେ କବା ଅଟ ମୁଁ
ମୁଁ ତ ମୁଁ
ନା ନା ମୁଁ ଅଟେ ସେ
ପୁଣି ସେ କ ମୁଁ
ନା ସେ ମୁଁ ନୁହେଁ କ ମୁଁ ସେ
ମୁଁ ତ ଅଟେ ମୁଁ ।

ମୁଁ ପର୍ ମୁଁ

ଏଠି ମୋ ସାମ୍ନାରେ ମୁଁ

ଏ ମୁଁ ନୁହଁ

ମୋ ସାମ୍ନାରେ ମୁଁ !

ମିଛ ମୁଁ ।

ମୁଁ ପ୍ରତିବିମ୍ବ ହୋଇପାରେ

ହଁ ତ ସତ ମୁଁ

ନା ନା ଏ ମିଛ ଏ ମୁଁ ନୁହେଁ

ମୁଁ ତ ସେଠି ମୁଁ ପାଦତଳେ ଠିଆ

ମୁଁ ତ ଖାଲି ମୁଁ ତଳେ

ମୁଁ ତ ଖାଲି ମୁଁ

ମୁଁ ତାଙ୍କ ପରି ନୁହେଁ ମୁଁ

ମୁଁ ତ ଅଂଶ ମୁଁଙ୍କର

ମୁଁ କବା କରିବି ଗର୍ବ ମୁଁ ବୋଲ

ମୁଁ ତ ଖାଲି ମୁଁ

ମୁଁ ବିନା ମୁଁ କଛିନୁହେଁ ।


ମୁଁ ତ ଆରମ୍ଭ ସୃଷ୍ଟି

ମୁଁ ପୁଣି ଶେଷ

ମୁଁ ହି ସର୍ବନ୍ବ

ମୁଁ ମୁଁ ମର୍ମେ

ମୁଁ କେବଳ ମୁଁ ।



ଗିଧମାଲ, ଡୁଙ୍ଗୁରିପାଲି, ସୋନପୁର

# କବିତା ଡାକୁଛି



ଜୟପ୍ରକାଶ ଦୁରିଆ ( ରମଣ)

ଅର୍ଦ୍ଧରାତ୍ର କାଳ........ଚତୁର୍ଦ୍ଦିଗ ସ୍ତବ୍ଧ
କୌଣସି ଦିଗରୁ........ତିଳେ ମାତ୍ର ଶବ୍ଦ....
କର୍ଣ୍ଣ କୁହରର ନଥିଲା ବାଧାପ୍ରାପ୍ତ....
ସମଗ୍ର ଧରାମଣ୍ଡଳ ପୂର୍ଣ୍ଣଚନ୍ଦ୍ରର
ଚନ୍ଦ୍ରିକା ସ୍ନାତରେ ଆଲୋକତ....

ଏମନ୍ତ କାଳେ....ଶୟନ କକ୍ଷ
ସ୍ୱର୍ଣ୍ଣ ପଲଙ୍କେ....ଫୁଲ ଶେଯରେ
ପ୍ରେମ ବ୍ୟାପାରରେ ପର୍ଯ୍ୟାପ୍ତ
ଦୁଇ ଯୁବକ ଯୁବତୀ....



ହଠାତ୍....ହଠାତ୍ ଏକ ଶର ବିଦ୍ଧ ହେଲା
ଯୁବକର ମାନସ ପଟ୍ଟରେ,
ଶୂନ୍ୟତା ଆଡୁ....
ଶର ମୁନରେ ସ୍ୱର୍ଣ୍ଣାକ୍ଷରେ ଲେଖାଥିଲା
"କବିତା ଡାକୁଛି" ।

ଯୁବକଟି ବୁଝିବା ମାତ୍ରେ
ନିଜ ଦେହ ମନକୁ ସଂଯମ ରଖି
ଉଠି ପଡିଲା ପଲଙ୍କ ଶେଷରୁ....

ଯୁବତୀ ଟି ପଗ୍ଚରିଲ୍....
କଣ ହେଲ୍ ତୁମକୁ ଏମିତି ହଠାତ୍
ଉଠିପଡିଲ ଯେ....ପୁଣି ଏଇ ଅବସ୍ଥାରେ....

ଯୁବକଟି କହିଲ୍....
ମୋତେ....ମୋ "କବିତା" ଡାକଲ୍ଣି
ମୋତେ ଯିବାକୁ ହେବ....ମୋତେ ଯିବାକୁ ଦିଅ
ତା ପାଖକୁ.... ତା ଗ୍ଇଜକୁ
ସେ ବହୁକାଳ ଧରି
ମୋ ଆସିବା ପଥକୁ ଗ୍ହିଁ ବସିଛି
ଏକଲୟେ.... ଏକ ଚତ୍ତେ....

ଯୁବକର ଏପରି ବିଳାପ
ଯୁବତୀର ହୃଦୟକୁ
ଘୋର ଆଘାତ ଦେଲ୍....
ସେ କହିଲ୍....
ମୋ ସୌନ୍ଦର୍ଯ୍ୟତାରେ ଈର୍ଷାନ୍ୱିତ
ସ୍ୱର୍ଗର ଅପସର୍ ଗଣ....
ମୋ ରୂପଚର୍ଯ୍ୟାରେ ବିମୋହିତ
ସ୍ୱର୍ଗର ଦେବତା ଗଣ....
ମୁଁ ଯୁବତୀ ଗହେନ ଥିଲେ
ସମସ୍ତେ ନଷ୍ଟ୍ରଭ
ମୁଁ ଯୁବତୀ ରୂପେ ଆବିର୍ଭାବ ହେବା ଦିନଠୁ
ସମସ୍ତେ ଯୁବତୀ ହୀନପ୍ରଭ

ତଥାପି.... ତଥାପି.... ତୁମେ
କେଉଁ କବିତା ପାଖକୁ ଯାଉଛ....
ସେ କଣ ମୋଠୁ ବହୁ ଉର୍ଦ୍ଧ୍ୱରେ?

ଯୁବକଟି ସ୍ମିତ ହସି କହିଲ୍....ତୁମେ ଠିକ୍ କହିଲ
ତୁମେ ହିଁ ସୌନ୍ଦର୍ଯ୍ୟର ରାଣୀ....
ତୁମ ରୂପ ଯୌବନ....ତୁମ ରୂପଚର୍ଯ୍ୟା
ତୁମ ସୌନ୍ଦର୍ଯ୍ୟତା କୁ ହିଁ
ମୁଁ ମୋ କବିତାରେ ସ୍ଥାନ ଦେବାକୁ ଯାଉଛି
"କବିତା" କେଉଁ ମାନବୀ ନୁହଁ....
କାଗଜ ଫର୍ଦ୍ଦରେ....ଲଖନୀ ମୁନରେ
ତୁମ ରୂପ ଲାବଣ୍ୟ....ତୁମ ଶାରୀରିକ ଭାଷାକୁ
ଆଙ୍କିବାକୁ ଯାଉଛି.... ତାହା ହିଁ କବିତା
ତୁମେ ହିଁ କବିତା, ତୁମେ ମୋ କବିତା
ତୁମେ ମୋ ମିଠା କବିତା....

ଯୁବତୀ ଟି ଆଶ୍ୱସ୍ତି ପାଇ କହିଲ୍....
ଓଃ.... ତାହେଲେ ମୁଁ ଭୁଲ ବୁଝିଥିଲି ତୁମକୁ
ଯୁବତୀଙ୍କ ଜ୍ଞାତ ନଥିଲ୍....
ସେ ଯାହାକୁ ପତି ରୂପେ ପାଇଛି....
ସେ ଯେ ଶବ୍ଦ ଜ୍ଞାନ, ଭାଷା ଜ୍ଞାନ, ରସବୋଧ କାବ୍ୟରୁଚରେ
ପରିପୂର୍ଣ୍ଣ ଜଣେ ସାରସ୍ୱତ ସ୍ରଷ୍ଟା,
ପ୍ରତିଭା ସମ୍ପନ୍ନ ବ୍ୟକ୍ତିତ୍ୱ,
ଉଭୟ ଓଡିଆ ଓ କୋଶଳ ଭାଷାରେ
ସାରସ୍ୱତ ସାଧନା କରି
ଉତ୍ତୁଙ୍ଗ କବିତ୍ୱର ପରିଚୟ ସୃଷ୍ଟି କରିଥିବା
ଏକବିଂଶ ଶତାବ୍ଦୀର,
ଜଣେ ମହାନ କବିଟିଏ..... ।

ନୂଆପଡା, ଓଡିଶା

# ତୋର୍



ଜ୍ୟୋତିର୍‌ଦିତ୍ୟ ପୁଝାରୀ

କେଭେ ଆଇନା କେଭେ ପାନନେ

ତୋର୍ ମୁହୁଁ ଦେଖୁଛେଁ

କେଭେ ଭ୍‌ବନା କେଭେ ସପନେ

ତୋର୍ ମୁହୁଁ ଦେଖୁଛେଁ

ରହିଛୁ ଆକାଶ ହେଇ ମନର ମାଟି

କେଭେ ଜନ୍ କେଭେ ସୁରୁଜନେ

ତୋର୍ ମୁହୁଁ ଦେଖୁଛେଁ ।

କେଭେ କବିତା କେଭେ ଶାୟରୀନେ

ତୋର୍ ନାଁ ଶୁନୁଛେଁ

କେଭେ ଗଜଲ୍ କେଭେ ଭଜନନେ

ତୋର୍ ନାଁ ଶୁନୁଛେଁ

ଜାନଥିବୁ ମୋର୍ ଛାତିର୍ ଠିକାନା

କେଭେ ନଶାସ୍ କେଭେ ପଶାସେ

ତୋର୍ ନାଁ ଶୁନୁଛେଁ ।

କେଭେ ଭରସା କେଭେ ବିଶାସେ

ତୋର୍ ଗୁନ୍ ନୁରୁଛେଁ

କେଭେ ନଏ କେଭେ ବିଗ୍ଭରନେ

ତୋର୍ ଗୁନ୍ ନୁରୁଛେଁ

ଟେକନାଟେ ତୁଇ ଜୀବନ ଗ୍ଭଲକାର

କେଭେ ଉକଆ କେଭେ ଅନ୍ଧାରେ

ତୋର୍ ଗୁନ୍ ନୁରୁଛେଁ ।

କୁଲିଗାଁ, ବଡମହେଶ୍ୱର, ଖଡିଆଳ, ନୂଆପଡା

ବେଦାନ୍ତୀର ଆଗାମୀ ସଂଖ୍ୟା ନଭେମ୍ବର ମାସ ୧ ତାରିଖରେ ପ୍ରକାଶ ପାଇବ ।
ଏହି ସଂଖ୍ୟା ପାଇଁ ଆପଣମାନଙ୍କ ଲେଖା ପଠାଇବାପାଇଁ ଅନୁରୋଧ ।
ଆପଣମାନଙ୍କ ଲେଖା ୧୫ ଅକ୍ଟୋବର ତାରିଖ ସୁଦ୍ଧା ଆମ ପାଖକୁ ପଠାନ୍ତୁ ।
ଆପଣମାନେ ଲେଖା ଇମେଲ୍ କମ୍ବା ହ୍ୱାଟସଆପ୍ ଜରିଆରେ ପଠାଇପାରିବେ ।

ଇମେଲ୍ – vedantimagazine@gmail.com /
editor.vedantimagazine@gmail.com
ହ୍ୱାଟସଆପ୍ ନଂ- 9594993733

# ପରିଭାଷା



ଅଶୋକ କୁମାର ସେଠୀ

ବୃଦ୍ଧ ଶିକ୍ଷକ ଜଣଙ୍କ ଜିଲ୍ଲାପାଳଙ୍କୁ ଭେଟିବାକୁ ଖୁବ ଆତୁର । ଜନୈକ ଜିଲ୍ଲାପାଳ ଏକଦା ତାଙ୍କର ପ୍ରିୟ ଛାତ୍ର ଥିଲେ । ସେ କଥା ଭାବିଲା ବେଳକୁ ଛାତି କୁଣ୍ଢେ ମୋଟ ହେଇଯାଉଛି ବୃଦ୍ଧ ଶିକ୍ଷକଙ୍କର। ଚଠି ଲେଖି ନଜର ଦୁଃଖ ଜଣେଇଛନ୍ତି ଆଶୁ ପଦକ୍ଷେପ ଆଶା କରି ଆଜି ଭେଟିବାକୁ ଆସିଛନ୍ତି ତାଙ୍କ ବସାକୁ । ହଁ, ସବୁ ସୁବିଧା ଅସୁବିଧା ରେ ଓ ଏ ସୁନାମ ପଛରେ ନଷ୍ଚିତ ଭାବେ ବୃଦ୍ଧ ଶିକ୍ଷକଙ୍କର ପ୍ରଚ୍ଛନ ହାତ ରହିଛି । ମନ ଭିତରେ କେତେ କେତେ କଳ୍ପନା ଆଉ କଛି ବାଟ ପରେ ସତ ହେବାକୁ ଯାଉଛି । ଏମିତି ଭାବନାରେ ବାଟ ଗ୍ଭଲୁଥାନ୍ତି ବୃଦ୍ଧ ଶିକ୍ଷକ ଜିଲ୍ଲାପାଳଙ୍କ ବସା ଅଭିମୁଖେ । ଜିଲ୍ଲାପାଳ ଙ୍କ ବସା ଆଗରେ ଲମ୍ବା ଧାଡି । ନୟୋଜିତ ସୁରକ୍ଷା କର୍ମୀ ସଭିଙ୍କୁ ଘଉଡାଇବାରେ ବ୍ୟସ୍ତ । ସାର ଆଜି ନାହାନ୍ତି, କାଲିକ ଆସିବ ଯାଅ ସବୁ ....! ଗହଳ ଭାଙ୍ଗି ସାରିଥାଏ । ବୃଦ୍ଧ ଜଣଙ୍କ ସୁରକ୍ଷା କର୍ମୀଙ୍କୁ କହିଲେ," ତୁମ ସାର ଙ୍କୁ ଯାଅ କହିବ, ଗାଁ ରୁ ତୁମ ନାଟ ସାର ଆସିଛନ୍ତି ...! "

ତୋ ଆଖି ଖରାପ ନା କାନ ଖରାପ, ତତେ ଦେଖା ଗଲାନ ସବୁ ଲୋକ ଫେରିକ ଗଲେ, ମୁଁ କହିଲି ପା' ସାର ନାହାନ୍ତି ବୋଲି । ରୁକ୍ଷ ଗଳାରେ ଉତର ଦେଲା ସୁରକ୍ଷା କର୍ମୀ । କଛି ନା କଛି ସମ୍ପର୍କ ଯୋଡି ଦିଅନ୍ତି ..ଶ...! ଧୀର ଗଳାରେ ଗୁଣୁ ଗୁଣୁ ହୋଇ ବିରକ୍ତି ହେଉଥାଏ ସୁରକ୍ଷା କର୍ମୀ ଜଣଙ୍କ ...

କଛି ସମୟ ପରେ ଜିଲ୍ଲାପାଳ ମହାଶୟ ତର ତରରେ ନଟ ସାର ଙ୍କ ପାଖ ଦେଇ ଗଲେ ସୁଦ୍ଧା ଆଡ ଆଖିରେ ବି ନଜର ପଡ଼ିବାକୁ ବି ଫୁରୁସତ ନାହିଁ, ସିଧା କାରରେ ବସି

ବାହାରିଗଲେ . ....ପର ମୁହୂର୍ତ୍ତରେ ହାବୁକାୟେ ପବନ ପଶି ଆସି ଉଡେଇ ନେଇଗଲା ଟେବୁଲ ଉପରେ ଗଦା ହୋଇଥିବା ଚଠି, ଦରଖାସ୍ତ ସବୁ । ନଜର ପାଦ ତଳେ ପଡିଥିବା ଚଠି ଖଣ୍ଡିକ ଉଠାଇବାକୁ ବି ଆଉ ବଳ ନାହିଁ । ତଥାପି ଥର ଥର ହାତରେ ଚଠି ଖଣ୍ଡିକ ଦେଖି ଚମକ ପଡିଲେ ନଟ ସାର ...! ଚଠି ଖଣ୍ଡିକ ମନ ଭିତରର ନବୁଜ କ୍ଷୋଭ ପରି ସେମିତି ନବୁଜ ହୋଇ ରହିଗଲା । ହଠାତ ଯେମିତି ମନ ଭିତରେ ଏକ ପ୍ରବଳ ଘୂର୍ଣ୍ଣି ଝଡ ଆସି ଗ୍ଲିଗଲା ନରବ ନର୍ଜନ ବିଞ୍ଚି ଦେଇ (ଯଦିଓ କୋଳାହଳ ଜାହାରୀ କରୁଥାଏ ଗ୍ଲରିପାଖ)

ଗ୍ଲେମନ୍ଥନ ହୋଇଗଲା ଅତୀତର ସ୍ମୃତି ସବୁ । ସବୁକୁ ଲିଭେଇବାକୁ ପଡିବ, କଳାପଟାକୁ ଡଷ୍ଟର ରେ ଲିଭେଇଲା ପରି..ଆସିବ ବେଳର ଭ୍ଲେକ ଶୋଷ ସେ ଘୂର୍ଣ୍ଣିଝଡ଼ରେ ସବୁ ଉଡେଇ ନେଇଛି ..! ବସ ଧରି ଫେରିବାକୁ ହେବ ସନ୍ଧ୍ୟା ସୁଦ୍ଧା ପୁଣି ଗାଁକୁ ଦି କୋଶ ଚଲା ବାଟ । ବସ ଗ୍ଲଲିଥାଏ ଗନ୍ତବ୍ୟ ଅଭିମୁଖ୍ୟେ। ଅବାଧ ଅତୀତ ପୁଣି ଜଳ ଛବି ପରି ଆଖି ଆଗେ ଉପଦ୍ରବ କରିଗ୍ଲଲିଥାଏ ମନ ଇଛା । କାହାର ଡାକ ଶୁଣି ଚହିଁକ ଉଠିଲେ ନଟ ସାର ..

ଟିକେଟ ଦିଅ ...?

ପର୍ସ କାଢ଼ିବାକୁ ପକେଟ ରେ ହାତ ପୁରେଇଛନ୍ତି ତ ...ସ୍ତବ୍ଧ ହେଇଗଲେ ନଟ ସାର ..! ଆଖି ଲାଲ ପଡ଼ିବାକୁ ବସିଥାଏ କେଇ ଟୋପା ଲୁହ ଜକେଇ ଆସିଲାଣି ...ସଠିକ ଭ୍ଲବେ ମାନେ ପକେଇ ପାରୁନାହାନ୍ତି ତାଙ୍କ ପର୍ସ କେଉଁଠି ଗଳେଇ ଦେଲେ ନା କଏ ପକେଟ ମାରିନେଲା...!!

ବଡ ଅନୁନୟ ହୋଇ, କଣ୍ଡକ୍ଟରଙ୍କୁ କହିଲେ," ମୁଁ ସତ କହୁଛି ମୋ ପର୍ସ ଗ୍ଲେରି ହୋଇ ଯାଇଛି ...!" ବସର ସବୁ ଲ୍ଲେକ ଡବ ଡବ ହୋଇ ଅନେଇଥାନ୍ତି ..

କଣ୍ଡକ୍ଟର କିଛି ମୁହୂର୍ତ୍ତ ନିରବ ରହି ନଟସାରଙ୍କ ମୁହଁକୁ ଗ୍ରହିଁଲେ, ବସିବା ପାଇଁ କହିଲେ ..

ନିଜକୁ ଖୁବ ନିସ୍ୱ ଓ ଅସହାୟ ମାନେ କରୁଥାନ୍ତି ନଟ ସାର ସୁଖମ ଓ ସ୍ଥୁଳ ଭାବରେ । ଏତେ ସରି ହେବେ ବୋଲି ସେ କେବେ ଭାବିନଥିଲେ । ମନ ତଳର କ୍ଷତ ବେଳୁ ବେଳ ଗଭୀର ହେବାରେ ଲାଗିଥାଏ ।

ଠିକଣା ଜାଗାରେ ବସ ରହିଲା, ନଟ ସାର ବସରୁ ଓହ୍ଲେଇଲେ ତାଙ୍କ ପଛେ ପଛେ କଣ୍ଡକ୍ଟର। ସେ ଯାଇ ନଟ ସାରଙ୍କ ପାଦ ଛୁଇଁ ପ୍ରଣାମ କଲେ," ସାର, ମତେ ଚିହ୍ନି ପାରୁଛନ୍ତି ...? ମୁଁ, ବିଶୁ ! ଶ୍ରେଣୀର ଶେଷ ବେଞ୍ଚରେ ମୁଁ ବସେ। ଆପଣଙ୍କ ମାଡ ଆଜି ବି ମୋର ମାନେ ପଡ଼ିଯାଏ, ହାତ ମୋର କଳାଯାମ ପଡ଼ିଯାଏ । ସେଇ ପାଠ ଦି ଧାଡି ମୋ ଜୀବନ ଜୀବିକାରେ ଖୁବ ସହାୟ ହୋଇ ପାରିଛି । ସେ ଋଣ ମୁଁ କେବେ ସୁଝି ପାରିବିନା। " ବାଷ୍ପରୁଦ୍ଧ ଗଳାରେ କହିଗ୍ଲଲି ଥାଏ ଶ୍ରେଣୀର ପଛ ଧାଡିରେ ବସିଥିବା ପିଲାଟି । ନାଟ ସାର ଙ୍କର ଅନ୍ତରର କୋହ ଉବକେଇ ଉଠିଲା । କଣ୍ଡକ୍ଟର କୁ ଜାବୁଡି ଧରିଲେ ନଟ ସାର କିଛି ମୁହୂର୍ତ୍ତ, ନୀରବରେ କିଛି ଟୋପା ଲୁହ ସମର୍ଥନ କରୁଥିଲେ ଏ ଅବ୍ୟକ୍ତ ଆବେଗକୁ ।

ଘନେଇ ଆସୁଥାଏ ମାଛି ଅନ୍ଧାର ସମୟ । ନିଜ ଗାଁକୁ ଚାଲି ବାଟ ଧରିଲେ ନଟ ସାର । ମନ ଭିତରେ ଏକ ଅପୂର୍ବ ଶିହରଣ । ବାଟ ସବୁ ଘୋଡା ଚଢିଲା ପରି ପଛରେ ରହିଯାଉଥାଏ । କେତେ ବେଳେ ଗାଁ ମୁଣ୍ଡରେ ପହଁଚିଲେ ସେ ନିଜେ ଜାଣି ପାରିଲେନି । ସେ ଅନୁଭୂତି ସେମିତି ଶେଷ ନିଶ୍ୱାସ ପର୍ଯ୍ୟନ୍ତ ସତେଜ ରହିଥାଏ ...

କଳାପଟାରୁ ସେ ସେ କ୍ଲୀଷ୍ଟ ସମୀକରଣ କୋଉ କାଳୁ ଲିଭେଇ ସାରିଲେଣି । ଜଳ ଜଳ ଦିଶୁଛି କଳାପଟା ରେ ଶିକ୍ଷା ର ପରିଭାଷା ...

କଲ୍ୟାଣପୁର, ନୟାଗଡ

# ନିୟମ



ପ୍ରଶାନ୍ତ କୁମାର ନାଥ

ନିୟମକୁ ଗଢି କେତେ ବୁଦ୍ଧି ବିବେକରେ
ପୂର୍ବପୁରୁଷ ଆମ କରିଥିଲେ ବୁଦ୍ଧିମନ୍ତ;
ସମସ୍ତେ ସମାନ ନିୟମ ଆଗରେ
ନୁହେଁ କେହି ସାମନ୍ତ କେହି ବଳବନ୍ତ ।

ନିୟମକୁ କଏ ମାନୁଛି; କଏ ଭାଙ୍ଗୁଛି
ଯାହା ଆଗରୁ ସୂତ୍ରରେ ଅନେକ ଅଛି;
ତଥାପି ସଂଶୋଧନ ତାଳରେ
ନିୟମ ଆରେଏକ ଆରେଏକ ହେଉଛି ।

ବେଳେବେଳେ ପୁଣି ସବୁ ଜାଣିଶୁଣି
ପୁରୁଣା ନିୟମକୁ ଗଢା ହେଉଛି ନୂଆ ନାଁରେ,
ଗୋଟିଏ ନିୟମକୁ ଦୁଇ ଖଣ୍ଡରେ
କେତେବେଳେ ଦୁଇଟିକୁ ପୁଣି ଏକକରେ ।

ବାମ ପାର୍ଶ୍ୱେ ଚାଲିବା ଯେ ନିୟମ ରହିଛି
ତଥାପି ଡାହାଣେ ସବୁ ମାଡି ଚାଲନ୍ତି;
ନିୟମ ତଳକୁ ପୁଣି ପରିବର୍ତ୍ତନୀୟ
ବ୍ରାକେଟେ ଯେ ଲେଖା ଅଛି ବୋଲି କହନ୍ତି ।

ଏ ତ ଆଧୁନିକ ଯୁଗ ଗଣତନ୍ତ୍ରର ରାଷ୍ଟ୍ର
ଖାତା ଖତିଆନ ନିୟମେ ସଭିଏଁ ବନ୍ଧା;
ଯେତେ ଠକ ଠକୀ ଦୁହେଁ ଏଠି ପଥ ଭ୍ରଷ୍ଟ
ତଥାପି ଜନତା ପିଠିରେ ନିୟମ ଚାଲିଛି ଖୁନ୍ଦା ।

ରାତି ପାହିଲାରୁ ଡାଇନାମିକ୍ ଫୁଏଲ ପ୍ରାଇସିଂ ନିୟମେ
ହେଉଛି ପେଟ୍ରୋଲ ଡିଜେଲ ଦର ଅଧିକା
ପୁଣି ଅଚଳ ସବୁ ଯେ ପୁରୁଣା ଟଙ୍କା;
ସର୍ଭିସ ଚାର୍ଜ ନିୟମ କହି ବ୍ୟାଙ୍କ କାଟୁଛି
ଚାଷୀ ଗରିବର ଜନଧନ ଖାତାରୁ କେତେ ଟଙ୍କା ।



ପଥରୋଧ କରି କାରଣ ପଚାରେ ଜନତା
ପାର୍ଲ୍ୟାମେଣ୍ଟରେ ପୁଣି ବିରୋଧୀ ନେତା;
ଅଳ୍ପଦିନେ ସୁଧୁରିବ ଫେରିବ ପୂର୍ବ ଅବସ୍ଥା
ପୁଣି ସବୁ ଶୁଣି ସରକାର କହନ୍ତି ନିୟମର କଥା ।

ନିୟମ ବୋଝ ଯେ କେବଳ ଜନତା ବୋହୁଛି
ବୁଝି ନ ପାରିଲେବି କୋଉଠି ପଡୁଛି ଝୁଣ୍ଟୁଛି;
ତଥାପି ଅନୁଶାସିତ ମୁଁ ନିୟମ ଫାନ୍ଦରେ
ଛାତିକୁ ପିଟି ବୀର ଦର୍ପରେ କହୁଛି ।

ଗଢିଲାବାଲା ଯେ ଗଢି ଚାଲିଛି
ନିୟମ ଅନିୟମେ ପେଟ ଫୁଲୁଛି
କଷ୍ଟେମଷ୍ଟେ ଜନତା ବୋହୁଛି;
ପିଠି କଷ୍ଟ ଯେ ଅଣ୍ଟାକୁ ଗ୍ରାସୁଛି
କେତେବେଳେ ଯେ ଫାଟିବ ଅନିଶ୍ଚିତରେ ସେ ବଞ୍ଚିଛି ।

ବି.ବି. ଗାଙ୍ଗୁଲି ଷ୍ଟ୍ରୀଟ୍, କୋଲକତା- ୧୨

# ମାଆ ଛଡା ଆଉ ସେ କିଏ?



ନରେନ୍ଦ୍ର ସାହୁ

ଏଇଠି ସବୁ କିଛି ଲେଖି ହୁଏ କଲମର ଧାରେ
ମାଆର ମମତାର ମୂଲ ଓ ସ୍ନେହର ବିସ୍ତାର
ଆଉ ତ୍ୟାଗର ସୀମାକୁ କଲମ କରିବା
ହୁଏତ ସାଗର ମଧ୍ୟରୁ ବିନ୍ଦୁଏ,
ଆଉ ସୀମା ହୀନ ଆକାଶର କାଣିଗୃଏ ଜାଗାକୁ,
କଲମ କାହିଁ କରିବ କିଏ? ।୧।

କର୍ତ୍ତବ୍ୟର ପ୍ରତିଟି ପାହାଚ
ମାଆ ଜୀବନର ସାହାସୀକତାର ପରୀକ୍ଷା,
ଅନ୍ୟକୁ ଉଠାଇ, ନିଜେ ତଳେ ପଡେ, ତଥାପି
ଭାଙ୍ଗେନି ତାର ମନୋବଳ,
ବରଂ ଖୁସି ସାଉଁଟେ ନିଜକୁ ସମ୍ଭାଳି ।
ତାର ଅଭିଧାନ, ଅଭିଯୋଗ ଶୂନ୍ୟ,
ମାଆର ଦୃଷ୍ଟିରେ ନ ଥାଏ ପର ଆପଣାର,
ନିଷ୍ଠାପର ସେବା, ନିଃସ୍ୱାର୍ଥପର ଭାବର ତ ଗନ୍ତାଘର ।୨।

ସମୟର ଘଡିସନ୍ଧି ମୁହୁର୍ତ୍ତରେ,

ହୁଏ ନଷ୍ପେଷିତ, ଅବହେଳତ,

ତଥାପି ଅନ୍ୟକୁ କରେନା ଅବହେଳା ।

ଚର ବନ୍ଦିତା, ପୂର୍ଣ୍ଣ ଯୋଗ୍ୟତାର, ମୂର୍ତ୍ତୀମୟୀ

ଅମୃତମୟୀ କୁହୁକ ବାଦିନୀ ସିଏ,

ଜଗତର କଲ୍ୟାଣେ ନଜକୁ ହଜାଏ,

ମାଆ ଛଡା ଆଉ ସେ କଏ,

ମାଆ ଛଡା ଆଉ ସେ କଏ? ।୩ ।

ଡଭ୍ୱର, ଗଂଜାମ

ଓଡିଶା ବାହାରେ ରହୁଥିବା ପ୍ରତ୍ୟେକ ଓଡିଆଙ୍କ ପାଖରେ ପହଞ୍ଚିବା ହେଉଛି ବେଦାନ୍ତୀର ଲକ୍ଷ୍ୟ ଆଉ ଏହି ଲକ୍ଷ୍ୟପଥରେ ଆଗେଇ ଯିବା ଦିଗରେ ଅନେକ ସାହାଯ୍ୟ କରୁଛନ୍ତି ବେଦାନ୍ତୀ ପାଇଁ ନଜର ବହୁମୂଲ୍ୟ ସମୟଦେଇ ଲେଖା ପଠାଉଥିବା ଲେଖକ ଓ ଲେଖିକାମାନେ ।

ସେମାନଙ୍କ ସହଯୋଗପାଇଁ ବେଦାନ୍ତୀ ପରିବାର ତରଫରୁ ଅନେକ ଅନେକ ସାଧୁବାଦ

# ଯୁଗ ଆଜି ମୋବାଇଲରେ



ପୂର୍ଣ୍ଣଚନ୍ଦ୍ର ରଣା

ଯୁଗ ଆଜି ମୋବାଇଲ୍ ରେ
ନୂଆ ଫଟୋ ପ୍ରୋଫାଇଲ୍ ରେ
ଯାଇଛି ଶୈଳ ବଦଳ
ପେଜ୍ ସବୁ ଡାଉନଲୋଡ୍ ରେ ।୧ ।

ସମାଜରେ ପିଢି ତ ନୂଆ
ଯୁଗ ଆଜି ମୋବାଇଲ ମାନଆଁ
ଘରେ ଘରେ କେତେ ମୋବାଇଲ
କଏ କରେ ହିସାବ କଆଁ ।୨ ।



ଯୁଗ ଆଜି ଇଣ୍ଟରନେଣ୍ଟ ରେ
ମନ ପୁଣି ଫେସବୁକ୍ ରେ
ଗ୍ଚଟିଙ୍ଗ୍ ପାଇଁ ହ୍ୱାଟସ୍ ଆପ୍ ଭାଇ
ନେଟ୍ ସ୍ପିଡ୍ ଏମ୍.ବି.ପି.ଏସ୍. ରେ ।୩ ।

 କଏ କରେ ବ୍ୟାଡ୍ ୟୁଜ୍

 କଏ ଦେଖେ ନ୍ୟୁଜ୍ ଫ୍ୟୁଜ୍

କେ ଚଢ଼େ ଭଲ ସୋପାନ

କାହାର ଉଡଇ ଫ୍ୟୁଜ୍ ।୪ ।

ଆଜି କାଲି ସ୍ମାର୍ଟଫୋନ

କଏ ବାଛେ ସେଲ୍ଫି ଜୋନ୍

ସପିଙ୍ଗ୍ ପୁଣି ଆନ୍ ଲାଇନରେ

କଏ ଶୁଣେ ୩ ଡି ଟୋନ୍ ।୫ ।

ମୋବାଇଲ ଦେବନ ଛୋଟ ପିଲାଙ୍କୁ

ପ୍ରଭାବ ପଡିବ ଏ ସମାଜକୁ

ସମୟ ଆସିଲେ ବଳେ ଜାଣିବ

ଏଇଠି ରଖୁଛି ଛୋଟ ଲେଖାକୁ ।୬ ।

ହାଟସିଂହାପୁର, ଯାଜପୁର

"ପଢନ୍ତୁ ଏବଂ ପଢାନ୍ତୁ ବେଦାନ୍ତୀ"

# ଛୋଟ ମୋର ନାଆଟି

( ଧାରାବାହିକ)



ପ୍ରଫେସର ଅନତା ପଣ୍ଡା

## ୮ - ପ୍ରହେଳିକା

ବାପାଙ୍କ ପାଖକୁ ବହୁ ପରିଚିତ, ଅପରିଚିତ ଆଗନ୍ତୁକ ମାନଙ୍କର ଯିବା ଆସିବାରେ ମୋର କୌତୁହଳ ବଢିଥିଲା, ଏଇ ବେଳ ଅବେଳରେ ଆସୁଥିବା ଆଗନ୍ତୁକ ମାନେ କଏ! ତାଛଡା ଏମାନେ ଘରକୁ ଆସିଲେ ବାପା ଟିକଏ ଅପେକ୍ଷା କୃତ ତତ୍ପର ହୋଇ ଉଠୁଛନ୍ତି । ବହୁ ସମୟ ଧରି ସେମାନଙ୍କ ସହିତ କଛି ଆଲୋଚନା ରତ ରହୁଛନ୍ତି । ନନା ମାନେ ତ ବାହାରେ । କାହାକୁ ପଚାରିବି!

ବାୟା ନାୟକ ( ଜ୍ୟୋତିଷ) କୁ ମଧ ବାପା ଘନ ଘନ ଡକାଇ ପଠାଇ କଛି ଆଲୋଚନା ( ପରାମର୍ଶ) କରୁଛନ୍ତି । ଦିନେ ବାୟା ନାୟକ ବାପାଙ୍କୁ କହିବାର ଶୁଣିଲି, "ମା ଚାଲିଗଲା ପରେ ଆପଣ ଏମିତି ଉଦାସ ରହିଲେ ଯେ ଝିଅଟାର ଜାତକ ଖଣ୍ଡେ କରେଇଲେନ । ଏବେ କରିବାକୁ ହେଲେ ବହୁତ କଛି ଖୋଜା ଖୋଜି କରିବାକୁ ପଡିବ । ଟିକଏ କେଉଁଥିରେ ତ୍ରୁଟି ରହିଲେ ମଧ ଜାତକ ଠିକ୍ ହୁଏନା । ଗେହ୍ଲୀ ଏବେ ବହୁତ ସାନ । ବଡର ତ ଜାତକ ଅଛି। ଆପଣ ବଡ କଥା ଆଗେ ବଢାନ୍ତୁ ।"

"ବଡ କଥା ଆଗେ ବଢାନ୍ତୁ" । ଏତେ ଗୁଡାକ ଅପ୍ରତ୍ୟାଶିତ ଚାଲି ଚଳଣ, କଥା ବାର୍ତ୍ତା ମୋ ମୁଣ୍ଡରେ ବିଛା କାମୁଡାର କଷ୍ଟ ଦେଉଥିଲା ।

ବାୟା ନାୟକ ଚାଲିଯିବାର ପନ୍ଦର କୋଡିଏ ମିନଟ୍ ପରେ ଗେଟ୍ ପାଖରେ ଦେଖାଦେଲେ ଜଣେ ଯୋଗୀ । ମୁଣ୍ଡରୁ ବଡ ବଡ ଜଟା ଲମ୍ବୀ ଆସିଛି । କେତେକ ପିଠି, କେତେକ ଛାତି ଏବଂ ଆଉ କେଇଟା ଦୁଇ ବାହୁ ଉପରେ । ପରିଧାନ କଛି ନାହିଁ କହିଲେ ଅତ୍ୟୁକ୍ତି ହେବ ନାହିଁ । ଅଣ୍ଟା ଠାରୁ ଆଣ୍ଠୁ ଉପର ପର୍ଯ୍ୟନ୍ତ ଗେରୁଆ ରଙ୍ଗର ୬-୮ ଇଞ୍ଚର କୌପୂନୀ ।

ଶରୀରର ଅନ୍ୟ ସବୁ ଭାଗ ଅନାବୃତ । ସଂପୂର୍ଣ୍ଣ ଶରୀରଟି ସାଧାରଣ ଏକ ମଣିଷର ଚର୍ମ ଭଳି ନୁହେଁ, ପାଉଁଶିଆ ରଙ୍ଗ । ଗୋଟିଏ ହାତରେ କମଣ୍ଡଳୁ, ଅନ୍ୟ ହାତରେ ଗୋଟାଏ ଲୁହା ଚମୁଟା । ସାଥିରେ ଆଉ ଦୁଇଜଣ ଗେରୁ ବସ୍ତ୍ର ପରିହିତ ଯୁବକ ।

"ଜୟ ଭୋଲେ" , ଏଇ ଶବ୍ଦଟି ଶୁଣି ଘର ଭିତରୁ କେତେଜଣ ବାହାରକୁ ଆସି ତାଙ୍କୁ ପାଛୋଟି ନେଲେ ।

ପରେ ପରେ ଚାଲିଲା କଛି ଗଭୀର ଆଲୋଚନା, କେତେବେଳେ ଟୁପୁରୁ ଟାପୁର ତ ପୁଣି କେତେବେଳେ ଫୁସ୍ ଫୁସ୍ । ପରକ୍ଷଣରେ ଖୁବ୍ ଜୋର୍ ଜୋର୍ ରେ, ଯା ଭିତରେ ନାନୀ ମଧ ଯାଇ ଆସରରେ ଯୋଗ ଦେଲାଣି । ଆଗନ୍ତୁକଙ୍କୁ ଦେଖି ମତେ ଖୁବ୍ ମଜା ଲାଗୁଥିଲା ଦୁଃଖ ମଧ  । ତାର କାରଣ ହେଲା ଆଗରୁ କେବେ ମୁଁ ଏମିତି ଯୋଗୀ ଦେଖି ନଥିଲି । ଦୁଃଖର କାରଣ ଖୁବ୍ ମହତ୍ତ୍ୱପୂର୍ଣ୍ଣ । ବହୁଦିନ ତଳେ ପଢିଥିବା ଇନ୍ଦ୍ର ପୁରାଣ ଏବଂ ଗତ ସନ୍ଧ୍ୟାରେ ପଢିଥିବା ରାମାୟଣର ଗୋଟିଏ ଅଧାୟ ମୋର ମନକୁ ବାରଂବାର ଆସୁଥିଲା । ଦୁଇଟି ଯାକର ସାରାଂଶ ହେଲା:-

"ଯେ କେହି ବାବା ବେଶ ଧାରଣ କରି ଅନ୍ୟକୁ ଅତି ସହଜରେ ଧୋକା ଦେଇପାରିଥାଏ ।"

ଦୁଇଟିଯାକ ବିଷୟ ଅଧୟନ କରି ସାରିବା ପରେ ମୋର ଯୋଗୀ ମାନଙ୍କ ପ୍ରତି ଏକ ପ୍ରକାର ବିତୃଷ୍ଣା ନୁହେଁ ଘୃଣା ମଧ ଆସିଯାଇଥିଲା । ଦୁଇଟି ସୁନ୍ଦରୀ ସରଳା ଅବଳା, "ସୀତା ମାତା" ଏବଂ " ଅହଲ୍ୟା" ଯୋଗୀ ରୂପୀ ରାବଣ ଏବଂ ବାବା ରୂପୀ ଇନ୍ଦ୍ର ଦେବଙ୍କ ଦ୍ୱାରା ପୀଡିତା । ଯାହାପାଇଁ "ସୀତା ମାତା" ସ୍ୱାମୀ, ପୁତ୍ର, ପରିବାର, ରାଜ୍ୟ ସୁଖରୁ ବଂଚିତା ହୋଇ ଶେଷରେ ତାଙ୍କୁ ଅଗ୍ନି ପରୀକ୍ଷା ଦେବାକୁ ପଡିଥିଲା । ଆଉ "ଅହଲ୍ୟା"- - - ବିନା ଦୋଷରେ ନଦୀ କୂଳରେ ପଥର ହୋଇ ବର୍ଷ ବର୍ଷ ପଡି ରହି କେତେ ଯେ ପଦାଘାତ ସହିଛନ୍ତି ତାର କଳନା ନାହିଁ ।

ଏଇ ଦୁଇଟି ବିଷୟ ପାଠ କଲା ପରେ ମୁଁ କାହିଁକି କେଜାଣି ଅସମ୍ଭବ ଭାବେ ଉତ୍ତେଜିତା ହୋଇ ଉଠିଥିଲି ।

ବାପା ସାନ୍ତ୍ୱନା ଦେଇଥିଲେ, "ସବୁ ବାବା ( ଯୋଗୀ) ମାନେ ଭଣ୍ଡ ନୁହନ୍ତି ।"

ମାତ୍ର ଭଣ୍ଡମାନେ ଯେ ବାବା ରୂପ ଧାରଣ କରନ୍ତି, ଏହାର ପ୍ରତ୍ୟକ୍ଷ ପ୍ରମାଣ ଆମକୁ କେବଳ ଇନ୍ଦ୍ର ପୁରାଣରେ ନୁହେଁ, ରାମାୟଣରେ ମଧ୍ୟ ଲେଖା ଯାଇଛି । ତେଣୁ ବାବାମାନେ ଭଣ୍ଡ ଏଥିରେ ଅଣୁ ମାତ୍ର ସନ୍ଦେହ ନାହିଁ ।

ଅନ୍ୟ କେତେ ପୁରାଣରେ ତ ଯୋଗୀ ମାନଙ୍କ ଅପାର ଦାନ ବିଷୟରେ ପଢିଛୁ!

ସେ ସବୁ ମୁଁ ଜାଣେନା, "ସୀତା ମାତାଙ୍କୁ" କଷ୍ଟ ଦେଇଥିବା ବାବା ଭଣ୍ଡ । ତେଣୁ ଆମେ ବାବାମାନଙ୍କ ଠାରୁ ଦୂରରେ ରହିବା ଉଚତ୍ ।

ଯେ ପ୍ରକୃତ ସାଧୁ, ସନ୍ନ୍ୟାସୀ କିଂବା ବାବା ସେ କେବେ ଭଣ୍ଡାମୀ କରନ୍ତି ନାହିଁ । ବାପାଙ୍କ ବ୍ୟାଖ୍ୟା ମୂଳକ ସଂଳାପରେ ମୋର ହୃଦବୋଧ ନ ହୋଇଥିଲେ ମଧ୍ୟ ପ୍ରଥମତଃ ସୌଜନତା ଦୃଷ୍ଟିରୁ ବାପାଙ୍କ ସହ ତର୍କ କରିବା ଦୋଷାବହ ଏବଂ ନୀତି ବିରୁଦ୍ଧ, ଦ୍ୱିତୀୟତଃ ବାବାମାନଙ୍କ ବିରୁଦ୍ଧରେ ଯାହା ଠାରୁ ମୋର ଅଧିକା ଜ୍ଞାନ ନ ଥିଲା । ତେଣୁ ନୀରବ ରହିବାକୁ ଉଚତ୍ ମନେ କରିଥିଲି ।

ଆଜି ଯୋଗୀଙ୍କୁ ଦେଖିବା ପରେ ପରେ ମନରେ କୌତୁହଳ ଜାଗିଥିଲା । ସଙ୍ଗେ ସଙ୍ଗେ ଭୟ ମଧ୍ୟ । ସୁଶୀନାନୀକୁ ନଦରୁ ଉଠାଇବାକୁ ଚେଷ୍ଟା କରି ପରାସ୍ତ ହେଲି । ଏକା ଏକା ଯାଇ ବଡମାନଙ୍କ ଆଲୋଚନା ସ୍ଥଳରେ ପହଞ୍ଚ ଗଲି । ମତେ ଦେଖୁ ଦେଖୁ ଯୋଗୀ କହି ଉଠିଲେ, "ଯାହାର ଏବର୍ଷ ହେବ ନାହିଁ, ଆସନ୍ତା ବର୍ଷକୁ ରହିବ ନାହିଁ ।" ମୁଁ କିଛି ନ ବୁଝିପାରି ସମସ୍ତଙ୍କ ମୁହଁକୁ ବଲ ବଲ କରି ଚାହିଁଲି । ନାନୀର ମୋ ଆଡକୁ କଡା ନଜର ଦେଖି ଅଗତ୍ୟା ମତେ ସେ ସ୍ଥାନ ଛାଡି ଭିତରକୁ ଆସିବାକୁ ହେଲା ।

ପ୍ରାୟ ଗୋଟିଏ ସପ୍ତାହ ଗଡି ଗଲାଣି । ବାପାଙ୍କର ଗତିବିଧି ମତେ ଖୁବ୍ ଅଡୁଆ ଲାଗୁଥିଲେ ମଧ୍ୟ ତାଙ୍କ ବିଷୟରେ ଅଧିକ ଜାଣିବା ପାଇଁ କୌତୁହଳ ବଢିଲା । ଛୁଆନନା ଦୁଇଦିନ ପାଇଁ ଗାଁକୁ ଆସିଥିଲେ । ଘରକୁ ଯୋଗୀ ଆସିବାର ବିବରଣୀ ଦେଇ ତାଙ୍କ ବିଷୟରେ ବେଶୀ କିଛି ଜାଣିବାର ଇଚ୍ଛା ପ୍ରକାଶ କଲି । ମୋ କଥା ଶୁଣି ଛୁଆନନା ବିରକ୍ତିର ଚରମ ସୀମାରେ ପହଞ୍ଚି ଗଲେ । "ତୁ ବି ଏ ଭଣ୍ଡ ବାବାଙ୍କ ଚକରରେ ଆସି ଗଲୁଣି? ମନେ ରଖିଥା, ଏ

ମାନଙ୍କ ଠାରୁ ନିଜକୁ ଦୂରରେ ରଖିବୁ ।" ମୁଁ କାହିଁକି ଚକରରେ ଆସିବି! ମୁଁ ତ ତାଙ୍କ ପାଖରେ ମିନିଟିଏ ବସିନି ମଧ୍ୟ ।

ଏ ଥର ଛୁଆନନା ଅପେକ୍ଷା କୃତ ସହଜ ହୋଇ କହିଲେ, "ବାବା- - - - - ଯୋଗୀ- - - - ସାଧକ- - - ଏମାନେ ସମସ୍ତେ ଭଣ୍ଡ । ଏହା ଆଜି ନୁହେଁ, ପୌରାଣିକ ଯୁଗରୁ ଚାଲି ଆସିଛି । ସୀତା ଚୋରୀ ବିଷୟରେ ତ ପଢିଥିବୁ ନିଶ୍ଚୟ ।"

ହଁ, ଯେ- - - - ତଥାପି ସମସ୍ତେ କାହିଁକି ବାବା- - - ବାବା- - - କରି ତାଙ୍କ ଚରଣ ସ୍ପର୍ଶ କରୁଥିଲେ ।

ଦୁନିଆରେ ତିନି ପ୍ରକାର ଯୋଗୀ ଅଛନ୍ତି, ପ୍ରଥମ, ସଦା ସର୍ବଦା ଯୋଗ କରୁଥାନ୍ତି । ଅନ୍ୟମାନଙ୍କ ତୁଳନାରେ ଏମାନେ ବିରଳ । ଦ୍ୱିତୀୟ ଗୋଷ୍ଠୀର ଯୋଗୀମାନେ ଭୂତ ଭବିଷ୍ୟ ପଢି ପାରନ୍ତି ବୋଲି ଦାବୀ କରି ସେମାନଙ୍କ ମଧ୍ୟରୁ ଅନେକ ସମାଜକୁ ଭଣ୍ଡିବାର ପ୍ରୟାସ କରିଥାନ୍ତି । ତୋ କଥାରୁ ମନେ ହୁଏ, ଏଇ ଦ୍ୱିତୀୟ ପ୍ରକାର ଯୋଗୀ ଆମ ଘରକୁ ଆସିଥିଲେ । ଏଇ ଭଣ୍ଡମାନଙ୍କ ସଂପର୍କରେ ନିକଟରେ ଘଟିଥିବା ଗୋଟିଏ ଘଟଣା କୁହୁଛି । ଦାମ ସୂତାରକୁ ଜାଣିଛୁ?

ହଁ, ସେ ସବୁବେଳେ ଗୋଲନା ଘରକୁ ଆସେ ।

ଠିକ୍ ମନେ ରଖିଛୁ । ତାର ପିଲା ଛଆ ହେଉ ନ ଥିଲେ, ତାକୁ କଏ ଏଇମିତି ଭଣ୍ଡ ମାନଙ୍କର ଖବର ଦେଲା । ଦିନେ ଜଣେ ଭଣ୍ଡବାବାଙ୍କ ସଂସ୍ପର୍ଶରେ ଆସି ସେ ତାର ଦୁଃଖ ଜଣାଇଲା । ବାବା ତାକୁ ଗୋଟିଏ ଚବୁତରା ଉପରେ କିଛି ଟଙ୍କା, ସୁନା, ନୂଆ ଲୁଗା, କମ୍ବଳ ରଖି ତା ଚାରିପଟେ ପ୍ରଦକ୍ଷିଣ କରି ତା ଆଡକୁ ପଛ ୧୦୮ ପାଦ ପକାଇ ଯିବ । ଏପରି କଲେ ଖୁବ୍ ଶୀଘ୍ର ତାର ପୁତ୍ର ସନ୍ତାନ ଲାଭ ହେବ ।

କେବେକା କଥା, ଦାମ ସୂତାର ଘରେ ପୁଅ ଜନ୍ମ ହେଲାଣି? କାହିଁ, ସେ ତ ଆମ ଠାକୁରଙ୍କ ପାଖକୁ ଭୋଗ କରିବାକୁ ଆସିନି?

ତୋ ପାଖରେ ଧୈର୍ଯ୍ୟ ବୋଲି ଜିନଷଟିର ଅଭାବ । ଯେତେ ଭଲ ହେଲେ କ'ଣ ହେବ । ଧୈର୍ଯ୍ୟ ଧରିବା ଶିଖ୍, ଭବିଷ୍ୟତରେ ବହୁତ କାମ ଦେବ । ଟିକଏ ରହି ପୁଣି କହିଲେ, ତା ପରେ କ'ଣ ହେଲା ଶୁଣ୍ । ଦାମ ଯେତେବେଳେ ଫେରି ଚବୁତରା ପାଖକୁ ଆସିଲା ସେଠାରେ ଗୋଟିଏ ଘୁଷୁରୀ ଛୁଆ ବୁଲୁଥିଲା, ବାବା ସବୁ ଜିନଷ ନେଇ ଫେରାର୍ ।

ଆମ ଘରୁ ବି ସେମିତି ଜିନଷ ମାନ ନେଇ ବାବା ଯାଇଥିବେ?

ମୁଁ କେମିତି ଜାଣିବି । ତୁ ଘରେ ଥିଲୁ, ତତେ ବେଶୀ ଜଣା ଥିବ ।

ଏମାନେ କାହିଁକି ମଣିଷ ନ ରହି ବାବା ହୁଅନ୍ତି?

ଯୋଗୀମାନେ ସାଧାରଣତଃ ଶିବ (ମହାଦେବ) ଙ୍କୁ ପୂଜା କରିଥାନ୍ତି । ପ୍ରଥମେ ପ୍ରଥମେ ସେମାନେ ତାଙ୍କର ନତ୍ୟକର୍ମରେ ପୂଜାକୁ ସ୍ଥାନ ଦେଇଥାନ୍ତି । କ୍ରମଶଃ ଏହା ବୃଦ୍ଧି ପାଇଥାଏ। କେତେକ ଇଣ୍ଡୋ ଆରିଆନ୍ ଭାଷା କହିଥାନ୍ତି । ସେମାନେ କହିଥାନ୍ତି, ଯୋଗ ଅଭ୍ୟାସ କଲେ ମୋକ୍ଷ ପ୍ରାପ୍ତ ହୁଏ । ସାଧାରଣତଃ ଦେଖାଯାଏ ଯେଉଁମାନେ ପିଲାଟି ଦିନୁ ଅଳସୁଆ ଏବଂ କାମଚୋର ପ୍ରବୃତ୍ତିର ହୋଇଥାଆନ୍ତି, କାମରୁ ଦୂରକୁ ରହିବା ପାଇଁ ସଦା ସର୍ବଦା କିଛି ନା କିଛି ବାହାନା ଖୋଜୁଥାନ୍ତି । ଏଇ ବାହାନା ତିନପ୍ରକାର । ଅସୁସ୍ଥତା, ନଜ ପାଠପଢା ଏବଂ ପୂଜା ପୂଜି କରିବାର ବାହାନା। ପ୍ରଥମ ଦୁଇଟି ବେଶୀ ବାର ପାଇଁ ପ୍ରଯୁଜ୍ୟ ହୋଇ ପାରେନା, ତେଣୁ ଏଇ ପୂଜା ପନ୍ଥାଟି ସ୍ଥାୟୀ ହୋଇଯାଇଥାଏ। ଅଳସୁଆ ମାନଙ୍କର ଅର୍ଥ ଅର୍ଜନ କରିବାର କ୍ଷମତା ନ ଥାଏ, ତେଣୁ ସେମାନେ ଏଇ ପନ୍ଥାଟିକୁ ନଜର କରି ନେଇଥାନ୍ତି । ଧର୍ମ ନାମରେ ଅନ୍ୟକୁ ଲୁଟି ଅନାୟାସରେ ଅର୍ଥ ଉପାର୍ଜନ କରି ଥାଆନ୍ତି ।

ମୁଁ ଯେଉଁ ପ୍ରକୃତ ଯୋଗୀ ମାନଙ୍କ କଥା ପ୍ରଥମେ କହିଲି ସେମାନଙ୍କ ସଂଖ୍ୟା ଖୁବ୍ କମ୍ । ଶହ ଶହ ଭଣ୍ଡମାନଙ୍କ ମଧ୍ୟରୁ ଗୋଟିଏ ଅଧେ ପ୍ରକୃତ ଯୋଗୀଙ୍କୁ ଚହ୍ନି ବାହାର କରିବା ସମ୍ଭବ ନୁହେଁ । ତେଣୁ ଯୋଗୀମାନଙ୍କ ଠାରୁ ନଜକୁ ଦୂରରେ ରଖିବା ବୁଦ୍ଧିମାନର କାର୍ଯ୍ୟ । ତାହାଦ୍ୱାରା ଆମେ ପ୍ରକୃତ ଯୋଗୀଙ୍କୁ ଅପମାନ କରିବାନ କିଂବା ଭଣ୍ଡ ମାନଙ୍କ ଜାଲରେ ଶୀକାର ହେବାନ ।

ଯୋଗୀ ଯିବାର ମାସକରୁ ଉର୍ଦ୍ଧ ହୋଇଯାଇଥିଲେ ମଧ ଘରେ, ବାହାରେ ସମସ୍ତଙ୍କ ମୁହଁରେ ସେଇ ଗୋଟିଏ କଥା । ବହୁ ଜ୍ଞାନୀ ବାବା, ପରିବାର ବିଷୟରେ ସବୁ ସତକଥା ଗୁଡିକ ଗଡ ଗଡ ହୋଇ ଗାଇଗଲେ । ଭଗବତ ମା, ନାନୀ ପାଖେ ନେହୁର୍ ହେଉଥିଲ୍," ବାବୁଙ୍କୁ କହି ଆଉଥରେ ବାବାଙ୍କୁ ଡାକନ୍ତନ । ସାନ ବୋହୂଟାକୁ ଥରେ ଦେଖେଇ ଦେଇଥାନ୍ତି । ଦଶବର୍ଷ ହେଇ ଗଲାଣି, ଠାକୁର ତା କୋଳ ଖାଲି ରଖିଛନ୍ତି । ପାଖରେ ମଲ୍ଲୀମା ବସିଥିଲ୍, କହିଲ୍, "ହଁ ପର୍ ନୁଗା ନବାକୁ ଆଇଥେଲି, ମୁଁ କଏ, କାଇଁକି ଆଇଚ, ମୋ ଘରେ ଆଉ କଏ କଏ ଅଛନ୍ତି ସବୁ ଗାଇଗଲ୍ ଗୋ ।"

ବଇଦା ଗୁଡିଆ ପାଳ ଧରିଲ୍ । "ସତରେ ନାନୀ, ପିଲ୍‌ବେଳେ ଗଛରୁ ପଡି ଅଣ୍ଟାରେ ଗୋଟାଏ ବଡ ଚହ୍ନ ରହିଛି । କାହାକୁ ଜଣା ନାହିଁ । ତାହା ବି କହିଦେଲେ, କୋଉ ଗଛରୁ ପଡିଥିଲି ସେ କଥା ବି ଯେମିତି ତାଙ୍କୁ ଅଛପା ନ ଥିଲ୍ । ଭରି ଜ୍ଞାନୀ ବାବାଟିଏ। ଭୂତ, ଭବିଷ୍ୟ ତାଙ୍କୁ ସବୁ ଜଣା । ହାତ ରେଖା ପଢିବାକୁ ପଡୁ ନଥିଲ୍ । କପାଳରୁ ସବୁ ପଢି ନେଉଥିଲେ ।

ମୋ ଖାଇବା ହାତ ବାହା ତଳେ ଗୋଟେ ବଡ ଭିତୁଡୀ, ସେ କଥା ବି ତାଙ୍କୁ ଜଣାଥିଲ୍, କହିଲେ ହସକୁଡୀ ନୂଆବୋଉ ( ନାଭି ନନାଙ୍କ ସ୍ତ୍ରୀ) ।

ଏଥର ମୋ ପାଟିରୁ ବାହାରି ପଡିଲ୍ "ତୁମେ ତେବେ ଭାନୁବତୀ ନୂଆବୋଉ"

"ଯାଉଛୁ ଏଠୁ ନା ଏବେ ଦେଖିବୁ" କହି ଗୋପିଆ ମା ଆଇ ମୋ ଆଡକୁ ଖଣ୍ଡିଆ ଛାଞ୍ଚୁଣୀ ଖଣ୍ଡେ ଦେଖାଇଲ୍ ।

କ୍ରମଶଃ.....

ବସନ୍ତ କୁଞ୍ଜ, ନୂଆ ଦିଲ୍ଲୀ

# ମହାମାୟା



ସୌମ୍ୟ ରଞ୍ଜନ ପାଲ

ମହିଷାସୁର ଯେ ମନୁଜ ସ୍ୱରୂପେ
ମରତ ମଣ୍ଡଳେ ରହି,
ମହିଳାଙ୍କ ପ୍ରତି ମନୋରଥ କ୍ରୁର
ମନେ ବୁଲୁଛନ୍ତି ବାହି ।
ମିହିର ଜ୍ୱାଳାରେ ମୃଗାଙ୍କ ବେଳାରେ
ମେଘପୁଷ୍ପେ ଅକ୍ଷି ଭରେ,
ମହୀରୁହ ଛିଡା ମନ୍ଦାକିନୀ ପୀଡା
ମହୀଧର ଦେଖି ଥରେ ।
ମଧୁପ ନଷ୍ଟୁର ମୃଗପତି ସାଜି
ମଞ୍ଜୁଳ ସାହସ ହରେ,
ମହେଶ୍ୱର ଛାଡ ମୃତ୍ୟୁ ତାଣ୍ଡବରେ
ମର୍କଟ ତନ ଶିହରେ ।
ମନୀଷା ସଭିଙ୍କ ମହୀରେ ଅସ୍ତିତ୍ୱ
ମଳନ ଯାଇଛି ପଡି,
ମୂଷିକ ସମସ୍ତ ମେଳ ମଧ୍ୟେ ରହି
ମେଣ୍ଢା ପରି ଦ୍ୟନ୍ତି ରଡି ।
ମହାମାୟା ତୁମେ ମୟୂଖ ବିସ୍ତାରି
ମାତା ଭଗିନୀ ଉଦ୍ଧାର,
ମହେନ୍ଦ୍ର ସମକ୍ଷ ମୁଦ ବରଷାଇ
ମାରୁତ ଦିଗ ନର୍ଦ୍ଧାର ।



ବଡସୋଲ୍, ଝରପୋଖରିଆ, ଡି. ମୟୁରଭଞ୍ଜ, ଓଡିଶା

ବେଦାନ୍ତୀ

# ଗୋଡ ହାତ ତୋର ଦେ'ରେ ଜାକ



ରମେଶ ଚନ୍ଦ୍ର ମଲିକ

ଜାଣେ ଏ ଜଗତ କଚ୍ଛପ ଗତି
ଶଶାଠୁଁ ଦୌଡେ ଯାଇଛି ଜିତି
ଶାସ୍ତ୍ରେ ଦଶାବତାର ମହିମା ଅତି
କଚ୍ଛପ ବୃତ୍ତାନ୍ତ ବଢାଏ ଶକ୍ତି
ବାସ୍ତୁ ଦୋଷେ କଚ୍ଛପ କର୍ମମତି
କଏ ବା ନଜାଣେ ପେନସୁଇ ନୀତି
ବାହ୍ୟାବରଣେ ସେ ମଜଭୁତି
ଅନ୍ତକରଣେ ଶୁଶୀତଳ ଶାନ୍ତି
କଚ୍ଛପ ଆୟୁଷ ନୁହେଁ ଅନତି
ନୀରିହ ପ୍ରାଣୀଟି ନ କରେ କ୍ଷତି
ଜଳରେ ଥାଏ ସେ ସ୍ଥଳରେ ପୁଣି
ପଡିଲେ ପ୍ରମାଦ ତୁନ ହୁଏ ସବୁ ଜାଣି
ଗୋଡ ହାତ ଦେଇ ଜାକ ଯାଏ ବସି
ଗଡେଇଲେ ଚଡେଇଲେ ଯାଏନା ରୁଷି
ଆଜି ଏ ମଣିଷ ଜାଣୁଛି ବେଶୀ
ଜିଣୁଛି କମ୍ , ଠକବାକୁ ଯାଇ ଯାଉଛି ଫସି

ବିଚର୍‌ ବିଗୁରି ମୁଣ୍ଡ ଆଉଁସି

ଭାଗ୍ୟ ଭାଗଫଳେ ଅନ୍ୟକୁ ମଣୁଛି ଦୋଷୀ

ସବୁ ଦେଖି କଚ୍ଛପ ମନ୍ଦ ମନ୍ଦ ହସି

କହୁଛି ରେ ମଣିଷ ଥୋଉଛୁ ପୂଜୁଛୁ ଦିବାନଶି

ପର ଘରେ ପର ଧନେ ଗୋଡ ଦେଉଛୁ ଖସେଇ

ଆପଣାର ସ୍ୱାର୍ଥ ପାଇଁ ସାଜୁଛୁ କଂସେଇ

ଥାଉ ଥାଉ ବେଳ ଯା ତୁ ଶିଖି

ଆଗପଛ ଦେଖି ଗୋଡ ହାତ ତୋ ଦେ'ରେ ଜାକ

ସି ଆର ସି ସି, ଲକ୍ଷ୍ମୀନାରାୟଣ ପୁର,
କେନ୍ଦ୍ରାପଡା

ବେଦାନ୍ତୀର ଆଗାମୀ ସଂଖ୍ୟା ନଭେମ୍ବର ମାସ ୧ ତାରିଖରେ ପ୍ରକାଶ ପାଇବ ।
ଏହି ସଂଖ୍ୟା ପାଇଁ ଆପଣମାନଙ୍କ ଲେଖା ପଠାଇବାପାଇଁ ଅନୁରୋଧ ।
ଆପଣମାନଙ୍କ ଲେଖା ଅକ୍ଟୋବର ୧୫ ତାରିଖ ସୁଦ୍ଧା ଆମ ପାଖକୁ ପଠାନ୍ତୁ ।
ଆପଣମାନେ ଲେଖା ଇମେଲ୍ କମ୍ବା ହ୍ୱାଟସଆପ୍ ଜରିଆରେ ପଠାଇପାରିବେ ।

ଇମେଲ୍ - vedantimagazine@gmail.com /
editor.vedantimagazine@gmail.com
ହ୍ୱାଟସଆପ୍ ନଂ- 9594993733

# ଏମିତି ବି ହୁଏ



ସତ୍ୟବ୍ରତ ସାହୁ

ସେଦିନ ମୁଁ ଡ୍ୟୁଟି ସାରି ବୈତରଣୀ ରୋଡ୍ ରୁ ଫେରୁଥାଏ ମୋ ବାଇକ୍ ରେ । ସନ୍ଧ୍ୟା ଆଗତ ପ୍ରାୟ । ଘରେ ପହଞ୍ଚିବା ପାଇଁ ବ୍ୟାକୁଳତା ଥାଏ । ଷଠିପୁରରୁ ଯାଜପୁର ଟାଉନ୍ ଯିବା ରାସ୍ତାରେ ଓଭରବ୍ରିଜ ପାଖରେ ତରୁଣୀଟିଏ ଲିଫଟ୍ ପାଇଁ ହାତ ମାରିଲା । ଟିକେ ଭାବିଲି । କଣ କରିବି? ଲିଫଟ୍ ଦେବି କି ନାହିଁ । ଆଜିକାଲି ସମୟ ଯାହା, ଭଲ କଲେ ବି ଭେଲ ହୋଇଯିବ । ଝିଅଟି ସୁନ୍ଦରୀ ତ ନିଶ୍ଚୟ । ମୁଖ ମଣ୍ଡଳ କହୁଥାଏ ସେ ନମ୍ର ଏବଂ ବ୍ୟସ୍ତ । ଦୋ ଦୋ ପାଞ୍ଚ ହୋଇ ଗାଡିରେ ବ୍ରେକ ଦେଲି । ପଚାରିଲି – କୁଆଡେ ଯିବେ? ଟାଉନ୍ – କହିଲା ଝିଅଟି । ଟାଉନ୍ ର କେଉଁଠାକୁ? ବଡ ମେଡିକାଲ – କହିଲା ସେ ।

ବଡ ମେଡିକାଲରେ ମୋ ମା ଚକିତ୍ସିତ ହେଉଛନ୍ତି । ସନ୍ଧ୍ୟା ପୂର୍ବରୁ ତାଙ୍କ ପାଖରେ ପହଞ୍ଚିବାର ଅଛି । ପାଖାପାଖି ଅଧଘଣ୍ଟେ ହେବ ଏଠାରେ ଠିଆ ହୋଇଛି । କିଛି ଗାଡି ଆସୁନ ।

ହଉ ବସ, ମୁଁ କହିଲି । ସେ ବସିଲା । ଦୁଇ ଗୋଡ ଫାଡି ନୁହେଁ, ଏକ ପାଖିଆ । ସ୍ୱଭାବରେ ନମ୍ର ଲାଗୁଥାଏ । ମୋ ଦେହକୁ ତା ଦେହ ଲାଗିବାକୁ ଦେଉନଥାଏ । ପଚାରିଲି – ଘର କେଉଁଠି? ମଙ୍ଗଳପୁର – କହିଲା ସେ । ମଙ୍ଗଳପୁର ମାନେ ଆମ ପାଖାପାଖି । ଟିକେ ସାହସ ପାଇ ଝିଅଟି କହିଲା – ଆପଣଙ୍କ ଘର କେଉଁ ଗାଁ? ମୁଁ କହିଲି – ପଲ୍ଲାସାହି । ଏପଟେ କୁଆଡେ ଆସିଥିଲ ବୋଲି ପଚାରିଲାରୁ ସେ କହିଲା ସାଙ୍ଗ ପାଖକୁ । ତାପରେ ବେଶୀ କିଛି କଥାବାର୍ତ୍ତା ନଥିଲା ଆମ ଭିତରେ । ଅଳ୍ପ ସମୟ ଭିତରେ ମୁଁ ପହଞ୍ଚିଗଲି ବଡ

ମେଡିକାଲ ସାମନାରେ । ଚଟାପଟ ଓହ୍ଲାଇ ପଡିଲା ଝିଅଟି । ଧନ୍ୟବାଦ ଦେଲା ପରେ କହିଲା – ଆପଣଙ୍କ ମୋବାଇଲ୍ ନମ୍ବର ଟା ଦେଇଥାନ୍ତୁ । ମୋ କାହିଁକି ପ୍ରଶ୍ନର ଉତ୍ତରରେ ସେ କହିଲା – ଆପଣ ଏତେ ସାହାଯ୍ୟ କଲେ, ଇଚ୍ଛା ହେଲେ କେତେବେଳେ ଆପଣଙ୍କ ଫୋନ ତ କରିପାରିବି । କୃତଜ୍ଞତା ତ ଜଣାଇ ପାରିବି । ହଉ ଲେଖ କହି ମୁଁ କହିଲି – ୯୩୩୮୧୬୫୬୧୯ । ଝିଅଟି ତା ମୋବାଇଲରେ ନମ୍ବର ଟିପିଲା । ଏହା ଭିତରେ ରୁମାଲ କାଢ଼ିବା ବାହାନାରେ ମୋ ପଛ ପକେଟରେ ମନ ପର୍ସ ସୁରକ୍ଷିତ ଅଛିବୋଲି ଜାଣିପାରିଲି ।

ସେତେବେଳକୁ ସେ ଛୋଟ କାଗଜରେ କଛି ଲେଖି ସାରିଥାଏ । ମୋତେ ଗୁରିଚଉତା କାଗଜଟି ବଢାଇ ଦେଇ କହିଲା – ମୋ ନମ୍ବରଟା ବି ରଖିଥାନ୍ତୁ । ମୁଁ କାଗଜଟି ଧରୁ ଧରୁ ସେ ଭିତରକୁ ପଶିଗଲା । ମୁଁ କାଗଜଟି ଆଗ ପକେଟରେ ରଖି ଗାଡି ଗଡାଇଲି ଘର ଅଭିମୁଖେ ।

ଘରେ ପହଞ୍ଚିଲା ପରେ ମନେପଡିଲା ଝିଅଟି କଥା । ଭାବିଲି ଫୋନ କରି ପଗ୍ଚରିଦେବି ମାଙ୍କ ଦେହ ବିଷୟରେ । ପକେଟରୁ କାଗଜଟି କାଢି ଖୋଲିଲି । ଲେଖାଥିଲା, ପୂର୍ଣ୍ଣିମା – ୯୩୩୮୧୬୫୬୧୯ । ଆଶ୍ଚର୍ଯ୍ୟ ହେଲି ମୁଁ । ମୋ ଫୋନ୍ ନମ୍ବର ମୋତେ.... । ମନେ ମନେ ହସିଲି । ଭାବିଲି କେତେ ସୁନ୍ଦର ଭାବରେ ଠକାଇ ଦେଲା ଝିଅଟି ମୋତେ । ମୁଁ ତ ତାକୁ ନମ୍ବର ମାଗି ନଥିଲି । ତେବେ କଣ ପାଇଁ ଏମିତି ଅଭିନୟଟେ କଲା ମୋ ନିକଟରେ? ତା ନିରୀହ ମୁହଁଟା ନାଚି ଉଠିଲା ମୋ ମାନସ ପଟ୍ଟରେ । ଏତେ ନିରୀହ ଲାଗୁଥିବା ଝିଅଟି ବି ଏମିତି କରିପାରେ ଭାବି ନିଜକୁ ନିଜେ ବୁଝାଇଦେଲି....ହଁ, ବେଳେବେଳେ ଏମିତି ବି ହୁଏ ।

ପଲ୍ଲୀସାହି, କମାଳପୁର, ଅହିୟାସ, ଯାଜପୁର

# ଢାଳ ଟିକେ ପ୍ରୀତିବାରି



ସନ୍ତୋଷ ପଟ୍ଟନାୟକ

ନିର୍ଶ ନିଦାଘ ରଚିଥିଲା ଦାଗ
ଅସହ୍ୟ ଯନ୍ତ୍ରଣା ଦେଇ
ଆକାଂକ୍ଷା ଆକାଶୁ ଅସରଏ ମେଘ
ଆତ୍ମଗ୍ଲାନି ଦେଲା ଧୋଇ...

ବର୍ଷାରେ ଭିଜିଲା ଦେହ ମୋର ସିନା
ଶୁଖିଲା ରହିଲା ମନ
ତୁମରି ବିରହେ ପାଲଟି ଯାଇଛି
ଏ' ହୃଦୟ ମରୁବନ....

ହୃଦୟେ ସ୍ପନ୍ଦିତ ମନ ଆକୁଳିତ
ଉଦ୍ବିଗ୍ନେ କମ୍ପିତ ପ୍ରାଣ
ଆର୍ଦ୍ରତା ବିହୀନ ମଉସୁମୀ ମନ
ଅବୁଝା ଏ ଯଉବନ....

ଅଭିମାନ ଭୁଲି ପାଶେ ଆସ ଚାଲି
ଅବଶୋଷ ଯାଉ ସରି
ହୃଦୟ କୋହକୁ ପ୍ରଶମିତ କର
ଢାଳ ଟିକେ ପ୍ରୀତି ବାରି

ଗଞ୍ଜାମ, ଓଡିଶା

# ମୁଁ ଶୂନ୍ୟ

ଶୁଭସ୍ମିତା ବେହେରା

ନୁହେଁରେ ମୁଁ କବି
ହେଲେ ଲେଖି ଯାଏ କଣ
ଏଣୁତେଣୁ ଗୁଡାଏ ।
ନୁହେଁ ମୁଁ ଭାବୁକ
ହେଲେ ଭାବନା ରାଇଜେ
ସଦା ଘୁରି ବୁଲେ ।
ନୁହେଁ ମୁଁ ନର୍ତ୍ତକୀ
କେଜାଣି ପାଦ ମୋର
ଅଧୀର ହୋଇ ଉଠେ ।
ନୁହେଁ ମୁଁ ଗାୟିକା
ହେଲେ ଗୁଣୁଗୁଣୁ ହୋଇ
କଣ ଏଣୁତେଣୁ ଗାଇଯାଏ ।
ନୁହେଁ ମୁଁ ସମାଲୋଚକ
କିନ୍ତୁ ପ୍ରତ୍ୟେକ କଥାରେ
ରହସ୍ୟକୁ ମୁଁ ଭେଦ କରେ ।
ନୁହେଁ ମୁଁ ପୂଜାରିଣୀ
ହେଲେ ସଦା ଆରଧନାରେ ରତ ରୁହେ ।
ହଁ ମୁଁ ବି କୋଉ ଭଲ ମଣିଷ ଯେ
କିନ୍ତୁ ସଦା ଚେଷ୍ଟା କରେ
ଉତ୍ତମ ହେବା ପାଇଁ ।

ଉଦୟନାଥ ଅଟୋନୋମସ କଲେଜ ( ଅଡଶପୁର)
ଜେନାପୁର, ଜାଜପୁର, ଓଡିଶା

# ଇସ୍ତ୍ରୀ



ଜଗଦୀଶ ଚନ୍ଦ୍ର

ବାହାଘରର କେତେ ଦିନ ପରଠୁ ଶିଳା ଏହି ବୋଧ ହୋଇଥିଲା ଯେ, ଜୀବନର ଆଉ ଏକ ନାମ ଆଡଜେଷ୍ଟମେଣ୍ଟ । କେବଳ ମାନ ଚଳ ପାରିଲେ ସୁଖର ଗୁବିକାଠି ତୁମ ହାତରେ । ଅସଲରେ ଯେଉଁଟାକୁ ସୁଖ ବୋଲି ଭବାଯାଏ, ସେଇଟାକୁ ସୁଖ ନ କହି ଶାନ୍ତି କହିବା ହିଁ ଭଲ । ମତର ବିରୋଧତା କରି ଯୌଥ ପରିବାରରେ ନଜର ମତ ପ୍ରତିଷ୍ଠା କରିବା, ଏଭରେଷ୍ଟ ବିଜୟ ସହ ସମତୁଲ୍ୟ । ତେଣୁ ମାନ ନେବାଟା ହିଁ ଶିଳା ଜୀବନର ଅଲିଖିତ ଧର୍ମ ମଧ୍ୟରେ ସାମିଲ ।

ତିରିଶ ବର୍ଷ ମାନ ନେବା ଏବଂ ମନେଇ ନେବା ମଧ୍ୟରେ ନଜ କଥାଗୁଡା ଯେମିତି ସେଇ ରଥର ମେଳାରେ ହଜି ଯାଇଥିବା ଶୈଶବ ଭଳ କୁଆଡେ ହଜି ଯାଇଛି । ଆଜି ମିଳନ୍ ର ଅବସରପ୍ରାପ୍ତିର ଦିନ । ଅଫିସ୍ ରେ ଗୋଟିଏ ଫେୟାରୱେଲ୍ ପାର୍ଟି ଆୟୋଜନ କରାଯାଇଛି । ପୁଣି ସସ୍ତ୍ରୀକ ନମନ୍ତ୍ରଣ ସହ । ଅନେକଙ୍କ ଭାଷଣ ଶେଷରେ ମିଳନଙ୍କୁ କଛି କହିବାକୁ ଅନୁରୋଧ କରାଗଲା । ଶୈଶବର ଦାରିଦ୍ର୍ୟ ସହ ସଂଗ୍ରାମଠୁ ଆରମ୍ଭ କରି ପ୍ରତିଦିନର ଘର୍ମାକ୍ତ ଜୀବନ, ସାଂସାରିକ ଦାୟବଦ୍ଧତା, ତା ପରେ ଜଣେ ପୁରୁଷ ମଣିଷର କଠୋର ସଂଯମ, ତ୍ୟାଗ ସ୍ୱୀକାର, ଶୃଙ୍ଖଳା ସବୁକଛି ସ୍ଥାନ ପାଇଲା ତାଙ୍କ ଭାଷଣରେ...... ମାତ୍ର ଏକବାର ମଧ୍ୟ ନାମ ଆସିଲାନ ଶିଳାର ।

ଅନୁଷ୍ଠାନ ଶେଷରେ ମି. ପଟ୍ଟନାୟକ ଶିଳାକୁ ଅନୁରୋଧ କରିଲେ....ମ୍ୟାମ୍ ଆପଣ ମଧ୍ୟ କଛି କୁହନ୍ତୁ । ମିଳନ୍ ସର୍ବାଗ୍ରେ ଗର୍ଜନ କରି ଉଠିଲେ, "ସେ କଣ କହିବ! ସେ କଣ କେବେ କେଉଁଠି କଛି କହିଛି ନା କଣ! ସେ ସବୁ ପାରେନ ।" ତଥାପି ମି. ପଟ୍ଟନାୟକ ବିନୟର ସହିତ ଶିଳାକୁ ଅନୁରୋଧ କରିବାରୁ ନମିଷକ ମଧ୍ୟରେ ଉଠି ଠିଆହେଲେ ଶିଳା । ପିନ୍ଧିଥିବା ଶାଢୀଟାର ଆଞ୍ଚଳକୁ ଶରୀର ଉପରକୁ ଟାଣି ଦୃପ୍ତ ଭଙ୍ଗୀରେ ମାଇକ୍ ସାମନାରେ

ଆସି ଠିଆହେଲେ । "ଆଜି ମିସେସ୍ ମିଲନ୍ ଭାବରେ ଗର୍ବବୋଧ କରୁଛି । ମୁଁ ବକ୍ତା ନୁହେଁ, ତଥାପି ଏହି ଯୋଗ୍ୟତା ଦିଆହେଲି କେବଳ ମୁଁ ମି. ମିଲନ୍ ଙ୍କ ସ୍ତ୍ରୀ ବୋଲି । ସାରା ଜୀବନ ଅନ୍ତରାଳରେ ରହି ଜଣକ କାନ୍ଧରେ ସବୁ କାର୍ଯ୍ୟର ଭାର ଚପେଇ ଦେବା ମଧ୍ୟରେ ମାହାତ୍ମ କିଛି ନାହିଁ । ଏହି ଦୀର୍ଘ ତିରିଶ ବର୍ଷ ସ୍ୱାମୀଙ୍କ ସବୁ କିଛିର ସାକ୍ଷୀ ରହିଛି, ତେଣୁ ଗୋଟେ ଦୁଇଟା କଥା କହିବାର ଧୃଷ୍ଟତା କରୁଛି । ପୁରୁଷର ଉନ୍ନତିରେ ସବୁଠାରୁ ଗର୍ବିତ ବୋଧହୁଏ ନାରୀମାନେ ହୁଅନ୍ତି, ସେ ମା, ଝିଅ, ସ୍ତ୍ରୀ ଯିଏ ବି ହୁଅନ୍ତୁ ନା କାହିଁକି । କିନ୍ତୁ ସ୍ୱାମୀ ପାଖରେ ଏଇ ଯୁଗରେ ମଧ୍ୟ ଜଣେ ସ୍ତ୍ରୀ । ସ୍ତ୍ରୀ ହିଁ ରହିଯାନ୍ତି ହଳଦୀ ମଖା ହାତରେ, ଉଷ୍କ ଶୁଷ୍କ ବାଳରେ, ମାଡବିହୀନ ପୁରୁଣା ଶାଢୀରେ । ପ୍ରକୃତରେ ସ୍ତ୍ରୀ ଗୁଡା ସ୍ୱେଚ୍ଛାରେ ଇସ୍ତ୍ରୀ ଦେବାକୁ ବହୁତ ଭଲ ପାଆନ୍ତି । ପୁରୁଷର ଅସଜଡା ବିଶୃଙ୍ଖଳତ ଜୀବନଟାକୁ ପ୍ରେସ କରି ସୁନ୍ଦର କରି ତୋଳିବା, ଜୀବନଟାକୁ ସଜାଇଦେବାରେ ଠିକ୍ ଏ ସ୍ତ୍ରୀ ଗୁଡା "ଇସ୍ତ୍ରୀ" ଭଳି କାର୍ଯ୍ୟ କରନ୍ତି । ନହେଲେ ସାରା ଟା ଦିନ ଇସ୍ତ୍ରୀଟା ଶୀତଳ ଥଣ୍ଡା ହୋଇ ପଡି ରହେ ଘରର କୋଣରେ । ପ୍ରୟୋଜନରେ ଗରମ ହୁଏ, ଯେତେବେଳେ ଯେମିତି ଦରକାର । ଯାହାର ଦରକାର । ଜୀବନର ସବୁ ଅସଜଡା, ଭାଙ୍ଗ, ଅମସୃଣତାକୁ ଢାଙ୍କି ଢାଙ୍କି ମସୃଣ କରି ତୋଳେ ସେ ନିଜକୁ ନୀରବରେ । ଆଉ ଏଇ ନୀରବତାଟା ହିଁ ଆଗେଇ ନେଇଯାଏ ପୁରୁଷକୁ ସମାଜର ଦରବାରରେ ବୀରର ଆସନ ଦେବାକୁ । ସ୍ତ୍ରୀ ର ସ୍ୱେଚ୍ଛା ନିର୍ବାସନର ଇସ୍ତ୍ରୀ ହୋଇ ଉଠିବାକୁ ପୁରୁଷ ତାର ଅଧିକାର ବା ଅବଶ୍ୟମ୍ଭାବୀ ପରିଣତି ମନେକରେ । କିନ୍ତୁ ନା, ଏହି "ଇସ୍ତ୍ରୀ" ନଥିଲେ ପୁରୁଷର ଜୀବନଟା ଏତେ ପଲିସଡ୍ ହୋଇ ପାରି ନଥାନ୍ତି । ସାମାନ୍ୟ କୃତଜ୍ଞତା ଏହି ଇସ୍ତ୍ରୀର ମଧ୍ୟ ପ୍ରାପ୍ୟ । ସ୍ତ୍ରୀ ଗୁଡା ଏମିତି "ଇସ୍ତ୍ରୀ" ସାଜି ପୁରୁଷ ଜୀବନକୁ ସଜାଇ, ସୁନ୍ଦର କରି, ଗର୍ବ ଅନୁଭବ କରନ୍ତି । ସ୍ୱାମୀ ବକ୍ଷରେ ସ୍ଥାନ ନେଇ ଗର୍ବର ସହିତ ନିଜର ଅସ୍ତିତ୍ୱକୁ ଆହୁରି ମଜବୁତ୍ କରେ ସେ, ଜୀବନ ନଦୀକୁ ଆଗକୁ ଭସାଇ ନେଇ ଯିବାକୁ । ବାସ୍, ଆଜି କେବଳ ଏତିକି । ଧନ୍ୟବାଦ୍ ।"

ସମସ୍ତେ ନିର୍ବାକ୍ । କିଛି କ୍ଷଣର ସ୍ତବ୍ଧତା, ପ୍ରବଳ କରତାଳି । ପରିଶେଷରେ ମି. ପଟ୍ଟନାୟକଙ୍କ ବକ୍ତବ୍ୟ ପ୍ରତି ବର୍ଷ ଅଫିସ୍ ମ୍ୟାଗାଜିନ୍ ରେ ମ୍ୟାମ୍ ଆପଣଙ୍କ ଗୋଟିଏ ଲେଖା ଆମେ ଗ୍ରହିଁବୁ ହିଁ ଗ୍ରହିଁବୁ । ଆମମାନଙ୍କ ଅସଜଡା ଭଙ୍ଗା ଜୀବନରେ "ଇସ୍ତ୍ରୀ" ମାନଙ୍କର ଯେ ବଡ ପ୍ରୟୋଜନ ।

ପୁରୁଣା ସଦର ଥାନା ଲେନ୍, ପୁରୀ

# ଅସଫଳତା



ସାତ୍ତ୍ୱିକ ବହିଦାର

ଅସଫଳତା ଏକ ଆଦ୍ୟ ସିଢି ସଫଳତା ପ୍ରାପ୍ତି ପାଇଁ
ଦୃଢ଼ମନା ବ୍ୟକ୍ତି ଅଭିଧାନରେ ଅସମ୍ଭବ ଶବ୍ଦଯେ କାଇଁ
କାପୁରୁଷ ପାଇଁ ପାଲଟେ ସମର୍ପଣର ଏକ ସରଳ ମାଧ୍ୟମ
ସଂଗ୍ରାମୀ ବ୍ୟକ୍ତି ପାଇଁ ହୁଏ ନୂତନ ସଂଗ୍ରାମର ଅୟମାରମ୍ଭ
ସମାଜ ପାଇଁ ଅସଫଳ ବ୍ୟକ୍ତି ପାଲଟେ ଏକ କଟାକ୍ଷ
ଉଦ୍ୟମି ପାଇଁ ଅସଫଳତା ଏକ ପ୍ରେରଣାର ରୁଦ୍ରାକ୍ଷ
ଏକ ବହ୍ନି ସାଧାରଣ ବ୍ୟକ୍ତିକୁ କରେ ଅସାଧାରଣରେ ରୂପାନ୍ତରଣ
ସଂଗ୍ରାମ, ସହିଷ୍ଣୁତା ଓ ନିରନ୍ତର ଚେଷ୍ଟାର ଦୀପଶୀଖା କରେ ପ୍ରଜ୍ୱଳନ
ଲିଙ୍କନ ରୁପି ସଂଗ୍ରାମୀ ବ୍ୟକ୍ତିକୁ ଗଢିତୋଳେ ଆମେରିକାର ରାଷ୍ଟ୍ରପତି
ଜୋର୍ଡାନ ଭଳି ଲଢୁଆ ଖେଳାଳି ପାଲଟେ ବାସ୍କେଟବଲର ଅଧିପତି
ଏଡିସନଙ୍କ ଅସଫଳତାର ଯାତ୍ରା ବିଶ୍ୱକୁ କଲ୍ ବିଜୁଳିବତୀରେ ଉଦ୍ଭାସିତ
ଅସଫଳ ସନ୍ଦୀପ ମାହେଶ୍ୱରୀ ହେଲ୍ ପ୍ରେରଣାଗୁରୁ ରୂପେ ବିଶ୍ୱେ ପରିଚିତ
ଅସଫଳତାକୁ କର ସମୀକ୍ଷା ଓ ମାନିନେ ତୋର ମାର୍ଗଦର୍ଶକ
ନିରନ୍ତର ପ୍ରଚେଷ୍ଟା ଆଗେ ଅସଫଳତା ହେବ ନିଶ୍ଚେ ନତମସ୍ତକ
ଅସଫଳତାରେ ହୁଅନି ବନ୍ଧୁ କଦାପି ବ୍ୟଥିତ ଓ ହତୋତ୍ସାହିତ
ଦିନେ ତୁମ ସଫଳତାର ସୁଗନ୍ଧେ ହେବ ଚତୁର୍ଦିଗ ସୁବାସିତ

ବେଲପାହାଡ
ଝାରସୁଗୁଡା, ଓଡିଶା

# କରୁଣା କର କୃପାସିନ୍ଧୁ

ମିଥୁନ୍ ସାହୁ

ସୁଖ ଟିକେ ପାଇଁ ଦୁଃଖକୁ ସାଉଁଟି
ରଖିଛି ସାହାସ ମନେ,
ଜାଣି ମୁଁ ପାରୁନ କେତେ ଯେ ଯନ୍ତ୍ରଣା
ସହିବି ଏଇ ଜୀବନେ ||
ଦୁଃଖିଙ୍କ ଭାଗ୍ୟରେ ଲଦୁଅଛ ଯଦି
ଦୁଃଖର ଭଣ୍ଡାର ଖାଲି,
ସହିବାକୁ ପ୍ରଭୁ ଶକତି ଦିଅ ହେ
ମୁକତି ଦୁଆର ଖୋଲି ||
ଦୁଃଖିଟିଏ ଯେବେ ତୁମ୍ଭରି ପାଖରେ
ନଜକୁ ସମର୍ପି ଦିଏ,
ସବୁକଛି ସିଏ ଭୁଲିଯାଇ ସତେ
ତୁମ୍ଭକୁ ହିଁ ଡାକୁଥାଏ ||
କରୁଣା କର ହେ ତୁମ୍ଭେ କୃପା ସିନ୍ଧୁ
ଆଶିଷ ତୁମର ଢ଼ାଳ,
ତୁମ୍ଭରି ସଂସାରେ ଦୁଃଖ ଯେତେ ଅଛି
ସବୁତକ ଦିଅ ଜାଳ ||



ମାଳ ତେନ୍ତୁଳଆ, ପୋଲସରା, ଗଞ୍ଜାମ

# ଧୂସରିତ ଦିଗବଳୟ



କାର୍ତିକ ଚନ୍ଦ୍ର ତ୍ରିପାଠୀ

ଅଂଶୁମାନ ସେନାପତି ଗୋଆ ସମୁଦ୍ର କୂଳରେ ବସିଥାନ୍ତି ସଂପୂର୍ଣ୍ଣ ଏକାକୀ, ଅର୍ଥର ପ୍ରାଚୁର୍ଯ୍ୟ ଏବଂ କାର୍ଯ୍ୟ ବସ୍ତତାର ଗହ୍ୱର ଭିତରୁ ବାହାରି ଆସି ସମୁଦ୍ର ରେ ଅନ୍ତ ହେଲ୍ ଭଳ ଦିଶୁଥିବା ଦିଗବଳୟ କୁ ଗ୍ହିଁ ରହିଥାନ୍ତି । ଗୋଟିଏ ମଲ୍ଟି ନ୍ୟାସନାଲ୍ କମ୍ପାନୀ ର ସି.ଇ.ଓ. ହେଉଛନ୍ତି ଅଂଶୁମାନ । ସବୁବେଳେ କାର୍ଯ୍ୟ ବ୍ୟସ୍ତତା ବିଦେଶ ଗସ୍ତରେ ବ୍ୟସ୍ତ ରୁହନ୍ତି । ତାଙ୍କର ପତ୍ନୀ ଆଦ୍ୟାଶା ସେନାପତି, ସେ ମଧ ଭ୍ରତ ସରକାରଙ୍କ ଉଚ୍ଚପଦସ୍ଥ କର୍ମଗ୍ହରୀ । କନ୍ତୁ ପ୍ରାୟ ବହୁଦିନ ପରେ ଅଂଶୁମାନଙ୍କୁ ଗୋଆ ଆସିବାର ସୁଯୋଗ ପ୍ରାପ୍ତ ହୋଇଛି । ନ୍ୟୁୟର୍କ ଅଥବା ହଙ୍କଙ୍ଗ୍ ର ବହୁତାରକା ବିଶିଷ୍ଟ ହୋଟେଲ ହେଉ ଅଥବା ବୁଜ ଖଲିଫା, ତାଙ୍କୁ ଗୋଆ ର ପ୍ରାପ୍ତ ଆତ୍ମସନ୍ତୋଷ ଅନ୍ୟ କେଉଁଠି ପ୍ରାପ୍ତ ହୁଏନ । ଏମିତି ବସିଥିବା ସମୟରେ ତାଙ୍କର ନଜର ପଡିଲ୍ କଛି ଦୂରରେ ଛିଡା ହୋଇଥିବା ମହିଳାଙ୍କ ଉପରେ । ଆରେ ଏଇଟା ଚହ୍ନା ମୁହଁ । ଅଂଶୁମାନ ସେ ମୁହଁ କୁ ଭଲଭ୍ବରେ ଦେଖିଲେ । ହଁ, ଏ ମହିଳା ଜଣକ ହେଉଛନ୍ତି ତାଙ୍କର ୧୫ ବର୍ଷ ତଳର ଅତୀତ । ତାଙ୍କ ମୁହଁରୁ ସ୍ୱତଃ ବାହାରି ପଡିଲ୍ – ସ୍ମିତା ! ମହିଳା ଜଣକ ଯେମିତି ଆକାଶରୁ ଖସି ପଡିଲେ । ହଠାତ୍ ଯେ ଏମିତି ଅଂଶୁଙ୍କ ସହ ଦେଖା ହେବ, ସେ କେବେ କଳ୍ପନା ବି କରିନଥିଲେ । ସ୍ମିତା ପଗ୍ହରିଲେ, ଆରେ ଅଂଶୁ, ତମେ । ଦୁହିଁଙ୍କ ଆଖି ସାମନାରେ ଭ୍ସି ଯାଇଥିଲ୍ ୧୫ ବର୍ଷ ତଳର ଅତୀତ । ରେଭେନ୍ସା ବିଶ୍ୱବିଦ୍ୟାଳୟର ସ୍ନାତକ ବର୍ଷର ଛାତ୍ର ଛାତ୍ରୀ । ସେବେଠାରୁ ପ୍ରେମ ଏବଂ ପ୍ରତିଶ୍ରୁତି । ସେତେବେଳେ ଅଂଶୁ ଆର୍ଥିକ ସ୍ୱଚ୍ଛଳ ନଥିଲେ । ପରନ୍ତୁ ସ୍ମିତାଙ୍କୁ ଜୀବନଠାରୁ ବେଶି ଭଲ ପାଉଥିଲେ । ଅଂଶୁର

ନଶା ଥିଲା ଚିତ୍ର ଆଙ୍କିବା ଏବଂ କବିତା ଓ ଗଳ୍ପ ଲେଖିବା । ସ୍ମିତା ଥିଲା ଅଂଶୁଙ୍କ ପ୍ରେରଣାର ଉତ୍ସ । ତେବେ, ହଁ, ଦୁହିଁଙ୍କ ପରିବାର ଏହାକୁ ସ୍ୱୀକୃତି ଦେଇନଥିଲେ ବିଭିନ୍ନ ସାମାଜିକ କାରଣ ପାଇଁ । ସେତେବେଳେ ଅଂଶୁ ଆତ୍ମନିର୍ଭରଶୀଳ ନଥିଲେ, ସେଥିପାଇଁ ସେ ମଧ୍ୟ ସେତେବେଳେ ବିବାହ ପାଇଁ ରାଜି ନଥିଲେ । ତେବେ ଦୁହିଁଙ୍କ ଭଲ ପାଇବା ମଜବୁତ୍ ରହିଥିଲା । ଏହି ସମୟରେ ଆଇ.ଆଇ.ଏମ୍. ରେ ଏମ୍.ଏ. କରିବାକୁ ଯୋଗ୍ୟ ବିବେଚିତ ହୁଅନ୍ତି ଅଂଶୁମାନ । ତେବେ ସ୍ମିତା ର ଏକତରଫା ପ୍ରେମିକମାନଙ୍କ ତାଲିକା ଟା ବେଶ୍ ଲମ୍ବା ଥିଲା । ସ୍ମିତା ପିଜି କରିବା ନିମନ୍ତେ ଉତ୍କଳ ଇଉନିଭରସିଟି କୁ ଯାଏ । କିନ୍ତୁ ସ୍ମିତା ଅଂଶୁମାନଙ୍କ ପ୍ରେମରେ ଏତେ ନିବିଡ ଥିଲେ ଯେ ଆଉ କାହାକୁ ଚାହିଁବାକୁ ବି ଇଚ୍ଛା କରୁନଥିଲେ । ତେବେ ସମସ୍ତଙ୍କୁ ଅପେକ୍ଷିତ ହେବାକୁ ପଡିଥିଲା । ଉପେକ୍ଷିତ ହୋଇଥିବା ପିଲାମାନଙ୍କ ଭିତରୁ କିଛି ଗୁଣ୍ଡା ସ୍ୱଭାବର ଥିଲେ । ତେବେ ସେମାନେ ସେମାନଙ୍କ ଅପମାନର ପ୍ରତିଶୋଧ ନେବାକୁ ସୁଯୋଗ ଅପେକ୍ଷାରେ ଥିଲେ ଏବଂ ସ୍ମିତାକୁ ଏକୁଟିଆ ଅବସ୍ଥାରେ ଦୁଷ୍କର୍ମ କଲେ । ଲଜ୍ୟା ଓ ଅପମାନରେ ଜଳି ଯାଉଥିଲେ ସ୍ମିତା । ନ୍ୟାୟ ପାଇବା ଆଶାରେ ଥାନା ଏବଂ କୋର୍ଟକୁ ମଧ୍ୟ ଗଲେ । ତେବେ ସେଠାରେ କାହାକୁ ନ୍ୟାୟ ମିଳେ ଯେ ତାଙ୍କୁ ମିଳିଥାନ୍ତା । ସ୍ମିତାଙ୍କ ପରିବାର ଲଜ୍ୟାରେ ମୁଣ୍ଡ ଟେକି ଚାଲି ପାରୁ ନଥାନ୍ତି । ଅଂଶୁମାନ ମଧ୍ୟ ବାରମ୍ବାର ଫୋନ୍ କରି ନିରାଶ ହେଲେ । କାରଣ ସ୍ମିତାଙ୍କଠାରୁ କୌଣସି ଉତ୍ତର ମିଳୁନଥିଲା । ସ୍ମିତା ମଧ୍ୟ ବହୁବାର ଆତ୍ମହତ୍ୟାର ନିଷ୍ପତି ନେଇଥିଲେ, କିନ୍ତୁ ବଞ୍ଚି ଯାଇଥିଲେ ଏବଂ ନିଜ ପରିବାରର ମୁହଁକୁ ଚାହିଁ ବଞ୍ଚିବାକୁ ଚେଷ୍ଟା କରିଥିଲେ । ପରିବାର କହିଲେ, ବାପା, ମା ଏବଂ ସ୍ମିତା ନିଜେ । ବାପା ଜଣେ ଅବସର ପ୍ରାପ୍ତ ପିଅନ, କେତେବା ଟଙ୍କା ପେନସନ୍ ପାଇବେ । ଏହି ସମୟରେ ସ୍ମିତାର ମା କ୍ୟାନସର୍ ଭଳି ମାରାତ୍ମକ ରୋଗ ରେ ପୀଡିତ ହେଲେ । ଲାଗୁଥିଲା ଯେମିତି ଦୁଃଖ ଦିନ ସମସ୍ତ ଶକ୍ତି ପ୍ରୟୋଗ କରିଥିଲା ଏହି ପରିବାର ଉପରେ । ସେପଟେ ଅଂଶୁମାନ ଏମ୍.ବି.ଏ. ଶେଷ ବର୍ଷର ଛାତ୍ର, କଲେଜ ଛାଡି ଆସିବା ସମ୍ଭବ ହେଉ ନଥିଲା । ସ୍ମିତା ମଧ୍ୟ ନିଜକୁ ଅପବିତ୍ର ମନେ କରି ଅଂଶୁମାନଙ୍କୁ

ଭୁଲିବାକୁ ଚେଷ୍ଟା କରିଥିଲା । କେବେ ମାଙ୍କର ଚକିତ୍ସା ପାଇଁ ବହୁତ ଟଙ୍କା ଲାଗିବ ଭାବି ଯଥାଶୀଘ୍ର ଗୋଟିଏ ଚାକିରି ସନ୍ଧାନରେ ଲାଗିଲା ସ୍ମିତା । କିନ୍ତୁ ଯୋଉ ଆଡକୁ ଗଲା ସବୁଆଡେ ଲୋଲୁପ ଦୃଷ୍ଟିର ସାମ୍ନା କରିବାକୁ ପଡୁଥିଲା ସ୍ମିତାକୁ । ତେବେ ଡକ୍ଟର କହିଲେ, ମାଙ୍କର ଅପରେସନ୍ ପାଇଁ ପାଞ୍ଚ ଲକ୍ଷ ଟଙ୍କା ଲାଗିବ । ହେଲେ ଏତେ ଟଙ୍କା କୋଉଠୁ ଆସିବ । ମାଙ୍କୁ ଚକିତ୍ସା କରୁଥିବା ଡକ୍ଟର ପ୍ରତିକ୍ ସାମନ୍ତରାୟ କହିଲେ ସେ ନିଜେ ସବୁ ଟଙ୍କାର ବ୍ୟବସ୍ଥା କରିବେ । କିନ୍ତୁ ତା ବଦଳରେ ସ୍ମିତାକୁ ମଧ୍ୟ କିଛି ହରାଇବାକୁ ପଡିବ । ସ୍ମିତାର ଆଉ କିଛି ବୁଝିବା ବାକି ନଥିଲା । କିଛି ସମୟ ପୂର୍ବରୁ ଭଗବାନ ଙ୍କ ପ୍ରତିରୁପ ପରି ଦିଶୁଥିବା ଡକ୍ଟରଙ୍କ ମୁହଁ ରାକ୍ଷସ ଭଳି ଦିଶୁଥିଲା । ତେବେ ସ୍ମିତା ନିକଟରେ କୌଣସି ଉପାୟ ନଥିଲା । ସେ ଡକ୍ଟରଙ୍କ କଥାରେ ରାଜି ହୋଇ ଯାଇଥିଲା । ଡକ୍ଟରଙ୍କ ସହ ରାତ୍ରିଯାପନ ମଧ୍ୟ କରିବାକୁ ପଡିଲା । ତେବେ ମାଙ୍କର ଅପରେସନ୍ ହେଲା । ମାତ୍ର କିଛିଦିନ ପରେ ସେ ମଧ୍ୟ ଇହଧାମ ତ୍ୟାଗ କଲେ । ବାପା ମଧ୍ୟ ତାଙ୍କୁ ଝୁରି ଝୁରି ଆରପାରିକୁ ଚାଲିଗଲେ । ସ୍ମିତାର ନିଜ ପ୍ରତି ଘୃଣା ଆସିଥାଏ । ଘରେ ଏକାକୀ ହିଁ ରହିବାକୁ ପଡିଲା । ସାରା ରାତି ଅସୁରକ୍ଷିତ ରାତି ପରି ବିତୁଥାଏ । ଅଂଶୁମାନଙ୍କ ସହ ଆଉ ସମ୍ପର୍କ ରଖିବାକୁ ଚାହୁଁ ନଥାଏ ସ୍ମିତା । ହଁ ମ୍ୟାସେଜ୍ ମାଧ୍ୟମରେ ସେ ବିବାହ କରିସାରିଛି ବୋଲି ଜଣାଇଦେଲା ଅଂଶୁମାନଙ୍କୁ । ତାଙ୍କ ସ୍ୱପ୍ନ ଭାଙ୍ଗି ଖଣ୍ଡ ଖଣ୍ଡ ହୋଇଗଲା । ସେ କିଛି ବୁଝିପାରିଲେନି ଯେ ତାଙ୍କ ଚାରିପାଖରେ ପୃଥିବୀ ଏତେଶୀଘ୍ର କେମିତି ବଦଳିଗଲା । ଏହି ସମୟରେ ନରରୂପୀ ରାକ୍ଷସମାନେ ସ୍ମିତା ଉପରେ ସେହି ଅତ୍ୟାଚାର କରିବାକୁ ବାରମ୍ବାର ଚେଷ୍ଟା କଲେ । ଆଉ ହରେଇବା ପାଇଁ ସ୍ମିତା ପାଖରେ କିଛି ନଥିଲା, କେବଳ ନିଜର ଜୀବନ ବ୍ୟତୀତ । କିନ୍ତୁ ଆତ୍ମହତ୍ୟା କରିବା ସମୟରେ ଅପର୍ଣ୍ଣା ନାମୀ ଯୁବତୀ ଜଣକ ତାଙ୍କୁ ରକ୍ଷା କଲେ ଏବଂ ଅଚେତ ଅବସ୍ଥାରେ ନିଜ ଘରକୁ ନେଇଯାଇଥିଲେ । ଘର ନଥିଲା, ଗୋଟିଏ ବିଶ୍ୟାଳୟ ଥିଲା ସେଟା । ବଳପୂର୍ବକ ସ୍ମିତାକୁ ବାହାର ରାଜ୍ୟକୁ ରପ୍ତାନୀ କରାଗଲା । ସ୍ମିତାର ସୌନ୍ଦର୍ଯ୍ୟ ଏସବୁର ମୁଖ୍ୟ କାରଣ

ବୋଲି ସ୍ମିତା ଭାବୁଥାଏ । ଏମିତି ନାରକୀୟ ଜୀବନ ବିତଉ ବିତଉ ଗୋଟିଏ ବର୍ଷ ବିତିଗଲା ।

ସେପଟେ ଅଂଶୁମାନଙ୍କୁ ଏ ବହୁରାଷ୍ଟ୍ରିୟ କମ୍ପାନୀରେ ଉଚ୍ଚ ପଦବୀର ଚାକରି ମିଳଯାଇଥାଏ । ସେ ବାରମ୍ବାର ସ୍ମିତାକୁ ଭୁଲିବାକୁ ଚେଷ୍ଟା କରି ମଧ୍ୟ ପାରୁନାହାନ୍ତି । ତାଙ୍କର ପୋଷ୍ଟିଂ ହେଲା ସୁଦୁର ଆମେରିକାରେ । ସବୁକିଛି ଥାଇ ମଧ୍ୟ ସେ ନିଃସଙ୍ଗ ହେଇ ପଡୁଥିଲେ । ତେବେ ସମୟ ସବୁ ଜଖମ କୁ ଦୂର କରିଦେଲା ଭଳି ବାପା ମାଙ୍କ ଇଚ୍ଛାରେ ବିବାହ କଲେ ଆଦ୍ୟାଶାଙ୍କୁ । ଆଦ୍ୟାଶା ଜଣେ ଆଇ.ଏ.ଏସ୍. ଅଫିସର । ସେ କେବଳ ନିଜ ବୃତ୍ତିକୁ ଭଲ ପାଆନ୍ତି ଆଉ ଜୀବନକୁ ଗୋଟିଏ ଯନ୍ତ୍ର ରୂପେ ଦେଖନ୍ତି ସେ । ବିବାହର କିଛିଦିନ ପରେ ଅଂଶୁମାନ ଭାରତକୁ ଟ୍ରାନ୍ସଫର କରି ଚାଲିଆସନ୍ତି, ମାନେ ଦିଲ୍ଲୀକୁ, ଆଦ୍ୟାଶାଙ୍କ ପୋଷ୍ଟିଂ ମଧ୍ୟ ସେଇଠି । ଘରପରିବାର ପାଇଁ ସମୟ ନଥାଏ ଆଦ୍ୟାଶାଙ୍କ ପାଖରେ । ସେ ସବୁବେଳେ ପାର୍ଟି, ପିକନିକ୍ କରିବାରେ ବ୍ୟସ୍ତ । କିନ୍ତୁ ପିଲାଟି ଦିନରୁ ଦୁଃଖ କଷ୍ଟରେ ବଢିଥିବା ଅଂଶୁ ଙ୍କ ପାଇଁ ନିଜ ପରିବାର, ବାପା ମା ଥିଲେ ସବୁକିଛି ।

ଅଂଶୁମାନଙ୍କୁ ବାରମ୍ବାର କାମରେ ଦେଶ ବିଦେଶ ଯିବାକୁ ପଡେ । କହିବାକୁ ଗଲେ ଅଂଶୁମାନ ଏବଂ ଆଦ୍ୟାଶା ଥିଲେ ଦୁଇ ବିପରୀତମୁଖୀ ସରଳ ରେଖା । ସେଥିପାଇଁ ଅଂଶୁମାନ ଆଦ୍ୟାଶାର ସ୍ୱେଚ୍ଛାଚାରିତାକୁ ଲକ୍ଷ୍ୟ ନକରି ନିଜ ପରିବାର ଚିନ୍ତାରେ ଥିଲେ । ଏହା ଭିତରେ ସେମାନଙ୍କ ଏକ ପୁତ୍ର ସନ୍ତାନ ମଧ୍ୟ ହୋଇ ସାରିଥାଏ । ତେବେ ଏପଟେ ସ୍ମିତା ସେ ବିଶ୍ୟାଳୟରୁ କୌଶଳକ୍ରମେ ଖସି ଆସେ ଆଉ ସେ ନିଜେ ହିଁ ଦେହ ବ୍ୟବସାୟ ଆରମ୍ଭ କରିଦେଲା- କିନ୍ତୁ ଆଉ କାହାର ଚାପରେ ନୁହେଁ, ନିଜ ଇଚ୍ଛାରେ । ଲକ୍ଷ ଲକ୍ଷ ଟଙ୍କା ରୋଜଗାର କଲା ସ୍ମିତା । ଟଙ୍କା ଉପାର୍ଜନରେ ଏତେ ତଳକୁ ଖସିଗଲା ଯେ ସେ କେବେ ପଛକୁ ଫେରି ଚାହିଁନି । ଏବେ ଦେହଜୀବି ମାନଙ୍କ ଭିତରେ ସ୍ମିତା ମ୍ୟାଡାମ୍ ହେଉଛନ୍ତି

ମୁଖ୍ୟ । ବିଭିନ୍ନ ଯାଗାରେ ନିଜର Business, ଘର, Hotel, ଇତ୍ୟାଦି । ଆଗରୁ ସ୍ମିତାକୁ ଅପମାନ କରୁଥିବା ଲୋକେ ସ୍ମିତାକୁ ଆଖି ଉଠେଇ ଗୃହିଁବାକୁ ସାହସ କରନ୍ତି ନାହିଁ । କାରଣ ସେମାନେ ଜାଣିଛନ୍ତି ଯେ ସେ ବେଳର ଦେହଜୀବି ସ୍ମିତା ଆଜିର କୋଟିପତି ବ୍ୟବସାୟୀ ସ୍ମିତା ମହାପାତ୍ର । ହଠାତ୍ ୧୫ ବର୍ଷ ପରେ ଯେ ଅଂଶୁମାନଙ୍କ ସହ ଦେଖାହେବ, ଏ ଆଶା ତାର ଆଉ ନଥିଲା । ତେବେ ଦୁହେଁ ଦୁହିଁଙ୍କ କଥା ଶୁଣିସାରି ଅଂଶୁମାନ କହିଲେ – "ଏମିତି କାହିଁକି କଲ ସ୍ମିତା – ମୋତେ ତ ଜଣେଇ ପାରିଥାନ୍ତ । କାରଣ ମୁଁ ଜାଣେ ସତୀତ୍ୱର ପରିପ୍ରକାଶରେ ଦେହ ନିମିତ୍ତ ମାତ୍ର ।" ସ୍ମିତାର ଆଖିରେ ଅଶ୍ରୁ ଜୁଆର ଭାଙ୍ଗୁଥିଲା । ସେ କହିଲା ଓତେ କ୍ଷମା କର ଅଂଶୁ, ମୁଁ ନିଜର ପ୍ରତି ହୋଇଥିବା ଅତ୍ୟାଗ୍ଚର ରେ ତୁମ ଜୀବନକୁ କ୍ଷତାକ୍ତ କରିବାକୁ ଗୃହିଁ ନଥିଲି । ତେବେ ଛାଡ, ସେ ସମୟ ପାର ହୋଇ ସାରିଛି । ଆମେ ଦୁଇ ବନ୍ଧୁ ହୋଇ ରହିପାରିବା ନା । ସ୍ମିତା କହିଲେ, କ୍ଷମାକର, ଆଉ କୌଣସୀ ସଂପର୍କ ପାଇଁ ମୁଁ ପ୍ରସ୍ତୁତ ନୁହେଁ । ମୋତେ ମୋ ଭିତରେ ହିଁ ବଞ୍ଚିବାକୁ ଦିଅ । ଦୁହେଁ ଦୁହିଁଙ୍କଠାରୁ ବିଦାୟ ନେଲେ । ଏହା ଭିତରେ ଆଉ ୨୫ ବର୍ଷ ବିତି ଯାଇଛି । ଗୋଟିଏ କାର ଆକ୍ସିଡେଣ୍ଟ ରେ କିଛି ବର୍ଷ ପୂର୍ବେ ସ୍ମିତା ମ୍ୟାଡାମ୍ ପ୍ରାଣ ହରାନ୍ତି । ତାଙ୍କର ସମସ୍ତ ସମ୍ପତ୍ତି ଅନାଥାଶ୍ରମକୁ ଦାନ କରିଦିଆ ଯାଇଛି, ତାଙ୍କ ଇଚ୍ଛା ଅନୁସାରେ । ଆଉ ଏପଟେ ଅଂଶୁ ମାନେ ଅଂଶୁମାନ ଏବେ ଜଣେ ଗାଳ୍ପିକ । ନିଜ ଜୀବନର ଘଟଣା ସବୁକୁ କାହାଣୀର ରୂପ ଦେବା ତାଙ୍କର ନିଶା ।

ଭଦ୍ରକ, ଓଡିଶା

ବେଦାନ୍ତୀକୁ ପଢିବା ସଙ୍ଗେ ସଙ୍ଗେ ଆପଣମାନଙ୍କୁ ଅନୁରୋଧ ଯେ ଆପଣଙ୍କ ପରିବାର ଏବଂ ସମ୍ପର୍କୀୟଙ୍କୁ ମଧ ଏହା ପଠାନ୍ତୁ । ଏହାଦ୍ୱାରା ଓଡିଆ ଭାଷାର ଲୋକପ୍ରିୟତା ନିଶ୍ଚିତ ରୂପେ ବଢିପାରିବ

# ତୁମେତ ସେ



କବି ପ୍ରସାଦ

ତୁମେତ ସେ
ଯାହାକୁ ଆଖି ଝୁରୁଥିଲା
ଯାହା ଅପେକ୍ଷାରେ
ରାତି ଉଜାଗର ହେଉଥିଲା
ଜହ୍ନ ପରି ମନ ଯାହାକୁ
ହୃଦୟ ଆକାଶେ ଖୋଜୁଥିଲା
କଳାମେଘ ଦେଖି
ହୃଦୟ ମୟୂରୀ ନାଚୁଥିଲା
ଶ୍ରାବଣ ଝଡିରେ
ଭିଜିବାକୁ ଇଚ୍ଛା କରୁଥିଲା
ଗ୍ରୀଷମ ତାତିରେ
ଶିତଲତା ଅନୁଭବ ହେଉଥିଲା
ବସନ୍ତ ମଳୟ ବତାସେ
ମନ ପ୍ରଫୁଲ୍ଲ ହେଉଥିଲା
ଦୁଃଖର ମରୁଭୂମିରେ
ସୁଖର ଅସରାଏ ବରଷୁଥିଲା
ସପନରେ ନିତି

ଯାହାପାଇଁ ଅପେକ୍ଷା ହଉଥିଲି

ଏକାକୀ ଏ ମନ

ଯାହା କଥା ଭାବୁଥିଲି

ଫୁଲର ପ୍ରତି ପାଖୁଡାରେ

ଝଲମଲ ତାରା ଗହଳରେ

ପୂର୍ଣ୍ଣିମା ରାତିରେ

କଲମର ପ୍ରତି ଧାଡିରେ

ଜୀବନର ପ୍ରତି ମୂହୁର୍ତ୍ତରେ

ନଦୀ ଝରଣାର କୁଳୁକୁଳୁ ସ୍ୱରରେ

ପକ୍ଷୀଙ୍କ ସୁମଧୁର ରାବରେ

ପ୍ରକୃତିର ସୌନ୍ଦର୍ଯ୍ୟରେ

କଳ୍ପନାର ସବୁ ରାଇଜରେ

ଦୂର ଆକାଶର ଦିଗବଳୟରେ

ବିରହର ସାନ୍ତ୍ୱନାରେ

ମିଳନର ଦିବ୍ୟ ଅନୁଭୂତିରେ

ଏ କବି ଯାହାକୁ ଖୋଜୁଥିଲି

ତୁମେତ ସେ

ତୁମେତ ସେ ।

ସର୍ଗିଗୁଡା, ମଣ୍ଡଳ, ବେଲପଡା, ବଲାଙ୍ଗୀର, ଓଡିଶା

# ଅସ୍ତ ନଦାଘର ଶେଷେ



ତପନ କୁମାର ସ୍ୱାଇଁ

କଥା ଦେଇଥିଲ ଆସିବାକୁ ବର୍ଷା
ଅସ୍ତ ନଦାଘର ଶେଷେ,
ପହିଲି ଆଷାଢେ ଚପଳା ସାଥିରେ
ନବ ବଧୂ ଟିର ବେଶେ ।୦ ।

ଟାଣିଥିବ କଳା ମଥାରେ ଓଢଣୀ
ଝରି ପଡୁଥିବ ଲୁହ,
ମନ ଯମୁନାର ଉଚ୍ଛୁଳା ଢେଉରେ
ଉଙ୍କି ମାରୁଥିବ କୋହ
ସେ ଲୁହରେ ତୁମ ଭିଜିବାକୁ ଦେହ
ମରୁଛି ମୁଁ ଅବଶୋଷେ ।୧।

କଥା ଦେଇଥିଲ...................

ମାଟି ମୁଠାଏ ମୁଁ ନଦାଘ ନଆଁ ରେ

ଜଳୁଅଛି ଦିନ ରାତି,

ତୁମ ଛୁଆଁ ରେ ମୋ ପ୍ରଶମିତ ହେବ

ଦେହ ଦେଉଳର ତାତି

ରାତକନୀ ପ୍ରାୟେ ରହିଁଛି ତୁମକୁ

ଉର୍ଦ୍ଧ୍ୱେ ତୋଳ ଅନମେଶେ ।୨।

କଥା ଦେଇଥିଲ ..............

ଅଇବିଲି, ମଣିଜଙ୍ଗା,
ଜଗତସିଂହପୁର

ବେଦାନ୍ତୀକୁ ପଢିବା ସଙ୍ଗେ ସଙ୍ଗେ ଆପଣମାନଙ୍କୁ ଅନୁରୋଧ ଯେ ଆପଣଙ୍କ ପରିବାର ଏବଂ ସମ୍ପର୍କୀୟଙ୍କୁ ମଧ୍ୟ ଏହା ପଢାନ୍ତୁ । ଏହାଦ୍ଵାରା ଓଡିଆ ଭାଷାର ଲୋକପ୍ରିୟତା ନିଶ୍ଚିତ ରୂପେ ବଢିପାରିବ

# ଶୁଭଦୃଷ୍ଟି: କଲମ ବନାମ ବିଜ୍ଞାନ



କେଶରୀ ପ୍ରସାଦ ମହାନ୍ତି

କେତେବେଳେ ପ୍ରେମ ଗୋଟିଏ ଗୋଲପ ଫୁଲରୁ ଆରମ୍ଭ ହୁଏ ତ କେତେବେଳେ ପ୍ରଥମ ଦେଖାରୁ । କେତେବେଳେ ପ୍ରେମ ସତ୍ୟ, ଅସତ୍ୟ, ଅର୍ଦ୍ଧସତ୍ୟ, ଆଂଶିକ, ଅପେକ୍ଷିକ, ଆଉ କେତେବେଳେ ସତ୍ୟ ଭଳ ପ୍ରତ୍ୟୟମାନ ଅସତ୍ୟ ଘଟଣା ପରି ଅନୁଭବ ହୁଏ ।

ପ୍ରେମର ଆଦ୍ୟ ବିନ୍ଦୁ ଦୂର ପାହାଡ ପରି ଖୁବ୍ ସୁନ୍ଦର । ହେଲେ ପ୍ରାନ୍ତରେ ଯେ କେତେ ଖାଲ ଢିପକୁ ଅତିକ୍ରମ କରିବାକୁ ପଡିଥାଏ, ସେ କଥା ଖୁବ୍ କମ୍ ଅନୁଭବ କରିଥାନ୍ତି ।

ଅନେକଙ୍କ କ୍ଷେତ୍ରରେ ପ୍ରଥମଥର "ସ୍ୱର ଶ୍ରବଣ" ରେ ମଧ ପ୍ରେମ ହୋଇଯାଏ । ଯେପରି ଶୁଭ ଓ ଦୃଷ୍ଟିଙ୍କ ପ୍ରେମ । ଉଭୟଙ୍କ ପ୍ରେମର ପରିସମାପ୍ତି ଏକ ଅକୁଳ ଅଧାୟ....

"ଶୁଭ" ଜଣେ ସୁନାମଧନ୍ୟ ଔପନ୍ୟାସିକ । ସବୁ କଥାକୁ ପ୍ରେମର ପରିଭାଷା ମାଧମରେ ଲୋକଙ୍କ ପାଖରେ ପହଂଚାଇବା ତାଙ୍କର କାମ । ହେଲେ ଆଜିଯାଏ ତାଙ୍କ ଜୀବନରେ ପ୍ରେମର ମଧୁର ବସନ୍ତ ଆସିନାହିଁ ।

ଏକଦା ଶୁଭ ନଜ ବାଇକ୍ ରେ ଯାଉ ଯାଉ ଦୂରକୁ ଶୁଭି ଆସୁଥାଏ ଏକ ଲଳନାରେ ସୁନ୍ଦର ସ୍ୱର । ଲଳନାଟି ଶୁଭଙ୍କ ଦ୍ୱାର୍ ରଚତ ଏକ ପ୍ରେମାତ୍ମକ କବିତାକୁ ଆବୃତି କରୁଥିଲେ । ସେଇ କଣ୍ଠସ୍ୱର ଶୁଣିବା କ୍ଷଣି ହଠାତ୍ ଶୁଭ ସେଇ ଅଜଣା, ଅଚହ୍ନା ଝିଅଟିର ପ୍ରେମରେ ପଡିଗଲେ । ହଠାତ୍ ଛୁଟିଗଲେ ଶବ୍ଦ ଆସୁଥିବା ସ୍ଥାନଟିକୁ । ସେଠାରେ ପହଞ୍ଚି ଜାଣିବାକୁ ପାଇଲେ ଝିଅଟିର ନାମ ଦୃଷ୍ଟି । ଦୃଷ୍ଟି ମଞ୍ଚରୁ ତଳକୁ ଆସିବା କ୍ଷଣି ଶୁଭ ନଜର ଅତିପ୍ରିୟ

କଲମଟିକୁ ପକେଟରୁ କାଢିଆଣି ପ୍ରେମ ନିବେଦନ ଭଙ୍ଗିରେ ନିଜ କଲମଟିକୁ ଦୃଷ୍ଟିଙ୍କ ହାତକୁ ବଢେଇ ଦେଇ କହିଲେ – **Excuse me, I Love You. Will you marry me?**

ଶୁଭଙ୍କ ଭଳି ବିଶିଷ୍ଟ ଔପନ୍ୟାସିକଙ୍କର ପ୍ରେମ ନିବେଦନକୁ ଦୃଷ୍ଟି ଗ୍ରହଣକଲେ । ପରିବାରର ଅନିଚ୍ଛା ସତ୍ତ୍ୱେ ଶୁଭ ଓ ଦୃଷ୍ଟି ପରସ୍ପର ସିଦ୍ଧାନ୍ତ ନେଇ ବିବାହ କଲେ ।

ବିବାହର ଅନ୍ୟନାମ ବିବାଦ । ବିବାହ ପରେ ସତେ ଯେପରି କିଏ ତାଙ୍କ ସଂସାରରେ ନିଆଁ ଲଗାଇ ଦେଲା । ଲେଖାଲେଖି, ସାହିତ୍ୟ ସଭାରେ ଯୋଗ ଦେବା, ଗପକରି କରିବା, ଏସବୁ ମଧ୍ୟରେ ଶୁଭ, ଦୃଷ୍ଟିଙ୍କୁ ସମୟ ଦେଇପାରୁ ନଥିଲେ । ଫଳରେ ଦୃଷ୍ଟି ମଧ୍ୟ ଅଭିମାନ କରୁଥିଲେ ।

ବର୍ତ୍ତମାନ ଦୃଷ୍ଟି ୩ ମାସର ଅନ୍ତଃସତ୍ୱା ଅର୍ଥାତ ଗର୍ଭବତୀ । ଏହି ସମୟରେ ଅନେକ କୁଚକ୍ରି ଶୁଭଙ୍କୁ ମିଥ୍ୟାରେ କହିଲେ କି ଦୃଷ୍ଟି ଅସତୀ । ବାସ୍ ଗୋଟିଏ ଦସ୍ତଖତରେ ହିଁ ଦୁହେଁ ଅଲଗା । ଶୁଭ ଚାଲିଗଲେ ତାଙ୍କବାଟରେ । ଦୁଃଖିନି ଦୃଷ୍ଟି ଅନ୍ୟ ଏକ ଗ୍ରାମରେ ଥାଏ ।

ଏହା ଭିତରେ ଦୃଷ୍ଟିର ପୁଅଟିଏ ହୋଇଥାଏ । ପୁଅର ନାମ ଅଭିଶେକ । ସୁସଂସ୍କାର ଦେଇ ଦୃଷ୍ଟି ତାକୁ ମଣିଷ କରିଛି । ପୁଅକୁ ୧୨ ବର୍ଷହେଲାଣି । ସାହି ପଡିଶା ପିଲାଟିର ପିତୃତ୍ୱକୁ ନେଇ ଅନେକ ପ୍ରଶ୍ନ କରିଛନ୍ତି । ପୁଅଟିର କବିମାନଙ୍କ ଉପରେ ଭାରି ରାଗ । କାରଣ ତା ବାପା ତା ମା ଙ୍କ ସହ ଏମିତି କରିଛନ୍ତି ।

ଏକଦା ଦୃଷ୍ଟି ପୁଅର ହାତରେ ସେଦିନ ପ୍ରଥମ ଦେଖାରେ ଶୁଭ ଦେଇଥିବା କଲମ ଟିକୁ ଧରେଇ ଦେଇ କବିତା ଲେଖିବାକୁ କହିଲେ । ହେଲେ ପୁଅ ଏସବୁ ପସନ୍ଦ କରେନା । ସତ ମିଛ କଥାକୁ କାଳି ମାଧ୍ୟମରେ ରଙ୍ଗିନ ଭାବନାରେ ସଜାଉଥିବା କବି, ଲେଖକ ଏସବୁ ତାର ପସନ୍ଦ ନୁହନ୍ତି ।

ତଥାପି ପୁଅଟି ରାଜି ହେଲାନି । ଏଣୁ ଦୃଷ୍ଟି ନିଜ ଜୀବନକୁ ଝାସ ଦେବାପାଇଁ ଚାଲିଯାଉଥାନ୍ତି । ତାଙ୍କ ପୁଅ ଉଚ୍ଚ ନାଦ କରି ଆବୃତି କଲା:

ଫେରିଆସ ଗୋ ଜନନୀ, କରନାହିଁ ତୁମ୍ଭେ ରୋଷ

ଗର୍ଭେ ଥାଇ ଅନୁଭବ କଲି, ତୁମ୍ଭ ଯନ୍ତ୍ରଣା ଓ ଦୁଃଖ

ବାଳୁତ କାଳୁ ଏଯାଏ ଦେଖିନାହିଁ ପିତା ମୁଖ

ଯେଉଁ କଲମ ସୃଷ୍ଟି କରିଥିଲା ତୁମ୍ଭ ଦୁହିଁଙ୍କ ବନ୍ଧନ

ସେ କଲମ ଧରି ଉଚ୍ଚ କରୁଛି ମୁଁ କ୍ରନ୍ଦନ ॥

ଏହି ସମୟରେ କେହିଜଣେ ଏ ଦୃଶ୍ୟକୁ ରେକର୍ଡ କରି ସୋସିଆଲ୍ ମିଡିଆରେ ଛାଡି ଦେଇଛି । ଯେତେବେଳେ ଏହି ଭିଡିଓଟିକୁ ଶୁଭ ଦେଖୁଛନ୍ତି ଦୃଷ୍ଟିଙ୍କ ସହ ଏହି ପିଲାଟିର କବିତ୍ୱ ଦେଖିକରି ସେ ସ୍ପଷ୍ଟ ଭାବେ ତାଙ୍କ ପୁଅକୁ ଚହ୍ନିପାରିଛନ୍ତି । ଶେଷରେ ନିଜ ଭୁଲ ବୁଝିପାରି ଦୃଷ୍ଟିଙ୍କ ପାଖକୁ ଆସି ନିଜ ପୁଅକୁ ଗ୍ରହଣ କରିଛନ୍ତି । ପିତା ପୁତ୍ରଙ୍କ ମିଳନରେ ଗପର ପରିସମାପ୍ତି ଘଟିଛି । ପିତା, ମାତା, ପୁତ୍ର ଏବେ ଏକାଠି । ଏବେ କହିଲେ କିଏ ବଡ? କଲମ ନାଁ ସୋସିଆଲ ମିଡିଆ?

ଛାତ୍ର, ନରସିଂହ ଚୌଧୁରୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ଯାଜପୁର

ବେଦାନ୍ତୀକୁ ପଢିବା ସଙ୍ଗେ ସଙ୍ଗେ ଆପଣମାନଙ୍କୁ ଅନୁରୋଧ ଯେ ଆପଣଙ୍କ ପରିବାର ଏବଂ ସମ୍ପର୍କୀୟଙ୍କୁ ମଧ୍ୟ ଏହା ପଠାନ୍ତୁ । ଏହାଦ୍ୱାରା ଓଡିଆ ଭାଷାର ଲୋକପ୍ରିୟତା ନିଶ୍ଚିତ ରୂପେ ବଢିପାରିବ

# ପ୍ରେମ କବିତା



ଶିବାନନ୍ଦ ବନଛୋର

ଲେଖୁଛି ଆଜି ମୁଁ ପ୍ରେମର କବିତା
ରାତି ଉଜାଗର ହୋଇ
ହୃଦୟର ବାର୍ତ୍ତା ପ୍ରକାଶ କରୁଛି
କବିତାର ରୂପ ଦେଇ ||
କବିତା ନୁହେଁ ଏ ମୋ ମନ ଭାବନା
ହୃଦୟର ସବୁ ବ୍ୟାଥା
କହି ତ ନ ପାରି ଲେଖନୀ ଧରିଛି
ଲେଖିବି ଅକୁହା କଥା ||
ଶୁଣ ମୋ ପ୍ରେମିକା ମୋ ମନ ନାୟିକା
ଯାହା କହୁଅଛି ଆଜି
ହୋଇପାରେ କେବେ କହି ନ ପାରିବି
ତୁମର ପ୍ରେମିକ ସାଜି ||
ପ୍ରଥମ ଦର୍ଶନେ କ୍ରୟ କଲ ହୃଦ
ହୃଦୟେ ଚପଳା ସାଜି
ଦର୍ଶନେ ତୁମ୍ଭର ବିକ୍ରି କରିବାକୁ
ହୃଦୟକୁ ହେଲି ରାଜି ||

ତୁମ ଚନ୍ଦନରେ ନତ୍ୟ ବୁଡିରହେ
ଭବ ପାରବାର ମଧ୍ୟେ
ଭାବନା ତରଙ୍ଗ ଉଠୁଛି ପଡୁଛି
ମୋ ହୃଦୟ କୂଳ ମଧ୍ୟେ ||
ଜାଣିଅଛି ମୁଁ ଯେ ମୋ ଭାଗ୍ୟ ତ ଅମା
ଅଭିଶପ୍ତ ରାତ୍ରି ପରି
ଚନ୍ଦ୍ରମା ତୁମେ ତ ପୁନେଇ ରାତ୍ରିର
ମୋହର ହେବ କପରି ||
ଜାଣି ମଧ୍ୟ ମୁଁ ଯେ ଅଜଣା ରୁହଇ
ଆମାବାସ୍ୟେ ଚନ୍ଦ୍ର କଥା
ତଥାପି ମୁହିଁ ଯେ ନତି ରାତି ଲେଖେ
ମୋହର ପ୍ରେମ କବିତା ||

ଶକ୍ତି, ଝାରବନ୍ଧ


"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ଭଙ୍ଗା ହୃଦୟ



ସୁଦର୍ଶନ ସାହୁ

ମୁଁ ତ ମରିଥିଲେ ଥରେ ଜଳଥାନ୍ତି
ଗାଁ ଶେଷେ ମଶାଣିରେ
ପ୍ରତି ମୁହୂର୍ତ୍ତରେ ଜଳ ମୁଁ ଯାଉଛି
ତୁମେ ଗଲା ପରେ ପରେ ।
ଜଳୁଛି ଏ ଦେହ ଝରୁଛି ଏ ଲୁହ
ଛାତିରୁ କମେନ କୋହ
ତୁମେ ଗଲା ପରେ ଦିନ ରାତି ବସି
ଗଡ଼ାଉଛି ଖାଲି ଲୁହ ।
ଦୂରେ ଚାଲିଯାଇ କ ଲାଭ ପାଇଲ
ଭାଙ୍ଗି ଦେଇ ଏ ହୃଦୟ
ଏବେ ବି ଚାହିଁଛି ଫେରି ଆସ ଥରେ
ହୃଦୟେ ଦେବି ଆଶ୍ରୟ ।।



ଓଡ଼ିଆ ବିଭାଗ ଛାତ୍ର
ଏନ ସି କଲେଜ, ଯାଜପୁର

# ବାଉରି ବୁଢି



ପ୍ରସନ୍ନ ପ୍ରୟାସ ଭୁଏ ( ପ୍ରୟାସ)

ଦିନବେଲିଆ ଦସ୍ ବଜେ ଛୁଆମାନେ ଗାଁ ବରଗଛ ତଲେ ଖେଲୁ ଥିଲ୍ ବେଲେ ସଭେ ଘରଆଡେ କୁଦି କୁଦି ଆସି ଚିଲ୍ଲାଉ ଥାଆନ୍ । ବାଉରି ବୁଢି... ବାଉରି ବୁଢି.... ଭାଗ ଭାଗ। ସଥେ ତ । ବାଉରି ଲେଖେ ଦିସୁଥିବାର ବୁଢିଟେ ବରଗଛ ତଲେ ବସିଛେ । ବୁଲେ ଝାଁଟି ଲେଖେ ମୁଁଡର ପାଚଲ୍ ଧୋପ୍ ବାଲ୍ ଧୁଇଲ୍ ବାଏଲ୍ ଲାଗି ଧୁକା ପାଏଲେ ଟିକେ ଟିକେ ଫୁର ଫୁର  ଉଡୁଛେ । ଦେହେ ଥି ମଏଲ୍ କଟ କଟ୍ ଚରହା ଧୋପ ସାଢିଟେ । ଧୋପ ତ ନାଇଁ ମଏଲ୍ ଲାଗି ଲାଗି ମଏଲଗୁ ହଇଜାଇଛେ । ମାସେ ନୁ କେଭେ ଜେନ୍ତା ଗାଧି ନ କ କପଡା କାଁଚ ନାଇଁ ହେନ୍ତା ଲାଗୁଛେ । ମୁହଁ ଟା  ଉଆଁସର୍ ମଲ୍ ଜନ୍ ଲେଖେ ଦିସୁଛେ । ଛାଲମାନ୍  ଉଲମି ଜାଇଛେ । ପାସକେ ଜାଇ କରି ଦେଖଲି କେ ଆଏ ବଲି । ଦେଖି କରି ସରକଦମ୍ ହଇ ଚମକ ପଡଲି । ମୋର  ଆଏଁଖ୍ କେ ବିସ୍ୱାସ କରିପାରୁ ନ ଥାଇ । ମତେ ସପନ୍ ଦେଖଲ୍ ଲେଖେ ଲାଗୁଥାଏ । କାଏଁଜେ କ ଇ ବାଉରି  ବୁଢି ନୁହେ, ଆମର ଗାଁର ସହଁରେନ୍ ବୁଢି, ଜାହାକେ ସଭେ 'ବଡ଼ି' ବଲି ଡାକସୁଁ ।

ଆମର ଛୁଟିଆ ଗାଁର ସେ ମୁଡେ  ତାକର ଘର ।  ଅଏନ ଗୁଏର୍ ବଖରା ଢବା ଘର ଗୁଏର୍ କୁନଆ ହଇ ଥିଲ୍ । ଗାଁ ଥି ବଡ଼ି କହେଲେ ତାହାକେ ସଭେ ଜାନସନ୍ , ତାକର ଆଦର ସତ୍କାର  ଲାଗି । ତାର ଘରୁ  ଆଏଜ୍ ତକ କେହି ଭୁଖେ ନାଇଆସି । ଜେ ଗଲେ  ମୁରହି ମୁଠେ ପାଏନ୍ ଢୁକେ ଦେବା ହିଁ ଦେବା । ଆକଟ୍ କରି ବେସି ଛୁଆକୁ ।ଆର ଜେ ଭି ଭିକ ମାଗି ଆସବା ତାହାକେ  ଖାଏବାର୍ କେ ପହେଲ୍ ଦେବା ବାସି ଥିର୍ କ ମୁରହି ଗୁଡାଦୁ ଜେନଟା ଘରେ ଥିବା । ତା ପରେ ଗୁଉଲ ମୁଠେ ଦେବା ।

ବବାଟା ଜେଭୁ ଛାଡି କରି ଆର ପାରକେ ଏକଲ୍ ଛାଡି ଗଲ୍ ଦିନୁ ଟିକେ ଡୋଲ୍ ପଡି ଜାଇଥିଲ୍ । ଗୁଟେ ବଲି ପୁଓ । ତାହାକେ ପଢାବାର୍ ଲ୍‌ଗି ଖେତ ଖଲ୍ ଘର ଡିହ୍ ଗହନା ଦେଇ ଭୁବନେଶ୍ୱର ନେ ପାଠ୍ ପଢାଲ୍ । ପୁଓ ଜେତେ ପଢମି ଜାଣା ପଢମି କହେଲ୍ ବଡି ଉଧାରବାଡି କରି ପଡାଲ୍ । ତାହାକେ କେଭେ କାଏଁ ଟା କମି ନାଇ ହଇ ଦେଇ । ଲ୍‌ଡେଗେଲେ ସବୁ କରିଛେ ପୁଓ ଲ୍‌ଗି । ପଢି ସାଏଲ୍ କ ଭୋପାଲ ଠାନେ ଗୁକରି ପାଏଲ୍। ଆଏଜ୍ କେ ପାଁଚ୍ ବଛର ଲେଖେ ହଇଜିବା ।

ପହେଲ୍ ପହେଲ୍ ଗାଁ କେ ଆସୁ ଥିଲ୍ । କନ୍ତୁ ବଛର୍ ଦୁ ହେଲ୍ ନ ଆରୁ ନାଇଁ ଆସବାର୍। ଆମର ମୁଖିଆ ପରବ୍ ନୁଆଖାଇ କେ ବି ନ ଆସବାର । ହେଲେ ବଡିର୍ କେତନ ଚନ୍ତା ଥିଲ୍ ପୁଓ କେ ହାତେ ପନତେ କରି ଦେଲେ ହେତା । ଏକଲ୍ ଡିଁଡା ପିଲ୍‌ଟା କେନ୍ତା ଖାଉଥିବା କେନ୍ତା ରହୁଥିବା ବଡଟେ ଚନ୍ତା ଥାଏ । ହେଲେ ସବୁ ଫସର୍ ଫସ୍ । ଜେତେବେଲେ ବଡି ବିହା କରମି କହୁଥାଏ, ସେତେବେଲେ ତ ତାର ନାତିଟେ ହଇସାରିଥିଲ୍‌ନ ବଲି ଜାନଲ୍ । ବଡିର୍ ବଏସ୍ ତ ଖସରି ଥିଲ୍ ନ, ସୁନ କରି ଆଉ ଟିକେ ଜିଇଁବାର୍ ମନ୍ ଖସରି ଗଲ୍ । ପଛେ ଜନା ଗଲ୍ କ ଗୁକରି ପାଏଲ୍ କ ଅଲଗା ଜାତିର ବଡ ଘରର ଟୁକେଲ ଗୁଟେ କେ ବିହା ହଇଗଲ୍ କାହାକେ ନ କହି ଏକଲ୍ । ଅହ୍ ହେଟା କାଏଁ ବିହା କହେସନ ଜେ ହୋ ଲଭ ମେରେଜ୍ ପରେ ।

ହେ ଦିନୁ ତ ଗାଁ କେ ଆସବାର ଛାଡି ଦେଇଛେ । ବଡି ହେଲେ ଏକଲ୍ କାଣା କରତା ଇନ। ପୁଓ ଖବର ଦେଲ୍ ମୋର ଛୁଟି ନ ହେବାର ଭୋପାଲ କେ ଟ୍ରେନ୍ ଥି ଆ ବଲି । ହେଲେ ବଡି ବୁଢି ଲ୍ଲୋକ ସମ୍ବଲପୁର ନୁହେ ଦେଖେ ଭଲ କରି, ଆରୁ କେନ୍ତା ଜିବା ହେତକ ଦୁର । ବଡି ମତେ କହିଥିଲ୍ ନେଇଦେବୁ ବଲି ହେଲେ ମୋର ତ ହାତ୍ ହଲ୍‌ଲେ ମୁହୁଁ ଚଲୁଛେ । ମୁଇଁ ହେଲେ ପାରତି କାଏଁ ନେଇ ଦେଇ । ହେଲେ ମୁଇଁ ସମ୍ବଲପୁର ତକ ନେଇଦେଲି ଆରୁ ଟ୍ରେନ୍ ଥି ବସାଇ ଦେଇଥିଲି ଭୋପାଲ ଜିବାର ଥି । ଆଏଜ୍ ଠାନୁ ମାସେ ଆଘୋନୁ ।

ଜାଇକରି ପଚର୍‌ଲି - ବଡିଗୋ ତମର ପୁଓ କେ ନାଇଁ ପାଏଲ ଜେ ପଲେଇ ଆସଲ କାଏଁ? ଫୋନ ନମ୍ବର ତ ଦେଇ ଥିଲି ଫୁନ କଲ କନ ? ବଡି ଜାହା କହେଲେ ଆଁଖି ନୁ ମୋର ପାଏନ ଦର୍ ଦର୍ ପଡିଗଲା । ବଡି କହେଲା- ଭୋପାଲ ରେଲ୍ ଟେସନ୍ କେ ପହଁଚ ଗୁଟେ ଲୋକ ନୁ ବାବୁକେ ଫୁନ ଲଗାଲି ତ ମୋର ବହ ଉଠାଲା । କହେଲି କ ରେଲଟେସନ୍ ନ ଅଛେ, ମୋର ପୁଓ କେ ପଠାଇ ଦେ ରେ ମାଁ । ତ ସେ ଆଡୁ କହେଲା କାମ ଜାଇଛନ୍ ଆସଲେ କହିଦେମି ବଲି । ଏନ୍ତା ବେଲେ ଗଲା ଦିନେ ଗଲା ଦୁଇ ଦିନ ଜାଇ ହପତେ ଗଲା ହେଲେ ତାର ଦେଖା ନାଇଁ । ପଏସା ଟେ ନାଇ ଥାଇ ମୋର ପାଖେ ଜେନ୍ତା ଥିଲା ସରି ଗଲା । ଭୁଖେ କେତେ ରହେତି ଦିନାଦୁ ଭୋକ୍ ସହି ନ ପାରଲି ଜେ ଭିକ୍ ମାଗି ଖାଏଲି ।

ଆରୁ କେତେ ଦିନ୍ ଟାକ ଥିତି ପୁଓ କେ । ତାର ପାଖେ ମାଁର ଲାଗି ଜଦି ପେରେମ୍ ସରଧା କରତବ୍ ଥିତା ବେଲେ ଆସିଥିତା ନେଇ । ହେଲେ ପୁଓ ତ ସେ ଦିନୁ ଧୋକା ଦେଲା ଜେନ୍ ଦିନ ଏକଲା ବିହା ହେଲା । ମତେ କହିଥିଲେ କାଣା ନାଇଁ କହିଥିତି କାଏଁ । ହେଲେ ମୁଇଁ ବହ କେ ଦେଖମି ବଲି ଜାଇଥିଲି ହେଲେ ସେଟା ବି ସପନ୍ ହଇଗଲା ମୋର ଲାଗି । ପୁଲିସବାବୁ ଗୁଟେ କେ ମୋର ସବୁ ଦୁଖ୍ କହେଲି ବେଲେ ଏଡକ ବଡ ସହରେ କେନୁ ଖୁଜି ପାରବୁ ଜେନୁ ଆସିଛୁ ସେନକେ ଜା ବଲି । ଆରୁ ମତେ ଟ୍ରେନ ଗୁଟେ ଥି ବସାଇ ଦେଲା । ଝାରସୁଗୁଡା ତକ ଆସଲି ସେନ ଉତୁରି କରି ଭିକ ମାଗି ମାଗି ଗ୍ଚଲି ଗ୍ଚଲି ପଚରେଇ ଆସୁଛେ । ଇ ଗାଁ ମାଏଟ୍ କେ ଖଟି ଆସିଥିଲି ଇ ଠାନେ ନ ମରମି । ଏତକ ବେଲକେ ଗାଁର ଲୋକ ମାଏଝି ମାନେ ଠୋଲ ହଇ କେତେ ଆହା କରୁଥିଲେ । କେତେଝନ ଥିର୍ ପାଏନ୍ ଆନ ପୁଛାପୁଛି କରି ଖୁଆଉଥିଲେ । ବଡିର ଢୁଡା ଢୁଡା ଆଏଁଖ୍ ନୁ ସୁଖି ଜାଇଥିବାର ଆଁଖିର ପାଏନ୍ ଟୁଡା ମାରୁଥାଏ ତଗ୍ ଥି । ମୁଇଁ ତାର ଚରହା ମଲଚଆ ପନତକାନ ନୁ ଫୁନ ନଂମର ଆନ ଲଗାଇ ଦେଖଲି ହେଲେ ବନ୍ଦ ବତାଉଛେ । ଦିଇ ତିନ ଦିନ ପରେ ଲଗାମି ରହ, ଗ୍ଚଲ ପିଲେ ବଡି କେ ଗାଁ କେ ନେମା । ଆଏଜ୍ ଠାନୁ ଇ ବଡି ଇ ଗାଁର ମାଁ ।

ପ୍ରଧାନପାଲି, ସମ୍ବଲପୁର

# ପ୍ୟାର୍..ତତେ ନମସ୍କାର



ଫିରୋଜ କୁମାର ପଟେଲ

କାହାକେ ଗୋ ଇନେ ନଜର କହେବୁ
କାହାକେ କହେବୁ ପର
ମନର ଜୁଳ ବି କଅଁଲି ମନକେ
ଭାଙ୍ଗି ଦେସି ଥର ଥର
ପିରତି ଶ୍ରାବନ୍ ଢାଲିଦେଲେ ବି
ନଜର କହିକେ,
ଇନେ କହେ ନାଇଁ ମିଳନ ୟାର
ପ୍ୟାର୍ ..ତତେ ନମସ୍କାର ।

ପ୍ରେମ ର୍ କଥା ଶୁନ ଥିଲି ସିନେ
ନାଇଁ ଦେଖି କେବେ ତାହାକେ
ଆମର ଯୁଗେ ପ୍ୟାର୍ ଅଲଗା ଆଏ ଭାଇ
ହେସି ଯାହାକେ ତାହାକେ
ବେଳ ବାଦଲଲା୍ ଭାବ ବଦଲଲା୍
ଦେଖ ମୁନୁଷ୍ ର୍
ଦୁଗ୍- ଲା୍ ହେଲା୍ କରଦାର
ପ୍ୟାର୍ ..ତତେ ନମସ୍କାର ।

ଟୁକେଲକେ ମନ ଗୁଏର୍ ଟା ପିଲା୍
ପିଲା୍ ଖୁଜେ କଅଁଲି କଁସି
ସବୁ ପାର୍କ ହେଲା୍ କୁଞ୍ଜବନ ଦେଖ

( ପିଲେ) ପ୍ରେମ କରୁ ଥିବେ ବସି
ତନର୍ ସଉକ ମନକେ ମାରଲ୍
ଇ ପ୍ୟାର୍ ହିଁ ତ,
ଅବିଶ୍ୱାସର୍ ସୂତ୍ରଧାର
ପ୍ୟାର୍..ତତେ ନମସ୍କାର ।

କେନ୍ ଧାଙ୍ଗରୀର୍ ତିରଛି ନଜରେ
ମନ ଅଳଝି ଯିବା ଯେବେ
ଜୀବନଟା ସାର୍ ଖାଲି କଲବଲ
ରହି ନାଇଁ ହୁଏ ଥାବେ
ନାଇଁ ମିଶୁ ମନ କେବେ କେନସି ନେ
ଶାନ୍ତିର୍ ଜୀବନେ,
କାହିଁ ଆଁନମି ହାହାକାର
ପ୍ୟାର୍..ତତେ ନମସ୍କାର ।

କୃଷ୍ଣ ମହାପୁରୁ ପିରତି ଫାସେ
ବାନ୍ଧି ଥିଲେ ଗୋପି ରାଧା
ଫିରବି ତାଙ୍କର ଶାଶ୍ୱତ ପ୍ରେମ
ରହିଗଲ୍ ପରେ ଅଧା
କେନ୍ତା ସେ ଫଲତା ମୁନୁଷର୍ ପ୍ରେମ
ଖାଲି ଶେଷ କେ,
କନ୍ଦା ଗଗା ଏକା ସାର
ପ୍ୟାର୍..ତତେ ନମସ୍କାର ।

ଅବନକେଲ୍, ସୁନ୍ଦରଗଡ, ଓଡିଶା

# ଆକାଶ ପରିକା ପିତା



ଶିଶିର କୁମାର ସାମଲ

ଆକାଶ ପରିକା ବିଶାଳ ହୃଦୟେ
ସଦା କ୍ଷମା ଭରିଥାଏ,
ସାଗର ପରିକା ଅଥଳ ସ୍ନେହରେ
ସଦା ପ୍ରେମ ଝରୁଥାଏ ।।
ଖର୍ ବର୍ଷା ଶୀତ ଆମପାଇଁ ଛାତ
ନଜେ ଦୁଖଃକଷ୍ଟ ସହି,
ବିପଦୁ ଆମକୁ ଉଦ୍ଧାର କରନ୍ତି
ପିତୃଦେବ ଆମ ସେହି ।।
କୁନକୁନ ପାଦ ଛାତିରେ ରଖିସେ
ସଂସାରେ ଶିଖାନ୍ତି ଗ୍ଭଲି,
ଦୁନଆରେ ଆଜି ପରିଚତ ଆମେ
ତାଙ୍କରି ସନ୍ତାନ ବୋଲି ।।

ଆମପାଇଁ ନଜ କଷ୍ଟକୁ ଭୁଲିସେ

ଆମକୁ ଦିଅନ୍ତି ହସ,

କଥାରେ ତାଙ୍କର ଭରି ରହିଥାଏ

ସଫଳତା ର ମନ୍ତ୍ର ।।

ସବୁ ଦୁଃଖ କଷ୍ଟ ଏକା ଏକା ସହି

ଗଢନ୍ତି ସୁଖ ସଂସାର,

ତାଙ୍କ ପାଇଁ ହସେ ଏ ସୁନା ସଂସାର

ବାନ୍ଧି ସ୍ନେହ ପ୍ରେମ ଡୋର ।।

ଦୁଃଖ ହରି ଆମ ସୁଖ ଭରିଛନ୍ତି

ସୁଝି ପାରିବାନି ସେ ଋଣ,

ତାଙ୍କ ମୁଖେ ସଦା ହସ ଭରିଦେବା

ଭୁଲିବାନି ଏହି ପଣ।।

ଯାଜପୁର



# ପ୍ଲାନଚେଟ୍ ଦ୍ୱାର୍ ଆତ୍ମା ସହ ସମ୍ପର୍କର ରହସ୍ୟ



ବାଲ୍ମୀକ ନାୟକ

ପ୍ଲାନଚେଟ୍ ( Planchette) ଅର୍ଥାତ ପ୍ରେତ ଆହ୍ୱାନ ଯନ୍ତ୍ର ପଶ୍ଚିମ ଦେଶ ବିଶେଷ କରି ବ୍ରିଟେନରେ ବହୁ ପ୍ରଚଳତ ଏକ ବିଦ୍ୟା। ଆଧୁନକ ଯୁଗରେ ବିଜ୍ଞାନର ତୀବ୍ର ଗତିରେ ବିକାଶ ହୋଇଥିବାରୁ ସେହି ଦେଶଗୁଡିକରେ ଏହି ବିଦ୍ୟା ପ୍ରତି ଲୋକମାନଙ୍କର ବିଶ୍ୱାସ କମ୍ ହୋଇଗଲାଣି । ଆମ ଦେଶକୁ ବି ଏହି ବିଦ୍ୟା ପଶିଆସିଛି, କନ୍ତୁ ଏହା କଛି ଶିକ୍ଷିତ ଲୋକମାନଙ୍କ ଭିତରେ ପ୍ରଚଳତ ଅଛି। ଏହି ବିଦ୍ୟା ଯେହେତୁ ପଶ୍ଚିମର ସମୃଦ୍ଧ ଦେଶ ଗୁଡିକରୁ ଆସିଛି, ତେଣୁ ଏହାକୁ ଏକ ବିଜ୍ଞାନସମ୍ମତ ବିଦ୍ୟା ବୋଲି ସେମାନେ ବିଶ୍ୱାସ କରୁଛନ୍ତି ।

## ପ୍ଲାନଚେଟ୍ ବିଦ୍ୟା କଣ?

ପ୍ଲାନଚେଟ୍ ଏକ ପାନପତ୍ର ଆକାରର କାଠ ନର୍ମିତ ପଟା। ଏହି ପଟାର ମଧ୍ୟଭାଗରେ ଗୋଟିଏ କଣା ଡାଏ। ଏଥିରେ ପେନ୍ କମ୍ବା ପେନସିଲଟିଏ ପୂରେଇ ରଖାଯାଇପାରିବ । ପ୍ରେତ ବା ମୃତାତ୍ମାଙ୍କୁ ଆହ୍ୱାନ କରିବାପାଇଁ ଦୁଇଗ୍ଯରିଜଣ ବ୍ୟକ୍ତି ସନ୍ଧ୍ୟା ସମୟରେ ଗୋଟିଏ ଅନ୍ଧାରୁଆ ଘରେ ବସିବେ। କୋଠରିର ପରିବେଶକୁ ରହସ୍ୟମୟ କରିବାପାଇଁ କଛି ଧୂପକାଠି ଜଳେଇ ରଖାଯାଇପାରେ। ସମସ୍ତେ ନୀରବ ହୋଇ ବସିବେ। ପଟା ଖଣ୍ଡିକ ଗୋଟିଏ ବଡ ଧଳା କାଗଜ ଉପରେ ରଖାଯାଇଥାଏ । ସମସ୍ତେ ନଜର ଗୋଟିଏ ଆଙ୍ଗୁଠିରେ ପଟାଟିକୁ ହାଲୁକା ଭାବରେ ଛୁଇଁ ବସିବେ । ସମସ୍ତେ କମ୍ବା ଜଣେ ବ୍ୟକ୍ତି କୌଣସି ପ୍ରସିଦ୍ଧ ମୃତବ୍ୟକ୍ତିଙ୍କୁ ମନେମନେ ସ୍ମରଣ କରିବେ । କଛି ସମୟ ପରେ ପଟାଟି ହଲଚଲ ହେବ, ଅର୍ଥାତ୍ ପ୍ରେତାତ୍ମା ଆସିଥିବାର ସୂଚନା ମିଳବ। ଏଥର ପ୍ରଶ୍ନକର୍ତ୍ତା ତାଙ୍କର ପ୍ରଶ୍ନ

ଲେଖିଦେବେ । ପ୍ରେତ ସଭାରେ ବସିଥିବା ବ୍ୟକ୍ତି ପ୍ରଶ୍ନଟି ପଢି ଉତ୍ତରପାଇଁ ପ୍ରତୀକ୍ଷା କରିବେ । କାଠପଟାଟି ଧୀରେଧୀରେ ହଲଚଲ ହୋଇ ତଳ କାଗଜରେ ପେନ୍ ଦ୍ୱାରା ଉତ୍ତର ଲେଖିଦେବ । ଏହି କ୍ରମରେ ସମସ୍ତ ପ୍ରଶ୍ନର ଉତ୍ତର ଲେଖା ସରିବା ପରେ କାଠ ପଟାଟି ମଧ୍ୟଭାଗରେ ଆସି ସ୍ଥିର ହୋଇ ରହିଯିବ । ପ୍ରେତସଭାର ବ୍ୟକ୍ତିଗଣ ଭକ୍ତିରେ ପ୍ରଣାମ ଜଣେଇ ପ୍ରେତାତ୍ମାଙ୍କୁ ବିଦାୟ ଦେବେ । ପ୍ରଶ୍ନକର୍ତ୍ତାଙ୍କୁ ଉତ୍ତର ଶୁଣେଇ ଦିଆଯିବ । ଉତ୍ତରଗୁଡିକ ଅଧିକାଂଶ ସତ ଭଳି ହିଁ ଲାଗିବ, କାରଣ ପ୍ରଶ୍ନକର୍ତ୍ତାଙ୍କ ବିଷୟରେ ସବିଶେଷ ବିବରଣୀ ଆଗରୁ ସଂଗ୍ରହ କରାଯାଇଥାଏ । ତାଙ୍କର ଶିକ୍ଷା, ବ୍ୟବସାୟ, ପରିବାରର ଇତିହାସ ଆଦି ପ୍ଲାନଚେଟ୍ ସଂଗ୍ଚାଳନ କରୁଥିବା ବ୍ୟକ୍ତିଙ୍କୁ ଜଣାଥାଏ । ଜ୍ୟୋତିଷମାନଙ୍କ ଭଳି ଅନୁମାନ କରି ବ୍ୟକ୍ତିଙ୍କ ଭବିଷ୍ୟତ ସମ୍ପର୍କରେ ଅନେକ କଛି କହିବା ସହଜ ହୋଇଥାଏ । କାକତାଳୀୟ ନ୍ୟାୟରେ, ଭବିଷ୍ୟତରେ ଯଦି ସେ ସଫଳ ହୁଅନ୍ତି, ତେବେ ପ୍ଲାନଚେଟ୍ ଉପରେ ତାଙ୍କର ବିଶ୍ୱାସ ଦୃଢ ହୋଇଯାଏ ଏବଂ ଅନ୍ୟମାନଙ୍କୁ ନଜର ଅନୁଭବ ବର୍ଣ୍ଣନା କରି ବିଶ୍ୱାସ କରିବାପାଇଁ ପ୍ରଭାବିତ କରିଥାଆନ୍ତି । ବିଫଳ ହେଲେ ସେ ଅନ୍ୟାନ୍ୟ କାରଣକୁ ଦୋଷ ଦେଇ ମନକୁ ସାନ୍ତ୍ୱନା ଦେଇଥାଆନ୍ତି ।

ଆମ ଦେଶରେ ପ୍ଲାନ୍ ଚେଟ୍ ବିଦ୍ୟାର ପ୍ରୟୋଗ ଅନ୍ୟ ଏକ ପଦ୍ଧତିରେ ବି କରାଯାଉଛି । ଗୋଟିଏ ଧଳା କାଗଜରେ ଗୋଲ୍‌କାର ଭାବେ ଇଂରାଜୀ ଅକ୍ଷର A ଠାରୁ Z ପର୍ଯ୍ୟନ୍ତ ଏବଂ ସଂଖ୍ୟା ୦ ରୁ ୯ ପର୍ଯ୍ୟନ୍ତ ସମାନ ଦୂରତାରେ ଲେଖାଯାଏ । ମଧ୍ୟଭାଗରେ ଗୋଟିଏ ଟଙ୍କିକିଆ ମୁଦ୍ରା ରଖାଯାଏ । କାଗଜର ଚାରିପାଖରେ ଦୁଇ ଚାରିଜଣ ବ୍ୟକ୍ତି ( ନର୍ଦ୍ଦିଷ୍ଟ ସଂଖ୍ୟକ ବ୍ୟକ୍ତି ଆବଶ୍ୟକ ନାହିଁ) ନିରବରେ ବସିବେ । ମୃତ ବ୍ୟକ୍ତିଙ୍କ ଆତ୍ମାକୁ ସ୍ମରଣ କରିବେ । ଟଙ୍କାଟି ହଲଚଲ ହେଲେ ଆତ୍ମାର ଉପସ୍ଥିତି ଜଣାପଡିବ । ପ୍ରଶ୍ନ ପଚାରିଲେ ଟଙ୍କାଟି ଉତ୍ତର ପାଇଁ ଲିଖିତ ଅକ୍ଷର ବା ସଂଖ୍ୟା ପାଖକୁ ଘୁଞ୍ଚିଯିବ । ସମସ୍ତଙ୍କ ଆଙ୍ଗୁଠି ବି ଟଙ୍କା ସହିତ ଚାଲୁଥିବ । ଅନ୍ୟଜଣେ ଉତ୍ତରକୁ ଲେଖୁଥିବ । ଉତ୍ତର ଶେଷରେ ମୁଦ୍ରାଟି ମଧ୍ୟଭାଗକୁ ଘୁଞ୍ଚି ଆସିବ ।

ଏହି କ୍ରମରେ ମୋର ଗୋଟିଏ ବ୍ୟକ୍ତିଗତ ଅନୁଭବ ଏଠାରେ ଉଲ୍ଲେଖ କରିବା ଆବଶ୍ୟକ ମନେକରୁଛି । ମୁଁ ଜଣେ, ଭାରତୀୟ ହେତୁବାଦୀ ସଂଗଠନର ସକ୍ରିୟ ସଦସ୍ୟ । ମାଙ୍ଗାଲୋର କସ୍ତୁରବା ମେଡିକାଲ କଲେଜର କେମେଷ୍ଟ୍ରି ପ୍ରଫେସର ଡ. ନରେନ୍ଦ୍ର ନାୟକ ହେଉଛନ୍ତି ଏହି ସଂଗଠନର ସଭାପତି । ସେ ତାଙ୍କ କାର୍ଯ୍ୟକାଳ ମଧ୍ୟରେ କେବଳ ଭାରତ ନୁହେଁ, ବିଦେଶରେ ବି ( Miracle exposer) ଚମତ୍କାରର ପର୍ଦ୍ଦାଫାସ କରିବାପାଇଁ ବିଖ୍ୟାତ ହୋଇଛନ୍ତି । ଗତ କଛିଦିନ ତଳେ ମୁଁ ଡ. ନରେନ୍ଦ୍ର ନାୟକଙ୍କ ସହିତ ବାଙ୍ଗାଲୋର ସହରର ଗୋଟିଏ କଲେଜର ଛାତ୍ରଛାତ୍ରୀ ଓ ଶିକ୍ଷକମାନଙ୍କ ଗହଣରେ ଚମତ୍କାରର ପର୍ଦ୍ଦାଫାସ କାର୍ଯ୍ୟକ୍ରମରେ ଭାଗ ନେଇଥିଲି । ଆମେ କେତେକ ହାତସଫେଇ ( Sleight of hand) ଓ ବିଜ୍ଞାନର ଖେଳ ଦେଖେଇ ସମସ୍ତଙ୍କୁ ଚମକୃତ କରିସାରିବା ପରେ, ଏହି ଖେଳ ପଛରେ ଥିବା କୌଶଳଗୁଡିକୁ ବୁଝେଇଥିଲୁ । ସମସ୍ତେ ଏହା ଦେଖି ଖୁସିରେ ତାଳମାରି ଆମକୁ ସ୍ୱାଗତ କରିଥିଲେ । ଭଣ୍ଡବାବା, ତାନ୍ତ୍ରିକ ଓ ସାଧୁସନ୍ୟାସୀମାନେ ଏହିଭଳି ଖେଳ ଦେଖେଇ ଜନତାଙ୍କୁ ଠକଥାଆନ୍ତି ବୋଲି ଆମେ ବୁଝାଇ ସାରିବା ପରେ ଅବୈଜ୍ଞାନିକ ଓ ଭିତ୍ତିହୀନ ବିଶ୍ୱାସ ( Superstition) ଉପରେ ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମ ଥିଲା । ସେହି ସମୟରେ ଦୁଇଜଣ ଛାତ୍ରୀ ଠିଆହୋଇ ପ୍ରଶ୍ନ କଲେ – ସାର୍, ପ୍ଲାନଚେଟ୍ ଉପରେ ଆପଣଙ୍କର ମତ କଣ? ଡ. ନାୟକ କହିଲେ, ଏହା ଏକ ଅବୈଜ୍ଞାନିକ ପ୍ରକ୍ରିୟା ଏବଂ ଏକ ଭିତ୍ତିହୀନ ବିଶ୍ୱାସ । ଛାତ୍ରୀ ଦୁଇଜଣ ଦୃଢତାର ସହିତ ଦାବି କଲେ – ନାହିଁ ସାର୍, ଏହା ସତ୍ୟ ଏବଂ ଆପଣ ଚାହିଁଲେ ଆମେ ଏଇଠି ଏହା ପ୍ରମାଣ କରିଦେଇ ପାରିବୁ । ଡ. ନାୟକ କହିଲେ, ଠିକ୍ ଅଛି । ତୁମେ ତୁମର ପ୍ଲାନଚେଟ୍ ପ୍ରକ୍ରିୟାରେ ଗୋଟିଏ ଶହେଟଙ୍କିଆ ନୋଟର ନମ୍ବରଗୁଡିକ କହିପାରିବେ କି? ଛାତ୍ରୀମାନେ ଉତ୍ସାହିତ ହୋଇ ରାଜି ହୋଇଗଲେ । ଡ. ନାୟକ ନିଜ ପକେଟରୁ ଗୋଟିଏ ଶହେଟଙ୍କିଆ ନୋଟ୍ ବାହାର କରି ଟେବୁଲ ଉପରେ ଥିବା ଗୋଟିଏ ପୁସ୍ତକ ଭିତରେ ଥୋଇ କହିଲେ, “ଏଥର ତୁମର ବିଦ୍ୟା ଦ୍ୱାରା ଏହି ନୋଟ୍ ରେ ଲେଖାଥିବା ନମ୍ବର ଗୁଡିକ ଅନ୍ୟ ଏକ କାଗଜରେ ଲେଖିଦିଅ । ଆମେ ମିଳାଇ ଦେଖିବା ।” ଛାତ୍ରୀମାନେ ତୁରନ୍ତ ଟେବୁଲ ଉପରେ ଗୋଟିଏ ଧଳା କାଗଜରେ “୦” ରୁ “୯” ପର୍ଯ୍ୟନ୍ତ ସଂଖ୍ୟାଗୁଡିକୁ ଗୋଲାକାରରେ ଲେଖିଦେଲେ । ମଝିରେ ଗୋଟିଏ ଟଙ୍କା ରଖି ଦୁଇଜଣ ଆଖି ବନ୍ଦ କରି

ନଜର ଗୋଟିଏ ଲେଖାଏଁ ଆଙ୍ଗୁଠି ଟଙ୍କା ଉପରେ ରଖିଲେ । ପ୍ରାୟ ପାଞ୍ଚ ମିନଟ୍ ପରେ ଟଙ୍କାଟି ହଲଚଲ ହେଲା । ଧୀରେଧୀରେ ଟଙ୍କାଟି ଗୋଟିଏ ପରେ ଗୋଟିଏ ସଂଖ୍ୟା ପାଖକୁ ଗଲା । ଅନ୍ୟ ଜଣେ ଛାତ୍ରୀ ସଂଖ୍ୟାଗୁଡିକୁ କ୍ରମିକଭାବେ ଲେଖିଲେ ।

ମୁଁ ଏଇଠି ପାଠକମାନଙ୍କୁ ମନେ ପକାଇ ଦେବାକୁ ଚାହେଁ ଯେ ପ୍ରତ୍ୟେକ ଭାରତୀୟ ଟଙ୍କାରେ ପ୍ରଥମେ ତିନୋଟି ଓ ଶେଷରେ ତିନୋଟି ଛାଡି ଅନ୍ୟ ଛଅଗୋଟି ଅକ୍ଷର ମିଶା ସଂଖ୍ୟା ଛପାଯାଇଥାଏ, କେବଳ ସଂଖ୍ୟା ନଥାଏ ।

ଛାତ୍ରୀମାନଙ୍କର ଏତିକ ଜ୍ଞାନ ନ ଥିବାରୁ ସେମାନେ ପ୍ଲାନଚେଟ୍ ଉପରେ ବିଶ୍ୱାସ କରି କେବଳ ୮ ଟି ସଂଖ୍ୟା ଲେଖିଦେଲେ । ଯାହା ଭୁଲ ହେବା ସ୍ୱାଭାବିକ ।

ଡ. ନାୟକ ପୁସ୍ତକରୁ ନୋଟ ଖଣ୍ଡିକ ବାହାର କରି ସମସ୍ତଙ୍କ ଆଗରେ ପ୍ଲାନଚେଟ୍ ଦ୍ୱାରା ପ୍ରକାଶିତ ନମ୍ବରକୁ ମିଳାଇବାକୁ କହିଲେ । ଛାତ୍ରୀ ଦୁଇଜଣ ଦେଖିଲେ ଦୁଇଟିଯାକ ନମ୍ବର ସମ୍ପୂର୍ଣ୍ଣ ଅଲଗା ଅଲଗା ।

ସେମାନେ ନିଜକୁ ହୁଏତ ଅପମାନିତ ବୋଧକରି ମୁହଁ ତଳକୁ କରି ଠିଆହେଲେ । ଡ. ନାୟକ ସେମାନଙ୍କୁ ସାନ୍ତ୍ୱନା ଦେଇ କହିଲେ, ତୁମେ ଆଦୌ ବ୍ୟସ୍ତ ହୁଅନାହିଁ । ଏଇଠି ତୁମର ଆଦୌ ଦୋଷ ନାହିଁ । ଯେଉଁମାନେ ଏହି ବିଦ୍ୟାକୁ ସତ ବୋଲି କହି ପ୍ରଚାର କରୁଛନ୍ତି, ଦୋଷ ହେଉଛି ସେହିମାନଙ୍କର । ତୁମେ କେନ୍ତୁ ଆଜିଯାଏଁ ଠିକ୍ ଭାବେ ପ୍ରମାଣ ନ କରି କେବଳ ବିଶ୍ୱାସ କରୁଥିଲ; ଆଜି ଅସଲ କଥା ଜାଣିପାରିଲ । ତେଣୁ ଖୁସି ହୁଅ ।

ବିଶ୍ୱବିଖ୍ୟାତ ଯାଦୁଗର "ହୁଡିନୀ" ମଧ୍ୟ ଅନେକ ସ୍ଥାନରେ ଏହି ବିଦ୍ୟାର ପର୍ଦ୍ଦାଫାସ କରିଛନ୍ତି । ସେ ପ୍ରମାଣିତ କରି ଲୋକମାନଙ୍କୁ ବୁଝାଇଛନ୍ତି ଯେ, ପ୍ଲାନଚେଟ୍ କେବଳ ଏକ ଭିତ୍ତିହୀନ ବିଶ୍ୱାସ । ପ୍ରଥମତଃ, ଆତ୍ମା ଏକ ବିବାଦୀୟ ବସ୍ତୁ । ଦ୍ୱିତୀୟତଃ ଯେ କେହି ଏତେ ସହଜରେ ଆତ୍ମା ସହିତ ସମ୍ପର୍କ ସ୍ଥାପନ କରିବା ବିଶ୍ୱାସଯୋଗ୍ୟ ନୁହେଁ ।

କେ. ଆର. ପୂରମ, ବାଙ୍ଗାଲୋର

# ପୁସ୍ତକ ପରିଚୟ

## ପୁସ୍ତକ - ଯୋଗକଥା

ରଚନା - ସନାତନ ମହାକୁଡ
ସମୀକ୍ଷା - ଲିଲି ଗୌଡ
ପ୍ରକାଶକ - ଟାଇଗର କ୍ଲବ, ବେରୁଆଁବାରୀ, ନୟାଗଡ
ମୂଲ୍ୟ - ୨୦ ଟଙ୍କା, ପୃଷ୍ଠା - ୪୮+୪



ଲିଲି ଗୌଡ





ସନାତନ ମହାକୁଡ

ସାହିତ୍ୟିକ ତଥା ବିଶିଷ୍ଟ ଯୋଗ ଶିକ୍ଷକ ଶ୍ରୀ ସନାତନ ମହାକୁଡଙ୍କ ବିଭିନ୍ନ ପୁସ୍ତକ ମଧ୍ୟରୁ ଯୋଗ କଥା ଗୋଟିଏ । ଜୁନ୍ ୨୧ ତାରିଖକୁ ସାରା ବିଶ୍ୱରେ ଆନ୍ତର୍ଜାତୀୟ ଯୋଗ ଦିବସ ଭାବେ ପାଳନ କରାଯାଉଛି । ଏହି ଉପଲକ୍ଷେ ଏକ ଯୋଗ ପୁସ୍ତକର ସମୀକ୍ଷା ପ୍ରକାଶନ ସମୟର ଆହ୍ୱାନ ।

କଳେବର ଦୃଷ୍ଟିରୁ "ଯୋଗକଥା" ବହିଟି ଖୁବ୍ କ୍ଷୁଦ୍ର ମନେ ହେଲେ ହେଁ ଏଥିରେ ପ୍ରଦତ୍ତ ଆଠଟି ଲେଖା ଅଳ୍ପରେ ଅନେକ କଥା କହିଲା ଭଳି ମନେ ହୁଏ । ଲେଖା ଗୁଡିକ ଲେଖକଙ୍କ ନିଜସ୍ୱ ଅନୁଭୂତି ଓ ଉପନିଷଦ ପ୍ରଦତ୍ତ "ପଞ୍ଚକୋଷ" ଯଥା – ଅନ୍ନମୟ, ପ୍ରାଣମୟ, ମନୋମୟ, ବିଜ୍ଞାନମୟ ଓ ଆନନ୍ଦମୟ ଆଦି ଶେଷସ୍ତରରେ ହେଉଥିବା ପରିବର୍ତ୍ତନ ସଂପର୍କରେ ଅତି ସରଳ ଓ ସାବଲୀଳ ଭାଷାରେ ଉପସ୍ଥାପନା କରାଯାଇଛି । ପ୍ରଦତ୍ତ ଆଠଟି ପ୍ରବନ୍ଧକୁ ସଂକ୍ଷିପ୍ତରେ ନିମ୍ନମତେ ପ୍ରକାଶ କରାଯାଇପାରେ –

(୧) ଜଣେ ସାଧାରଣ ମଣିଷ ପ୍ରତ୍ୟେକ କ୍ଷେତ୍ରରେ ଜାଗ୍ରତ ରହିଲେ ଅନେକ ଅଦୃଶ୍ୟ ଅସୁବିଧା ଓ ସମସ୍ୟାରୁ ଆପେ ଆପେ ମୁକ୍ତି ପାଇ ପାରିବ । ଟିକିଏ ମାତ୍ର ସଚେତନତା ଅନେକ ପ୍ରକାର ସଫଳତାର ଗୁପ୍ତକାଠି ।

(୨) "ଚିନ୍ତା" ବା "ଷ୍ଟ୍ରେସ୍" ହିଁ ସ୍ୱାସ୍ଥ୍ୟର ବଡ ଶତ୍ରୁ ! ଜଣେ ଦୈନିକ ଯୋଗାସନ, ପ୍ରାଣାୟାମ, କ୍ରିୟା, ଧ୍ୟାନ, ଅଭ୍ୟାସ, ଉପଯୁକ୍ତ ଖାଦ୍ୟଶୈଳୀ ଏବଂ ସକାରାତ୍ମକ ମାନସିକ ଭାବନା ଦ୍ୱାରା ସୁସ୍ଥ ରହି ପାରିବ, ଏହା ନିଃସନ୍ଦେହ ।

(୩) "ରାଗ" ହେଉଛି ମଣିଷର ପରମ ଶତ୍ରୁ । ଏହା ରୋଗଠାରୁ କୌଣସି ଗୁଣରେ କମ ନୁହେଁ । ଅନ୍ୟର ଭୁଲ ବା ତ୍ରୁଟି ଦେଖିବା ଅପେକ୍ଷା ନିଜର ତ୍ରୁଟିକୁ ସଂଶୋଧନ କରିପାରିଲେ ଅନେକ ପରିମାଣରେ ଏହାର ସମାଧାନ ହୋଇପାରିବ ।

(୪) କୃଷକମାନେ ହେଉଛନ୍ତି ଦେଶର ମେରୁଦଣ୍ଡ । ସୈନିକ ଦେଶକୁ ବାହ୍ୟ ଶତ୍ରୁଠାରୁ ରକ୍ଷା କଲାବେଳେ କୃଷକମାନେ ନିଜର ଶ୍ରମବଳରେ ଦେଶବାସୀଙ୍କୁ ଅନ୍ନ ଯୋଗାଇଥାନ୍ତି । ଏମାନଙ୍କ ପାଇଁ ଉପଯୁକ୍ତ ତାଲିମ ଓ ସ୍ୱାସ୍ଥ୍ୟ ଚିନ୍ତା ଅବଶ୍ୟ କରଣୀୟ । ଏଥିରେ ଯୋଗର ଭୂମିକାକୁ ଅଣଦେଖା କରାଯାଇ ନ ପାରେ ।

( ୫) "ମେଦ ବହୁଳତା" ଏକ ରୋଗ ନହେଲେ ବି ନୀରବ ଘାତକ ଯାହା ଅସଂଖ୍ୟ ରୋଗକୁ ନିମନ୍ତ୍ରଣ କରିଥାଏ । ଯୋଗ ଦ୍ୱାରା "ମେଦ ବହୁଳତା" ଦୂର କରାଯାଇ ପାରିଲେ ଏକ ସୁସ୍ଥ ଓ ସୁନ୍ଦର ବିଶ୍ୱର ପରିକଳ୍ପନା କରାଯାଇ ପାରିବ ।

( ୬) କଥାରେ ଅଛି "ନିଶା କରଇ ସର୍ବନାଶ ନ ଯାଅ ଭାଇ ତାର ପାଶ" । ନିଶା ସେବନ ଜଣେ ବ୍ୟକ୍ତିକୁ ଧନ, ମାନ ଓ ଜୀବନ ପ୍ରତ୍ୟେକ କ୍ଷେତ୍ରରେ ତଳକୁ ଟାଣି ଆଣେ । ଏଥିରେ କେବଳ ବ୍ୟକ୍ତି ନୁହେଁ, ବରଂ ପରିବାର ତଥା ସମାଜ ସମସ୍ତେ ସଂକ୍ରମିତ ହୋଇ ନାନା ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି । ଏଥିପାଇଁ ଯୋଗ ଦ୍ୱାରା ଏହାର ଆଶୁ ସମାଧାନ କରାଯାଇପାରେ ।

ଶେଷ ଦୁଇଟି ଅଧ୍ୟାୟରେ ଲେଖକ ଜଣେ ସାଧକର ଜୀବନ ଶୈଳୀ କିଭଳି ହେବା ଦରକାର ଏବଂ ସାଧନାମାର୍ଗରେ ଆଗେଇବାକୁ ହେଲେ ମିତାହାର, ରଜ ଓ ତମ ଗୁଣ ବର୍ଦ୍ଧକ ପଦାର୍ଥ, ତ୍ୟାଗ, ବ୍ରତ, ଉପବାସ, ଯୋଗାସନ ଏବଂ ପ୍ରାଣଶକ୍ତି ସାଧନା ପାଇଁ ମୌନବ୍ରତ ଅବଲମ୍ବନ, ବ୍ରହ୍ମଚର୍ଯ୍ୟ ବ୍ରତ ପାଳନ, ଚରିତ୍ରସାଧନା ପାଇଁ ସତ୍ୟ, ଅହିଂସା, ସାଧୁତା ଓ କ୍ଷମା ପ୍ରଦାନକାରୀ ଗୁଣଧାରଣ, ଇଚ୍ଛାଶକ୍ତି ସାଧନ ପାଇଁ ମନ ସଂଯମ, କୁସଂଗ ତ୍ୟାଗ ଓ ସରଳ ଜୀବନଯାପନ, ହୃଦୟ ସାଧନ ପାଇଁ ପରୋପକାର, ଦାନ, ଶ୍ରଦ୍ଧା ଓ ନମ୍ରତା ସର୍ବାତ୍ମଭାବ ଓ ନାମସ୍ମରଣ, ମାନସିକ ସାଧନା ପାଇଁ ଧର୍ମଶାସ୍ତ୍ର ପାଠ, ସ୍ୱାଧ୍ୟାୟ, ସତସଙ୍ଗ, ଦେବପୀଠ ଦର୍ଶନ, ଏକାନ୍ତବାସ ଓ ଆଧ୍ୟାତ୍ମିକ ସାଧନା ପାଇଁ ବ୍ରାହ୍ମମୁହୂର୍ତ୍ତରେ ଶଯ୍ୟାତ୍ୟାଗ, ଜପ, ପ୍ରାର୍ଥନା, ଧ୍ୟାନ, ସଂଧ୍ୟା, ପୂଜା ଓ ନାମ ସଂକୀର୍ତ୍ତନ ଇତ୍ୟାଦି ଆବଶ୍ୟକ ବୋଲି ଦର୍ଶାଇଛନ୍ତି ।

ସର୍ବୋପରି ଲେଖକ ସନାତନ ମହାକୁଡଙ୍କ "ଯୋଗ କଥା" ପୁସ୍ତକଟି ଜଣେ ଅଭିଜ୍ଞ ସାଧକ ଓ ତଥ୍ୟଗତ ବାସ୍ତବତାର ନିଖୁଣ ଚିତ୍ର ପ୍ରଦାନ କରେ । ପ୍ରତ୍ୟେକ ପାଠକ ପାଠିକା ଓ ପାଠାଗାର ଏବଂ ଯୋଗାଭ୍ୟାସକାରୀଙ୍କ ପାଇଁ ଅବଶ୍ୟ ସଂଗ୍ରହଣୀୟ ପୁସ୍ତକଟିଏ ହେଉଛି "ଯୋଗ କଥା" ।

ରବୀନ୍ଦ୍ର ପଲ୍ଲୀ, ବ୍ଲକ – ସି, ବାଘାଯତୀନ, କୋଲକାତା

# ଶିଶୁ ବିଭାଗ



# ଗୁରୁଙ୍କୁ ବନ୍ଦିବା ଭକତି ଚନ୍ଦନ



ସତ୍ୟବ୍ରତ ସାହୁ

ସେପ୍ଟେମ୍ବର ମାସ ପାଞ୍ଚ ତାରିଖଟି ଅଟଇ ଗୁରୁଦିବସ
ସେଦିନ ପୂଜିବା ଗୁରୁଙ୍କୁ ଆମେ ସଭିଏଁ ହୋଇ ହରଷ ।୧ ।
ଗୁରୁ ତ ଅଟନ୍ତି ଜ୍ଞାନ ଗନ୍ତାଘର ବ୍ରହ୍ମା, ବିଷ୍ଣୁ, ମହେଶ୍ବର,
ଗୁରୁ ଆଜ୍ଞା ମାନ ଗୁରୁ ସେବା କର ଜୀବନ ହେବ ସୁନ୍ଦର ।୨ ।
ଏ ଦେଶ ମାଟିରେ ମହାମାନବ ଜଣେ ନେଇଥିଲେ ଜନମ
ଥିଲେ ସେ ପ୍ରଥମ ଉପ ରାଷ୍ଟ୍ରପତି ସର୍ବପଲ୍ଲୀ ରାଧାକ୍ରିଷ୍ଣନ ।୩ ।
ଥିଲେ ସେ ଶିକ୍ଷକ, ଉପ ରାଷ୍ଟ୍ରପତି ପରେ ହେଲେ ରାଷ୍ଟ୍ରପତି,
ମନ ରହୁଁଥିଲା ଗୁରୁଟିଏ ହୋଇ ପଢାନ୍ତେ କ ଛାତ୍ର ଛାତ୍ରୀ ।୪ ।
ସେପ୍ଟେମ୍ବର ମାସ ପାଞ୍ଚ ତାରିଖରେ ଜନମ ସେ ହୋଇଥିଲେ,
ଅଠର ଶହ ଅଠାଅଶି ସାଲେ ତାମିଲନାଡୁ ରାଜ୍ୟରେ ।୫ ।
ତାଙ୍କ ଜନ୍ମଦିନ ପାଳବା ପାଇଁକ ଛାତ୍ର ଛାତ୍ରୀ କହିଥିଲେ,
ମୋ ନାମରେ ନୁହେଁ ଏ ଶୁଭ ଦିନଟି ହେଉ ଗୁରୁଙ୍କ ନାମରେ ।୬ ।
ସେହିଦିନଠାରୁ ସେପ୍ଟେମ୍ବର ପାଞ୍ଚ ତାରିଖ ଗୁରୁ ଦିବସ,
ଭକତିରେ ଗୁରୁ ପାଦ ପୂଜା କଲେ ରହିବ ଆମରି ଯଶ ।୭ ।
ଆସରେ ଯେତେ ମୋ ଭଉଣୀ ଭାଇ ଭକତି କୁସୁମ ନେଇ,
ଗୁରୁଙ୍କୁ ବନ୍ଦିବା ଭକତି ଚନ୍ଦନରେ ଶୁଭାଶିଷ ଯିବା ପାଇ ।୮ ।
ଗୁରୁ ଆଶୀର୍ବାଦ ଥିଲେ ଆମ ଶିରେ ଦୁନିଆକୁ ଜିତି ଆମେ,
ମଣିଷ ପରିକା ମଣିଷ ହୋଇ ରହିବା ଏ ଧରାଧାମେ ।୯ ।

ପଲ୍ଲୀସାହି, କମାଳପୁର, ଅହିୟାସ, ଯାଜପୁର

# ନୂଆଖାଇ ତିହାର



ପ୍ରେମଶିଲା ରାଉତ

ପରବ ଭିତରେ ବଡ ଥାଏ ସତେ
ନୂଆଖାଇ ତିହାର ଗୁଟେ
ସମକର ମନେ ତ ହସ୍ ଫୁଟିସି
ଦୁଃଖ ନାଇ ଥାଏ ମୋଟେ
ଭଲ୍ ଲାଗସି ଘର ଲିପାପୋଡା
ଇ ନୂଆଖାଇ ର ତିହାର
ସଫାସୁତୁରା ନେ ଚକ୍ ଚକ୍ କରସି
ସମକର ଘର ଦ୍ୱାର
ନୂଆ ଧାନର ମହକେ କହଁରସି
ଗାଁଆର ଖୁଏଲ୍ ଡାଣ୍
ଆନନ୍ଦ ଉଲ୍ଲାସ ଲାଗସି ଦେଖଲେ
ପରତା ଲାଗସି ମନ୍
ନୂଆଧାନ ଆରୁ ମହୁ ପି ଗୋରସ୍
ମିଶିଲେ ହେସି ଭୋଗ
ଖାଇଲେ ସତେ ମିଟିଯାଇସି ସବୁ
ଦୁଃଖ, କଷ୍ଟ ଭୋକ୍ ରୋଗ୍
ଭୂଲି ଯାଇହେସି ଦୁନଆର ବୋଝ୍
ଆଇଲେ ଇ ନୂଆଖାଇ
ଖୁସି ଆନନ୍ଦନେ ମନ ନାଚୁଥିସି
ସମଲେଇ କୃପା ପାଇ

ପଶ୍ଚିମ ଓଡିଶାର ଇ ପରବଟା
ନୂଆଖାଇ ଭେଟ୍ ଘାଟ୍
ସମଲେଇ ମାଆଁର ତୁଆ ଆମେ ସବେ
ଦେଖାମେ ସେ ଭଲବାଟ୍
ବଡ୍ କେ ଜୁହାର୍ ସାନ୍ କେ ଆଦର୍
କରମୁ ସମକୁ ନଜର
ମନ୍ ସଙ୍ଗେ ମନ୍ ମିଶେଇ କରି
ପାଲମୁ ସବେଇ ତିହାର୍ ।
ଖୁସି ଆନନ୍ଦର ଲୁକର ପରବ
ଇ ନୂଆଖାଇ ତିହାର୍
ପଶ୍ଚିମ ଓଡିଶାର ସମକୁ ମୋର
ଗୁରଦୁ ଗୁରଦୁ ଜୁହାର୍ ।

ଗ୍ରାମ- ବୃନ୍ଦାବାହାଲ, ଜିଲ୍ଲା – କଳାହାଣ୍ଡି



# ସ୍ୱାଧୀନତା ଦିବସ



ରାଜଶେଖର ସି "ଚମା"

ଅତ୍ୟନ୍ତ ଅମୂଲ୍ୟ ଏହି ସ୍ୱାଧୀନତା ଦିବସ,
ଥିଲା ଆମ ସ୍ୱତନ୍ତ୍ରତା ସଙ୍ଗ୍ରାମୀଙ୍କ ପାଖେରେ ବହୁ ସାହସ।

ଭାରତର ସର୍ବପ୍ରଥମ ସ୍ୱାଧୀନତା ସଙ୍ଗ୍ରାମ ଥିଲା ପାଇକ ଆନ୍ଦୋଳନ,
ଉତ୍କଳ ଦେଶପାଇଁ କରିଲେ ସ୍ୱର୍ଗତଃ ବୀର ବକ୍ସି ଜଗବନ୍ଧୁ ନିଜ ଜୀବନର ବଳିଦାନ।

ସ୍ୱାତନ୍ତ୍ର୍ୟ କ୍ରାନ୍ତିର ଆଦ୍ୟ ପତ୍ରିକା ଯେ ଉତ୍କଳ- ଦୀପିକା,
ଯାହା ସ୍ୱାଧୀନତା ସଙ୍ଗ୍ରାମୀଙ୍କର ସ୍ମାରଣିକା।

ନିଜ ମାଟିପାଇଁ ଜୀବନ ତ୍ୟାଗ କରିଲେ ବୀର ସୁରେନ୍ଦ୍ର ସାଏ ଏବଂ ଶ୍ରୀ ସୁବାସ ବୋଷ,
ଭାରତର ସ୍ୱରାଜ୍ୟ ପାଇଁ ଅନେକ ଦେଶଭକ୍ତ କରିଥିଲେ ନିରନ୍ତର ପ୍ରୟାସ।

ମାଟିର ମଣିଷ ଆମ ସ୍ୱର୍ଗୀୟ ଶ୍ରୀ ବିଜୁ ପଟ୍ଟନାୟକ,
ଆଧୁନିକ ଓଡିଶା ପରିକଳ୍ପନା ଓ ଗଠନ ହେତୁ ହେଲେ ମହାନାୟକ।

ଭୁଲିବାନି କେବେ ଉତ୍କଳ ସମ୍ମିଳନୀ,

ଆଶୀର୍ବାଦ କରନ୍ତୁ ଆମକୁ ଉତ୍କଳ ଜନନୀ।

ସ୍ୱାଧୀନତାର ଅର୍ଥ ନୁହେଁ କେବଳ ସ୍ୱୟଂଶାସନ,

ତାହାର ଆନ୍ତରିକ ପରମାର୍ଥ ହେଲା ଅନୁଶାସନ।

ସ୍ୱାଧୀନ ସମୟରେ ପ୍ରାର୍ଥନା ସହ ସତ୍କାର୍ଯ୍ୟ କରିବା ପ୍ରତିକ୍ଷଣ,

ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ କୃପାଦୃଷ୍ଟି ରହୁ ଆମ ସମସ୍ତଙ୍କ ଉପରେ ଅନୁକ୍ଷଣ।


chvrajasekhar@gmail.com




# ଅକ୍ଟୋବର ମାସରେ ପଡୁଥିବା ପର୍ବପର୍ବାଣୀ

| | |
|---|---|
| ୦୨/ ୧୦/ ୨୦୧୮ | ଗାନ୍ଧୀ ଜୟନ୍ତୀ, ଶାସ୍ତ୍ରୀ ଜୟନ୍ତି, ମୂଳାଷ୍ଟମୀ, ଦ୍ୱିତୀବାହାନ ଓଷା |
| ୦୫/ ୧୦/ ୨୦୧୮ | ଏକାଦଶୀ |
| ୦୭/ ୧୦/ ୨୦୧୮ | ଶିବ ଚତୁର୍ଦ୍ଦଶୀ |
| ୦୮/ ୧୦/ ୨୦୧୮ | ମହାଳୟା ଶ୍ରାଦ୍ଧ, ଫୁଲ୍ଲେରୀ ଓଷା |
| ୦୯/ ୧୦/ ୨୦୧୮ | ଅମାବାସ୍ୟା, ଶ୍ରୀ ଦୁର୍ଗାଦେବ୍ୟାଃ ନବଦିନାତ୍ମକ ପୂଜାରମ୍ଭଃ |
| ୧୩/ ୧୦/ ୨୦୧୮ | ନତଃ ପଞ୍ଚମୀ, ମା ବିରଜା ଦେବୀଙ୍କ ପଞ୍ଚମୀ ହୋମ |
| ୧୫/ ୧୦/ ୨୦୧୮ | ପୀଠେ ତ୍ରିଦିନାତ୍ମକ ସପ୍ତମୀ ପୂଜା |
| ୧୬/ ୧୦/ ୨୦୧୮ | ପୀଠେ ମହାଷ୍ଟମୀ, ମୃଣ୍ମୟୀ ଦେବୀଙ୍କ ସପ୍ତମୀ ପୂଜା |
| ୧୭/ ୧୦/ ୨୦୧୮ | ତୁଳା ( ଗର୍ଭଣା) ସଂକ୍ରାନ୍ତି, ପୀଠେ ମହାନବମୀ, ମୃଣ୍ମୟୀ ଦେବୀଙ୍କ ମହାଷ୍ଟମୀ ପୂଜା, ସନ୍ଧି ପୂଜା |
| ୧୮/ ୧୦/ ୨୦୧୮ | ପୀଠେ ବିଶ୍ରାମ ଓ ମୃଣ୍ମୟୀ ଦେବୀଙ୍କ ମହାନବମୀ ପୂଜା |
| ୧୯/ ୧୦/ ୨୦୧୮ | ଦଶହରା ପର୍ବ ଓ ସୋମନାଥ ବ୍ରତ ସମାପନ |
| ୨୦/ ୧୦/ ୨୦୧୮ | ଭଷାଣୀ ଯାତ୍ରା, ପାପାଙ୍କୁଶା ଏକାଦଶୀ |
| ୨୧/ ୧୦/ ୨୦୧୮ | ଶରଣ ଶେଷ |
| ୨୩/ ୧୦/ ୨୦୧୮ | ଶିବ ଚତୁର୍ଦ୍ଦଶୀ |
| ୨୪/ ୧୦/ ୨୦୧୮ | କୁମାର ପୂର୍ଣ୍ଣିମା, ଗଜଲକ୍ଷ୍ମୀ ପୂଜା ଓ ଚନ୍ଦ୍ରୋପବାସ |
| ୨୫/ ୧୦/ ୨୦୧୮ | କାର୍ତ୍ତିକ ବ୍ରତାରମ୍ଭଃ |

# ଚନ୍ଦ୍ର କଥା କହେ



ଦୃଶ୍ୟ ଭିତରୁ ଭାବକୁ ବାହାର କରିବାର ପରଖ ଦୃଷ୍ଟିକୁ ୨୦- ୨୫ ଶବ୍ଦ ମଧ୍ୟରେ ଆମ ପାଖକୁ ଇମେଲ୍ ମାଧ୍ୟମରେ ପଠାନ୍ତୁ । ଶ୍ରେଷ୍ଠ ବିବେଚିତ ଉତ୍ତର, ଉତ୍ତରଦାତାଙ୍କ ନାମ ସହିତ ପରବର୍ତ୍ତୀ ସଂଖ୍ୟାରେ ପ୍ରକାଶ ପାଇବ । ଆମ ଠିକଣା – vedantimagazine@gmail.com/ editor.vedantimagazine@gmail.com



ଅତ୍ୟନ୍ତ କୋମଳ ଯେ ତାଳ,
ମଧୁର ଜଳ ଯାହାର ଅତି ପରିମଳ,
ଗ୍ରୀଷ୍ମ କାଳ ରେ ସେବନ ହେତୁ ମନ ହୁଏ ବ୍ୟାକୁଳ,
ଅସମ୍ଭାଳ ହେଲେ ପହଞ୍ଚି
ଯାଆନ୍ତୁ ତାଳଚେର ଅଞ୍ଚଳ

ବିଜେତା:

ଶ୍ରୀ ରାଜଶେଖର ସି ( 'ଚମା')

ବେଦାନ୍ତୀର ଅନେକ ସଂଖ୍ୟାରେ ବାହାରୁଥିବା ପ୍ରଚ୍ଛଦପଟ୍ଟ ଏବଂ "ଚନ୍ଦ୍ର କଥା କହେ"ର ଛବି ହେଉଛି ବେଦାନ୍ତୀର ସଂପୂର୍ଣ୍ଣ ନିଜସ୍ୱ । ଯଦି କୌଣସି ପାଠକ/ ପାଠିକା ନିଜସ୍ୱ ଉତ୍ତୋଳନ ଛବିକୁ ବେଦାନ୍ତୀ ପତ୍ରିକାର ପ୍ରଚ୍ଛଦପଟ୍ଟରେ ପ୍ରକାଶ କରିବାକୁ ଚାହାଁନ୍ତି, ତେବେ ସେମାନେ ଆମକୁ ଯୋଗାଯୋଗ କରନ୍ତୁ । ଆମକୁ ସମ୍ପର୍କ କରିବାର ଠିକଣା ହେଲା – **vedantimagazine@gmail.com**

"ବେଦାନ୍ତୀ ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା। ବେଦାନ୍ତୀରେ ପ୍ରକାଶିତ ସମସ୍ତ ଲେଖାରେ ଦିଆଯାଇଥିବା ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ। ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲଭାବରେ ପଢିବା ଏବଂ ବୁଝିବା ପରେହିଁ ପ୍ରକାଶିତ କରିଥାନ୍ତି, ତଥାପି ଲେଖାର ଶତ ପ୍ରତିଶତ ସତ୍ୟତାର ଦାବି କେବଳ ଲେଖକଙ୍କର। ଏଥିରେ ସମ୍ପାଦକ କମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ନାହିଁ।

ବେଦାନ୍ତୀ ଇ- ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ମୁମ୍ବାଇ ଏବଂ ଲକ୍ଷ୍ନୌରୁ ପ୍ରକାଶିତ ହେଉଛିଏବଂ ଏହା ସମ୍ପୂର୍ଣ୍ଣ ମାଗଣାରେ ସାରା ବିଶ୍ୱର ଓଡିଆ ପ୍ରେମୀଙ୍କୁ ପଢିବା ପାଇଁ ଇ-ମେଲ୍ ଏବଂ ସୋସିଆଲ୍ ମିଡିଆ ଦ୍ୱାରା ଯୋଗାଇ ଦିଆଯାଏ। ଲେଖକ/ ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ ପଠାନ୍ତୁ: vedantimagazine@gmail.com। ଯଦି କୌଣସି କାରଣରୁ କୌଣସି ଲେଖକ/ ଲେଖିକାଙ୍କ ଲେଖା ଚଳତ ମାସରେ ପ୍ରକାଶ ପାଇନାହିଁ, ତେବେ ତାହା ଆଗାମୀ ମାସରେ ପ୍ରକାଶିତ ହେବ।

ବେଦାନ୍ତୀ ପତ୍ରିକାକୁ ସୋସିଆଲ୍ ମିଡିଆରେ ପଢିବା ପାଇଁ ଏବଂ ଡାଉନଲୋଡ କରିବା ପାଇଁ ନିମ୍ନଲିଖିତ ସାଇଟକୁ ପଦାର୍ପଣ କରନ୍ତୁ:-

**www.vedantimagazine.com**

**https://www.facebook.com/vedantiemagazine**

**http://vedantimagazine.wordpress.com**